# ସମାରୋହ

ଅଗଷ୍ଟ ୨୦୧୪ www.samaroha.in



# KALINGA COMMERCIAL CORPORATION LTD

**A Leading Turnkey Service Provider for Mining Sector**

**(ISO 9001 : 2008 Certified)**

*Our Strength is- Unity & Teamwork with*





*Commitment and Dedication*

*Our Motto – No Words but Deeds*





*Aiming for Excellence in Achievement with Customer Satisfaction*

Our Vision:
Aspire to set Benchmark on Global Mining, Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**


With Best Complements From
The No.1 Outdoor Media in the State of Odisha
torrent
ADVERTISERS
R.Shed No.37,Rasulgarh Ind. Estate
Bhubaneswar - 751010, Odisha
Mob - 9437021015
Email - torrentadv1 @gmail.com
Branch Office
Cuttack, Sambalpur, Rourkela, Behrampur, Puri
- Deals In -
Hoarding, Bulletin, Kiosks, Backlit, Mobile Van
Hi-tech Bus Shelters


Bringing SMILE
to the Rural Life...
Mining
Power & Steel
Green Energy
Education
Agritech
SNM
SNM GROUP
Weigh Bridge Road, Barbil, Dist : Keonjhar - 758 035, Odisha
Website: www.snmgroups.com

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )

**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayna Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚାଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**Volume - 33 Issue - 11**
**August - 2024**
**Price- Rs. 20/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*


## ସୂଚୀପତ୍ର

### ପ୍ରବନ୍ଧ


**ଭାବ ଭକ୍ତିର ଦେବତା ଶ୍ରୀଜଗନ୍ନାଥ**
ଡକ୍ଟର ତ୍ରିନାଥ ପଟ୍ଟନାୟକ......୬


### କଥା ଓ କାହାଣୀ


**ଆଶାହରା ପକ୍ଷୀ** ପ୍ର. ଉପେନ୍ଦ୍ର ପ୍ରସାଦ ନାୟକ.... ୯
**ମିତାଲିର ହସ** ବିଷ୍ଣୁଚରଣ ଚୌଧୁରୀ............ ୧୩
**ମୃତ୍ୟୁର କାରଣ** ଆଭା ମିଶ୍ର...................... ୧୬
**ଅପ୍ରାପ୍ତି** ପ୍ରଦ୍ୟୁମ୍ନ ପଟ୍ଟନାୟକ............ ୨୨
**ଭ୍ରମ** ତରୁଣ କୁମାର ସାହୁ............ ୨୪
**ବାଟବଣା ପଥିକ** ସୁଷମା ପରିଜା.................. ୨୭
**ସ୍ୱାଭିମାନ** ଇଁ. ଅକ୍ଷୟ କୁମାର ମିଶ୍ର.........୩୦
**କ୍ରୁଦ୍ଧ ବସନ୍ତ** ଡଃ ସୁକାନ୍ତ ମହାରଣା............୩୫
**ନାଲିଡିବାର ରହସ୍ୟ** ନଗେନ୍ଦ୍ର ନାଥ ପଟ୍ଟନାୟକ...... ୩୯


### ଧାରାବାହିକ ଉପନ୍ୟାସ


**ଶ୍ରୀ ଖାରବେଳ** ଡାକ୍ତର ଇନ୍ଦ୍ରମଣି ଜେନା........ ୪୧


### କବିତା


**ଲୁଚେଇଲେ ଲୁଚିବନି : ପୂରବୀ** ରଂଜନ କୁମାର ଦାସ....... ୪୭
**ଭିକ୍ଷାଥାଳ** ଡକ୍ଟର ନାରାୟଣ ପଣ୍ଡା..........୪୭
**ଚିଲ୍କିକା** ହରିଶ୍ଚନ୍ଦ୍ର ବେହେରା.............୪୮
**ବିଶ୍ୱ ଦାଣ୍ଡରେ ଗୁଣ୍ଡିଚା ଯାତ୍ରା** ପାଣ୍ଡବ ନାୟକ (ଶିଶୁ)......... ୪୮
**ଇଚ୍ଛାର ଈଶ୍ୱରୀ** ପ୍ର. ରମେଶ ଚନ୍ଦ୍ର ସାହୁ......... ୪୯
**ଶବ୍ଦ ବେଦୀ** କିଶୋର ମିଶ୍ର................... ୫୦
**ଦୁଃଖ** ଗୀତା ଦାସ......................୫୦
**ନିସଃହାୟତାର କବିତା** କୁଳଦୀପ ଦାସ..................୫୧
**ଶ୍ରାବଣକୁ ପଦେ** ସ୍ନେହା ରଥ..................... ୫୧

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ବା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ବା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ପଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ବଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

**ପରିଚାଳନା ସଂପାଦିକା**

**ସମାରୋହ ଆଜୀବନ ପୃଷ୍ଠପୋଷକ**

**- ଶ୍ରୀ ଦେବ ପଟ୍ଟନାୟକ**

**- ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର**

**- ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ**

**- ଡା. ଅମରେନ୍ଦ୍ରନାଥ ଦାସ**

## ତନ୍ମାତ୍ର


**ଓଡ଼ିଆ ଚଳଚ୍ଚିତ୍ର ୨୦୨୪**....................................... ୫୨


## ଖେଳ ଓ ଖେଳାଳୀ


**କ୍ରିକେଟ୍ ଓ ଅଲିଂପିକ୍**................................................ ୫୩


## ଜ୍ୟୋତିଷ ବିଚାର


**ମାସିକ ରାଶିଫଳ** ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ............ ୫୫



**ପଢ଼ନ୍ତୁ ! ପଢ଼ନ୍ତୁ !**

**ମାସିକ ଓଡ଼ିଆ ପତ୍ରିକା**






**ଯୋଗାଯୋଗ ଠିକଣା**

ସହଯୋଗୀ ସଂପାଦକ : ସମାରୋହ

**ସି-୧୬୩, ବିଡିଏ ଡୁପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩**

**ଫୋନ୍ ନମ୍ବର : ୦୬୭୪-୨୩୫୪୮୭୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬**



| **ସମାରୋହର ଦେୟ** | | |
|---|---|---|
| | ବାର୍ଷିକ................ଟ. ୨୫୦.୦୦ | ଦ୍ୱିବାର୍ଷିକ..............ଟ. ୫୦୦.୦୦ |
| | ୩ ବର୍ଷ ପାଇଁ..........ଟ. ୭୫୦.୦୦ | ୫ ବର୍ଷ ପାଇଁ..........ଟ. ୧୨୫୦.୦୦ |
| | *ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।* | |

# ସଂ ପା ଦ କୀ ୟ

ପ୍ରତିବର୍ଷ ଅଗଷ୍ଟ ମାସର ତା: ୧୫ ରିଖ ନିମନ୍ତେ ଭାରତୀୟ ଜନସମାଜଙ୍କ ମଧ୍ୟରେ ଏକ ପ୍ରକାର ଉନ୍ମାଦନା ଆସିଥାଏ। ପୂର୍ବ ସଂସ୍କୃତିକୁ ସ୍ମରଣ କରି ଆଗେଇଯିବା ନିମନ୍ତେ ଏକ ପ୍ରବଳ ଉତ୍କଣ୍ଠା ଜାଗ୍ରତ ହୋଇ ମନକୁ ଆନ୍ଦୋଳିତ କରୁଥାଏ। ଏବେ ଆସିଯାଇଛି ୨୦୨୪ ମସିହାର ସେଇ ପୁଣ୍ୟ ଦିବସ। କିନ୍ତୁ ନୂଆ ସରକାର, ନୂଆ ମାନସିକତା, ନୂଆ ସଂଗଠନକୁ ନେଇ ଜଣାନାହିଁ କାହାରି ମନରେ ସ୍ୱତଃ ସ୍ଫୁରିତ ହୋଇ ଆନନ୍ଦର ଶୁଦ୍ଧ ଲହରୀଟିଏ ଖେଳିଯାଉଛି କି ନାହିଁ। ପ୍ୟାରେଡ୍, ବ୍ୟାଣ୍ଡବାଜାର ଧ୍ୱନି ଯେଉଁ ଶିହରଣ ହୃଦୟ ମଧ୍ୟରେ ଖେଳି ଆନନ୍ଦର ଲହରୀ ଚତୁର୍ଦ୍ଦିଗକୁ ବିଛୁରିତ ହୋଇଯାଉଛି କି ନାହିଁ, ଏବେ ଆଉ ବୁଝା ପଡୁନାହିଁ। ପରିବର୍ତ୍ତନ ପରେ ପରିବର୍ତ୍ତନ ଚାଲୁରହିଛି। ପ୍ରତ୍ୟେକ ବ୍ୟକ୍ତି ବୋଧହୁଏ ପ୍ରତ୍ୟେକ ମୁହୂର୍ତ୍ତରେ ପରିବର୍ତ୍ତିତ ହୋଇ ଚାଲିଛନ୍ତି। ତେଣୁ କାହାର ମୂଳଗଣ୍ଠି ଖୋଜି ପାଇବା ସମ୍ଭବ ହେଉନାହିଁ। କାରଣ ଆଜି ଆମେ ଅତି ସଚେତନ ହୋଇଯାଉଛୁ ମନେକରି ନିଜକୁ ପ୍ରକୃତ ଅଚେତନ ଅବସ୍ଥାରେ ନିମଜ୍ଜିତ କରି ରଖିଛୁ। ଜହ୍ନର ଚତୁର୍ଦ୍ଦିଗରେ ପଥରର ପାଚେରୀ ଦେବା ମନୋବୃତ୍ତିରେ ଆମେ ଉଦ୍‌ବିଗ୍ନ। କିନ୍ତୁ ନିଜ ଦେଶରେ ଥର ଥର ହୋଇ ଘଟିଯାଉଥିବା ଭୂସ୍ଖଳନ ରୋକିବାର ଉପାୟ କରିନାହୁଁ। ତେଣୁ ଜନଜୀବନ ସହିତ ବହୁକିଛି କ୍ଷତିଗ୍ରସ୍ତ ହୋଇ ଚାଲିଛି। ଜହ୍ନକୁ ଯିବା ଚିନ୍ତାରେ ଆମେ ମଗ୍ନ। ତେଣୁ ଏଗୁଡ଼ିକ ଥରକୁ ଥର ଆମ ଚକ୍ଷୁ ସମ୍ମୁଖରେ ଦୃଶ୍ୟ ହେଉଥିଲେ ମଧ୍ୟ ସେଥିପ୍ରତି ଆମର ଭ୍ରୂକ୍ଷେପ ନାହିଁ। ଆଗେଇ ଚାଲିବା ଜୀବନର ଲକ୍ଷ୍ୟ ହେଲେ ମଧ୍ୟ ବର୍ତ୍ତମାନର ପ୍ରତି ମୁହୂର୍ତ୍ତରେ ଘଟି ଚାଲିଥିବା ଘଟଣା ଦୁର୍ଘଟଣା ବିଷୟରେ ଆମେ ନିର୍ଲିପ୍ତ ରହିଯାଇପାରୁଛୁ।

ଦେଶର ନାମ ବଦଳେଇବୁ, ସ୍କୁଲ କଲେଜର ନାମ ବଦଳେଇବୁ ଏବଂ ଶେଷରେ ନିଜର ନାମ ବଦଳେଇ ଆମେ କଳେ ବଳେ କୌଶଳେ କ'ଣ ଗୋଟିଏ ବିଶେଷ ପଦଟିଏ ଅଧିକାର କରି ବଞ୍ଚିଯିବା ନିମନ୍ତେ ବଦ୍ଧ ପରିକର। କାରଣ ପ୍ରତିଦିନ ଖବରକାଗଜଟିଏ ଓଲଟାଇଲେ, ଯାହାସବୁ ପଢ଼ିବାକୁ ମିଳୁଛି, ଏହା କେଉଁ ସୁସ୍ଥ ମାନସିକତା ବା ମାନବିକତାର ଲକ୍ଷଣ ନୁହଁ। ରାସ୍ତା ଦୁର୍ଘଟଣାରେ ପଡ଼ିଥିବା ବ୍ୟକ୍ତିଟିକୁ ଧରି ରାସ୍ତାରୋକ କରି ଅନ୍ୟମାନଙ୍କ ଆସୁବିଧା ଆମେ କେବଳ ଟଙ୍କା ପାଇଁ ଅଡ଼ିବସୁଛୁ। ସେ ଟଙ୍କା ପ୍ରକୃତ ବ୍ୟକ୍ତି ନିକଟରେ ପହଞ୍ଚୁଥାଏ କି ନାହିଁ, ତାର ଅନୁସନ୍ଧାନ କରିବା ପାଇଁ ମନୋବୃତ୍ତି ବା ଉତ୍କଣ୍ଠା କାହାରି ନାହିଁ। ମନ୍ଦିର ମାନଙ୍କରେ ନିଜ ନିଜ ମଧ୍ୟରେ କଳହ, ବିପରୀତ ମନୋବୃତ୍ତି ଧରି ଆମେ ଆମର ଆରାଧ୍ୟ ଦେବଦେବୀଙ୍କୁ ଦୁଇ ତିନିଦିନ ଉପାସ ରଖିପାରିଲେ ମଧ୍ୟ, ନିଜେ ପେଟେ ପେଟେ ଖାଇ ଆନନ୍ଦରେ ସୁଖନିଦ୍ରା ଯାଉ।

ବାବିଲୋନ୍ ସମୟର ପଥରଟିଏକୁ ଧରି ଆମେ କଳ୍ପନା କରୁ, ବର୍ତ୍ତମାନର ସମାଜର ଉନ୍ନତିର ଉପାୟ। ଚନ୍ଦ୍ର-ସୂର୍ଯ୍ୟ ସମସ୍ତଙ୍କୁ ତଳକୁ ଓହ୍ଲାଇଆଣି, ଆମେ ବୋଧହୁଏ ପୃଥିବୀର ପ୍ରଥମ ପୁରସ୍କାର ପ୍ରାପ୍ତ ଏକମାତ୍ର ବ୍ୟକ୍ତି ହେବାପାଇଁ ଜନ୍ମ ହୋଇଛୁ। ତେଣୁ ଚତୁର୍ଦ୍ଦିଗର ପରିସ୍ଥିତି, ଅବସ୍ଥା, ବିଚାର ବିମର୍ଷ ନକରି ଆମର ଆଗେଇଯିବା ହିଁ ଏକମାତ୍ର ଲକ୍ଷ୍ୟ ହୋଇଛି। ହେଉ ! ସମସ୍ତେ ଆଗେଇ ଯାଆନ୍ତୁ- କଦମ୍ କଦମ୍ ଆଗେଇ ଖୁସିର ଗୀତ ଗାଇ ଗାଇ, ଆମେ ବର୍ତ୍ତମାନ ଯୁଗର ଏକ ଅମର ଜୀବ ପାଲଟିଯିବା।

ଯେଉଁଠି ଶୃଙ୍ଖଳା ନାହିଁ, ସେଠାର ସନ୍ତୋଷ ନାହିଁ, ସତ୍ୟର ସନ୍ଧାନ ନାହିଁ, କେବଳ ବିକଳ୍ପ ଯୋଜନାରେ ବୁଡ଼ି ରହିଛି। ଆଶା ବୈତରଣୀ ନଦୀରେ ବିନା ଡଙ୍ଗା, ବିନା ନାଉରୀ, ବିନା ଆହୁଲାରେ ଆମେ ଏଇ ସଂସାରର ତପ୍ତ ବୈତରଣୀ ପାରହୋଇ ପାରିବା ପାଇଁ ଯୋଗ୍ୟତା ଅର୍ଜନ କରିଛୁ। କାରଣ ଆଉ କାହାରିକୁ ଅନୁସରଣ ନୁହେଁ, ଅନୁକରଣ ନୁହେଁ, ଆତ୍ମତୃପ୍ତିରେ ଆମେ ନିଜେ ନିଜ ମଧ୍ୟରେ ବିଭୋର ହୋଇ ବଞ୍ଚିରହିଛୁ। ହେଉ ଯାହା ପ୍ରଭୁଙ୍କର ଇଚ୍ଛା ! ତାହାହିଁ ଘଟି ଚାଲିଛି। ନାରା ଦେଇ ଆମର ଜୀବନନାଟିକାର ପରିସମାପ୍ତି ହେଉ।

ହରିଓଁ ତତ୍‌ସତ୍

ବ୍ରହ୍ମାର୍ପଣମସ୍ତୁ

ପ୍ରବନ୍ଧ

# ଭାବ ଭକ୍ତିର ଦେବତା ଶ୍ରୀଜଗନ୍ନାଥ

**ଡକ୍ଟର ତ୍ରିନାଥ ପଟ୍ଟନାୟକ**

ସର୍ବଧର୍ମର ସମନ୍ୱୟ କ୍ଷେତ୍ର ହେଉଛି ଶ୍ରୀକ୍ଷେତ୍ର ପୁରୀ । ମାନବବାଦର ଜୟଯାତ୍ରା କାହିଁ କେଉଁ କାଳରୁ ଏଠାରୁ ସୂତ୍ର ପାତ ହୋଇ ସାରିଛି । ଜାତି ବର୍ଣ୍ଣ ଭାଷା ନିର୍ବିଶେଷରେ ସଂସାର ର ବିଭିନ୍ନ ପ୍ରାନ୍ତରୁ ମଣିଷ ଏଠାକୁ ଛୁଟି ଆସନ୍ତି ଶାନ୍ତି ଓ ସନ୍ତୋଷ ଲାଭ ପାଇଁ । ଏଠାରେ ଜଗତର ନାଥ ଜଗନ୍ନାଥ ବିରାଜମାନ କରିଛନ୍ତି । ଯିଏ କି ସମନ୍ୱୟୀ ଚିନ୍ତା ଚେତନା ର ପ୍ରତୀକ । ଭାବର ଠାକୁର ଶ୍ରୀଜଗନ୍ନାଥ । ଭାବ ପ୍ରବଣ ମଣିଷ ମନର ବେଦନାକୁ ଶୁଣିବା ନିମନ୍ତେ ସର୍ବଦା ତତ୍ପର ସେ । ମଣିଷର ଭାବକୁ ବ୍ୟକ୍ତ କରିବା ନିମନ୍ତେ ଜଗନ୍ନାଥଙ୍କ ନିକଟରେ ଏକ ସ୍ୱତନ୍ତ୍ର ଭାଷାର ମାଧ୍ୟମ ଆବଶ୍ୟକ ପଡ଼େ ନାହିଁ । ଯିଏ ଯେଉଁ ଭାଷାରେ ଡ଼ାକିଲା ତା କଥା କୁ ଶୁଣିଥାନ୍ତି । ଭକ୍ତ ମର୍ମେ ମର୍ମେ ଅନୁଭବ କରେ ପ୍ରଭୁ ମୋରି କଥାକୁ ହିଁ ମୋ ଭାଷାରେ ଶୁଣୁଛନ୍ତି ଓ ମୋତେ ଭରସା ଦେଉଛନ୍ତି, ସାନ୍ତ୍ୱନା ମଧ୍ୟ ଦେଉଛନ୍ତି । ଥରେ ଶ୍ରୀଜଗନ୍ନାଥଙ୍କୁ ଚକାନୟନକୁ ଚାହିଁ ଦେଲେ ଆପେ ଆପେ ଭାବ ଓ ଭାଷାର ବିନିମୟ ହୋଇଯାଏ ।

ଯେକୌଣସି ମାନବର ପ୍ରଥମ ଭାଷା ହେଉଛି ନିଜର ମାତୃଭାଷା । ପାଟି ଖୋଲିଲେ ମନର ଭାବ ଆପେ ଆପେ ମାତୃଭାଷା ମାଧ୍ୟମରେ ହିଁ ଆସି ଯାଇଥାଏ । ଯେଉଁ ଭକ୍ତମାନେ ଶ୍ରୀକ୍ଷେତ୍ରକୁ ପ୍ରଥମେ ଆସିଥିବେ ନିଶ୍ଚିତ ଭାବରେ ନିଜ ଭାଷାରେ ପ୍ରଭୁଙ୍କ ସ୍ତୁତିକି ଭଜନ କରିଥିବେ । ପରେ ହୁଏ ତ ତାହା ଦେବ ଭାଷା ସଂସ୍କୃତ କିମ୍ବା ଅନ୍ୟ ଭାଷାରେ ରୂପାନ୍ତରିତ ହୋଇଥାଇ ପାରେ । ବିଭିନ୍ନ ଭାଷାଭାଷୀ ଭକ୍ତ ଯଥା ଶଙ୍କର, ନିମ୍ବାର୍କ, ରାମାନୁଜ ହୁଅନ୍ତୁ କିମ୍ବା କବୀର, ନାନକ ତୁଳସୀ ଦାସ ହୁଅନ୍ତୁ । ସେମାନେ ନିଜର ଅଭିବ୍ୟକ୍ତିକୁ ନିଜ ମାତୃଭାଷାରେ ହିଁ କରିଥିବେ । ସମସ୍ତେ ଯେ ସଂସ୍କୃତ ଭାଷାମାଧ୍ୟମରେ ସ୍ତୁତି କରିଛନ୍ତି ଏହା ନୁହେଁ । ହୁଏତ ଆଦି ଶଙ୍କରଚାର୍ଯ୍ୟ ପକ୍ଷେ ସମ୍ଭବ ହୋଇ ପାରିଥାଏ । ଅଧିକାଂଶ ସମୟରେ ଆମଦେଶରେ ୫୦୦ ପ୍ରକାର ରୁ ଅଧିକ ଭାଷାରେ ପ୍ରଚଳନ ଥିଲା କେତେକ ଭାଷାର ସ୍ୱତନ୍ତ୍ର ଲିପି ମଧ୍ୟ ନଥିଲା । ଏଣୁ ସବୁଭାଷା ମଧ୍ୟରେ ସମନ୍ୱୟ ରକ୍ଷା କରିବା ନିମନ୍ତେ ତଥା ଭାବର ଆଦାନ ପ୍ରଦାନ ନିମନ୍ତେ ସଂସ୍କୃତ ଭାଷାର ବ୍ୟବହାର କରାଯାଇଥିଲା । ବର୍ତ୍ତମାନ ଯେମିତି ଇଂରାଜୀ ଭାଷାକୁ ଭାବ ବିନିମୟରେ ପ୍ରଧାନ ଭାଷା ରୂପେ ସାରା ସଂସାର ଗ୍ରହଣ କରିଛି । ସଂସ୍କୃତ ଭାଷାକୁ ମଧ୍ୟ ସର୍ବସାଧାରଣ ବ୍ୟବହାର କରି ପରୁ ନଥିଲେ । ସ୍ତ୍ରୀ ଶୂଦ୍ର ଓ ପତିତମାନଙ୍କ ପାଇଁ କିଛିଟା କଟକଣା ଥିଲା । ସେଥି ପାଇଁତ ପୁରାଣ ସବୁ ସୃଷ୍ଟି ହେଲେ ।

କିନ୍ତୁ ସେ ନାରୀ ହେଉ କି ଶୂଦ୍ର ହେଉ । ରାଜା ହେଉ କି ଧନପତି ମହାଜ୍ଞାନୀ ପଣ୍ଡିତ ହେଉ । ଜଗନ୍ନାଥଙ୍କ ପାଖରେ ସମସ୍ତେ ସମାନ । ଭକ୍ତ ନିଜଭାଷାରେ ମନର କଥା ବ୍ୟକ୍ତ କରିପାରିବେ । ଭଜନ ଜଣାଣ କିମ୍ବା ସ୍ତୁତି ମାଧ୍ୟମରେ ହେଉ କିମ୍ବା ନିଜର ଆପଣାର ଲୋକ ପାଖରେ ନିଜ ଦୁଃଖ ଜଣାଇବା ଢଙ୍ଗରେ ହେଉ ସରଳ ଭାଷାରେ କହିପାରିବେ । ପ୍ରଭୁ ଭକ୍ତି ଭାବକୁ ହୃଦୟଙ୍ଗମ କରି ପାରନ୍ତି ଓ ତୁରନ୍ତ ପ୍ରତିକାର ମଧ୍ୟ କରିଛନ୍ତି ।

ଏମିତି ପ୍ରମାଣ ଅଛି ତାମିଲ, ମରାଠି, ତେଲୁଗୁ ପ୍ରଭୃତି ଭାଷାରେ କବିମାନେ ନିଜ ଭାଷାରେ ଶ୍ରୀଜଗନ୍ନାଥ ଭଜନ ଗାଇଛନ୍ତି । କବୀର, ତୁଳସୀ, ଶ୍ରୀଚୈତନ୍ୟ ଓ ମୀରା ମଧ୍ୟ ନିଜ ଭାଷା ଓ ବୋଲିରେ ନିଜ ହୃଦୟ ଅଭିବ୍ୟକ୍ତିକୁ ପରିପ୍ରକାଶ କରିଛନ୍ତି । ଓଡ଼ିଆ କବି ସାହିତ୍ୟିକମାନେ ତ ସେମାନଙ୍କ ମାତୃ ଭାଷାରେ କାବ୍ୟ କବିତା ଛଳରେ ମନର କଥା ଜଣାଇଛନ୍ତି ।

ଶ୍ରୀଜଗନ୍ନାଥ ଜନଜାତି ତଥା ଆଦିବାସୀର ପ୍ରିୟ ଠାକୁର । ଦାରୁ ଦେବତା । ନୀଳମାଧବ ରୂପେ ପୂଜା ପାଉଥିବା ବେଳେ ବିଶ୍ୱାବସୁ ଶବର ନିଜର ଭାଷାରେ ପ୍ରଭୁଙ୍କ ସହିତ ସଂପର୍କରଖି ଥିଲେ । ଶବର, ସନ୍ତାଳ, ଜୁଆଙ୍ଗ କନ୍ଧ, ମୁଣ୍ଡା ଓ ହୋ' ଜାତିର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ । ଶ୍ରୀଜଗନ୍ନାଥ ପ୍ରତ୍ୟେକ ଆଦିବାସୀ ଭାଷାକୁ ମଧ୍ୟ ବୁଝି ପାରନ୍ତି । ସେ ଶବ୍ଦ ବ୍ରହ୍ମ । ପ୍ରତ୍ୟେକ ଭାଷାର ଶବ୍ଦ ସୃଷ୍ଟି ହିଁ ତାଙ୍କର ପ୍ରେରଣାର ହୋଇଛି । ଶ୍ରୀଜୟଦେବଙ୍କ ଗୀତ ଗୋବିନ୍ଦକୁ ଯେତିକି ଶ୍ରଦ୍ଧାର ସହିତ ଶୁଣିଛନ୍ତି ସେହିଭଳି ଦୀନକୃଷ୍ଣ 'ରସକଲ୍ଲୋଳ' ଅଭିମନ୍ୟୁ ସାମନ୍ତ ସିଂହାରଙ୍କ– 'ବିଦଗ୍ଧ ଚିନ୍ତାମଣି'କୁ ମଧ୍ୟ ଭାବର ସହିତ ଶୁଣିଛନ୍ତି ସେ । ଓଡ଼ିଆ ମାଟିର ଶ୍ରେଷ୍ଠ କବି ଉପେନ୍ଦ୍ର ତ ଥିଲେ ଜଗନ୍ନାଥଙ୍କର ପ୍ରିୟକବି । ଶ୍ରୀ ଜଗନ୍ନାଥ ହିଁ ସାରଳା ଦାସଙ୍କୁ ମହାଭାରତ, ଜଗନ୍ନାଥ ଦାସଙ୍କୁ ଭାଗବତ, ବଳରାମ ଦାସଙ୍କୁ ରାମାୟଣ ଓ ଅଚ୍ୟୁତାନନ୍ଦଙ୍କୁ ହରିବଂଶ ଲେଖିବାକୁ ପ୍ରେରଣା ଦେବା ସହିତ କୃପାମଧ ପ୍ରଦାନ କରିଛନ୍ତି, ଯଶୋବନ୍ତ ଦାସ ଓ ଶିଶୁ ଅନନ୍ତ ମଧ୍ୟ ଶ୍ରୀଜଗନ୍ନାଥଙ୍କ କୃପାରୁ କବି ପଦ ପ୍ରାପ୍ତ ହୋଇଛନ୍ତି । ସେମାନଙ୍କର ଭାଷା ସୃଷ୍ଟିର କ୍ଷମତା ଲେଖନୀ ଶୈଳୀ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ପରଂପରାରୁ ହିଁ ପ୍ରେରଣାପାଇ ସମ୍ଭବ ହୋଇଛି । ଶ୍ରୀଜଗନ୍ନାଥଙ୍କ ନିକଟରେ ସଂସ୍କୃତ ଭାଷାର ଲିଖିତ କାବ୍ୟ ଶାସ୍ତ୍ର ପୁରାଣ ଯେତିକି ପ୍ରିୟ ପ୍ରଦେଶିକ ଭାଷାର ସାହିତ୍ୟ ମଧ୍ୟ ତତୋଧିକ ପ୍ରିୟ । ଯେତେବେଳେ ଓଡ଼ିଆ ଭାଷାର ସାହିତ୍ୟ ସଂସ୍କୃତ

ପଣ୍ଡିତମାନଙ୍କ ଦ୍ୱାରା ଅବହେଳିତ ହେଉଥିଲା, ଓଡ଼ିଶାର ଜନସାଧାରଣଙ୍କ ଜ୍ଞାନାର୍ଜନ ନିମନ୍ତେ ପଞ୍ଚସଖା ଯୁଗର କବିମାନଙ୍କୁ ପ୍ରଭୁ ପ୍ରେରଣା ଦେଇଛନ୍ତି ପୁରାଣ ସବୁକୁ ଓଡ଼ିଆ ଭାଷାରେ ଲେଖିବା ନିମନ୍ତେ। ତେଣୁ ଅନ୍ୟଭାଷାରେ ଲେଖା ଯାଇଥିବା ପୁରାଣ ଅପେକ୍ଷା ଓଡ଼ିଆ ଭାଷାରେ ଲିଖିତ ପୁରାଣ ସ୍ୱତନ୍ତ୍ର ଓ ମୌଳିକ ଅଟେ। ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି- ଓଡ଼ିଶାର ସମସ୍ତ ପୁରାଣ ରଚିତ। ସେହି ପୁରାଣ ଗୁଡ଼ିକୁ ମଧ୍ୟ ଶ୍ରୀଜଗନ୍ନାଥ ଶ୍ରୀରାମନ୍ଦିରରେ ଶ୍ରବଣ କରନ୍ତି। ଏଣୁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ପୁରାଣ ପଣ୍ଡା ପଦବୀ ସୃଷ୍ଟି କରାଯାଇଛି।

ଶ୍ରୀଜଗନ୍ନାଥ ହେଉଛନ୍ତି ମହାନ ଭାଷାବିତ୍। ସେ ସମସ୍ତ ଭାଷାର ଭାବ ଭକ୍ତିକୁ ହୃଦୟଙ୍ଗମ କରନ୍ତି ଓ ସେହି ଭାଷାର କବି ଲେଖକ ବୁଦ୍ଧିଜୀବୀମାନଙ୍କୁ ଉତ୍ସାହିତ କରିଛନ୍ତି। ଜଗତର ନାଥ ସିଏ ଜଗତଜାକର ପ୍ରାଣୀଙ୍କ ମନର କଥାକୁ ସେ ଜାଣନ୍ତି, ସ୍କନ୍ଦପୁରାଣ ଅନ୍ତର୍ଗତ ପୁରୁଷୋତ୍ତମ ମହାତ୍ମ୍ୟର ୪ର୍ଥ ଅଧ୍ୟାୟରେ ଉଲ୍ଲେଖ ଅଛି–ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଭକ୍ତିରେ ଶ୍ରୀଜଗନ୍ନାଥ ଅତ୍ୟନ୍ତ ପ୍ରୀତ ହେଲେ। ଦାରୁମୟ ବିଗ୍ରହ ଧାରଣକରି ନୀଳାଚଳରେ ଚତୁର୍ଦ୍ଧା ମୂର୍ତ୍ତି ରୂପେ ଅବସ୍ଥାନ କଲେ। ଶ୍ରୀ ବଳରାମ, ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଓ ସୁଦର୍ଶନ ରୂପେ ପରିଚିତ ହେଲେ। ଏହି ପ୍ରସଙ୍ଗରେ ଜୈମିନି ଋଷି ଏକଦା ମୁନିଋଷିମାନଙ୍କୁ ନିକଟରେ ପ୍ରଭୁଙ୍କ ମହିମାକୁ ପ୍ରକାଶ କରିବାକୁ ଯାଇ କହିଛନ୍ତି- ହେ ମୁନିଗଣ ! ସମଗ୍ର ଜଗତର, ଜଣ ଜଣଙ୍କର ଉପକାର ସାଧନ ନିମନ୍ତେ, ନୀଳମେଘ ସଦୃଶ ବପୁ ଧାରଣ କରି ପ୍ରଭୁ ଶଙ୍ଖ ଚକ୍ର ଧାରୀ ଭଗବାନ ଶ୍ରୀଜଗନ୍ନାଥ ରୂପରେ ପୁରୀଠାରେ ବିରାଜମାନ କରିଛନ୍ତି। ଏଣୁ ଏହି କ୍ଷେତ୍ରର ନାମ ଶ୍ରୀକ୍ଷେତ୍ର। ଏହି ପବିତ୍ର କ୍ଷେତ୍ରରେ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କଲେ ତ୍ରିତାପ ହରଣ ହୁଏ। ସତ୍ କର୍ମର ଫଳ ତତ୍‌କ୍ଷଣାତ ପ୍ରାପ୍ତ ହୋଇଥାଏ। ଏ କେବଳ କାଷ୍ଠମୟୀ ମୂର୍ତ୍ତି ନୁହନ୍ତି ସାକ୍ଷାତ ଦାରୁବ୍ରହ୍ମ। ଅଲୌକିକ ହେଲେ ବି ଲୌକିକ ରୂପରେ ବିରାଜିତ। ସେ ରାଷ୍ଟ୍ର ଦେବତା। ବିଶ୍ୱରଦେବତା। ବିଶ୍ୱ ତାଙ୍କ ନିୟନ୍ତ୍ରଣରେ ପରିଚାଳିତ। ଜଗତ ତାଙ୍କର ସେ ସେଥି ପାଇଁ ଜଗନ୍ନାଥ। ଜଗତ ଜାକର ବେଦନାକୁ ସେ ଶୁଣି ପାରନ୍ତି ପ୍ରତିକାର ମଧ୍ୟ କରିଥାନ୍ତି।

ଜୈମିନି ପୁଣି କହିଲେ- ହେ ମୁନି ଗଣ ! ଯେଉଁ ପ୍ରଭୁ ଅନାଥ ଜନର ରକ୍ଷକ। ଯିଏ ସଂସାର ସାଗର ପାରି ନିମନ୍ତେ କର୍ଣ୍ଣଧାର ସାଜିଥାନ୍ତି। ସମସ୍ତ ଜୀବଗଣଙ୍କର ଏକମାତ୍ର ସର୍ଜନାକାରୀ ଓ ପାଳନକାରୀ ଅଟନ୍ତି। ସେ ପୃଥିବୀର ସମସ୍ତ ଭାଷାରେ ପାଣ୍ଡିତ୍ୟ ଅର୍ଜନ କରିଛନ୍ତି। ସମସ୍ତ ଭାଷା ବୁଝିପାରନ୍ତି 'ଅଖିଳ ଭାଷାବିତ୍'- ଦାରୁ ମଧ୍ୟରେ ବ୍ରହ୍ମ ନିହିତ ଥିବାରୁ ସେ ଦାରୁବ୍ରହ୍ମ। ଶବ୍ଦରେ ଶବ୍ଦରେ ଭାବ ସୃଷ୍ଟି କରୁଥିବାରୁ ଶବ୍ଦବ୍ରହ୍ମ। ଶବ୍ଦ ବ୍ରହ୍ମରୁ ସମସ୍ତ ଭାଷାର ସୃଷ୍ଟି।

ଭରଣଂ ସର୍ବଜନ୍ତୂନାଂ ଧରଣଂ ଜଗତାମପି
ଭାଷଣଂ ସର୍ବଭାଷାଣାଂ ଦୂଷଣଂ ସର୍ବଦୁଷ୍କୃତାମ୍।
(ପୁ.ମା. ୪ର୍ଥ - ୮୪)

ଶ୍ରୀଜଗନ୍ନାଥ କେବଳ ଓଡ଼ିଆ ଭାଷା ଭାଷୀଙ୍କର ନୁହନ୍ତି। ସମସ୍ତ ଭାଷା ଭାଷୀଙ୍କର ଦେବତା। ସେ ଆଞ୍ଚଳିକ ଚିନ୍ତା ଚେତନାର ବହୁଉର୍ଦ୍ଧ୍ୱରେ। ଅଖିଳ ଜଗତର ପାଳନ କର୍ତ୍ତା ତଥା ଭାବ ବିନିମୟର ଏକମାତ୍ର ମାଧ୍ୟମ ହେଉଛନ୍ତି ଶ୍ରୀଜଗନ୍ନାଥ ଓ ତାଙ୍କର ସଂସ୍କୃତି।

ଶ୍ରୀ ଜଗନ୍ନାଥ ମଧ୍ୟ ସ୍ଥାବର ଜଙ୍ଗମ ପ୍ରାଣୀମାନଙ୍କର ମନର କଥାକୁ ବୁଝିପାରନ୍ତି। ପଶୁପକ୍ଷୀ ବୃକ୍ଷଲତାଙ୍କର ମଧ୍ୟ ମନର ବେଦନାକୁ ଶୁଣି ପ୍ରତିକାର କରିଛନ୍ତି। ଜଳମଧ୍ୟରେ କୁମ୍ଭୀରର ଆକ୍ରମଣରେ ପ୍ରାଣାନ୍ତକ ଅବସ୍ଥାରେ ଗଜରାଜ ଶ୍ରୀଜଗନ୍ନାଥଙ୍କୁ ହୃଦୟର ବେଦନାକୁ ବ୍ୟକ୍ତ କରିଛି, ପ୍ରଭୁ ଚକ୍ର ପେଷି ନକ୍ରକୁ ବଧ କରିଛନ୍ତି। ବଣ ମଧ୍ୟରେ ହରିଣୀ ଟିଏ ଘୋର ବିପଦରେ ପଡ଼ିଛି। ଗୋଟିଏ ପାର୍ଶ୍ୱରେ ଅଗ୍ନି, ଅନ୍ୟ ପାର୍ଶ୍ୱରେ ଧନୁଶର ହସ୍ତରେ ବ୍ୟାଧ, ଆଉ ଗୋଟିଏ ପାଖରେ ଜାଲ, ୪ର୍ଥ ଦିଗରେ ଶିକାରୀ କୁକୁର ଜଗିବସିଛନ୍ତି। ମୃଗୁଣୀ ଶ୍ରୀଜଗନ୍ନାଥଙ୍କୁ ବିନୀତ ଭାଷାରେ ସ୍ତୁତି କରିଛନ୍ତି। ପ୍ରଭୁ ତୁରନ୍ତ ଝଡ଼ବର୍ଷା କରି ଅଗ୍ନିକୁ ନିର୍ବାପିତ କରିବା ସହିତ ବ୍ୟାଧକୁ ଉଚିତ ଦଣ୍ଡ ବିଧାନକରି ମୃଗୁଣୀକୁ ମୁକ୍ତ କରିଛନ୍ତି। ଏମିତି କେତେ କ'ଣ ଉଦାହରଣ ପୁରାଣ ମାନଙ୍କରେ ବର୍ଣ୍ଣିତ ଅଛି। ଏସବୁ ଘଟଣାର ସାକ୍ଷୀ ହେଉଛି ଗଜସ୍ତୁତି, ମୃଗୁଣୀସ୍ତୁତି ଭଳି ସାହିତ୍ୟ କୃତି ସବୁ। ପଶୁ ପାଟି ଖୋଲି କହି ପାରୁ ନଥିଲେ ବି ମୁକ ବଧିରଙ୍କ ଭାଷା ଭଳି ସେମାନଙ୍କର ମଧ୍ୟ ସ୍ୱତନ୍ତ୍ର ଇଙ୍ଗିତ ସୂଚକ ଭାଷା ଅଛି; ଶ୍ରୀଜଗନ୍ନାଥ ତାହା ଜାଣନ୍ତି। ସେଥିପାଇଁ ତ ସମୁଦ୍ର ଶ୍ରୀକ୍ଷେତ୍ରର ପଦ ବନ୍ଦନା କରୁଛି। ବସନ୍ତ ପବନ ଶ୍ରୀଜଗନ୍ନାଥ ମନ୍ଦିରସ୍ଥ ମହାଲକ୍ଷ୍ମୀ ମନ୍ଦିର ପ୍ରାଙ୍ଗଣରେ ସର୍ବଦା ମୃଦୁମୃଦୁ ଗତିରେ ସୁଶୀତଳ ଭାବେ ବହୁଛି। ପ୍ରଭୁଙ୍କ ଶାନ୍ତିରେ ବ୍ୟାଘାତ ଘଟିବ ବୋଲି ସମୁଦ୍ରର ଭୟଙ୍କର ଶବ୍ଦ ଶ୍ରୀମନ୍ଦିରକୁ ଶୁଣାଯାଉ ନାହିଁ ଅଥଚ ପୁରୀର ସର୍ବତ୍ର ସମୁଦ୍ର ଗର୍ଜନ ଶୁଣାଯାଉଛି।

ବୃକ୍ଷର ବେଦନାକୁ ମଧ୍ୟ ପ୍ରଭୁ ଜଗନ୍ନାଥ ଅନୁଭବ କରିଛନ୍ତି। ବୃକ୍ଷର ସ୍ତୁତିରେ ପ୍ରଭୁ ଦ୍ରବିଭୂତ ହୋଇ ନିରାକରଣ କରିଛନ୍ତି। ପଞ୍ଚଦଶ ଶତାବ୍ଦୀର କଥା। ପୁରୀର ଏକ ବଉଳ ଗଛ ତଳେ, ଶ୍ରୀଚୈତନ୍ୟଙ୍କର ପରମ ଶିଷ୍ୟ ଯବନ ହରିଦାସ ତପସ୍ୟା କରୁଥାନ୍ତି। ସୁନ୍ଦର ଶାଖା ପ୍ରଶାଖାରେ ଶୋଭିତ ବଉଳ ଗଛଟି ବେଶ ଛାୟା ପ୍ରଦାନ କାରି ବୃକ୍ଷ। କେହି ଜଣେ ଅସହିଷ୍ଣୁ ବ୍ୟକ୍ତି ହରିଦାସ କେମିତି ସେ ବୃକ୍ଷ ମୂଳେ ନବସନ୍ତୁ ସେଥି ନିମନ୍ତେ, ବଉଳ ଗଛଟିକୁ କଟାଇ ଦେବାପାଇଁ ଚାହିଁଲା। କିନ୍ତୁ କେମିତି ସମ୍ଭବ। ସ୍ୱଂୟ ଶ୍ରୀଚୈତନ୍ୟ ହରିଦାସଙ୍କ ବିଶ୍ରାମ ନିମନ୍ତେ ସେହି ବକୁଳ ବୃକ୍ଷର ଚାରା ରୋପଣ କରିଛନ୍ତି। ଏକଥା ସମସ୍ତେ ଅବଗତ ଅଛନ୍ତି। ଗୋଟିଏ ବର୍ଷ ରଥ ଯାତ୍ରା ବେଳେ ଠାକୁରମାନଙ୍କ ସେନାପଟା ନିମନ୍ତେ ସାକ୍ଷିଗୋପାଳରୁ ବିଧି ପୂର୍ବକ ବଉଳ କାଠ ଆସିଥିଲା। ମାତ୍ର ତାହା ତେଢ଼ାମେଢ଼ାଥିବା ଯୋଗୁଁ ଉପଯୋଗୀ ହୋଇ ପାରିଲାନାହିଁ। ଠାକୁରମାନଙ୍କ ରଥରେ ବିଜେ କରିବାକୁ ମାତ୍ର ଗୋଟିଏ ଦିନ ବାକିଥାଏ। କେଉଁଠୁ ସୁଠାମ ବଉଳ ଗଛ ଅଣାଯାଇ ସେନାପଟା କରାଯିବ। ଏହି ସୁଯୋଗରେ ଦୁଷ୍ଟ ଲୋକଟି ରଜାଘର ଲୋକଙ୍କୁ ଉକ୍ତ ଦିବ୍ୟ ବକୁଳ ଗଛର ସନ୍ଧାନ ଦେଇଦେଲା। ସଙ୍ଗେ ସଙ୍ଗେ ରାଜାଜ୍ଞା ମିଳିଗଲା– ସକାଳୁ ସକାଳୁ ସେହି ବକୁଳ ବୃକ୍ଷକୁ କାଟିଆଣ, ପ୍ରଭୁଙ୍କ କାମରେ ଲାଗିଯାଉ। ଲୋକଙ୍କ କଥା ବାର୍ତ୍ତାରୁ ବକୁଳ ବୃକ୍ଷ ଜାଣି ପାରିଲେ କାଲି ସକାଳୁ ତାଙ୍କୁ କଟାଯିବ। ପ୍ରଭୁଙ୍କ କାର୍ଯ୍ୟରେ ଲାଗିବେ ସେଥି ପାଇଂ ମନରେ ଅପାର ଆନନ୍ଦ, ମାତ୍ର ସାଧୁ ହରିଦାସ ଯେ ବେସାହାରା ହୋଇଯିବେ। କେଉଁଠି ଆଉ ଆଶ୍ରୟ ନେବେ ସେ କଥା ଭାବି ବୃକ୍ଷ ଆନମନା ହୋଇ ଉଠିଲେ। ସନ୍ଥ ହରିଦାସଙ୍କ ନିମନ୍ତେ ତାଙ୍କ ଠାରୁ ପ୍ରଭୁ ନାମ ସଂକୀର୍ତ୍ତନ ଶୁଣିବା ନିମନ୍ତେ ତାଙ୍କୁ ବଞ୍ଚିରହିବାକୁ ପଡ଼ିବ। ବକୁଳ ବୃକ୍ଷ ନିଜଭାଷାରେ ମନ କଥାକୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ନିବେଦନ କଲେ। ପ୍ରଭୁ ଏକ ମହତ କାର୍ଯ୍ୟ ପାଇଁ ମୋର ସୁରକ୍ଷା କରାଯାଉ। ଶ୍ରୀଜଗନ୍ନାଥ ଶୁଣିଲେ। ଆର୍ତ୍ତର ବେଦନା ଦୂର କରିବା ନିମନ୍ତେ ଠାକୁର କାନଡ଼େରି ବସିଥାନ୍ତି।

ରାତିପାହି ସକାଳ ହେଲା । କାଠୁରିଆ ମାନେ ବୃକ୍ଷ ତଳେ ପହଁଚି ଦେଖିଲେ କାଲି ଯେଉଁ ସୁଠାମ ବଉଳ ଗଛଟି ଠିଆ ହୋଇଥିଲା, ତାହା ଆଜି- ଭୂମିଲଗ୍ନା, ବଙ୍କା ଟଙ୍କା ଆଉ ପୋଲା ହୋଇ ଯାଇଛି । ସେ ଗଛର କାଠ ଆଉ କୌଣସି କାର୍ଯ୍ୟରେ ଲାଗି ପାରିବନି । ବଉଳ ଗଛକୁ ନ ହାଣି କାଠୁରିଆ ଫେରି ଆସିଲେ । ସିଦ୍ଧ ବକୁଳ ନାମରେ ସେ ବୃକ୍ଷ ପୁରୀ ବାଲିସାହି ଠାରେ ଏବେ ବି ଅଛି ।

ଜଣେ ବିଦେଶୀ ବଣିକଙ୍କର ପ୍ରାର୍ଥନକୁ ମଧ ପ୍ରଭୁ ଶୁଣିଥିଲେ । ଫରାସି ଭାଷାରେ ନିଜର ଦୁଃଖକୁ ଶ୍ରୀଜଗନ୍ନାଥଙ୍କ ନିକଟରେ ନିବେଦନ କରିଥିଲେ ସେ । ଗୋଟିଏ ଜାହାଜ ଫ୍ରାନ୍ସରୁ ବାହାରି ଭାରତର ପଣ୍ଡିଚେରୀ ଅଭିମୁଖେ ଯାତ୍ରାକରୁ ଥାଏ । କ୍ୟାପ୍ଟେନ ଥାନ୍ତି ଆଲବକ ବିଟ ସାହେବ । ସମସ୍ତେ ଫରାସୀ ଲୋକ ଜଣେ ମାତ୍ର ଓଡ଼ିଆ ଲୋକ ସେହି ଜାହାଜରେ ଯାତ୍ରୀଥାନ୍ତି, ହଠାତ୍ ଆଗରୁ ଝଡ଼ବତାସ ମାଡ଼ି ଆସୁଛି ପଛରେ ବିରାଟ କାୟ ତିମି ମାଛ ଜାହାଜକୁ ଆକ୍ରମଣ କରିବା ନିମନ୍ତେ ଗୋଡ଼ାଇଛି । ସତେ ଯେମିତି ଜାହାଜଟି କ୍ଷଣକରେ ଧ୍ୱଂସ ପାଇଯିବ । ସମସ୍ତେ ଉଦ୍‌ବିଗ୍ନହୋଇ ଉଠିଲେ । ପ୍ରାଣ ବିକଳରେ କାନ୍ଦିବାକୁ ଲାଗିଲେ । କ୍ୟାପେଟେନ ବିଟ୍ ସାହେବ ଦେଖିଲେ ଜଣେ ବ୍ୟକ୍ତି ହାତଯୋଡ଼ି ନିର୍ବିକାର ଚିତ୍ତରେ ବସିଛନ୍ତି କୌଣସି ଭୟ କି ଶୋଚନା ତାଙ୍କ ମୁଖରୁ ଜାଣି ହେଉନାହିଁ । ସାହେବ ପଚାରିଲେ ଏ ଭୟଙ୍କର ବିପଦ ସମୟରେ ତୁମକୁ ଡ଼ର ମାଡୁନାହିଁ । ତୁମେ ଆତଙ୍କିତ ନୁହେଁ । ଯାତ୍ରୀ ଜଣକ କହିଲେ, ମୁଁ ଓଡ଼ିଆ ଲୋକ । ମୋ ନାଁ କୁଳଶେଖର ସୌଦାଗର । ଘର ପୁରୀ ନିକଟସ୍ଥ ପିପିଲି ଗ୍ରାମରେ । ମୋର ପ୍ରଭୁ ଶ୍ରୀଜଗନ୍ନାଥ । ଶ୍ରୀ ଜଗନ୍ନାଥଙ୍କୁ ଡ଼ାକି ସାରିଲା ପରେ ମୋ ମନରେ ଭରସା ଆସି ଯାଇଛି । ସେ ନିଶ୍ଚୟ ସୁରକ୍ଷା ଦେବେ । ଆପଣ ଭକ୍ତିର ସହିତ ଆପଣଙ୍କ ଭାଷାରେ ପ୍ରଭୁଙ୍କ ନିକଟରେ ଆତ୍ମ ନିବେଦନ କରନ୍ତୁ । ପ୍ରଭୁ ନିଶ୍ଚିତ ରୂପେ ଜାହାଜର ଯାତ୍ରୀମାନଙ୍କୁ ସୁରକ୍ଷା ଦେବେ । ସେ ଆର୍ତ୍ତର ଆତ୍ମ ନିବେଦନକୁ ଶୁଣିପାରନ୍ତି । ସାହେବ ପ୍ରାର୍ଥନା କଲେ । କିଛି ସମୟ ପରେ ଦେଖାଗଲା ଝଡ଼ଆଉ ଆଗକୁ ନ ଆସି ପଛକୁ ଫେରିଗଲା । ତିମି ମାଛ ମଧ ଦିଗ ପରିବର୍ତ୍ତନ କରି ଅନ୍ୟତ୍ର ଚାଲିଗଲା । ଭାଷା ଭିନ୍ନ ହେଲେ ସୁଦ୍ଧା ବିଟ୍ ସାହେବଙ୍କ ପ୍ରାର୍ଥନାକୁ ପ୍ରଭୁ ଜଗନ୍ନାଥ ଶୁଣିଲେ ।

ବିଟ୍ ସାହେବ ଗୋଟିଏ ବିରାଟ ଘଣ୍ଟି ଚ଼ର୍ଚ୍ଚ ନିମନ୍ତେ ପଣ୍ଡିଚେରୀ ନେଉଥିଲେ । ସେ ଜାହାଜକୁ ପୁରୀ ଉପକୂଳରେ ଲଙ୍ଗର ପକାଇ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଘଣ୍ଟିଟିକୁ ଶ୍ରୀମନ୍ଦିରକୁ ପ୍ରଦତ୍ତ କରି ଦେଇଥିଲେ । ଏବେ ବି ଶ୍ରୀମନ୍ଦିରର ଜଗମୋହନର ଉତ୍ତର ପାର୍ଶ୍ୱର ବାହାର ପାଖରେ ସେହି ଘଣ୍ଟି ସୁରକ୍ଷିତ ଭାବେ ରଖା ଯାଇଛି । ସେହି ଘଣ୍ଟିରେ ଫ୍ରେଞ୍ଚ ଭାଷାରେ ଲେଖା ଯାଇଛି–

lA LIBERALITE DE PEDRO MOUDELI, COURT, DE LA COMP. DE FRANCE ME NOM ME PIERRE' JE PESE 900, A PONDICHERY, 1746 BETPSALLAMINGEN CANTA TIBUS

ବହୁବିଧତା ଓ ବିବିଧତାକୁ ଏକତ୍ର ବାନ୍ଧି ରଖିବାର ଗୁରୁତ୍ୱ ପୂର୍ଣ୍ଣ ମନ୍ତ୍ର ହେଉଛି ଧର୍ମ । 'ଧାରଣାତ୍ ଧର୍ମ ଇତ୍ୟାହୁଃ' । ଯେମିତି ଧର୍ମ ମାଧ୍ୟମରେ ସଂସାର ଏକତ୍ର ବାନ୍ଧି ହୋଇ ରହିଛି । ବିଭିନ୍ନ ଧର୍ମ ଭଳି ବିଭିନ୍ନ ଭାଷାମଧ ଏ ସଂସାରରେ ଅଛି । ଭାଷା ଓ ଧର୍ମ ଅଲଗା ଅଲଗା ହେଲେ ସୁଦ୍ଧା ଈଶର୍ୱ ଏକ । ଏମିତି ବହୁ ଭକ୍ତ ତଥା ବ୍ୟକ୍ତି ବିଶେଷ ଅଛନ୍ତି ଜାତି ଧର୍ମ ଭାଷା ନିର୍ବିଶେଷରେ ଶ୍ରୀଜଗନ୍ନାଥଙ୍କୁ ଭକ୍ତି କରନ୍ତି । ଭକ୍ତ ଯୀଶୁଖ୍ରୀଷ୍ଟ ମଧ ଜ୍ଞାନ ଅର୍ଜନ ନିମନ୍ତେ ପୁରୀ ଆସିଛନ୍ତି । ପ୍ରସିଦ୍ଧ ଫରାସୀ ଇତିହାସରେ ସିଲଭେନ ଏହାକୁ ସତ୍ୟ ବୋଲି ସ୍ୱୀକାର କରିଛନ୍ତି । ସେତେବେଳକୁ ଯୀଶୁଙ୍କୁ ୨୯ ବର୍ଷ ହୋଇଥିଲା । (ପୁସ୍ତକ- ଶ୍ରୀଜଗନ୍ନାଥ, ଲେଖକ- ଡ଼କ୍ଟର ବଂଶୀଧର ମହାନ୍ତି, ପୃଷ୍ଠା- ୨୪, ୧୯୮୫ ସଂସ୍କରଣ) ଆସାମର ଶଙ୍କର ଦେବ ମଧ ପୁରୀଆସି ପୁରୀରେ ଅବସ୍ଥାନ କରିଥିଲେ । ଶିଖ୍ ଗୁରୁ ନାନକ ମଧ ଶ୍ରୀକ୍ଷେତ୍ର ଆସି ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୁତ ନିବେଦନ କରିଥିଲେ ।

ଏବେ ବି ମଧ ବହୁ ଭାଷାଭାଷୀ ହିନ୍ଦୁ ଶ୍ରୀମନ୍ଦିରକୁ ଆସୁଛନ୍ତି ନିଜର ମନର କଥା ନିଜ ଭାଷାରେ ବ୍ୟକ୍ତ କରୁଛନ୍ତି । ପୃଥିବୀର ବିଭିନ୍ନ ପ୍ରାନ୍ତର ଅଣହିନ୍ଦୁ ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା ସମୟରେ ପୁରୀ ଆସି ରଥ ଉପରେ ପତିତ ପାବନ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରି ମନର କଥାକୁ ଭକ୍ତିର ସହିତ ନିଜ ନିଜ ଭାଷାରେ ଜଣାଇଥାନ୍ତି । ସେଥି ପାଇଁ ସେମାନେ ଓଡ଼ିଆ କିମ୍ବା ସଂସ୍କୃତ ଭାଷାର ମାଧମ ନେଇ ନଥାନ୍ତି ହିନ୍ଦୁ ନୀତି ନିୟମ ଅନୁସାରେ ଅନ୍ୟ ଧର୍ମର ବ୍ୟକ୍ତି ବିଶେଷଙ୍କୁ ମନ୍ଦିର ପ୍ରବେଶ ମନାଥିଲେ ସୁଦ୍ଧା ଅନ୍ୟ ଧର୍ମ ଅନ୍ୟ ଭାଷୀମାନେ ଶରଧା ବାଲିରେ ଠିଆ ହୋଇ ନୀଳଚକ୍ରକୁ ଚାହିଁ ହୃଦୟ ମଧରେ ସ୍ଥିର ଚିତ୍ତରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥାନ୍ତି । ସେଥିପାଇଁ ସାରା ସଂସାରର ପ୍ରିୟ ଦେବତା ହେଉଛନ୍ତି ଶ୍ରୀଜଗନ୍ନାଥ ।

ବିଦେଶ କଥା ଛାଡ଼ନ୍ତୁ ଆମ ଭାରତବର୍ଷରେ ୩୦୦୦ ମାତୃଭାଷା ଅଛି । ୪୦୦୦ ଜାତି ଗୋଷ୍ଠୀ ଓ ମତବାଦ ଅଛି । ସମସ୍ତେ ନିଜ ନିଜ ଭାଷାରେ ଜଗନ୍ନାଥଙ୍କ ନିକଟରେ ଗୁହାରି କରିଥାନ୍ତି । ଶ୍ରୀଜଗନ୍ନାଥ ସୃଷ୍ଟି ଆଦ୍ୟରୁ ଥିଲେ ସୁଦ୍ଧା ଗବେଷକମାନେ କୁହନ୍ତି ସାତ ହଜାର ବର୍ଷ ହେଲା ଶ୍ରୀଜଗନ୍ନାଥ ସଂସ୍କୃତି ବଞ୍ଚିରହିଛି । କେବଳ ଶ୍ରୀଜଗନ୍ନାଥଙ୍କ ସମନ୍ୱୟ ବାଦ ଓ ଭାଷା ଗ୍ରହଣୀୟତା ଦୃଷ୍ଟିରୁ । ଶ୍ରୀମନ୍ଦିରକୁ କେନ୍ଦ୍ରକରି ଥିବା ସେବକ ପଣ୍ଡା ପଢ଼ିହାରୀ ମାନେ ସଂସ୍କୃତିକୁ ଧରିରଖିବାରେ ପାରଙ୍ଗମ । ବହୁ ଭାଷା ସେମାନେ ଜାଣନ୍ତି । ସେହି ଭାଷାରେ କହି ଜଗନ୍ନାଥ ମହିମାକୁ ବୁଝାଇ ଦେଇପାରନ୍ତି । ପରଂପରାଗତ ଭାଷା ଶିକ୍ଷା ନକରିମଧ ଭାଷା ରସିକ ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣାରୁ କେବଳ ସମ୍ଭବ ।

ଶ୍ରୀଜଗନ୍ନାଥ ଯେମିତି ସବୁ ଭାଷାକୁ ବୁଝିପାରନ୍ତି ଆପଣେଇ ପାରନ୍ତି ସେମିତି ଶାନ୍ତି ପ୍ରିୟ ଅଥଚ ବୀର ଜାତି ଓଡ଼ିଆ ମଧ ସବୁ ଭାଷାକୁ ଅତ୍ୟନ୍ତ ଆଦର କରେ ଓ ସ୍ଥଳ ବିଶେଷରେ ସହଜରେ ପ୍ରବେଶ କରି ପାରେ । ଆପଣେଇ ପାରେ । ଏମିତି କୌଣସି ଜାତି ନାହିଁ ନିଜ ମାତୃଭାଷାକୁ ଗୁରୁତ୍ୱ ଦେବା ସହିତ ଅନ୍ୟର ମାତୃଭାଷାକୁ ସହଜରେ ଗ୍ରହଣ କରିପାରେ । ସେଥିପାଇଁ ଭାରତବର୍ଷର ବିଭିନ୍ନ ସଂସ୍କୃତି ଓଡ଼ିଆ ସଂସ୍କୃତିରେ ମଧ ଦେଖିବାକୁ ମିଳେ । କେବଳ ଶ୍ରୀଜଗନ୍ନାଥ ପ୍ରାଣ ଓଡ଼ିଆର ଉଦାର ପଣିଆ ଓ ମହାନତା ଫଳରେ ସମ୍ଭବ ହୋଇ ପାରିଛି ।

*ସଂପାଦକ-ପୁରାଣ ପତ୍ରିକା,*
*ନିଆଳୀ-୭୫୪୦୦୪, କଟକ, ଓଡ଼ିଶା*
*ଦୂରଭାଷ: ୯୯୩୭୮୪୦୩୮୭*

କଥା ଓ କାହାଣୀ

# ଆଶାହରା ପକ୍ଷୀ

## ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ

ଠିକ୍ ଚାଳିଶି ବର୍ଷ ତଳର ସ୍ମୃତି । ସେ ସ୍ମୃତିର ପ୍ରତିଟି ଚିତ୍ର ଆଜି ପର୍ଦ୍ଦାୟିତ ହୋଇଯାଉଛି ସଦାନନ୍ଦ ବାବୁଙ୍କ ମାନସପଟରେ ।

କେତେକେତେ ଘଟଣା ନ ଘଟିଛି ସଦାନନ୍ଦ ବାବୁଙ୍କ କଳାମୟ ଜୀବନରେ । ସବୁଠାରୁ ଅଧିକ ସ୍ମରଣୀୟ ଘଟଣା ଥିଲା ସୁପ୍ରିୟା ସହିତ ତାଙ୍କ ନିଛକ ଜୀବନ କାହାଣୀ । ସୁପ୍ରିୟା ସହିତ ତାଙ୍କ ମାନବ ପ୍ରେମର ପଥରବନ୍ଧ କେଉଁଠୁ କେମିତି ଆରମ୍ଭ ହୋଇ କେତେ ଉତ୍ଥାନ ପତନ ଦେଇ ଗତିକରି ଶୀର୍ଷ ବିନ୍ଦୁକୁ ସ୍ପର୍ଶ କରିଥିଲା ଏବଂ ପୁନଶ୍ଚ କେମିତି ସେ ପଥରବନ୍ଧର ଚତୁଃପାର୍ଶ୍ୱକୁ ବିକ୍ଷିପ୍ତ ବାଲିଗଦା ଘୋଡ଼ାଇ ଆଣିଲା, ତାର ଏକ ଜୀବନ୍ତ ରୂପରେଖ ଯେମିତି ଆଙ୍କି ହୋଇ ଯାଉଥିଲା ହଠାତ୍ ତାଙ୍କ ମନଶ୍ଚକ୍ଷୁର ନିତ୍ୟ ବଳୟରେ ।

ସଦାନନ୍ଦ ବାବୁ ବୟସର ଚାପରେ କାମନାର ଉଦ୍‌ବେଳନରୁ ମୁକୁଳି ଆସି କେମିତି ଧୀରେଧୀରେ ସ୍ତବ୍ଧ ହୋଇ ଆସିଛନ୍ତି ।

ସୁପ୍ରିୟା ଆସିଥିଲା ସଦାନନ୍ଦ ବାବୁଙ୍କ ଜୀବନକୁ ନାଟକ ମାଧ୍ୟମରେ ଅତ୍ୟନ୍ତ ନାଟକୀୟ ଭାବରେ ।

ସଦାନନ୍ଦ ବାବୁ ଛାତ୍ରକାଳରୁ ନାଟ୍ୟକର୍ମ ସହିତ ଓତଃପ୍ରୋତ ଭାବରେ ଜଡ଼ିତ । ଛାତ୍ରବେଳେ କେବଳ ପାଲା, ନାଟକ, ଯାତ୍ରା ଦେଖି ନୀରବ ରହୁନଥିଲେ । ସେ ସ୍କୁଲ କଲେଜଠାରୁ ଆରମ୍ଭ କରି ନିଜ ସଙ୍ଗଠନରେ ନିଜଗ୍ରାମ ତଥା ଆଖପାଖ ଅଞ୍ଚଳର ଯୁବକମାନଙ୍କୁ ଏକତ୍ରିତ କରାଇ ନାଟକ ଶିକ୍ଷାକରାଇ ଗାଁର କେନ୍ଦ୍ରସ୍ଥଳରେ ଖଟରେ ଷ୍ଟେଜ୍ ତିଆରି କରି ସିନ୍ ବାନ୍ଧି ନାଟକ ମଂଚସ୍ଥ କରୁଥିଲେ । ସେତେବେଳେ ପୁଅମାନେ ଝିଅ ଭୂମିକାରେ ଅବତୀର୍ଣ୍ଣ ହେଉଥିଲେ । ସ୍କୁଲରେ ପଢ଼ିଲାବେଳେ ସେ ପ୍ରଥମେ ସେହି ନାରୀ ଭୂମିକାରେ ହିଁ ମଞ୍ଚରେ ଅଭିନୟ କରି ପୁରସ୍କୃତ ହୋଇଥିଲେ ।

ସେ ଦିନର କଥା ଭାବିଲେ ଆଜି ଆଖି ପାଏନାହିଁ । କାହିଁ ସେ ଦିନର ଛାତ୍ର ସଦାନନ୍ଦ, ଆଉ ଆଜି କାହିଁ ପ୍ରଫେସର ସଦାନନ୍ଦ । କାହିଁ ସେ ଦିନର ନାରୀ ଭୂମିକାରେ ଅଭିନୟ, ଆଉ କାହିଁ ଆଜି ମାନ୍ୟଗଣ୍ୟ ଲୋକପ୍ରିୟ ନାଟ୍ୟ ନିର୍ଦ୍ଦେଶକ ।

ସେହି ନାଟ୍ୟ ନିର୍ଦ୍ଦେଶନାରୁ ହିଁ ସଦାନନ୍ଦବାବୁଙ୍କର ସୁପ୍ରିୟା ସହିତ ପ୍ରଥମ ସଂପର୍କ ସ୍ଥାପିତ ହୋଇଥିଲା । ନାଟ୍ୟ ନାୟିକାରୁ ହାସ୍ୟମୟୀ ଲାସ୍ୟମୟୀ ପ୍ରାଣର କାମନାହୀନ ପ୍ରେମିକା, ବାନ୍ଧବୀ, ରକ୍ତସମ୍ପର୍କ ହୀନ ଭଉଣୀ ।

ସଦାନନ୍ଦବାବୁ ନାଟ୍ୟ ରଚନା, ଅଭିନୟ ଓ ନାଟ୍ୟ ନିର୍ଦ୍ଦେଶନା କ୍ଷେତ୍ରରେ ସୁଦକ୍ଷବୋଲି ତାଙ୍କ କଲେଜର ଅଧ୍ୟାପକ ଅଧ୍ୟାପିକାଙ୍କଠାରୁ ଆରମ୍ଭକରି ଛାତ୍ରଛାତ୍ରୀ ଏବଂ କଲେଜର ପ୍ରତ୍ୟେକ କର୍ମଚାରୀଙ୍କୁ ଜ୍ଞାତ ।

କଲେଜର କର୍ମଚାରୀ ସଂଘର ବାର୍ଷିକୋତ୍ସବ ଅବସରରେ କର୍ମଚାରୀମାନଙ୍କୁ ନେଇ ଏକ ନାଟକ ପରିବେଷଣ କରିବାକୁ ସ୍ଥିରକରି ସଦାନନ୍ଦ ବାବୁଙ୍କୁ ନିର୍ଦ୍ଦେଶନା ଦେବାକୁ ଅନୁରୋଧ କରନ୍ତେ ସଦାନନ୍ଦବାବୁ କର୍ମଚାରୀମାନଙ୍କ ଅନୁରୋଧ ଏଡ଼ାଇ ନ ପାରି ହଁ ଭରିଥିଲେ ।

ସଦାନନ୍ଦ ବାବୁଙ୍କ ନିଜ ରଚିତ ଏକ ବଳିଷ୍ଠ ପ୍ରଭାବଶାଳୀ ସାମାଜିକ ନାଟକ ନିର୍ବାଚନ କରି ନାଟକର ବହିପୂଜା ଓ ଶୁଭ ମୁହୂର୍ତ୍ତ ଉତ୍ସବ ସମାହିତ କରାଇଲେ ।

ନାଟକ ରିହଲସେଲ୍ ଚାଲିଲା । କଲେଜ କର୍ମଚାରୀମାନଙ୍କର ନାଟ୍ୟ ପ୍ରେମ ଥିଲେ ମଧ୍ୟ ନାଟକରେ ଅଭିନୟ କରିବାରେ ବିଶେଷ ସୁଦକ୍ଷ ନଥିଲେ । ତାଙ୍କୁ ବେଶ୍ କୁଶଳତାର ସହ ଶିକ୍ଷା ଦେଇ ନାଟକଟିକୁ ଉପଭୋଗ୍ୟ କରିବାକୁ ସକ୍ଷମ ହୋଇପାରିଥିଲେ ସଦାନନ୍ଦ ବାବୁ ।

ଏହି ନାଟକରେ ମୁଖ୍ୟ ନାୟିକା ଭୂମିକାରେ ଅଭିନୟ କରିବାକୁ ଚୁକ୍ତିବଦ୍ଧ ହୋଇଥିଲେ ଅଭିନେତ୍ରୀ ସୁପ୍ରିୟା ।

ସୁପ୍ରିୟା ଥିଲା ଯେପରି ସୁନ୍ଦରୀ ସେହିପରି ଲାସ୍ୟମୟୀ । ତା' ସୌନ୍ଦର୍ଯ୍ୟଠାରୁ ତା ଆଖିରେ ଥିଲା ବିଶେଷ ଯାଦୁକରୀ ଶକ୍ତି । ସେ ଭଲଭାବେ ଚାହିଁଦେଲେ ଯେ କୌଣସି ପୁରୁଷ ତା' ପ୍ରତି ଆକୃଷ୍ଟ ହେବ ହିଁ ହେବ । ତାକୁ ଭଲକରି ଚାହିଁଲେ ବି ପୁରୁଷଟି ଆସକ୍ତ ହୋଇ ପଡ଼ିବ ।

ତାହାହିଁ ଘଟିଲା ସଦାନନ୍ଦ ବାବୁଙ୍କ କ୍ଷେତ୍ରରେ । ସୁପ୍ରିୟାର ସୌନ୍ଦର୍ଯ୍ୟ, ଚାହାଣୀ କଟାକ୍ଷରେ, ମଧୁର ଆଳାପରେ ସେ ଯେମିତି ପ୍ରଥମରୁ କିଣି ନେଇ ଯାଇଥିଲା ନିର୍ଦ୍ଦେଶକ ସଦାନନ୍ଦ ବାବୁଙ୍କୁ ।

କେତେଦିନ ରିହଲସେଲ୍‌କୁ ଆସିଲାପରେ ସୁପ୍ରିୟାର ଚାହାଣୀ, ଆଖିର ଇସାରା ଓ ମଧୁମୟ ଆଳାପ ସଦାନନ୍ଦ ବାବୁଙ୍କ ମନ ଓ ହୃଦୟରେ ଖେଳାଇ ଦେଇଥିଲା ଏକ ଅନନ୍ୟ ଶିହରଣ ।

ସେଦିନ ଥିଲା ରବିବାର । ତେଣୁ ରିହଲସେଲ୍ ରାତିରେ ନ ରଖି ସେଦିନ ଦିନରେ ରିହଲସେଲ୍ ରଖାଯାଇଥିଲା । ସଦାନନ୍ଦ ବାବୁ ରିହଲସେଲକୁ ଆସିଥିଲେ ମଧ୍ୟ ଅନ୍ୟମାନେ ବିଳମ୍ବରେ ଆସିଥିଲେ । କିନ୍ତୁ

ସୁପ୍ରିୟା ଠିକ୍ ସମୟରେ ଆସି ପହଞ୍ଚି ଯାଇଥିଲା । ରିହଲ୍‌ସେଲ୍ ଆରମ୍ଭ ହୋଇ ନଥିବାରୁ ସୁପ୍ରିୟା ଓ ସଦାନନ୍ଦ ବାବୁଙ୍କ ମଧ୍ୟରେ ନାନାଦି ଆଳାପ ଆରମ୍ଭ ହୋଇଥିଲା । ସୁପ୍ରିୟା ସଦାନନ୍ଦ ବାବୁଙ୍କୁ ପ୍ରଶଂସା କରି କହିଲା – ସାର୍ ମୁଁ କେତେ ନାଟ୍ୟ ନିର୍ଦ୍ଦେଶକଙ୍କ ସହିତ କାମ କରିଛି । କିନ୍ତୁ ଆପଣଙ୍କପରି ଏତେ ଭଦ୍ର ନିର୍ଦ୍ଦେଶକ କେଉଁଠି ଏଯାଏ ଭେଟି ନଥିଲି ।

ସୁପ୍ରିୟାର ପ୍ରଶଂସାରେ ସଦାନନ୍ଦ ବାବୁ ନିହାତି ଗଦ୍‌ଗଦ୍ ନ ହୋଇ ମଧ୍ୟ ଉଲ୍ଲସିତ ହୋଇ ଉଠିଥିଲେ । ମୁହୂର୍ତ୍ତିଟିଏ ନୀରବ ରହି ସଦାନନ୍ଦ ବାବୁ କହିଲେ – ମୁଁ ବି ଏତେ ନାଟକ କରିଛି, ବୟସ୍କାଠାରୁ ତରୁଣୀ ଯାଏ କେତେ ଅଭିନେତ୍ରୀ ମୋ ନିର୍ଦ୍ଦେଶନାରେ ଅଭିନୟ କରିଛନ୍ତି । କିନ୍ତୁ ତୁମପରି ଲାସ୍ୟମୟୀ, ଶିକ୍ଷିତା, ଭଦ୍ର ଅଭିନେତ୍ରୀ ଦେଖିନଥିଲି । ତୁମ ଅନନ୍ୟ ସୌନ୍ଦର୍ଯ୍ୟ ଯେତିକି ଆକର୍ଷିତ କରେ ତୁମ ଆଖିର ଜ୍ୟୋତି ସେତିକି ତୁମର ନିକଟବର୍ତ୍ତୀ କରାଇଦିଏ ।

– ନାଇଁ ସାର୍, ଆପଣଙ୍କର ଏ ପ୍ରକାର ଆକଳନ ମୋ ପ୍ରତି ଶ୍ରଦ୍ଧାର ପରିଚୟ ଦିଏ । ମୁଁ କିନ୍ତୁ ଆପଣଙ୍କୁ ଜୀବନସାରା ଭୁଲିପାରିବି ନାହିଁ ।

– କେମିତି ?

– କେତେକ ନିର୍ଦ୍ଦେଶକଙ୍କଠି ମୁଁ ସର୍ବଦା ଭିନ୍ନଭାବ ଆବିଷ୍କାର କରିଛି ।

– ଭିନ୍ନ ଭାବ ?

– ହଁ କେମିତି ଖାଇଲା ଖାଇଲା ଆଖିରେ ତାଙ୍କ ମନର ଆଦିମ ବନ୍ୟଭାବକୁ ସେମାନେ ଭିନ୍ନ ଭାବରେ ପଢ଼ାଇ ଚାଲିଥାନ୍ତି । କିନ୍ତୁ ଆପଣ....

– କାହିଁକି ? ମୋ ମନରେ ଯେ ତୁମ ପ୍ରତି କିଛି ମୋହମାୟା ନାହିଁ, ତୁମେ କେମିତି କହିପାରିବ ।

– ମୋହମାୟା, ସ୍ନେହ, ପ୍ରେମ ଭିନ୍ନ କଥା ।

– ପ୍ରେମ ସ୍ୱର୍ଗୀୟ ହେବା ଉଚିତ୍ ।

– ହେଲେ, ଏବେ ତ ପ୍ରେମ ଏକ ବାହ୍ୟରଙ୍ଗରେ ରଂଜିତ ହେଉଥାଏ । କେବଳ ଆବିଳତାପୂର୍ଣ୍ଣ ?

– ଅନାବିଳ ପ୍ରେମରେ ଯେଉଁ ଅମୃତର ନିର୍ଝର ନିର୍ଗତ ହୁଏ, ତାହା ବାହ୍ୟ କାମଜ ଆସକ୍ତିରେ ମିଳିବ କେଉଁଠୁ ?

ପ୍ରେମ ସଂପର୍କରେ ଏଭଳି ଚିରନ୍ତନ ସତ୍ୟର କେତୋଟି ବାର୍ତ୍ତା ସଦାନନ୍ଦବାବୁଙ୍କ ପାଖରୁ ପାଇ ସୁପ୍ରିୟା ବିଶେଷ ପ୍ରଭାବିତ ହୋଇଯାଇଥିଲା ।

ଧୀରେଧୀରେ ଗୋଟିକ ପରେ ଗୋଟିଏ ଅଭିନେତା ଆସିଲେ । ସଦାନନ୍ଦବାବୁ ସେମାନଙ୍କୁ ଟିକିଏ ରୁକ୍ଷକଣ୍ଠରେ କହିଲେ – ତୁମ୍ଭେମାନେ ରିହଲ୍‌ସେଲକୁ ଏପରି ବିଳମ୍ବ କରି ଆସିଲେ ହେବ କେମିତି ? ତୁମେମାନେ ଆସିବ ବିଳମ୍ବରେ, ନିର୍ଦ୍ଦେଶକ ଆସି ଯଥାସମୟରେ ପହଞ୍ଚି ଅପେକ୍ଷା କରିଥିବେ । ଏପରି ହେବା ଉଚିତ୍ ନୁହେଁ । ସମୟକୁ ସମ୍ମାନ ଦେବା କଳାକାରର ଧର୍ମ ।

ରିହାଲ୍‌ସେଲ୍ ଚାଲିଲା । ରିହାଲ୍‌ସେଲ୍ ପରେ ପ୍ରତିଦିନ ଅଟୋ ଆସି ସୁପ୍ରିୟାକୁ ନେଇ ତାଙ୍କ ଘରେ ଛାଡ଼େ । ସେଦିନ ଥିଲା ରବିବାର । ଅଟୋବାଲା ଦିନରେ ଆସିପାରିବ ନାହିଁ ବୋଲି ପୂର୍ବରୁ ଜଣାଇ ଦେଇଥିଲା ।

ରିହଲ୍‌ସାଲ୍ ସରିଲାପରେ ସୁପ୍ରିୟା ସଦାନନ୍ଦବାବୁଙ୍କ ସହିତ ଯିବ ବୋଲି ଉଦ୍ୟୋକ୍ତାମାନଙ୍କୁ ଜଣାଇ ଦେଇଥିଲା ସିନା କିନ୍ତୁ ସଦାନନ୍ଦ ବାବୁଙ୍କୁ ଜଣାଇ ନଥିଲା । ରିହାଲ୍‌ସେଲ୍ ପରେ ସୁପ୍ରିୟା ସଦାନନ୍ଦ ବାବୁଙ୍କ ସଙ୍ଗରେ ଯିବ ବୋଲି ଅନୁରୋଧ କରନ୍ତେ ସଦାନନ୍ଦ ବାବୁ ଅନୁରୋଧ ଏଡ଼ାଇ ଦେଇ ପାରିନଥିଲେ ।

ସୁପ୍ରିୟାକୁ ନେଇ ସଦାନନ୍ଦବାବୁ ତାଙ୍କ ଗାଡ଼ିରେ ଗଲେ । ଅଧାରାସ୍ତାରେ ଏକ ବଡ଼ ହୋଟେଲ ପାଖରେ ଗାଡ଼ି ଅଟକାଇ ସୁପ୍ରିୟାକୁ ପଚାରିଲେ – ମୋ ସହିତ ଏହି ହୋଟେଲରେ ରାତ୍ର ଭୋଜନ କରିବାରେ ତୁମର କିଛି ଆପତ୍ତି ଅଛି ?

– ରାତ୍ର ଭୋଜନ ? ହଠାତ୍ ଆଜି ? ପୁଣି ଏତେ ବଡ ହୋଟେଲ୍‌ରେ ? କାହିଁକି ଅଯଥାରେ ମୋ ପାଇଁ ଏତେ ଖର୍ଚ୍ଚାନ୍ତ ହେବେ । ବରଂ ଏ ପ୍ରୋଗ୍ରାମ ଆଜିପାଇଁ ଥାଉ । ପରେ ନାଟକଟା ହେଇସାରୁ । ମୁଁ ନିର୍ଦ୍ଦିଷ୍ଟ ଦିନ ଲଗ୍ନ ଜଣାଇଦେବି ।

– ଉଁ, ଏହା କିପରି କଥା ? ଯେ ନିମନ୍ତ୍ରଣ କରିବ । ସେ ସିନା ନିମନ୍ତ୍ରଣର ତାରିଖ ସମୟ ଜଣାଏ । ଯେ ନିମନ୍ତ୍ରିତ ସେ କିପରି ଜଣାଇବ ?

– ହଁ ତାହା ହିଁ ତ ସେ ରାତ୍ର ଭୋଜନର ବୈଶିଷ୍ଟ୍ୟ ।

ସୁପ୍ରିୟା ରାତ୍ରଭୋଜନକୁ ଏଡ଼ାଇ ଏପରି ପ୍ରସ୍ତାବ ଦିଅନ୍ତେ ସଦାନନ୍ଦବାବୁ ବାଧ୍ୟ ହୋଇ ହୋଟେଲକୁ ନ ଯାଇ ସୁପ୍ରିୟାର ଘର ଉଦ୍ଦେଶ୍ୟରେ ଗାଡ଼ି ଆଗକୁ ନେଲେ । ସୁପ୍ରିୟାର ଘରକୁ ରାସ୍ତା ପୂର୍ବରୁ ତ ସଦାନନ୍ଦବାବୁଙ୍କୁ ଜଣା ନଥିଲା । ତେଣୁ ସୁପ୍ରିୟାର ନିର୍ଦ୍ଦେଶରେ ସଦାନନ୍ଦ ବାବୁ ଗାଡ଼ି ଚଳାଇ ଶେଷରେ ତାଙ୍କ ଘର ଫାଟକ ପାଖରେ ଛାଡ଼ି କହିଲେ –

– ହଉ ଠିକ୍ ଅଛି । ତୁମ ଘରଟା ଦେଖିଗଲି । ମୁଁ ଯାଉଛି ।

– ଟିକିଏ ଚା’ ପିଇ ଯାଆନ୍ତେ ନାହିଁ ?

– ନା, ପରେ ଆସିଲେ ପିଇବି । ଏବେ ମୁଁ ଆସୁଛି ।

ସଦାନନ୍ଦ ବାବୁ ଫେରି ଆସିଲେ । ତାଙ୍କ ଗତିପଥକୁ ଚାହିଁ ରହିଥିଲା ସୁପ୍ରିୟା ତାଙ୍କ ଗାଡ଼ିଟା ତାଙ୍କ ଚକ୍ଷୁରୁ ଅନ୍ତର୍ହିତ ହେଲା ପର୍ଯ୍ୟନ୍ତ ।

ସମୟକ୍ରମେ ସେ ନାଟକଟି କର୍ମଚାରୀଙ୍କ ଉତ୍ସବରେ ସଫଳତାର ସହ ଅଭିନୀତ ହୋଇଗଲା ।

ନାଟକ ମଞ୍ଚସ୍ଥ ହେବା ପର୍ଯ୍ୟନ୍ତ ସବୁ ଠିକ୍‌ଠାକ୍ ଚାଲିଥିଲା । ନାଟକଟି ଅଭିନୀତ ହୋଇଯିବା ପରଦିନ ସଦାନନ୍ଦ ବାବୁ ଭୀଷଣ ଶୂନ୍ୟତା ଅନୁଭବ କଲେ । ଦେହର କ୍ଳାନ୍ତି ଆପେଆପେ ଦୂର ହୋଇଯାଇଥିଲା । ସୁପ୍ରିୟାର ସାନ୍ନିଧ୍ୟର ଅଭାବ ସେ ବିଶେଷ ଭାବେ ଅନୁଭବ କରୁଥିଲେ । ଦ୍ୱିତୀୟ ଶନିବାର ଓ ରବିବାର ଦୁଇଦିନ ଛୁଟି ସରିଗଲା । ତା ପରଦିନ ଆଉ ସେ ନୀରବ ରହିପାରିଲେ ନାହିଁ । ସନ୍ଧ୍ୟା ପାଞ୍ଚଟା ବେଳକୁ ଗୋଟାଏ ମିଠା ପ୍ୟାକେଟ୍ ନେଇ ସୁପ୍ରିୟା ଘରେ ପହଞ୍ଚି ଯାଇଥିଲେ । କଲିଂବେଲ୍ ଚିପିଲେ ସଦାନନ୍ଦବାବୁ । ସୁପ୍ରିୟା ଦ୍ୱାର ଖୋଲି ନିର୍ଦ୍ଦେଶକ ସଦାନନ୍ଦବାବୁଙ୍କୁ ଦେଖି ବିଭୋର ହୋଇଗଲା ।

ଜଣେ ନିର୍ଦ୍ଦେଶକକୁ ଜଣେ ଅଭିନେତ୍ରୀ ନିଜ ବାସ ଭବନରେ ପାଇଲେ ଆନନ୍ଦିତ ହେବା ସ୍ୱାଭାବିକ ।

ସୁପ୍ରିୟା ହସିହସି ସଦାନନ୍ଦଙ୍କର ପାଦଧୂଳି ନେଇ କହି ପକାଇଲା – ସାର୍ ଆପଣ ଆସିବେ ବୋଲି ମୁଁ ସ୍ୱପ୍ନ ଦେଖି ନଥିଲି ।

– ନା, ସତ୍ୟ ଯେଉଁଠି ଆପେଆପେ ଧରା ଦେଉଛି, ସେଠି ସ୍ୱପ୍ନ କାହିଁକି ଧସେଇ ପଶିବ ।

– ହଁ ଠିକ୍ କହିଛନ୍ତି । ବାସ୍ତବତା ନିକଟରେ କଳ୍ପନା ଝାପ୍‌ସା ଦିଶେ । କଳ୍ପନାର ଫୁଲ ବାସ ହରେଇ ବସେ ।

– ତୁମେ କ୍ରମଶଃ ଚିରନ୍ତନତା ସହିତ ଫିଲୋସୋଫି ଆଡ଼କୁ ଟାଣି ହେଇଯାଉଛ ।

– ନାଇ ସାର୍, ମୁଁ ଅଭିନୟରେ ଜୀବନ ବିତେଇବା ଲୋକ । ବାହାର ରଙ୍ଗମୟ ଦୁନିଆଁକୁ ପଛକରି ଫିଲୋସୋଫି ବୁଝିବି କେଉଁଠୁ ?

ସୁପ୍ରିୟାର ଅଭିବ୍ୟକ୍ତିର ଇନ୍ଦ୍ରଜାଲ ଭିତରକୁ ନ ଯାଇ କଥାର ମୋଡ଼ ବଦଳାଇ ପଚାରି ପକାଇଲେ ସଦାନନ୍ଦ ବାବୁ –

– ହଉ ଛାଡ଼ ସେସବୁ କଥା , ଆଉ କ'ଣ ଖବର କୁହ ।

– ଖବର ଆଉ ସାର୍ କ'ଣ ? ନାଟକର ସଫଳତା ବିଫଳତା ସଂପର୍କରେ ଆପଣ କହିବେ ନା ?

– ନାଟକ ଭଲ ହେଲା କି ଖରାପ ହେଲା, ନାଟକର ମୁଖ୍ୟ ନାୟିକା ଭାବରେ ତୁମେ ନିଜେ କ'ଣ ଆକଳନ କରି ନାହଁ ?

– ହଁ ନାଟକ ତ ଖୁବ୍ ଭଲ ହେଲା । କେବଳ ଦର୍ଶକଙ୍କ ତାଳିମାଡ଼ ନୁହେଁ ସଭିଙ୍କ ମୁହଁରେ ଶତପ୍ରଶଂସା ମୁଁ ସଂଗ୍ରହ କରିସାରିଛି ।

– ଏଥିରେ ମୁଖ୍ୟନାୟିକା ଭାବରେ ତୁମର ଅବଦାନ କିଛି କମ୍ ନୁହେଁ ?

ସତ୍ୟାନନ୍ଦ ବାବୁଙ୍କଠାରୁ ଏ ପ୍ରକାର ପ୍ରଶଂସା ଶୁଣି ସୁପ୍ରିୟା ମନେମନେ ଆହ୍ଲାଦିତ ହେଲେ ବି ନାଟକର ସଫଳତା ପାଇଁ ସେ ସଦାନନ୍ଦ ବାବୁଙ୍କର ସାମଗ୍ରିକ ଅବଦାନକୁ ଅଗ୍ରାଧିକାର ଦେଇ କହିପକାଇଲା – ସାର୍ ନିଶ୍ଚିତଭାବେ ନାଟକର ସଫଳତା ନିର୍ଦ୍ଦେଶକଙ୍କ ଦକ୍ଷତା ଉପରେ ମୁଖ୍ୟତଃ ନିର୍ଭର କରେ ।

ସୁପ୍ରିୟାର ଏ ବିବୃତ୍ତିରେ ସଦାନନ୍ଦ ବାବୁ ହସିହସି କହିଲେ – ତୁମେ ଜଣେ ଅଭିନେତ୍ରୀ ଭାବରେ ଏତିକି ସ୍ୱୀକାର କଲ ତାହା ହିଁ ଯଥେଷ୍ଟ ।

ସୋଫାରେ ସଦାନନ୍ଦ ବାବୁଙ୍କୁ ବସାଇ ପାଖରେ ସେ ପର୍ଯ୍ୟନ୍ତ ଆଳାପ କରୁଥିଲା ସୁପ୍ରିୟା । ହଠାତ୍ ଉଠିପଡି କହିଲା – ସାର୍ ଟିକିଏ ବସନ୍ତୁ, ମୁଁ ଚା'ଟା କରି ନେଇ ଆସେ ।

– ଆରେ ବସ, ତୁମେ ନିଜେ ଏତେ କଷ୍ଟକରି କାହିଁକି ଯାଇ ମୋ ପାଇଁ ଚା' କରିବ ?

– ଆପଣଙ୍କ ପାଇଁ ଚା' କରିବି ନାହିଁ ଆଉ କାହା ପାଇଁ କରିବି It is my pleasure.

ରୋଷେଇ ଘରକୁ ଚା' କରିବାକୁ ପଶିଗଲା ସୁପ୍ରିୟା । ସୋଫାରୁ ଉଠି ଘରେ ଟଙ୍ଗା ହୋଇଥିବା କେତେଟା ଫଟୋ ଉପରେ ଆଖି ବୁଲାଇ ଆଣିଲେ ସଦାନନ୍ଦ ବାବୁ । ସୁପ୍ରିୟାର ଛାତ୍ରୀ ବେଳର ଫଟୋ, କେତୋଟି ନାଟକରେ ଅଭିନୟ କରୁଥିବାର ଫଟୋ ଏବଂ ଜଣେ ଭଦ୍ରଲୋକଙ୍କ ସହିତ ସୁପ୍ରିୟାର ଯୁଗ୍ମଫଟୋ ଦେଖି ସେ ସୁପ୍ରିୟାର ବିବାହିତ ସ୍ୱାମୀ ବୋଲି ଅନୁମାନ କରି ନେଇଥିଲେ ।

ସଦାନନ୍ଦ ବାବୁ ସୁପ୍ରିୟା ଘରେ ପହଞ୍ଚିଲା ବେଳରୁ ସେ ଆଉ କାହାକୁ ହେଲେ ଏଠି ଆବିଷ୍କାର କରିନାହାନ୍ତି । କେବଳ ମଝିରେ ଥରେ ଦୁଇଥର ଭିତରଘରୁ ଜଣେ ବୃଦ୍ଧାଙ୍କର କଣ୍ଠସ୍ୱର ଭାସି ଆସିଥିଲା । ସେ ସୁପି, ସୁପି ବୋଲି କେତେଥର ଡାକ ଦେଇଥିଲେ ମଧ୍ୟ ସୁପ୍ରିୟା ତାଙ୍କ ଡାକକୁ ଯଥାମାନ୍ୟ ଦେଇ ତାଙ୍କ ପାଖକୁ ଧାଇଁ ଯାଇ ନଥିଲା ।

ସୁପ୍ରିୟା ଆଣି ଚା' ବିସ୍କୁଟ୍ ସଦାନନ୍ଦ ବାବୁଙ୍କ ପାଇଁ ଏବଂ କପେ ନିଜ ପାଇଁ ଧରି ବସିଲା ।

ସୁପ୍ରିୟାର ଅନୁରୋଧରେ ଚା ପିଇଲେ ସଦାନନ୍ଦ ବାବୁ । ଚା' ଦୁଇଢୋକ ପିଇ ହଠାତ୍ ସୁପ୍ରିୟାକୁ ପଚାରିଦେଲେ – କ'ଣ ତୁମ ଘରେ ତ କେହି ଦିଶୁନାହାନ୍ତି ? ଏଠି କ'ଣ ତୁମେ ଏକାକୀ ରହୁଛ ?

– ହଁ ମୁଁ ମୋ ଜେଜୀମା ସହିତ ରହେ ।

– ଏକା ଜେଜୀମା କାହିଁକି ? ତୁମେ ତ ବିବାହିତା ?

– ହଁ ନାମକୁ ମାତ୍ର ବିବାହିତା, କିନ୍ତୁ ମୋର ସଂସାର ନାହିଁ । ମୁଁ ସଂପୂର୍ଣ୍ଣ ଏକାକୀ । ମୋ ଜେଜୀମାର ବୟସ ଅଶୀ ଡେଇଁଲାଣି । ସେ ମୋର ଅଭିଭାବିକା, ମୁଁ ତାର ଅଭିଭାବକ, ମୋ ଭଲମନ୍ଦ ସେ ପଚାରିବୁଝେ, ମୁଁ ତା ଦେହପା'ର ଯତ୍ନ ନିଏ । ମୋତେ ସଦାସର୍ବଦା ସେ ସୁସ୍ଥ ପରାମର୍ଶ ଦେଇଥାଏ ।

– ତୁମେ ଯା' କହିଲ, ତୁମେ ବିବାହିତା କିନ୍ତୁ ତୁମର ସଂସାର ନାହିଁ । ଏହା କିପରି କଥା ? ତୁମର ପିଲାଛୁଆ ନ ହେଇପାରିଥାନ୍ତି, କିନ୍ତୁ ତୁମ ସ୍ୱାମୀ ? ସେହି ତ ତୁମର ସଂସାରର ମୂଳ କର୍ତ୍ତା ?

– ସ୍ୱାମୀ ମୋ ପାଖରେ ରହନ୍ତି ନାହିଁ । ବିବାହର ବର୍ଷଟିଏ ପରେ ସେ ମୋତେ ଛାଡ଼ପତ୍ର ଦେଇସାରିଛନ୍ତି ।

– ଛାଡ଼ପତ୍ର ? ଛାଡ଼ପତ୍ର କାହିଁକି ?

– ସେ ଏକ ଲମ୍ବା କାହାଣୀ । ଅନେକ କଥା । ବରଂ ପରେ କହିବି ।

– ପରେ କାହିଁକି ? ଏବେ କହୁନ ? ଶୁଣିବାକୁ ମୋର ସମୟ ଅଛି । ଧର୍ଯ୍ୟ ଓ ଉତ୍କଣ୍ଠା ବି ଅଛି । କୁହ, କ'ଣ ହେଇଛି ?

– କାନ୍ଥକୁ ଅଙ୍ଗୁଳି ଦେଖାଇ କହିଲା ସୁପ୍ରିୟା – ଏଇ ଯେଉଁ ମୋ ସାଙ୍ଗରେ ଯୁବକର ଫଟୋ ଦେଖୁଛନ୍ତି, ତାଙ୍କରି ସହିତ ମୋର ବିବାହ ବୈଦିକ ରୀତିରେ ହୋଇଥିଲା । ସେ ଜଣେ କନିଷ୍ଠ ଯନ୍ତ୍ରୀ ଥିଲେ । ଓଡ଼ିଶା ସରକାରଙ୍କ ଅଧୀନରେ ଚାକିରି କରୁଥିଲେ । ବିବାହ ପୂର୍ବରୁ ମୁଁ ଜଣେ ପେଷାଦାର ଅଭିନେତ୍ରୀ ବୋଲି ସେ ଜାଣିଥିଲେ । ବିବାହପରେ ମୁଁ ଅଭିନୟ କରିବାକୁ ତାଙ୍କର ବାରଣ ରହିବନାହିଁ ବୋଲି ସ୍ୱୀକାର କରିଥିଲେ । କିନ୍ତୁ ବିବାହ ପରେ ସେ ମୋ ଅଭିନୟକୁ ବରଦାସ୍ତ କରିପାରିଲେ ନାହିଁ । ମୋ ଅଭିନୀତ ଗୋଟିଏ ଦୁଇଟି ନାଟକ ଦେଖି ସେ ଉଗ୍ର ହୋଇଉଠି ମୋତେ ଭର୍ତ୍ସନା କରିବାକୁ ଲାଗିଲେ । ଅଭିନୟରେ ଅନ୍ୟ ପୁରୁଷର ସଂସ୍ପର୍ଶ ତାଙ୍କର ଚକ୍ଷୁଶୀଳ ହେଲା । କ୍ରୋଧ ଜର୍ଜରିତ ହୋଇ ବାରମ୍ବାର ମୋତେ ଚେତାବନୀ ଦେଇ କହିଲେ – ମୋ ସ୍ତ୍ରୀ ହୋଇ ପର ପୁରୁଷର ଦେହକୁ ଦେହ, ମୁହଁକୁ ମୁହଁ ଘଷି ନାଟକ କରିବ, ମୁଁ ଏହାକୁ ବରଦାସ୍ତ କରିବି ? ନାଟକରେ ଯାହା ଦୃଶ୍ୟ ହେଉଛି ତାହା ଯେ ବାସ୍ତବରେ ସେ ପୁରୁଷମାନଙ୍କ ସହିତ ନ ହେଉଥିବ, କିଏ କହିବ ? ଶେଷକୁ ସେ ତାଙ୍କର ଶେଷ ନିଷ୍ପତ୍ତି ମୋତେ ଜଣାଇ ଦେଲେ – ଯଦି ନାଟକରେ ଅଭିନୟ ବନ୍ଦ ନ କରିବ ତେବେ ମୋ ସହିତ ଅଭିନୟ ବନ୍ଦ କର । ସତୀ ସ୍ୱାଧୀ ନାରୀ ବୋଲି ଅଭିନୟ କରିବାର ଅର୍ଥ କିଛି ନାହିଁ ।

ସୁପ୍ରିୟାର ନାଟକୀୟ ଜୀବନ କାହାଣୀ ଶୁଣି ହତଭମ୍ବ ହୋଇ ଯାଇଥିଲେ ସଦାନନ୍ଦ ବାବୁ । ସେ ସହଜ ଭାବରେ ପଚାରିଲେ – ଯଦି ସେ ତୁମକୁ ଅଭିନୟ କରିବାକୁ ବାରଣ କଲେ, ତୁମେ ଅଭିନୟ ବନ୍ଦ କରିଦେଲ ନାହିଁ ? ତୁମର ଅଭିନୟ ପ୍ରବୃତ୍ତିଠାରୁ ତୁମ ଘରସଂସାର, ତୁମ ଜୀବନ ସଉଦାର ମୂଲ୍ୟ ତୁମ ପାଖରେ ଅଧିକ ହେବା କଥା ।

ସଦାନନ୍ଦବାବୁଙ୍କ ପରାମର୍ଶକୁ ସମ୍ମତି ଜଣାଇ ସୁପ୍ରିୟା କହିଲା – ମୁଁ ତାଙ୍କ କଥାରେ ରାଜି ହୋଇ ଅଭିନୟ କରିବିନାହିଁ ବୋଲି ସ୍ୱୀକାର କଲି । କେବଳ ଯେଉଁ ନାଟକଟିରେ ପୂର୍ବରୁ ଚୁକ୍ତିବଦ୍ଧ ଥିଲି, ମୁଁ ସେହି ନାଟକଟି ଶେଷ କରିଦେବାକୁ ଚାହିଁଲି । ସେ ମୋ କଥା ନଶୁଣି – ମୋଠାରୁ ଛାଡ଼ପତ୍ର କାଗଜରେ ସ୍ୱାକ୍ଷର ନେଇ ଏ ଘରଛାଡ଼ି ଚାଲିଗଲେ । ମୋର ଆଉ କିଛି କରିବାର ଚାରା ନଥିଲା ।

ସୁପ୍ରିୟାଠାରୁ ଏ କାହାଣୀ ଶୁଣିସାରି କିଛି ସମୟ ଗୁମ୍ ମାରି ବସି

ରହିଲେ ସଦାନନ୍ଦ ବାବୁ । ମନେମନେ କେତେ କଥା ଭାବି ସୁପ୍ରିୟା ଉଦ୍ଦେଶ୍ୟରେ କହିଲେ - ଆମ ସମାଜଟା ସଂପୂର୍ଣ୍ଣ ପୁରୁଷକର୍ତ୍ତୃକ ସମାଜ। ନାରୀର ଇଚ୍ଛା ଅନିଚ୍ଛାକୁ ଏଠି ପ୍ରାଧାନ୍ୟ ଦିଆଯାଏ ନାହିଁ । ଘଟଣାଚକ୍ରରେ ନାରୀକୁ ଅନେକ ଯନ୍ତ୍ରଣା ଭୋଗ କରିବାକୁ ହୁଏ । ତେଣୁ ସବୁ କ୍ଷେତ୍ରରେ ଜଣେ ନାରୀ ନିଜର ଦୂରଦୃଷ୍ଟି ପ୍ରସାରିତ କରି ରଖିବା ଉଚିତ୍ । ତୁମର ସେଥିପ୍ରତି ସତର୍କ ହେବାର ଥିଲା ।

ସଦାନନ୍ଦ ବାବୁଙ୍କ ଉପଦେଶ ଉପରେ କୌଣସି ମନ୍ତବ୍ୟ ଦେଇ ନଥିଲା ସୁପ୍ରିୟା ।

ସେଦିନ ଆଉ କିଛି ସମୟ ସୁପ୍ରିୟାର ସଂକଟମୟ କାହାଣୀ ଉପରେ ଆଲୋଚନା କରି ଦୁଃଖରେ ଫେରି ଆସିଥିଲେ ସଦାନନ୍ଦ ବାବୁ । ସୁପ୍ରିୟାର ଅନ୍ୟ କେଉଁ ନାଟକରେ ସେତେବେଳେ ରିହାଲ୍‌ସେଲ୍ ନଥିଲା । ଅଧିକାଂଶ ସମୟରେ ସଦାନନ୍ଦବାବୁ ସୁପ୍ରିୟା ଘରକୁ ଆସୁଥିଲେ । କିନ୍ତୁ ସୁପ୍ରିୟା ପ୍ରତି ବୈବାହିକ ପ୍ରେମ ନଥିଲା, ଉଦ୍ଧୁରି ଉଠୁଥିଲା ମାନବୀୟ ପ୍ରେମ ।

ସଦାନନ୍ଦବାବୁ ଅନ୍ୟ ଯେଉଁଠି ନାଟକ ନିର୍ଦ୍ଦେଶନା ଦିଅନ୍ତି, ସେ ନାଟକରେ ସୁପ୍ରିୟାକୁ ଯୋଗଦାନ କରିବାର ସୁଯୋଗ ମିଳେ । ଏହିପରି ଭାବରେ ସୁପ୍ରିୟାର ଭଲମନ୍ଦ ବିଷୟରେ ଦୃଷ୍ଟିରଖି ତାଙ୍କୁ ସହାୟତା ଦେଇ କୁଶଳରେ ରଖାଇଥିଲେ ସଦାନନ୍ଦ ବାବୁ ।

ଅନେକ ସମୟରେ ସୁପ୍ରିୟାକୁ ସଙ୍ଗରେ ଧରି ସଦାନନ୍ଦ ବାବୁ କେବଳ ଏହି ସହରରେ ନୁହେଁ ବାହାରକୁ ମଧ୍ୟ ଯାଇ ବୁଲାବୁଲି କରି ଆସିଛନ୍ତି । ବହୁ ରୋମାଣ୍ଟିକ୍ ମୁହୂର୍ତ୍ତ, ଏକାଠି ମିଳନର ଅଭିସାର ରଚନା କରିବାକୁ ବହୁ ମୁହୂର୍ତ୍ତ, ବହୁ ସୁଯୋଗ ଆସିଛି, ସୁପ୍ରିୟା ମୁକ୍ତ ଭାବରେ ସଦାନନ୍ଦ ବାବୁଙ୍କ ପାଖରେ ନିଜକୁ ସମର୍ପଣ କରିଦେବାକୁ ପଛଘୁଞ୍ଚା ନ ଦେଇଥିଲେ ମଧ୍ୟ ସଦାନନ୍ଦ ବାବୁଙ୍କ ବିବେକ ଓ ସଂଜମୀପଣ ତାଙ୍କୁ ସଜାଗ୍ରତ କରାଇ ରଖିଛି । ତଳକୁ ପାଦ ଖସାଇ ନିମ୍ନମୁଖୀ ହେବାକୁ କେବେ ସେ ଚେଷ୍ଟା କରିନାହାନ୍ତି, ବରଂ ବାରମ୍ବାର ସେ ସୁପ୍ରିୟାକୁ ସତର୍କ କରାଇ କହନ୍ତି - ସୁପ୍ରିୟା ଆମେ ଯେପରି ମୁକ୍ତଭାବେ ବିଚରଣ କରୁଛନ୍ତି, ଆମେ ତଳକୁ ପାଦ ଖସାଇ ତୁମ ଦେହକୁ ଭୋଗ କରିବାକୁ ମୋତେ ମୁହୂର୍ତ୍ତଟିଏ ବି ଲାଗନ୍ତା ନାହିଁ । କିନ୍ତୁ ମୁଁ ଯେହେତୁ ବିବାହିତ, ମୋର ପତ୍ନୀ, ପିଲା, ସଂସାର ରହିଛି, ମୁଁ ତ ତୁମକୁ ପତ୍ନୀର ମର୍ଯ୍ୟାଦା ଦେଇ ପାରିବି ନାହିଁ । ତୁମେ ଚିରକାଳ ମୋର ରକ୍ଷିତା ହେଇ କାହିଁକି ରହିବ ? ତୁମ ପିଲାର ପିତୃ ପରିଚୟ ମୋ ପକ୍ଷରେ ଦେବା ହୁଏତ ସମ୍ଭବ ନ ହୋଇପାରେ । ବରଂ ତୁମେ ମୋତେ ବନ୍ଧୁଭାବେ ଗ୍ରହଣ କରିନିଅ । ମୁଁ ତୁମକୁ ବନ୍ଧୁ କିମ୍ବା ଭଗ୍ନୀର ମର୍ଯ୍ୟାଦା ଦେବାରେ କେବେବି କାର୍ପଣ୍ୟ କରିବି ନାହିଁ । ଏତିକି ଆମପାଇଁ ମଙ୍ଗଳକର ହେବ । କିନ୍ତୁ ଗୋଟାଏ କଥା ମନେ ରଖିଥିବ ଯେ ମୁଁ ତୁମ ପଛରେ ଛାଇପରି ଅଛି । ତୁମ ଭଲମନ୍ଦରେ ସହାୟତା ଦେବାକୁ ମୁଁ କେବେବି ପଛଘୁଞ୍ଚା ଦେବିନାହିଁ । କେବଳ ଗୋଟାଏ କଥା, ତୁମ ଜୈବିକ ଜୀବନରେ ମିଳନର ଅଭିସାର ରଚନା କରିପାରିବିନି । ସତକୁ ସତ ସଦାନନ୍ଦ ବାବୁଙ୍କ ସହାୟତାରେ ଶାନ୍ତିରେ ବଂଚିରହିଥିଲା ସୁପ୍ରିୟା ।

ଇତି ଅବସରରେ ସାରା ବିଶ୍ୱରେ କରୋନା ମହାମାରୀର ପାଦୁର୍ଭାବରେ ନାନାଦି କଟକଣା ସରକାରୀ ସ୍ତରରେ ପ୍ରକଟିତ ହେଲା । ଲକ୍‌ଡାଉନ୍, ସଟ୍‌ଡାଉନ୍ ଆଦି କଟକଣା ଭିତରେ କୌଣସି ସଭା ସମିତି, ସାହିତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମର କଟକଣା ରହିଲା ।

ପ୍ରତି ସହରର ପ୍ରତିଟି ମଂଚ ଓ ପ୍ରେକ୍ଷାଳୟ, ଦୁଇ ବର୍ଷରୁ ଅଧିକ କାଳ ଏହି କରୋନା କଟକଣା କଡ଼ାକଡ଼ି ଭାବେ ପ୍ରଚଳିତ ହେବା ଫଳରେ ସୁପ୍ରିୟାର ଆୟ ଉପାର୍ଜନ ସଂପୂର୍ଣ୍ଣ ବନ୍ଦ ହୋଇଗଲା । ଏପରିକି ସେ ଦୁଇଓଳା ଦୁଇମୁଠା ଭଲରେ ଖାଇ ରହିବା ଅସମ୍ଭବ ହୋଇ ପଡ଼ିଥାନ୍ତା, ଯଦି ସଦାନନ୍ଦ ବାବୁ ଅଣ୍ଟାଭିଡ଼ି ବାହାରି ଆସି ତାର ସମସ୍ତ ଭଲମନ୍ଦ ବୁଝି ନଥାନ୍ତେ । ସଦାନନ୍ଦ ବାବୁ ନିଜେ ସୁପ୍ରିୟାର ଚଳିବା ନିମନ୍ତେ ଚାଉଳ, ତେଲ, ଲୁଣ, ଡାଲି ପ୍ରତିଟି ରେସନ୍ ସାମଗ୍ରୀ ନିଜେ କିଣି ଆଣି ଦେଇ ଯାଉଥିଲେ । ପରିବାପତ୍ର କ୍ଷୀର, ଅଣ୍ଡା ଆଦି ଆଣି ଚଳିବାକୁ ସେ ସୁପ୍ରିୟା ହସ୍ତରେ ଟଙ୍କା ବି ଦେଇ ଯାଉଥିଲେ ।

ସଂପୂର୍ଣ୍ଣ ଦୁଇ ବର୍ଷରୁ ଉର୍ଦ୍ଧ୍ୱକାଳ ସୁପ୍ରିୟାକୁ ସଦାନନ୍ଦ ବାବୁ ଚଳାଇବା ପରେ ସୁପ୍ରିୟା ଭାବୁଥିଲା, ସଦାନନ୍ଦ ବାବୁ ହେଉଛନ୍ତି ତା' ପାଇଁ ଜଣେ ପ୍ରକୃତ ଦେବଦୂତ । ଜୀବନରେ ସେ ବି ହୁଏତ ତାଙ୍କୁ ମାତୃତ୍ୱ ଦେଇ ପାରିଥାନ୍ତେ । କିନ୍ତୁ ତାଙ୍କ ପରି ବିବେକୀ, ସତ୍ୟବାଦୀ ଲୋକ, ସାଧୁତା, ମାନବିକତାଠାରୁ ବିବେକ ଦୂରେଇ ଯାଇନଥିବାବେଳେ ତାଙ୍କଠାରୁ ନିଜର ଦେହଭୋଗ ଏବଂ ସ୍ୱାର୍ଥ ଲିପ୍‌ସା ରଖିବା ସମ୍ଭବ ହେବ ବା କିପରି ?

ଏହାପରେ ସଦାନନ୍ଦ ବାବୁ ଓ ସୁପ୍ରିୟା ଜୀବନରେ ଗୋଟାଏ ଅଦିନିଆ ଝଡ଼ ମାଡ଼ି ଆସିଥିଲା । ସଦାନନ୍ଦ ବାବୁଙ୍କର ବଦଳି ହୋଇଯାଇଥିଲା କୋରାପୁଟସ୍ଥ ଜୟପୁର କଲେଜକୁ । ସଦାନନ୍ଦ ବାବୁ ଯେତେ ଚେଷ୍ଟାକଲେ ମଧ୍ୟ ସେ ବଦଳିକୁ ବାତିଲ୍ କରିବାକୁ ସକ୍ଷମ ହୋଇ ପାରିଲେ ନାହିଁ । ସୁପ୍ରିୟାକୁ ଏଠି ନିରାଶ୍ରୟ ପରି ଛାଡ଼ିଦେଇ ଏତେଦୂର ସ୍ଥାନକୁ ଚାଲିଯିବାକୁ ସେ ନ ଚାହୁଁଥିଲେ ମଧ୍ୟ ଉପାୟ କିଛି ନଥିଲା । ସେ ସୁପ୍ରିୟାକୁ ସଙ୍ଗରେ ଜୟପୁରରେ କେଉଁଠି ରଖାଇବାର ବ୍ୟବସ୍ଥା କରିବାକୁ ମନେମନେ ସ୍ଥିର କରିଥିଲେ ମଧ୍ୟ ତାହା ଏତେ ସହଜ ନଥିଲା । ଶେଷରେ ସେ ଜୟପୁର ବଦଳି ହୋଇ ଯାଇଥିଲେ ଏବଂ ଏହି ସହରରେ ରହିଯାଇଥିଲା ସୁପ୍ରିୟା ଏକାକୀ ଆଶ୍ରୟହୀନା ହୋଇ ।

ସଦାନନ୍ଦବାବୁ ସୁପ୍ରିୟା ନିମନ୍ତେ ଅର୍ଥ ବ୍ୟବସ୍ଥା କରିଥିଲେ ମଧ୍ୟ ସୁପ୍ରିୟାକୁ ରହିବାକୁ ହୋଇଥିଲା ସଂପୂର୍ଣ୍ଣ ଏକାକିନୀ ହୋଇ ।

*ଚିତ୍ରକଳା, ଏଲ୍-୧୦୨,*
*ବରମୁଣ୍ଡା ହାଉସିଂ ବୋର୍ଡ଼ କଲୋନୀ, ଭୁବନେଶ୍ୱର-୩*
*ଦୂରଭାଷ: ୬୩୭୦୨୪୮୦୯*

# ମିତାଲିର ହସ

ବିଷ୍ଣୁଚରଣ ଚୌଧୁରୀ

ମେରି ଇଂଲିଶ୍ ମିଡିୟମ ସ୍କୁଲର କେ.ଜି. ୱାନ୍ କ୍ଲାସ୍‌ରେ ପରୀକ୍ଷା ଚାଲିଥିଲା। ପିଲାମାନେ ଉତ୍ତର ଲେଖି ଚାଲିଥିଲେ ନିଜ ନିଜ ଖାତାରେ। ଆଜି ଇଂରାଜୀ ପରୀକ୍ଷା। ଇଂରାଜୀ ବିଷୟ ପଢ଼ାଇଥାନ୍ତି ମିସ୍ ସୁପ୍ରଭା ରାୟ କେ.ଜି. ୱାନ୍ ପିଲାମାନଙ୍କୁ ଆଉ ସେଇ କ୍ଲାସର ସେ କ୍ଲାସ୍ ଟିଚର ମଧ୍ୟ। ମିସ୍ ରାୟ ଶ୍ରେଣୀ ଗୃହକୁ ପ୍ରବେଶ କରିବା ସମୟରେ ପିଲାମାନେ ଅଭିବାଦନ ଜଣାଇଛନ୍ତି। ଅଭିବାଦନ ଗ୍ରହଣ କରିବା ସଂଗେ ସଂଗେ ମିସ୍ ରାୟଙ୍କର ସସ୍ନେହ ଦୃଷ୍ଟି ପହଁରି ଆସିଥାଏ ସବୁ ପିଲାମାନଙ୍କ ଉପରେ। ମିସ୍ ରାୟ ଖୁବ୍ ମେଳାପି ଏବଂ ମିଷ୍ଟଭାଷୀ। ପିଲାମାନଙ୍କୁ ମିଠା ମିଠା କଥା କହି ସେମାନଙ୍କ ମନ ନେଇ ପାଠର ଅବତାରଣା କରିଥାନ୍ତି। ଭୟ ଦେଖାଇ, ଶାସନ କରି ପାଠ ପଢ଼ାଇବା ଏବଂ ପାଠ ଆଦାୟ କରିବା ତାଙ୍କ ପ୍ରକୃତି ବିରୁଦ୍ଧ। ସ୍ନେହ, ଆଦର ତଥା ଅନ୍ତରଙ୍ଗ ଭାବ ଆଦାନ ପ୍ରଦାନ ଯୋଗୁଁ କୁନି କୁନି ପିଲାମାନଙ୍କ ମନରେ ପାଠ ପଢ଼ିବାର ଆଗ୍ରହ ଯୋଗୁଁ ପିଲାମାନେ ଅନେକ ପ୍ରଶ୍ନ ପଚାରିଥାନ୍ତି ଆଉ ସବୁ ପ୍ରଶ୍ନର ସରଳ ଉତ୍ତର ଦେଇଥାନ୍ତି ସେ।

ପାଠପଢ଼ା ଆରମ୍ଭ କରିବା ପୂର୍ବରୁ ସବୁ ପିଲାଙ୍କ ମନ ଖୁସି କରିବାକୁ ଚେଷ୍ଟା କରିଥାନ୍ତି। ପିଲାମାନଙ୍କ ଉପରେ ଥରଟିଏ ଆଖି ବୁଲେଇ ଆଣିଲେ ଆଖି ଲାଖିଯାଏ ଉଦାସ ମନ ନେଇ ଚୁପ୍ ବସିଥିବା ପିଲାଙ୍କ ଉପରେ। ପାଖକୁ ଯାଇ ମନ ଦୁଃଖର କାରଣ ପଚାରିଥାନ୍ତି ଏବଂ ଯଥା ସମ୍ଭବ ଚେଷ୍ଟା କରିଥାନ୍ତି ଖୁସି କରିବା ପାଇଁ। ତା'ପରେ ପାଠପଢ଼ା କାର୍ଯ୍ୟକ୍ରମ। ଏଇଥି ପାଇଁ ସବୁ ପିଲାଙ୍କ ମୁହଁରେ ସୁପ୍ରଭାଙ୍କର ପ୍ରଶଂସା। ସ୍କୁଲର ଭଲ ମ୍ୟାମ୍ ଭାବେ ଜଣାଶୁଣା।

ତିନିଦିନ ହେବ ପରୀକ୍ଷା ଚାଲିଥିବାରୁ ପିଲାମାନଙ୍କ ସଂସ୍ପର୍ଶରେ ଆସିପାରିନାହାଁନ୍ତି। ପରୀକ୍ଷା କାର୍ଯ୍ୟରେ ବ୍ୟସ୍ତ ରହୁଥିବା ଯୋଗୁଁ ଏବଂ ପରୀକ୍ଷା ପରେ ପିଲାମାନେ ନିଜ ନିଜ ଘରକୁ ଚାଲି ଯାଉଥିବା ଯୋଗୁଁ ସେମାନଙ୍କ ସୁଖ, ଦୁଃଖରେ ନିଜକୁ ସାମିଲ କରିପାରିନାହାଁନ୍ତି। ପରୀକ୍ଷା ହଲ୍‌ରେ ବୁଲି ବୁଲି ପିଲାମାନଙ୍କୁ ନିରୀକ୍ଷଣ କରୁଥିଲେ ମିସ୍ ରାୟ। ଆଖି ପଡ଼ିଥିଲା ମିତାଲି ଉପରେ। ଖୁବ୍ ଉଦାସ ତଥା ଅନ୍ୟମନସ୍କ ଜଣା ପଡୁଥିଲା। ଥମ୍ ଥମ୍ ଭାବ ମୁହଁ ଉପରେ। ଆଶ୍ଚର୍ଯ୍ୟ ହୋଇଥିଲେ ମିତାଲି ମୁହଁରେ ଉଦାସ ଭାବ ଲକ୍ଷ୍ୟ କରି। ଖୁବ୍ ଚୁଲବୁଲି ଝିଅଟି। ଚଳଚଞ୍ଚଳ ତଥା ହସ ହସ ମୁହଁ ସଦାବେଳେ। ତା' ଛଡ଼ା ପରୀକ୍ଷାରେ ପଡ଼ିଥିବା ପ୍ରଶ୍ନ ସେମିତି କିଛି କଷ୍ଟ ନୁହେଁ ମିତାଲି ପାଇଁ। କ୍ଲାସ୍‌ରେ ଭଲ ପଢ଼େ। ତେବେ କେଉଁଥିପାଇଁ ଏମିତି ଉଦାସ ପଣିଆ ଛାଇଯାଇଥିଲା ତା ମୁହଁରେ? ଦେହ ଖରାପ ନୁହେଁ ତ? ଏମିତି ଅନେକ ପ୍ରଶ୍ନବାଚୀ ଖେଳି ଯାଇଥିଲା ସୁପ୍ରଭାଙ୍କ ମନରେ।

ମିତାଲି ନିକଟକୁ ଆଗେଇ ଯାଇଥିଲେ ସୁପ୍ରଭା। ତା' ନିକଟରେ ପହଞ୍ଚିବା ପୂର୍ବରୁ ମିତାଲି ନିଜ ସିଟ୍‌ରୁ ଉଠିପଡ଼ି ଝର୍କା ଆଡ଼କୁ ଚାଲି ଯାଇଥିଲା। ଝର୍କାର ରେଲିଂ ଧରି ଚାହିଁ ରହିଥିଲା ଦୂରକୁ। ଗୁଣୁ ଗୁଣୁ ଶବ୍ଦରେ କିଛି କହୁଥିଲା ଯାହା ବୁଝି ହେଉନଥିଲା। ପ୍ରଥମେ ତା' ସିଟ୍‌ରୁ ଉତ୍ତର ଖାତା ଆଣି ଦେଖିଥିଲେ। ଉତ୍ତର ଲେଖିବା ବଦଳରେ ଲେଖା ହୋଇଥିଲା 'ମାମା', 'ପାପା', ନିଜ ନାଁ ଏବଂ କିଛି ଏଣୁ ତେଣୁ ଚିତ୍ର। ଖାତା ରଖି ମିତାଲି ପଛରେ ଛିଡ଼ା ହୋଇ ତାର ମୁଣ୍ଡ ଆଉଁସି ଦେଇଥିଲେ। ପଛକୁ ଚାହିଁ ମ୍ୟାମ୍‌ଙ୍କୁ ଦେଖିବା ପରେ ବି ନିର୍ବିକାର ଥିଲା ମିତାଲି। ଚୁପ୍‌ଚାପ୍ ଛିଡ଼ା ହୋଇ ରହିଥିଲା। ପରୀକ୍ଷା ଚାଲିଥିବା ବେଳେ ଉତ୍ତର ନଦେଇ ଝର୍କା ପାଖରେ ଠିଆ ହୋଇ ରହିଥିବା ଯୋଗୁଁ ଉଦ୍‌ବେଗ ନଥିଲା ମନରେ। ନିର୍ବିକାର ଥିଲା ମ୍ୟାମ୍ ତା ପାଖରେ ଠିଆ ହୋଇ ରହିଥିବା ଜାଣି ମଧ୍ୟ। ଆଶ୍ଚର୍ଯ୍ୟ ହୋଇଥିଲେ ସୁପ୍ରଭା ଏମିତି ଅସ୍ୱାଭାବିକତା ମିତାଲି ଠାରେ ଲକ୍ଷ୍ୟ କରି।

ପରୀକ୍ଷା ସମୟ ଉତ୍ତୀର୍ଣ୍ଣ ହୋଇ ଯାଇଥିବାରୁ ଘଣ୍ଟି ବାଜି ଉଠିଥିଲା। ସବୁ ପିଲାଙ୍କଠାରୁ ଉତ୍ତର ଖାତା ସଂଗ୍ରହ କରିଥିଲେ ମ୍ୟାମ୍। ପିଲାମାନେ ହଲ୍‌ରୁ ବାହାରି ଯାଇଥିଲେ। ମିତାଲିକୁ ସଂଗରେ ନେଇ ପ୍ରିନସିପାଲ୍‌ଙ୍କ ନିକଟକୁ ଯାଇଥିଲେ ମ୍ୟାମ୍। ସବୁକଥା ଜଣାଇବା ପରେ ଅଫିସ୍‌ରେ ପରୀକ୍ଷା ଦେବାକୁ କହିଥିଲେ ପ୍ରିନସିପାଲ୍। ଖୁବ୍ କମ୍ ସମୟ ଭିତରେ ସଠିକ ଉତ୍ତର ଲେଖି ଖାତା ଧରାଇ ଦେଇଥିଲା ମିତାଲି। ଆଶ୍ଚର୍ଯ୍ୟ ହୋଇଥିଲେ ପ୍ରିନସିପାଲ୍। ତେବେ ପରୀକ୍ଷା ହଲ୍‌ରେ ଖାତାରେ ଉତ୍ତର ନଲେଖିବାର କାରଣ ପଚାରିଥିଲେ ମଧ୍ୟ କିଛି ଉତ୍ତର ପାଇ ନଥିଲେ ମିତାଲି ଠାରୁ। ଚୁପ୍ ଚାପ୍ ଠିଆ ହୋଇ କାନ୍ଦି ପକାଇଥିଲା।

ମିତାଲିକୁ ସଙ୍ଗରେ ଆଣି ଅଫିସ୍‌ରୁ ବାହାରି ଆସିଥିଲେ ମିସ୍ ରାୟ। ତାର ମନ ପରିବର୍ତ୍ତନ ଏବଂ ଖୁସି କରିବା ପାଇଁ କେତେ ଆଡୁ କେତେ କଥା କହିଥିଲେ। ତଥାପି ଉଦାସ ଭାବ ଭରି ରହିଥିଲା ମୁହଁରେ। ମିତାଲିର ଏମିତି ଅସ୍ୱାଭାବିକତା ପାଇଁ ଖୁବ୍ ବ୍ୟଥିତ ହୋଇଥିଲେ ମିସ୍ ରାୟ। ଖୁବ୍ କମ୍ ସମୟରେ ସବୁ ପ୍ରଶ୍ନର ସଠିକ୍ ଉତ୍ତର ଲେଖିଥିବାରୁ ପ୍ରିନସିପାଲ୍ ଖୁସି

ହେଲେ ବୋଲି କହି ତା'ର ମୁଣ୍ଡ ଆଉଁସି ଦେଇ ଟିକେ ହସି ଦେବା ପାଇଁ କହିବାରୁ ମିତାଲି ସାମାନ୍ୟ ହସିଥିଲା ଏବଂ ପରେ ପରେ ପୁଣି ଉଦାସ ଭାବ ରେଖାପାତ କରିଥିଲା ମ୍ୟାମ୍‌ଙ୍କ ମନରେ। ସ୍କୁଲ ଛୁଟି ହେବା ସମୟରେ ମିତାଲି ହାତରେ ଖଣ୍ଡେ ଚିଠି ଦେଇ ମାମାଙ୍କୁ ଦେବା ପାଇଁ କହିଥିଲେ।

ମିତାଲି ଠାରୁ ଚିଠି ପାଇ ପଢ଼ିଥିଲେ ତାର ମାମା। କ୍ଲାସ୍ ଟିଚର ମିସ୍ ରାୟ ସବୁ କଥା ବର୍ଣ୍ଣନା କରି ମିତାଲିର ଏମିତି ଅସ୍ୱାଭାବିକତା ପାଇଁ ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି। ପରଦିନ ସ୍କୁଲରେ ପହଞ୍ଚି ମିସ୍ ରାୟଙ୍କୁ ଏକାକୀ ଦେଖା କରିଥିଲେ ଅରୁଣା। ପୂର୍ବରୁ ଝିଅ ଠାରୁ ମିସ୍ ରାୟଙ୍କର ପ୍ରଶଂସା ଶୁଣିଥିଲେ। ଖୁବ୍ ଆଦର କରନ୍ତି ପିଲାମାନଙ୍କୁ। କାହା ମନରେ ଦୁଃଖ ଦେଖିଲେ ତା'ଠାରୁ ସବୁ ବୁଝି ତାକୁ ଖୁସି କରିବାକୁ ଚେଷ୍ଟା କରନ୍ତି। ତେବେ ମିସ୍ ରାୟଙ୍କୁ ଦେଖିବା ପରେ ଏବଂ ସାମାନ୍ୟ କେତୋଟି ମୁହୂର୍ତ୍ତର ବାର୍ତ୍ତାଳାପରେ ଆପଣାର ମଣିଷ ବୋଲି ଅନୁଭବ କରିଥିଲେ ଅରୁଣା। ଜଣେ ସହୃଦୟା ମଣିଷ ନିକଟରେ ହୃଦୟ ତଳେ ଚାପି ହୋଇ ରହିଥିବା ଅକୁହା କଥା କହି ଦେବାକୁ ଚାହିଁଥିଲା ମନ। ମନତଳେ ରୁନ୍ଧି ହୋଇ ରହିଥିବା ପୁଳା ପୁଳା ଅବସାଦରୁ କିଛି କାଢ଼ି ଦେବାକୁ ଇଚ୍ଛା ହୋଇଥିଲା। ଭାରି ଭାରି ଲାଗୁଥିବା ମନଟା ହୁଏତ ହାଲ୍‌କା ହୋଇଯିବ କିଛି କ୍ଷଣ ପାଇଁ। ଏଇ କିଛିଦିନ ହେବ ଭୟ ଆଉ ଆଶଙ୍କାରେ ଉଭୟ ପତି, ପତ୍ନୀ ବୁଡ଼ି ରହିଥିବା ବେଳେ ତାର ପ୍ରଭାବ ପଡ଼ିଥିଲା ମିତାଲି ଉପରେ କୁନିଟିଏ ହେଲେବି। ହୃଦୟର କୋହ ସମ୍ଭାଳି ପାରିନଥିଲେ ଅରୁଣା। ଛଳ ଛଳ ଆଖିରେ ନିଜର ଦୁଃଖ ଏବଂ ମନର ଗୋପନୀୟତା ଖୋଲି ଦେଇଥିଲେ ତାଙ୍କ ଆଗରେ।

ସ୍ୱାମୀ ମୋହନ ପଟ୍ଟନାୟକ ଜଣେ ବ୍ୟବସାୟୀ। ତାଙ୍କର ବାପା ମଧ୍ୟ ଏଇ ସହରରେ ପୁରୁଣା ବ୍ୟବସାୟୀ ଭାବେ ବେଶ୍ ଜଣାଶୁଣା। ଭୁସାମାଲ ତଥା ମନୋହରୀ ଦୋକାନ ଥିଲା ତାଙ୍କର ଏଇ ସହର ଗଢ଼ି ଉଠିବା ଦିନରୁ। ତେବେ ଏଇ ଦଶବର୍ଷ ହେବ ଦେଶର ନାମୀ ଦାମୀ କମ୍ପାନୀ ଏଇ ସହରରେ ମଲ୍ ଖୋଲିବା ଯୋଗୁଁ ପୁରୁଣା ଦୋକାନଗୁଡ଼ିକ ଏକ ପ୍ରକାର ଅଚଳ ହୋଇଯାଇଥିଲା। ମାନ୍ଦା ପଡ଼ିଥିଲା ବ୍ୟବସାୟ। ଛୋଟ ଛୋଟ ଦୋକାନୀ ସାଧାରଣ ଖାଉଟିମାନଙ୍କୁ ନେଇ ସେମାନଙ୍କର ବ୍ୟବସାୟ ବଞ୍ଚାଇ ରଖିଥିବା ବେଳେ ଉଚ୍ଚ ତଥା ମଧ୍ୟବିତ୍ତ ଶ୍ରେଣୀର ଖାଉଟିଙ୍କୁ ନେଇ ବ୍ୟବସାୟ କରୁଥିବା ଲୋକେ ନିଜର ବ୍ୟବସାୟ ବଞ୍ଚାଇ ରଖିବା କଷ୍ଟକର ହୋଇଥିଲା। କ୍ଷତି ସହିବାକୁ ପଡ଼ିଥିଲା ତାଙ୍କ ଭଳି ମଧ୍ୟମ ଧରଣର ବ୍ୟବସାୟୀମାନଙ୍କୁ।

ଦିନକୁ ଦିନ କ୍ଷତି ବଢ଼ି ଚାଲିଥିବା ଏବଂ ବୟସାଧିକ୍ୟ ଯୋଗୁଁ ବ୍ୟବସାୟ ବନ୍ଦ କରି ଦେଇଥିଲେ ଶ୍ୱଶୁର। ପୁରୁଣା ବ୍ୟବସାୟରେ ଲାଭବାନ୍ ହେବାର ସମ୍ଭାବନା ନଥିବା ଏବଂ ସହର ଦିନକୁ ଦିନ ବଢ଼ି ଚାଲିଥିବା ଯୋଗୁଁ ସହରତଳି ଅଞ୍ଚଳରେ ଜାଗା ଖର୍ଦ୍ଦି, ବିକ୍ରିର ଚାହିଦା ବଢୁଥିବାରୁ ସ୍ୱାମୀ ଉକ୍ତ ବ୍ୟବସାୟରେ ପଶିଯାଇଥିଲେ। ଚଳି ଯାଉଥିଲା ସଂସାର। ସମୟ କ୍ରମେ ଖର୍ଚ୍ଚ ବଢ଼ି ଚାଲିଥିଲେ ବି ନିଅଣ୍ଟିଆ ଅନୁଭବ କରିନଥିଲୁ ଆଜି ପର୍ଯ୍ୟନ୍ତ। ବେଶ୍ ସ୍ୱଚ୍ଛନ୍ଦରେ କଟି ଯାଉଥିଲା ଦିନ। ହେଲେ ଏଇ କିଛିଦିନ ହେବ ଦୁଃଖ ଆଉ ଅବସାଦ ସବାର ହୋଇଥିଲା ଆମ ପରିବାର ଉପରେ।

ବ୍ୟବସାୟ ତୁଲାଇବା ସଂଗେ ସଂଗେ ରାଜନୀତିରେ ପାଦ ଦେଇଥିଲେ ସ୍ୱାମୀ। କଲେଜରେ ପଢୁଥିବା ବେଳେ ଛାତ୍ରନେତା ଥିଲେ ଏବଂ ପରେ ପରେ ବ୍ୟବସାୟ ସାଙ୍ଗକୁ ଏକ ଜାତୀୟ ରାଜନୈତିକ ଦଳର ଯୁବ ମୋର୍ଚ୍ଚାରେ ସାମିଲ ହୋଇଥିଲେ। ସାଙ୍ଗଠନିକ ଦକ୍ଷତା ଯୋଗୁଁ ଯୁବ ମୋର୍ଚ୍ଚାର ନେତୃତ୍ୱ ନେବାକୁ ସକ୍ଷମ ହୋଇଥିଲେ। ସାଧାରଣ ପରିବାରରୁ ଯାଇ ଏକ ଜାତୀୟ ଦଳ ଯୁବ ମୋର୍ଚ୍ଚାର ନେତୃତ୍ୱ ନେଇଥିବାରୁ ଅସହିଷ୍ଣୁ ହୋଇ ଉଠିଥିଲେ ସମାଜର କିଛି ମୁଣ୍ଡିଆଳ। ଠିକ୍ ଏଇ ସମୟରେ ଅନେକ ଚିଟ୍‌ଫଣ୍ଡ କମ୍ପାନୀ ଖୋଲିଥିଲା ଦେଶର ବିଭିନ୍ନ ରାଜ୍ୟରେ। ଆମ ରାଜ୍ୟରେ ମଧ୍ୟ ଅନେକ ଚିଟ୍‌ଫଣ୍ଡ ସଂସ୍ଥା ଖୋଲି ସାଧାରଣ ଲୋକଙ୍କଠାରୁ ଅର୍ଥ ସଂଗ୍ରହ କରିଥିଲା ସେମାନଙ୍କୁ ଅଳ୍ପ ଦିନରେ ଅଧିକ ଲାଭବାନ୍ କରାଇବାର ମିଛ ପ୍ରଲୋଭନ ଦେଖାଇ। ସାଧାରଣ ଲୋକଙ୍କଠାରୁ ଆଦାୟ ହୋଇଥିବା ଟଙ୍କା ଚାଷୀଙ୍କୁ କିଛି କିଛି ଦେଇ ସେମାନଙ୍କ ଜମି ନିଜ ନାମରେ କରାଇ ବିକ୍ରି କରିବା ଆରମ୍ଭ କରିଥିଲେ। ଚାଷୀଙ୍କୁ ସଂପୂର୍ଣ୍ଣ ଟଙ୍କା ନଦେଇ ବିକ୍ରି କରି ଚାଲିଥିଲେ ସେଇ ଜମି ଗୁଡ଼ାକ। ଚାଷୀମାନେ ସଂପୂର୍ଣ୍ଣ ଟଙ୍କା ନ ପାଇ କମ୍ପାନୀ ଅଫିସ୍ ଦୌଡ଼ି ଦୌଡ଼ି ହତାଶ ହୋଇ ଚୁପ୍ ଚାପ୍ ରହିଥିଲେ। ସଂପୃକ୍ତ କମ୍ପାନୀଗୁଡ଼ିକୁ ପ୍ରୋତ୍ସାହନ ତଥା ସାଧାରଣରେ ଆସ୍ଥା ଭାଜନ କରାଇଥିଲେ ସରକାରୀ ଦଳ।

କମ୍ପାନୀ ଗୁଡ଼ିକର ବିଭିନ୍ନ କାର୍ଯ୍ୟକ୍ରମରେ ଶାସକ ଦଳର କିଛି ନେତୃବୃନ୍ଦଙ୍କ ଉପସ୍ଥିତି ଏବଂ କମ୍ପାନୀର କାର୍ଯ୍ୟକ୍ରମକୁ ପ୍ରଶଂସା କରି ପ୍ରଶଂସା ପତ୍ର ପ୍ରଦାନ ଯୋଗୁଁ ସାଧାରଣ ଲୋକଙ୍କ ଆସ୍ଥା ଭାଜନ ହୋଇଥିଲେ ଏହି କମ୍ପାନୀ ଗୁଡ଼ିକ। ଯାହା ଫଳରେ ସମାଜର ସବୁ ଶ୍ରେଣୀର ଲୋକେ କମ୍ ଦିନରେ ଅଧିକ ଲାଭବାନ୍ ହେବା ଆଶାରେ ଅଧିକରୁ ଅଧିକ ଟଙ୍କା ଜମା କରିଥିଲେ। ଏଇ ସୁଯୋଗରେ କୋଟି କୋଟି ଟଙ୍କା ହଡ଼ପ କରିଥିଲେ କମ୍ପାନୀର ମୁଖ୍ୟ ତଥା ସହଯୋଗୀମାନେ। ଏଇ ଭଳି କେତୋଟି କମ୍ପାନୀ ମାଧ୍ୟମରେ ଜାଗା ଖର୍ଦ୍ଦି, ବିକ୍ରି କରିବାକୁ ଆଗେଇ ଆସିଥିଲେ ଅନେକ ବ୍ୟବସାୟୀ ତଥା ଜଣାଶୁଣା ଲୋକ। ତାଙ୍କର ସ୍ୱାମୀ ମଧ୍ୟ ଗୋଟିଏ କମ୍ପାନୀଠାରୁ ଜାଗା ଆଣିଥିଲେ ଲାଭବାନ୍ ହେବା ଆଶାରେ। ହେଲେ କିଏ ଜାଣିଥିଲା ଏଇ କମ୍ପାନୀ ଗୁଡ଼ିକ କୋଟି କୋଟି ଟଙ୍କା ସାଧାରଣ ଲୋକଙ୍କଠାରୁ ଠକିନେଇ ଆତ୍ମସାତ୍ କରିବେ ବୋଲି।

ଲକ୍ଷ ଲକ୍ଷ ଲୋକ ଟଙ୍କା ଜମା କରି ଫେରସ୍ତ ନପାଇବାରୁ ସରକାରଙ୍କ ନିକଟରେ ଦୃଢ଼ ଅଭିଯୋଗ ଏବଂ କୋର୍ଟ କଚେରୀରେ ମାମଲା ରୁଜୁ ହେବାକୁ ଲାଗିଲା। ସରକାର ବାଧ ହେଲେ ତଦନ୍ତ କମିଶନ୍ କରାଇବା ପାଇଁ। ପୋଲିସ୍ କମ୍ପାନୀର ସବୁ ଅଫିସ୍ ଚଢ଼ଉ କରି କାଗଜପତ୍ର ଜବତ କରିବାକୁ ଲାଗିଲା। ସରକାରଙ୍କ କାର୍ଯ୍ୟାନୁଷ୍ଠାନରେ ସନ୍ତୁଷ୍ଟ ନହେବା ଯୋଗୁଁ ମାମଲା ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଗଲା ଏବଂ କୋର୍ଟ ସି.ବି.ଆଇ. ତଦନ୍ତ ପାଇଁ ନିର୍ଦ୍ଦେଶ ଦେଲେ। ସି.ବି.ଆଇ. ଘଟଣାର ଖୋଳତାଡ଼ କରିବା ଯୋଗୁଁ କିଛି ସାଧାରଣ ଲୋକେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

କେଉଁ ଚିଟ୍‌ଫଣ୍ଡ ସଂସ୍ଥା ତାର ଆବଶ୍ୟକ ସାମଗ୍ରୀ ଖର୍ଦ୍ଦି ପାଇଁ କେଉଁ ଦୋକାନୀକୁ ଚେକ୍ ଦେଇଛି ତ କେହି କମ୍ପାନୀକୁ ଟଙ୍କା ଦେଇ ଜାଗା କିଣିଛି କିମ୍ବା ଜାଗା ବିକ୍ରି କରି ଟଙ୍କା ନେଇଥିବାରୁ ସେ ସମସ୍ତଙ୍କୁ ଜେରାର ସମ୍ମୁଖୀନ ହେବାକୁ ପଡୁଛି। ଠିକ୍ ଭାବେ କାଗଜପତ୍ର ଦେଖାଇ ନପାରିଲେ ଗିରଫ ହେବାକୁ ପଡୁଛି। କେଉଁ ପାନ, ଚା' ଦୋକାନୀ ଚା', ପାନ ଦେଇ ତାର ପ୍ରାପ୍ୟ ବାବଦକୁ କମ୍ପାନୀ ଅଫିସ୍‌ରୁ ଚେକ୍ ବିଲ୍ ଦେଇ ନଥିବା ଯୋଗୁଁ ଜେରାର ସମ୍ମୁଖୀନ ହୋଇ ଗିରଫ ହେଉଛନ୍ତି। ସହରରେ କେଉଁ ପାନ ଦୋକାନୀ ବିଲ୍ ବହି ଛପାଇଛି ଭଲା ? ପେଟକୁ ମୁଠାଏ ଦାନା ପାଇଁ ପାନ ଦୋକାନ ଖଣ୍ଡେ କରି ବିଚରା ବସିଥିଲା ଯେ, ବାକି ଦେବାର ଫଳ ଏବେ

ଭୋଗିବାକୁ ପଡ଼ିଲା । ତା'ର ଦୋଷ କେଉଁଠି ରହିଲା ? ଚିଟ୍‌ଫଣ୍ଡ କମ୍ପାନୀ କୋଟି କୋଟି ଟଙ୍କା ଲୋକଙ୍କ ଠାରୁ ଠକିନେଲା ଅଥଚ ମଳିମୁଣ୍ଡିଆ ପାନ ଦୋକାନୀଟା ବନ୍ଧା ହୋଇ ଜେଲ ଗଲା । ନିଜ ଲୋକଙ୍କ ଠାରୁ କିଏ ଟଙ୍କା ଧାର, ଉଧାର ଆଣି କମ୍ପାନୀକୁ ନଗଦ ଟଙ୍କା ଦେଇ ଜମି ଖର୍ଦ୍ଦି କରିଥିଲେ ମଧ୍ୟ ଟଙ୍କା କେଉଁଠୁ ଆଣିଥିବାର ପ୍ରମାଣ ନଥିବାରୁ ତାକୁ ଗିରଫ ହେବାକୁ ପଡୁଛି । ଦୋଷୀ, ନିର୍ଦ୍ଦୋଷୀ ବାଛ ବିଚାର ନଥାଇ ମନଇଚ୍ଛା ଗିରଫ କରି ପ୍ରତିଦିନ ଗଣମାଧ୍ୟମର ଖବରରେ ରହି ବାହା ବାହା ନେଉଛି ସି.ବି.ଆଇ. । ଏମିତି ମାସ ମାସ, ବର୍ଷ ବର୍ଷ ବିତିଗଲେ ବି ଚିଟ୍‌ଫଣ୍ଡରେ ଜମା ରଖିଥିବା ସାଧାରଣ ଜନତା କେବେ କେଉଁଠୁ ଟଙ୍କା ଫେରିପାଇବେ ସେ ସଂପର୍କରେ କାହାରି ଚିନ୍ତା ନାହିଁ ।

ଶାସକ ଦଳର କେତେ ଜଣ ଟାଣୁଆ ମନ୍ତ୍ରୀ, ବିଧାୟକ, ଏମ୍.ପି. ଠକ ଚିଟ୍‌ଫଣ୍ଡ ସଂସ୍ଥା ସହ ଜଡ଼ିତ ଥିବା ପ୍ରମାଣ ପାଇ ସି.ବି.ଆଇ. ସେମାନଙ୍କୁ ଜେରା କରିବା ପରେ ଗିରଫ କଲାଣି । ଶାସକ ଦଳର ଆଉ କିଛି ମନ୍ତ୍ରୀ, ବିଧାୟକ, ବିଲ୍‌ଡର, ବ୍ୟବସାୟୀ, ସରକାରୀ ପଦସ୍ଥ ଅଫିସର, ସାମ୍ବାଦିକ ଏବଂ ବିରୋଧି ଦଳର କିଛି ନେତା ଏବଂ ତାଙ୍କର ସ୍ୱାମୀଙ୍କୁ ସି.ବି.ଆଇ, ଡାକି ପଚରା ଉଚରା କରିବା ପରେ ଖବରକାଗଜ ଏବଂ ଟି.ଭି. ଭଳି ଗଣମାଧ୍ୟମଗୁଡ଼ିକ ଏହାକୁ ବାରମ୍ବାର ପ୍ରଚାର ଏବଂ ପ୍ରସାର କରିଚାଲିଛନ୍ତି ଅତି ରଂଜିତ କରି । ସ୍ୱାମୀଙ୍କ ପ୍ରତିଦ୍ୱନ୍ଦୀମାନଙ୍କର ପ୍ରରୋଚନାରେ କିଛି ଗଣମାଧ୍ୟମ ଲଗେଇ ଜୁଟେଇ ଘନ ଘନ ପ୍ରଚାର କରି ନିନ୍ଦିତ କରିବା ପାଇଁ ଉଦ୍ୟମ କରୁଥିବାରୁ ହତୋତ୍ସାହିତ ହୋଇ ପଡ଼ିଛନ୍ତି ସ୍ୱାମୀ । ଖୁବ୍ ଭାଙ୍ଗି ପଡ଼ିଛନ୍ତି । ଖାଇବା, ପିଇବା ଭୁଲି ମନସ୍ତାପ ଭିତରେ ଦିନ କାଟୁଛନ୍ତି । ହସ, ଖୁସି, ସରସତା ହଜିଯାଇଛି ତାଙ୍କ ମନରୁ ଏବଂ ପରିବାରରୁ ମଧ୍ୟ । ବିଷାଦର କଳା ବାଦଲ ଛାଇଯାଇଛି ପରିବାରରେ । ସମୟ ବିତୁଛି ଅହେତୁକ ଆଶଙ୍କାରେ ।

ହଜିଯାଇଛି ସରାଗ ମିତାଲି ମନରୁ । ବାପାଙ୍କ ସ୍ନେହ, ଆଦର ପାଇବାରୁ ବଞ୍ଚିତ ହୋଇଛି ଏଇ କିଛିଦିନ ହେବ । ବାପାଙ୍କ ପାଖରେ ଗେହ୍ଲେଇ ହେବାକୁ ଖୁବ୍ ଇଚ୍ଛା ତାର । ଦୁଃଖ ଆଉ ଦୁଶ୍ଚିନ୍ତାକୁ ମନରେ ଚାପି ରଖି ଝିଅକୁ ଗେହ୍ଲା କଲେବି ପୂର୍ବର ହୃଦୟ ଖୋଲା ସ୍ନେହ, ଶ୍ରଦ୍ଧା, ବାପାଙ୍କ ଠାରୁ ମିଳୁନଥିବା ଅନୁଭବ କରୁଛି । ଅଭିମାନରେ ଫାଟି ପଡ଼େ ପିଲାଳିଆ ମନ ତାର । ବାପା ତାକୁ ଭଲ ପାଉନାହାଁନ୍ତି ବୋଲି ଅଭିଯୋଗ କରେ ମୋ ନିକଟରେ । ପ୍ରତିଦିନ କାର୍‌ରେ ସ୍କୁଲ୍‌କୁ ଯାଉଥିଲା ତାର ବାପାଙ୍କ ସାଥିରେ । ସ୍କୁଲ ଛୁଟି ହେଲେ ସ୍ୱାମୀ ଗାଡ଼ିରେ ଆଣି ଘରକୁ ଫେରନ୍ତି । ଏବେ କିନ୍ତୁ ସ୍କୁଲ ଭ୍ୟାନ୍‌ରେ ଯିବା ଆସିବା କରୁଛି ।

ମିତାଲିର କିନ୍ତୁ ତା' ବାପାଙ୍କ ସାଥିରେ ଗାଡ଼ିରେ ଯିବା ପାଇଁ ଖୁବ୍ ଇଚ୍ଛା । ବାପା କାହିଁକି ତାକୁ ଗାଡ଼ିରେ ନେଉ ନାହାଁନ୍ତି ବୋଲି ମନ ଦୁଃଖ କରେ । ତାର ସାଙ୍ଗ ଆଦିତି, ସାଇଶ୍ରୀ, ସୁମି ତାଙ୍କ ବାପା, ବୋଉଙ୍କ ସାଥିରେ ଗାଡ଼ିରେ ଯାଉଥିବା ବେଳେ ସେ ସ୍କୁଲ ଭ୍ୟାନ୍‌ରେ ଯାଉଥିବା ଯୋଗୁଁ ମନ ଊଣା କରେ । ବାପା କାହିଁକି ଗାଡ଼ିରେ ନେଉନାହାଁନ୍ତି, ତା ସହିତ ଖେଳୁ ନାହାଁନ୍ତି, ବେଶି କଥା ହେଉନାହାଁନ୍ତି ଏବଂ ଆଗ ଭଳି ଭଲ ପାଉନାହାଁନ୍ତି ବୋଲି ମୋ ଆଗରେ କେତେଥର କହିଲାଣି । ହେଲେ ମୁଁ ତାକୁ କେମିତି ବୁଝାଇବି ତା' ବାପାଙ୍କ ମନର ଅବସ୍ଥା । ତା' ପ୍ରଶ୍ନର ସଠିକ ଉତ୍ତର ଦେବା ସମ୍ଭବ ହୁଏନି ମୋ ପକ୍ଷରେ ।

କହି ଚାଲିଥିଲେ ଅରୁଣା ଆଉ ଚୁପ୍ ଚାପ୍ ଛିଡ଼ା ହୋଇ ସବୁ ଶୁଣୁଥିଲେ ସୁପ୍ରଭା ମ୍ୟାମ୍ । ଏବେ ସେ ଠିକ୍ ବୁଝି ପାରିଥିଲେ ମିତାଲିର ଅନ୍ୟମନସ୍କତାର କାରଣ । ବାପା ସୁହାଗିଆ ହୋଇଥିବା କାରଣରୁ ବାପାଙ୍କ ଉଦାସ ପଣିଆ ଏବଂ ତା ସହିତ ଖୋଲା ମନରେ ସମୟ ଦେଉ ନଥିବା ଯୋଗୁଁ ନିଜକୁ ସେ ଏକୁଟିଆ ମନେ କରୁଛି । ତା'ର ସାଙ୍ଗମାନେ ନିଜ ବାପ, ମାଆଙ୍କ ସାଥିରେ ଆସୁଥିବା ବେଳେ ସେ ଏକାକୀ ଆସୁଥିବାରୁ ଏକ ପ୍ରକାର ନିସଙ୍ଗ ଅନୁଭବ କରୁଛି । ମିତାଲିକୁ ବୁଝେଇ ଦେବେ କହି ଏଣିକି ମଝିରେ ମଝିରେ ତାକୁ ସ୍କୁଲରେ ଆଣି ଛାଡ଼ିବା ଏବଂ ସ୍କୁଲରୁ ସାଥିରେ ନେଇଯିବାକୁ ପରାମର୍ଶ ଦେଇଥିଲେ ସୁପ୍ରଭା ।

ମାଆ, ଝିଅ ସେଦିନ ସ୍କୁଲରୁ ବାହାରି କାର୍‌ରେ ବସି ଘରକୁ ଚାଲିଯାଇଥିଲେ । ପରଦିନ ରିକ୍ରେସନ୍‌ରେ ସୁପ୍ରଭା ମ୍ୟାମ୍ ମିତାଲିକୁ ପାଖକୁ ଡାକି କାର୍ଯ୍ୟବ୍ୟସ୍ତତା ଯୋଗୁଁ ତା' ବାପା ତା ପାଇଁ ସମୟ ଦେଇ ପାରୁନଥିବାରୁ ସେ ମନ ଦୁଃଖ କରିବା ଉଚିତ ନୁହେଁ ବୋଲି କହିଥିଲେ । ପିଲାମାନଙ୍କ ମୁହଁରେ ହସ ନଦେଖିଲେ ବାପା, ମାଆ, ଶିକ୍ଷକ ଏବଂ ଗୁରୁଜନମାନଙ୍କ ମନ ଦୁଃଖ ହୁଏ । ଖୁସି ରହିଲେ ପାଠପଢ଼ାରେ ମନ ଲାଗେ ଏବଂ ଭଲ ପାଠ ହୁଏ ବୋଲି ବୁଝାଇଥିଲେ ସୁପ୍ରଭା ମ୍ୟାମ୍ ।

ମିତାଲି ମୁହଁରେ ପୁଣି ହସ ଫୁଟି ଉଠିଥିଲା । ଉଭେଇ ଯାଇଥିଲା ଉଦାସ ପଣିଆ । ସେଦିନ ହସ ହସ ମୁହଁରେ ସ୍କୁଲ ଭିତରକୁ ଯାଇଥିଲା ତାର ବାପା, ମାଆଙ୍କୁ 'ବାୟ', 'ବାୟ' କହି । ସୁପ୍ରଭାଙ୍କୁ ଦେଖି ଅଟୋରୁ ଓହ୍ଲାଇ ଆସିଥିଲେ ଅରୁଣା । ଅରୁଣାଙ୍କୁ ସ୍ୱାଗତୋକ୍ତି ଜଣାଇ ଅଟୋରେ ସୁପ୍ରଭାଙ୍କ ପାଖକୁ ଚାଲି ଆସି କାର୍‌ଟା ବିକ୍ରି ହୋଇ ଯାଇଛି ବୋଲି ଅନୁଚ୍ଚ ସ୍ୱରରେ କହିଥିଲେ ଅରୁଣା । ପରିଚିତ ଲୋକଙ୍କଠାରୁ ଲକ୍ଷ, ଲକ୍ଷ ଟଙ୍କା ଉପଯୁକ୍ତ କାଗଜପତ୍ର ଦେଖେଇ ପାରିନଥିବାରୁ ଜାଗା ହରାଇବାକୁ ଧାର, କରଜ ଆଣି ଚିଟ୍‌ଫଣ୍ଡ ସଂସ୍ଥାରୁ ଜାଗା ଖର୍ଦ୍ଦି କରିଥିଲେ ମଧ୍ୟ ଉପଯୁକ୍ତ କାଗଜପତ୍ର ଦେଖେଇ ପାରିନଥିବାରୁ ଜାଗା ହରାଇବାକୁ ପଡ଼ିଲା ଏବଂ ଧାର, କରଜ ସୁଝିବା ପାଇଁ କାର୍, ଅଳଙ୍କାର ଏବଂ ଅନ୍ୟାନ୍ୟ ଆସବାବ ପତ୍ର ବିକ୍ରି କରିବାକୁ ପଡ଼ିଲା ବୋଲି କହିଥିଲେ ।

ସମବେଦନା ଜଣାଇଥିଲେ ସୁପ୍ରଭା ମ୍ୟାଡାମ୍ । ଏତେ ସବୁ ଦୁଃଖ ଭିତରେ ବି ଏକ ନିର୍ମଳ ହସର ଝଲକ ଉକୁଟି ଉଠିଥିଲା ଅରୁଣା ଏବଂ ତାଙ୍କ ସ୍ୱାମୀଙ୍କ ମୁହଁରେ 'ବାୟ', 'ବାୟ' କହି ହସ ହସ ମୁହଁରେ ଚାଲି ଯାଉଥିବା ମିତାଲିକୁ ଚାହିଁ ।

***"ଶାନ୍ତି ନିବାସ",***
***ପ୍ଲଟ ନଂ.- ୧୨୫୨/୧୪୫୯, ନ୍ୟୁ ଫରେଷ୍ଟ ପାର୍କ, ଭୁବନେଶ୍ୱର***
***ଦୂରଭାଷ: ୯୦୪୦୨୦୫୦୪୯***

# ମୃତ୍ୟୁର କାରଣ

ଆଭା ମିଶ୍ର

ସାନ ଭଉଣୀଟି ଆତ୍ମହତ୍ୟା କଲାପରେ ଖୁବ୍ ଗୋଟେ ବଡ଼ ଧକ୍କା ଲାଗିଥିଲା ପୁଷ୍ପାକୁ। ତା' ଜୀବନରେ ଯେ ଦିନେ ଏମିତି ଏକ ଦିନ ଆଉ ଏମିତି ଏକ ପରିସ୍ଥିତି ଆସି ପହଞ୍ଚିବ ସେକଥା ସେ କେବେ କଳ୍ପନା ସୁଦ୍ଧା କରିନଥିଲା।

ଅତ୍ୟନ୍ତ ଧନୀ ଘର ନହେଲେ ବି ଗୋଟେ ପଇସା ଥିଲାବାଲା ଘରର ଝିଅ ଥିଲା ପୁଷ୍ପା। ବାହା ହୋଇଥିଲା, କିନ୍ତୁ ବହୁତ ପଇସା ଥିଲା ବାଲା ଘରେ ମାନେ ଅତ୍ୟନ୍ତ ବଡ ଲୋକ ଘରେ। ସ୍ୱାମୀ ତା'ର ଥିଲେ ସେ ଘରର ଏକମାତ୍ର ପୁଅ। ପୁଣି ବ୍ୟବସାୟରୁ ଅନେକ ପଇସା ରୋଜଗାର କରୁଥିଲେ।

ପୁଷ୍ପା ନିଜେ ବି ଗୋଟେ ନାଁ କରା କଲେଜରେ ଅଧ୍ୟାପିକା ଥିଲା। ତା'ର ଗୋଟେ ଝିଅ ବି ଥିଲା। ଆଜିକାଲିର ଦୁନିଆରେ ସୁଖ ସମୃଦ୍ଧି କହିଲେ ଯାହା ବୁଝାଯାଏ ବା ଯାହା ଯାହା ସବୁ ରହିଲେ ଅନ୍ୟମାନେ ଭାବନ୍ତି ଯେ ଜଣେ ବହୁତ ସୁଖରେ ଅଛି, ସେସବୁ କିଛି ଥିଲା ତା' ପାଖରେ। ରାଜଧାନୀର ଛାତି ଉପରେ ଥିଲା ତିନି ତାଲାର ଘର। ସ୍ୱାମୀ, ସ୍ତ୍ରୀ ଦୁହିଁଙ୍କ ପାଖରେ ଥିଲା ଦୁଇ ଦୁଇଟି ଦାମୀ କାର୍। ତା ନିଜର ଏକ ସ୍ୱାଧୀନ ଜୀବନ। ଏମିତି ପିଲାଟି ବେଳୁ ଯେମିତି ଏକ ସ୍ୱାଧୀନ ଜୀବନ ପୁଷ୍ପା ଚାହିଁଥିଲା, ଠିକ୍ ସେମିତି ଜୀବନଟେ ଭଗବାନ ତାକୁ ଦେଇଥିଲେ।

ପୁଷ୍ପା ଥିଲା ମୋର ସ୍କୁଲ ବେଳର ସାଙ୍ଗ। ଗୋଟିଏ ସ୍କୁଲରେ ଆମେ ଦଶମ ଶ୍ରେଣୀ ଯାଏଁ ପଢ଼ିଥିଲୁ। ଗୋଟିଏ କଲୋନିରେ ରହୁଥିଲୁ। ହେଲେ ସ୍କୁଲର ପଢ଼ା ସରୁ ସରୁ ମୋ ବାପାଙ୍କର ଭୁବନେଶ୍ୱର ବଦଳି ହୋଇ ଯାଇଥିଲା ଆଉ ମୁଁ ମୋ ପରିବାର ସହିତ ଭୁବନେଶ୍ୱର ଚାଲି ଆସିଥିଲି। ଆଉ ପୁଷ୍ପା ତା' ପରିବାର ସହିତ ସେଇଠାରେ ହିଁ ରହିଥିଲା।

ପୁଷ୍ପାର ବାପା ମୋ ବାପାଙ୍କଠାରୁ ଉଚ୍ ପାହ୍ୟାରେ ଥିଲେ। ତେଣୁ ସେମାନଙ୍କୁ ସେଠାରେ ସରକାରଙ୍କ ତରଫରୁ ଗୋଟେ ବଡ ଘର ରହିବା ପାଇଁ ମିଳିଥିଲା। ସେ କିନ୍ତୁ ପଢ଼ାପଢ଼ିରେ ଏତେଭଲ ନଥିଲା। ପାଠ ଅପେକ୍ଷା ତା' ମୁଣ୍ଡଟା ଶାଠରେ ଅଧିକ ଥିଲା। ବହୁତ ସଜବାଜ ହୋଇ ସ୍କୁଲକୁ ଆସୁଥିଲା। ହେଲେ ସ୍କୁଲରେ ଦିଦିମାନେ ଯାହା ପାଠ ଦେଉଥିଲେ ତାକୁ ସେ ଆଦୌ ପଢ଼ିକି ଆସୁନଥିଲା କି କରିକି ଆସୁନଥିଲା। ସେଥିପାଇଁ ସେ ପ୍ରତି କ୍ଲାସରେ ପ୍ରତି ଦିଦିଙ୍କଠାରୁ ଦୁଇ ଦୁଇଥର କରି ଗାଳି ଶୁଣୁଥିଲା। ଥରେ ପାଠ କରିକି ଆସି ନଥିବାରୁ ତ ଆଉ ଥରେ ଏତେ ସଜବାଜ ହୋଇ ସ୍କୁଲକୁ ଆସିଥିବାରୁ। ହେଲେ ସେଥିରେ ତା'ର ସାମାନ୍ୟ ପରିବର୍ତ୍ତନ ହେଉନଥିଲା।

ଭୁବନେଶ୍ୱରକୁ ଆସିବା ପରେ ମୋର କୌଣସି ସ୍କୁଲ ସାଙ୍ଗ ସହିତ ଏତେ ଆଉ ସମ୍ପର୍କ ରହିନଥିଲା। କାରଣ ସେତେବେଳେ ମୋବାଇଲ ଫୋନର ଏତେ ପ୍ରଚଳନ ନଥିଲା। ଥିଲାବାଲାଙ୍କ ଘରେ ଯାହା ସାଧାରଣ ଫୋନ୍ ଥିଲା। ତେଣୁ ସାଙ୍ଗମାନଙ୍କ ସହିତ ମୋର ଯାହା କିଛି ସମ୍ପର୍କ ରହୁଥିଲା ସେତିକି ରହୁଥିଲା ଚିଠି ପତ୍ର ଦ୍ୱାରା। କାହାଠାରୁ ଚିଠିଟେ ଆସିଲେ ମୁଁ ଉତ୍ତର ଦେଉଥିଲି। ନହେଲେ ମୁଁ କାହାକୁ ଚିଠିଟିଏ ଦେଲେ ତା'ଠାରୁ ଉତ୍ତର ପାଉଥିଲି, ଯାହାକି ସମୟ ସାପେକ୍ଷ ଥିଲା। ତଥାପି ବେଳେବେଳେ ଚିଠି ପତ୍ର ଦ୍ୱାରା ହିଁ ମୋର ସାଙ୍ଗମାନଙ୍କ ସହ ସମ୍ପର୍କ ଥିଲା।

ସେଇ ସାଙ୍ଗମାନଙ୍କଠାରୁ ଜାଣିବାକୁ ପାଇଥିଲି ଯେ କଲେଜକୁ ଯିବା ପରେ ପୁଷ୍ପାର ପିଠିରେ ସତରେ ଯେମିତି ଦୁଇଟି ପର କଅଁଳି ଯାଇଥିଲା। ସେ ଯେମିତି ଗୋଟେ ପ୍ରଜାପତି ପାଲଟି ଯାଇଥିଲା। ପ୍ରତିଦିନ କଲେଜକୁ ନୂଆ ନୂଆ ତଥା ଦାମୀ ଦାମୀ ପୋଷାକ ସହିତ ଖୁବ୍ ସଜବାଜ ହୋଇ ଆସୁଥିଲା ଯାହାକି ସ୍କୁଲରେ କରିପାରୁନଥିଲା କାରଣ ସ୍କୁଲକୁ ତ ନିର୍ଦ୍ଦିଷ୍ଟ ଏକ ପ୍ରକାରର ପୋଷାକ ସବୁ ଦିନ ପିନ୍ଧିକରି ଆସିବାକୁ ପଡୁଥିଲା। କାରଣ ସେଇଟା ସ୍କୁଲର ୟୁନିଫର୍ମ ଥିଲା। ଘନନୀଳ ରଙ୍ଗର ପଞ୍ଜାବୀ, ଧଳା ରଙ୍ଗର ସାଲୱାର ତା ସହିତ ଧଳା କପଡାର ଓଢ଼ଣୀ। ଓଢ଼ଣୀକୁ ପୁଣି ଏକ ନିର୍ଦ୍ଦିଷ୍ଟ ବାଗରେ ପକେଇବାକୁ ପଡୁଥିଲା। ଏମିତି ସ୍କୁଲ ଅପେକ୍ଷା କଲେଜରେ ତା'ର ଷ୍ଟାଇଲ କାହିଁ କେତେ ଗୁଣରେ ବଢ଼ି ଯାଇଥିଲା। ଅତ୍ୟାଧୁନିକ ବେଶ ପରିପାଟୀ ସାଙ୍ଗକୁ କେଶ ବିନ୍ୟାଶ ଆଉ ସଜବାଜ ଯୋଗୁଁ ସେ ସମସ୍ତଙ୍କଠାରୁ ବାରି ହୋଇ ପଡୁଥିଲା।

ଏହା ଭିତରେ ବିତି ଯାଇଥିଲା ଖୁବ୍ ଗୁଡାଏ ବର୍ଷ। ପାଖାପାଖି ତିରିଶ, ପଇଁତିରିଶ ବର୍ଷ। ସେତେବେଳେ ମୁଁ ଯେତେବେଳେ ମୋ ବାପାଙ୍କର ବଦଳି ଯୋଗୁଁ ମୋ ସାଙ୍ଗମାନଙ୍କଠାରୁ ଦୁରେଇ ଯାଇଥିଲି

ସେତେବେଳେ ମୋତେ ଅତି ବେଶୀରେ ପନ୍ଦର ଷୋହଳ ବର୍ଷ ହୋଇଥିବ। ଆଉ ଆଜି ଯେତେବେଳେ ଆମେ ସାଙ୍ଗମାନେ ପରସ୍ପରକୁ ଭେଟୁଥିଲୁ, ଆମେ ପଚାଶ ଏକାବନ ବର୍ଷରେ ପାଦ ଦେଇ ସାରିଥିଲୁ। ଆଜି ଆମ ପିଲାମାନେ ସବୁ ସେତେବେଳର ଆମ ବୟସର ହୋଇ ସାରିଥିଲେ। ମାନେ ଆମ ପିଲାମାନେ ସବୁ ପନ୍ଦର ଷୋଅଳ ବର୍ଷର ହୋଇ ସାରିଥିଲେ।

x x x x x x x

ଏହା ଭିତରେ ପାଖାପାଖି ବିତି ଯାଇଥିଲା ଚଉଦ ପନ୍ଦର ବର୍ଷ। ଦିନେ ହଠାତ୍ ଅକସ୍ମାତ ଭାବରେ ମୋର ପୁଷ୍ପା ସହିତ ଭେଟ ହୋଇଥିଲା। ସେଇଟା ପୁଣି ଗୋଟେ ଘରୋଇ ଡାକ୍ତରଖାନାରେ।

ପୁଷ୍ପା ସହିତ ଭେଟ ହେବାଟା ଏକଦମ ଅକସ୍ମାତ୍ ଥିଲା। ମୋ ପୁଅ ଯେଉଁ ଘରୋଇ ଡାକ୍ତରଖାନାରେ ଜନ୍ମ ହୋଇଥିଲା, ସେଇ ଘରୋଇ ଡାକ୍ତରଖାନାରେ ଠିକ୍ ସେଇ ସମୟରେ ହିଁ ପୁଷ୍ପାର ଝିଅଟିଏ ହୋଇଥିଲା। ସେତେବେଳେ ଡାକ୍ତରଖାନାର ଯେଉଁ ପ୍ରକୋଷ୍ଠରେ ମୁଁ ରହିଥିଲି, ତା' ପାଖ ଗୋଟେ ପ୍ରକୋଷ୍ଠରେ ପୁଷ୍ପା ରହୁଥିଲା। ଅବଶ୍ୟ ସେତେବେଳେ ମତେ ଏକଥା ଜଣାନଥିଲା। ମୋ ପାଖକୁ ଯେଉଁ ନର୍ସମାନେ ଆସୁଥିଲେ ସେଇମାନେ ହିଁ କହୁଥିଲେ ଯେ ସେ ଆର ରୁମ୍‌ରେ ଯିଏ ଅଛନ୍ତି ତାଙ୍କର ଝିଅଟିଏ ହୋଇଛି। ଅବଶ୍ୟ ସେତେବେଳକୁ ଆମେ ଦୁହେଁ ପରସ୍ପରକୁ ଭେଟି ନଥିଲୁ।

ସେଦିନ ଡାକ୍ତରଖାନାରେ ମୋର ଚତୁର୍ଥ ଦିନ। ଡାକ୍ତରଖାନାର ସେଇ ଖଟ ଉପରେ ପଡ଼ିପଡ଼ି ଭାରି ବିରକ୍ତ ଲାଗୁଥାଏ। ଏପଟ ପୁଅଟି ଯାହା ଦିନରେ ଶୋଇଯାଏ, ହେଲେ ରାତି ସାରା ଆଦୌ ଶୁଏ ନାହିଁ। ତେଣୁ ଡାକ୍ତରଖାନାରେ ମୋର ଅଧିକାଂଶ ସମୟ ରାତି ଅନିଦ୍ରାରେ କଟିଥାଏ। ରାତି ସାରା ପୁଅକୁ କୋଳରେ ଧରି ଝୁଲେଇ ଝୁଲେଇ ଶୁଆଇ ଦେଉ ଦେଉ କେତେବେଳେ ଯେରାତି ପାହିଯାଏ ଜଣାପଡେ ନାହିଁ।

ହେଲେ ସେଦିନ କିନ୍ତୁ କେମିତି କେଜାଣି ପୁଅ ରାତି ନଟା ବାଜୁ ବାଜୁ ଶୋଇ ପଡ଼ିଲା। ଏପଟେ ଚାରି ଦିନ ହେବ ସେଇ ଗୋଟିଏ ରୁମ୍ ଭିତରେ ଏପଟ ସେପଟ ହୋଇ ତଥା ସେଇ ଗୋଟିଏ ଖଟ ଉପରେ ପଡ଼ିପଡ଼ି ମୋ ଗୋଡହାତ ଲାଗି ଯାଇଥାଏ। ତେଣୁ ଭାରି ବିରକ୍ତ ବି ଲାଗୁଥାଏ। ସେଇ ଖଟଟା ଉପରେ ବସି କେତେ ପଡ଼ିବି, କେତେ ଟିଭି ଦେଖିବି, ପୁଣି ସେଇ ଗୋଟିଏ ରୁମ୍ ଭିତରେ କେତେ ବି ଏପଟ ସେପଟ ହେବନି।

ତେଣୁ ସେଦିନ ପୁଅ ଶୋଇଗଲା ପରେ ମୁଁ ରୁମ୍ ବାହାରକୁ ଆସିଥିଲି। ଆଉ ରୁମ୍ ବାହାରେ ଏପଟ ସେପଟ ହେଉଥିବା ବେଳେ ଫାଟକ ପାଖରେ ଆବିଷ୍କାର କରିଥିଲି ପୁଷ୍ପାକୁ। ସେ ବି ଠିକ୍ ମୋରି ପରି ସେଇ ଗୋଟିଏ ରୁମ୍ ଭିତରେ ବସି ବସି ବିରକ୍ତ ହୋଇଯାଉଥିବାରୁ ବାହାରକୁ ଆସିଥିଲା।

ଆମେ ଦୁହେଁ ଦୁହିଁଙ୍କୁ ଦେଖୁଦେଖୁ ଚିହ୍ନି ପାରିଥିଲୁ ଆଉ ଖୁବ୍ ଖୁସି ବି ହୋଇଥିଲୁ। ଆମେ ପରସ୍ପରକୁ ଏତେ ଦିନ ପରେ ଦେଖି ଏତେ ଖୁସି ହୋଇଯାଇଥିଲୁ ଯେ ପରସ୍ପରକୁ ଦେଖୁ ଦେଖୁ କୁଣ୍ଢେଇ ପକେଇଥିଲୁ।

ସେଇଦିନ ମୁଁ ତା' ଝିଅକୁ ଦେଖିବାକୁ ତା' ରୁମ୍‌କୁ ଯାଇଥିଲିତ ସେ ମୋ ପୁଅକୁ ଦେଖିବାକୁ ମୋ ରୁମ୍‌କୁ ଆସିଥିଲା।

ତା' ପରଠାରୁ ପରବର୍ତ୍ତୀ କେତୋଟି ଦିନ ଯେଉଁ ଆମକୁ ଡାକ୍ତରଖାନାରେ ରହିବାକୁ ପଡ଼ିଥିଲା ଆଉ ବିରକ୍ତ ଲାଗିନଥିଲା। ଆମେ ଯେତେବେଳେ ଇଚ୍ଛା ପରସ୍ପରର ରୁମ୍‌କୁ ଚାଲି ଯାଉଥିଲୁ ଆଉ ଘଣ୍ଟା ଘଣ୍ଟା ଧରି ଗପୁଥିଲୁ। ଫେରୁଥିଲୁ ସେତେବେଳେ ଯେତେବେଳେ ତା' ଝିଅ କି ମୋ ପୁଅ କାନ୍ଦୁଥିଲା।

ପୁଷ୍ପା ଯେଉଁଦିନ ଡାକ୍ତରଖାନାରୁ ଘରକୁ ଫେରି ଯାଇଥିଲା, ତା'ର ତିନି ଦିନ ପରେ ମୁଁ ଘରକୁ ଫେରି ଆସିଥିଲି। ତା'ପରେ ଆମେ ନିୟମିତ ଭାବରେ ଫୋନ୍‌ରେ କଥା ହେଉଥିଲୁ। ମୋଠାରୁ ସେ ବେଶୀ ବ୍ୟସ୍ତ ଥିଲା। ଘର କଥା, କଲେଜ କଥା, ସ୍ୱାମୀ କଥା ତଥା ଝିଅ କଥା ବୁଝୁବୁଝୁ ତା'ର ସମୟ ସବୁ ସରି ଯାଉଥିଲା। ଏପଟେ କିନ୍ତୁ ମୁଁ ଘରେ ରହୁଥିଲେ ବି ପୁଅ ହେଲା ପରେ ମତେ ବି ଟିକିଏ ସମୟ ମିଳୁନଥିଲା। କାରଣ ପୁଅ ଚାହିଁ ଥିବା ସମୟରେ ମୁଁ କୌଣସି କାମ କରିପାରୁନଥିଲି। ଆଉ ସେ ଶୋଇବା ପରେ ଘର କାମ ସବୁ ସାରୁ ସାରୁ ଖୁବ୍ ଡେରି ହୋଇଯାଉଥିଲା। ଏପଟେ ମୁଁ ଡେରି ରାତି ଯାଏଁ ଚାହିଁ ପାରେ ସିନା ହେଲେ ସକାଳୁ ଶୀଘ୍ର ଉଠି ପାରେନି। ଆଉ ସକାଳୁ ଯେତେବେଳେ ମୁଁ ଉଠେ ମୋ ପାଖରେ ଶୋଉଥିବାରୁ ମୋ ସାଥିରେ ପୁଅଟି ବି ଉଠିଯାଏ। ତେଣୁ ମୋର ଦିନସାରା କାମ ଲାଗିଥାଏ।

ତଥାପି ଆମେ ଏମିତି ମଝିରେ ମଝିରେ ଫୋନ୍‌ରେ କଥା ହେଉ। ଆଉ ଯେଉଁଦିନ କଥା ହେଉ ସେ କଥାସବୁ ଥରେ ଆରମ୍ଭ ହେଲେ ଆଉ ସରିବାର ନାଁ ନିଏନି।

ସ୍କୁଲରେ ପଢ଼ିଲା ବେଳେ ମୁଁ ଖାଲି ଯାହା ପୁଷ୍ପାକୁ ଜାଣିଥିଲି, ତା' ପରିବାର ବିଷୟରେ କିଛି ବି ଜାଣିନଥିଲି। ହେଲେ ଏବେ ତା' ବିଷୟରେ ତଥା ତା' ଘର ପରିବାର ବିଷୟରେ ମୁଁ ତା' ସହିତ କଥା ହେବା ପରେ ଜାଣିଥିଲି।

ପୁଷ୍ପା ତଳକୁ ଥିଲେ ତା'ର ଦୁଇ ଭଉଣୀ, ମାନେ ସେମାନେ ଥିଲେ ତିନି ଭଉଣୀ। ସମସ୍ତେ ବାହା ସାହା ହୋଇ ନିଜ ନିଜର ଘର ସଂସାରକୁ ନେଇ ବ୍ୟସ୍ତ ଥିଲେ। ତଥାପି ସେମାନଙ୍କର ପରସ୍ପର ଭିତରେ ଅତି ନିବିଡ ସମ୍ପର୍କ ଥିଲା। ପ୍ରତି ରବିବାର ଦିନ ସେମାନେ ସବୁ ଏକାଠି ହୁଅନ୍ତି। କାହା ଘରେ ନା କାହା ଘରେ ଏକାଠି ରୋଷେଇବାସ କରି ଖିଆପିଆ କରନ୍ତି। ଯୁଆଡେ ବୁଲିବାକୁ ଯାଆନ୍ତି ଏକାଠି ଯାଆନ୍ତି। ସେମାନଙ୍କର କେହି ଭାଇ ନଥିବାରୁ ଉଭୟ ବାପା ମା ଯେତେବେଳେ ଯାହା ପାଖରେ ଇଚ୍ଛା ଯାଇ ରୁହନ୍ତି।

ଏପଟେ ପୁଷ୍ପା ତା' ଜୀବନର ପ୍ରତିଟି ମୁହୂର୍ତ୍ତକୁ ତା' ମୋବାଇଲରେ ସାଇତି ରଖେ। କେତେବେଳେ ଭଳିକି ଭଳି ଶାଢ଼ୀ ପିନ୍ଧି ଫଟୋ ଉଠାଏ ତ କେତେବେଳେ ଭଳିକି ଭଳି ଡ୍ରେସ ପିନ୍ଧି। ଯେତେବେଳେ ଯେଉଁ ଯାଗାକୁ ବୁଲିବାକୁ ଯାଏ ସେସବୁ ଯାଗାର ଫଟୋ ଉଠାଏ, ତା' ଅଫିସରେ କି ତା' ଘରେ ଯେତେବେଳେ ଯେଉଁ ଉତ୍ସବ ପାଳନ କରାଯାଏ ସେସବୁକୁ ସେ ତା' ମୋବାଇଲରେ କଏଦ କରି ରଖେ। ପ୍ରତିଦିନ ରାତିରେ ସେ

ତା ହ୍ୱାଟସ ଆପରେ ଫଟୋ ସବୁକୁ ଦିଏ। ସେସବୁକୁ ଦେଖିଲେ ଲାଗେ ଯେମିତି ପୁଷ୍ପାର ଜୀବନରେ ସାମାନ୍ୟତମ ଦୁଃଖ ନାହିଁ। ଜୀବନଟା ତା'ର ସୁଖ ସମୃଦ୍ଧିରେ ଭରପୁର।

ପୁଷ୍ପା ପାଇଁ ଯେମିତି ପ୍ରତିଟି ଦିନ ଥିଲା ଉତ୍ସବମୁଖର। ତା' ଜୀବନର ପ୍ରତିଟି ଉତ୍ସବ ତଥା ପ୍ରତିଟି ମୁହୂର୍ତ୍ତକୁ ସେ ମନଭରି ଉପଭୋଗ କରିଥାଏ। ସେ ବିବାହ ବାର୍ଷିକୀ ହେଉ ବା ଜନ୍ମଦିନ ଅବା ବାହାଘର କି ବ୍ରତଘର, କଲେଜର ଉତ୍ସବ ଯେମିତି ଗଣେଷ ପୂଜା, ସରସ୍ୱତୀ ପୂଜା, ନହେଲେ କଲେଜର ବାର୍ଷିକୋତ୍ସବ। ଆଉ ସବୁ ଫଟୋର କେନ୍ଦ୍ରବିନ୍ଦୁରେ ସେ ଥାଏ। ପ୍ରତିଟି ଫଟୋରେ ସେ ନିଜକୁ ଖୁବ୍ ସଜେଇଥାଏ ଆଉ ଖୋଲା ହସିଥାଏ। ମୁଁ ଯେତେବେଳେ ତା ହ୍ୱାଟ୍‌ସ ଆପ୍ ଷ୍ଟାଟସକୁ ଦେଖେ ମନେ ମନେ ଭାବେ ପୁଷ୍ପା ସତରେ ସଜେଇ ହୋଇ ଏତେ ଫଟୋ ଉଠେଇବାକୁ ସମୟ କେତେବେଳେ ପାଏ ? ବେଳେବେଳେ ତା' ଷ୍ଟାଟସର କମେଣ୍ଟ ଦେବାକୁ ଯାଇ ପଚାରେ ତତେ ଏତେ ସଜବାଜ ହୋଇ ଫଟୋ ଉଠେଇବାକୁ ସମୟ କେତେବେଳେ ମିଳୁଛି ଲୋ... ? ତୁ କ'ଣ ଘରର କାମଦାମ କିଛି କରୁନା କି ? ଘରର କାମଦାମ କରିବାକୁ ଲୋକ ରଖିଛୁ ନା କ'ଣ ?

ଡେରିରେ ହେଲେ ବି ଉତ୍ତର ଦିଏ ପୁଷ୍ପା। ପ୍ରଥମରେ ହେ, ହେ ଲେଖିକି ଗୋଟେ ହସର ଛବି ପଠାଏ। ତା'ପରେ ଲେଖେ, ବୁଝିଲୁ ନା ମାୟା, ମତେ ସବୁବେଳେ ହସିବାକୁ ଭଲ ଲାଗେ। ମୋ ଭିତରେ ଯେତେ ଦୁଃଖ ଥିଲେ ବି ମୁଁ କେବେ ତାକୁ ବାହାରକୁ ଦେଖେଇବାକୁ ପସନ୍ଦ କରେ ନାହିଁ। ବାହାରେ ପାଞ୍ଚ ଜଣ ମୋ ଦୁଃଖ ବିଷୟରେ ଜାଣିଲେ ମୋ ଦୁଃଖ କ'ଣ କମିଯିବ କି ? ଯଦି ନ କମିବ ତାହେଲେମୁଁ ପାଞ୍ଚ ଜଣଙ୍କୁ କାହିଁକି କହିବି ମୋ ଦୁଃଖ। ସେଥିପାଇଁ ମୁଁ ସବୁବେଳେ ହସୁଥାଏ। ଜୀବନଟା ବହୁତ ଛୋଟ ସାଙ୍ଗ। ସୁଖ ଦୁଃଖର ବି ସମାହାର। କେତେବେଳେ ହଠାତ୍ ଯେ କ'ଣ ସବୁ ଘଟିଯିବ ସେକଥା କେହି କହିପାରିବ ନାହିଁ। ତେଣୁ ଯେତିକି ସମୟ ମଣିଷ ବଞ୍ଚିଛି ପ୍ରତିଟି ମୁହୂର୍ତ୍ତକୁ ଉପଭୋଗ କରିବା ଦରକାର।

ପୁଷ୍ପା ପୁଣି ଲେଖେ, ନାଇଁରେ ମୁଁ ଘର କାମ ପାଇଁ ଲୋକ ରଖିନି। ଘରର ସବୁ କାମ ମୁଁ ନିଜେ କରେ। ବାପା ମା ଅଧିକାଂଶ ସମୟ ମୋରି ପାଖରେ ରୁହନ୍ତି। ସେମାନଙ୍କ ଦେହ ପା ଭଲ ମନ୍ଦ କଥା ସବୁ ମତେ ବୁଝିବାକୁ ପଡେ। ପୁଣି ଘରେ ବାପ ଝିଅ ଦୁଇଜଣଙ୍କର ଖାଇବା ସମ୍ପୂର୍ଣ୍ଣ ଭିନ୍ନ। ଝିଅ ଆଇଁଷ ବହୁତ ଭଲ ପାଏ ତ ବାପାଙ୍କର ଆଇଁଷ ବାସ୍ନା ଆସିଲେ ବାନ୍ତି ଉଠାଏ। ମୋର ଆଇଁଷ ନିରାମିଷ ଯାହା ହେଲେ ଚଳେ। ତେଣୁ ରୋଷେଇରେ ମତେ ସବୁଦିନ ଦୁଇ ଓଳି ଯାକ ଚାରି ପାଞ୍ଚ ପ୍ରକାରର କରିବାକୁ ପଡେ। ଏପଟେ ପ୍ରତିଦିନ କଲେଜରେ ପିଲାମାନଙ୍କୁ ପଢ଼େଇବାକୁ ପଡେ ବୋଲି ରାତିରେ ନିଜକୁ ପ୍ରସ୍ତୁତ ବି କରିବାକୁ ପଡେ। ୟା ବାଦେ ଯେଉଁ ସମୟ ମିଳେ ସେ ସମୟ ସବୁ ମୋର ଏକାନ୍ତ ନିଜସ୍ୱ। ଆଉ ସେଇ ଯେତିକି ସମୟ ମତେ ମିଳେ ସେତିକି ସମୟକୁ ମୁଁ ମନଭରି ଉପଭୋଗ କରେ।

ପୁଷ୍ପା ପ୍ରତିଦିନ ରାତି ବାରଟା ବାଜିଲେ ହ୍ୱାଟସଆପ୍‌ରେ ତା' ଷ୍ଟାଟସ ଅପଡେଟ କରେ। ଆଉ ମୁଁ ବି ପ୍ରତିଦିନ ତା' ଷ୍ଟାଟସ ଦେଖେ। ସେଇଟା ଯେମିତି ମୋର ଗୋଟେ ଅଭ୍ୟାସରେ ପରିଣତ ହୋଇଯାଇଥିଲା। ତାକୁ ଯେତେଥର ଦେଖିଲେ ବି ପ୍ରତିଥର ସେ ମତେ ନୂଆ ନୂଆଲାଗିଥାଏ। ପ୍ରତି ଫଟୋରେ ସେ ଯେମିତି ମନଖୋଲି ହସୁଥାଏ ମତେ ବହୁତ ଭଲ ଲାଗେ ତା'ର ସେ ମନଖୋଲା ହସ। ତା' ଫଟୋକୁ ଦେଖିଲେ ଲାଗେ ଯେମିତି ଦୁଃଖ, ହତାଶା, ଅବସୋସ। ଅବସାଦ ସବୁ ତା'ଠାରୁ କାହିଁ କେତେ ଦୂରରେ।

ଦିନେ ସେ ତା' ଷ୍ଟାଟସରେ ତା'ର ଗୋଟେ ଖୁବ୍ ସୁନ୍ଦର ଫଟୋ ଦେଇଥିଲା। ସେ ଗୋଟେ ରୁମ ଭିତରେ ଠିଆ ହୋଇଥିଲା। ବହୁତ ସୁନ୍ଦର ପୋଷାକ ହଳେ ବି ପିନ୍ଧିଥିଲା। ପୁଣି ତା' ଚେହେରାଟା ବି ଏମିତି ଥିଲା ଯେ ସେ ଯାହା ପିନ୍ଧୁଥିଲା ବେଶ୍ ଭଲ ଲାଗୁଥିଲା। ସେଥିରେ ପୁଣି ତା' ଓଠରେ ଥିଲା ସେଇ ଚିରାଚରିତ ମନଖୋଲା ହସ। ସେ ଯେଉଁ ରୁମ୍ ଭିତରେ ଠିଆ ହୋଇଥିଲା ସେଇଟା ବି ବହୁତ ସୁନ୍ଦର ଲାଗୁଥିଲା। ରୁମ ଭିତରଟା ସାରା ଭଳିକି ଭଳି ଗଛରେ ଭରି ହୋଇ ରହିଥିଲା।

ଫଟୋଟିକୁ ଦେଖି ମୁଁ ବାର୍ତ୍ତା ଦେଲି ଯେ ଆରେ, ତୁ କ'ଣ କୁଆଡେ ବୁଲିବାକୁ ଯାଇଛୁ କି ? ଉତ୍ତରରେ ସେ ଲେଖିଲା ଆରେ ହଁ। ମୁଁ ପନ୍ଦର ଦିନ ପାଇଁ ସ୍ୱାମୀ ଆଉ ଝିଅ ସାଥିରେ ଦିଲ୍ଲୀ ବୁଲିବାକୁ ଆସିଛି। ବର୍ଷ ଶେଷତ । ସେଥିପାଇଁ କଲେଜରୁ ଛୁଟି ନେଇ ବୁଲି ଆସିଛି।

ପ୍ରତ୍ୟୁତ୍ତରରେ ମୁଁ ଲେଖିଲି, ଆଚ୍ଛା ହଉ, ତୁ ବୁଲା ବୁଲି କର। ହେଲେ ପ୍ରତିଦିନ ଷ୍ଟାଟସରେ ଢେର ସାରା ଫଟୋ ଦବୁ ଯେ ଯେମିତି ସେସବୁକୁ ଦେଖି ଆମକୁ ଲାଗିବ ଯେମିତି ଆମେ ଦିଲ୍ଲୀରେ ବୁଲୁଛୁ। ଏଇ ଲେଖା ସହିତ ମୁଁ ଗୋଟେ ହସର ଇମୋଜି ବି ପଠେଇଥିଲି। ଏହା ଭିତରେ ପନ୍ଦର ଦିନ ବିତି ଯାଇଥିଲା।

ସେଦିନ ଥିଲା ଡିସେମ୍ବର ମାସର ଏକତିରିଶ ତାରିଖ। ସେଦିନ ପୁଷ୍ପା ତା' ଘରେ ନହେଲେ କୌଣସି ହୋଟେଲରେ ନିଜ ପରିବାର ଅବା ସାଙ୍ଗସାଥିମାନଙ୍କ ସହିତ ବହୁତ ମଉଜ ମସ୍ତି କରିଥିବ ମାନେ ଜିରୋ ନାଇଟ୍ ସେଲିବ୍ରେସନ। ମନେ ମନେ ଭାବିଥିଲି ମୁଁ। ତା' ଷ୍ଟାଟସରେ ସେସବୁ ଫଟୋ ଦେଖିବି ବୋଲି ଅନେକ ରାତି ପର୍ଯ୍ୟନ୍ତ ଅପେକ୍ଷା ବି କରିଥିଲି। ହେଲେ ସେଦିନ ପୁଷ୍ପା ଷ୍ଟାଟସରେ କିଛି ରଖିନଥିଲା। ମୁଁ ଦ୍ୱନ୍ଦ୍ୱରେ ପଡ଼ିଲି। ଭାବିଲି ବୋଧହୁଏ ସେ ଦିଲ୍ଲୀରୁ ଫେରନି। ନହେଲେ ଫେରିଥିଲେ ବି ଏତେ ବୁଲାବୁଲି କରି ହାଲିଆ ହୋଇଯାଇଛି ଯେ ସେଥିପାଇଁ ବର୍ଷର ଶେଷଦିନଟିକୁ ତା' ହିସାବରେ ପାଳନ କରିନି।

ତା' ପରଦିନ ଥିଲା ଜାନୁଆରୀ ମାସର ଏକ ତାରିଖ। ନୂଆ ବର୍ଷର ନୂଆ ସକାଳ। ମୋର ସବୁ ଥର ନୂଆ ବର୍ଷର ପ୍ରଥମ ଦିନର ସକାଳଓଳି ବି ଖାଲି ଫୋନରେ ଫୋନରେ ବିତିଯାଏ। ନୂଆ ବର୍ଷର ଶୁଭେଚ୍ଛା ଦବାରେ ଆଉ ପାଇବାରେ।

ସେଦିନ ସକାଳଟି ବି ସେମିତି ଖାଲି ଫୋନ୍‌ରେ ଫୋନ୍‌ରେ ବିତିଗଲା। କଥା ସରିବା ପରେ ମୁଁ ସକାଳ କାମ ଦାମ ସବୁ ସାରି ପିଲାମାନଙ୍କ ପାଇଁ ଜଳଖିଆ ପ୍ରସ୍ତୁତ କରିଥିଲି। ସକାଳର କାମଦାମ

ସରିବା ପରେ ମୁଁ ଯାଇ ହ୍ୱାଟସ ଆପ ଖୋଲିଲି। ପୁଷ୍ପା ତା' ଷ୍ଟାଟସ ଅପଡେଟ୍ କରିଥିଲା।

ମୁଁ ତ ରାତିରୁ ତା' ଷ୍ଟାଟସକୁ ଅପେକ୍ଷା କରି ରହିଥିଲି। ସେଥିପାଇଁ ସାଙ୍ଗେ ସାଙ୍ଗେ ତା' ଷ୍ଟାଟସ ଖୋଲି ଦେଖିଲ। ହେଲେ ଯାହା ଦେଖିଲି ହଠାତ୍ କିଛି ବୁଝି ପାରିଲି ନାହିଁ। ପୁଷ୍ପା ତା' ଭଉଣୀ ସହିତ ଫଟୋଟିଏ ଛାଡ଼ିଥିଲା। ଆଉ ସେ ଫଟୋ ତଳେ ଯାହା ଲେଖିଥିଲା ସେଥିରୁ ବୁଝି ହେଉଥିଲା କି ଫଟୋରେ ଥିବା ତା'ର ସେ ଭଉଣୀଟି ଏ ଦୁନିଆରେ ଆଉ ନାହିଁ। ହଠାତ୍ କେମିତି ଛାତିଟା ମୋର ଦାଉଁ କରି ହୋଇଥିଲା। ଏତେ ଛୋଟ ପିଲାଟା। କ'ଣ ହୋଇଥିଲା ତା'ର ଯେ ସେ ଏତେ ଶୀଘ୍ର ଦୁନିଆ ଛାଡି ଚାଲିଗଲା। ନିଜକୁ ନିଜେ ପଚାରିଥିଲି ମୁଁ। ବୋଧହୁଏ ପିଲାଟାକୁ କିଛି ରୋଗ ବଇରାଗ ହୋଇଥିଲା। ଆଉ ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ହୋଇଯାଇଥିଲା। ମୁଁ ଏୟା ହିଁ ଭାବିଥିଲି।

ଏମିତି ଫଟୋଟିଏ ଦେଖି ତଥା ତା' ତଳେ ଥିବା ଲେଖାଟିକୁ ପଢ଼ି ମୁଁ ପୁଷ୍ପାକୁ ବାର୍ତ୍ତାଟିଏ ପଠେଇଥିଲି ଯେଉଁଥିରେ ମୁଁ ଲେଖିଥିଲି, ତୋ ଭଉଣୀର କ'ଣ ହୋଇଥିଲା ପୁଷ୍ପା।

ମୋ ବାର୍ତ୍ତାର କିଛି ବି ଉତ୍ତର ଦେଇନଥିଲା ପୁଷ୍ପା। ତା'ପରେ ମୁଁ ବି ତାକୁ ଆଉ ଥରେ ସେଇ କଥା ପଚାରିବାକୁ ସାହସ କରିପାରିନଥିଲି। ତଥାପି ମନ ମାନୁ ନଥିଲା ବୋଲି କେତେବେଳେ କେମିତି ତାକୁ ଫୋନ୍ କରି ଦେଉଥିଲି। ହେଲେ ସେ ଫୋନ୍ ଉଠଉନଥିଲା। ତେଣୁ ମୁଁ ତାକୁ ହ୍ୱାଟସ ଆପ୍‌ରେ ବାର୍ତ୍ତାଟିଏ ଦେଇଥିଲି। ଲେଖିଥିଲି, ତତେ ଫୋନ୍ କରିଥିଲି। ତୁ ବୋଧେ ବ୍ୟସ୍ତ ଅଛୁ। ସେଥିପାଇଁ ଫୋନ୍ ଉଠେଇ ପାରିଲୁନି। ହଉ, ତୁ ଯେତେବେଳେ ଫୁରୁସତ ପାଇବୁ ମତେ ଟିକିଏ ଫୋନ୍ କରିବୁ। ତୋ ସାଥିରେ ବହୁତ କିଛି କଥା ଅଛି।

'ଓକେ', ବାସ୍ ଏତିକି ଲେଖି ପୁଷ୍ପା ପ୍ରାୟ ତିନି ଦିନ ପରେ ଉତ୍ତରଟିଏ ଦେଇଥିଲା।

ତା' ପରଠାରୁ ପୁଷ୍ପା ଅସମ୍ଭବ ଭାବରେ ନୀରବ ହୋଇ ଯାଇଥିଲା। ନା ଫୋନ୍ କଲେ ଫୋନ୍ ରିସିଭ କରୁଥିଲା ନା କିଛି ବାର୍ତ୍ତା ଦେଲେ ତା'ର ଉତ୍ତର ଦେଉଥିଲା। ଏପଟେ ମୁଁ କିନ୍ତୁ ପ୍ରତି ମୁହୂର୍ତ୍ତରେ ତା'ଠାରୁ ଗୋଟେ କଲ କିମ୍ବା କିଛି ବାର୍ତ୍ତା ପାଇବି ବୋଲି ଅପେକ୍ଷା କରି ରହୁଥିଲି। ମୋ ଅପେକ୍ଷାର ଯେମିତି ଅନ୍ତ ନଥିଲା। ଏହା ଭିତରେ ପାଖାପାଖି ଗୋଟେ ମାସ ବିତି ଯାଇଥିଲା। ପୁରା ମାସକ ଯାକ ବି ପୁଷ୍ପାର ହ୍ୱାଟସ ଆପ୍ ଷ୍ଟାଟସ ପୁରା ନୀରବ ହୋଇଯାଇଥିଲା। ଭାରି ବ୍ୟସ୍ତ ଲାଗୁଥିଲା ମତେ। କ'ଣ ହେଲା ପୁଷ୍ପାର ? କାହିଁକି ସେ ଏମିତି ହଠାତ୍ ଏତେ ନୀରବ ହୋଇଗଲା ?

ଏମିତି ଦିନେ ସନ୍ଧ୍ୟାବେଳେ ମୁଁ ବସି ଚା ପିଉଛି। ଏଇ ସମୟରେ ହଠାତ୍ ମୋର ମନେ ପଡ଼ିଗଲା ପୁଷ୍ପା କଥା। ଫୋନ୍ କରିବି କି କରିବିନି ବୋଲି ଅନେକ ସମୟ ପର୍ଯ୍ୟନ୍ତ ଭାବିହେଲି, ଏମିତି ଅନେକ ଭାବି ପରେ ଆଉ ଅଧିକ କିଛି ନ ଭାବି ମୁଁ ଫୋନ୍ ଲଗେଇଲି ପୁଷ୍ପାକୁ। ପ୍ରାୟ ଛ ସାତ ଥର ରିଙ୍ଗ ହେଲା ପରେ ଫୋନ୍ ଉଠେଇଲା ସେ।

ହ୍ୟାଲୋ... ପୁଷ୍ପାଠାରୁ ଏଇ ପଦକ ଶୁଣୁ ଶୁଣୁ ଘାବରେଇ ଯାଇଥିଲି ମୁଁ। ବୁଝି ପାରୁନଥିଲି କ'ଣ କହି କଥା ଆରମ୍ଭ କରିବି। ସେ ବି ବୋଧହୁଏ ଠିକ୍ ସେମିତି କିଛି ଭାବୁଥିଲା। କାରଣ ସେ ବି ସେପଟୁ କିଛି କହୁନଥିଲା।

ପ୍ରଥମେ ମୁଁ ଆରମ୍ଭ କରିଥିଲି। କହିଥିଲି, ନାଇଁରେ, ୟା ଆଗରୁ ତତେ ଆଉଥରେ ବି କଲ୍ କରିଥିଲି। ତୁ ବୋଧେ ବ୍ୟସ୍ତ ଥିଲୁ, ତେଣୁ ଉଠେଇଲୁନି। ତେଣୁ ବାର୍ତ୍ତାଟିଏ ବି ଦେଇଥିଲି। ତୁ ତା'ର ଉତ୍ତର ଦେଲୁନି। ତୋ ଭଉଣୀର ଖବର ଶୁଣିକି ଆଦୌ ଭଲ ଲାଗିନଥିଲା, ତେଣୁ ଫୋନ୍ କରିଥିଲି। କଥା ହେଲା ତୋର ମନେ ଅଛି କି ନାହିଁ ମୁଁ ଜାଣିନି, ହେଲେ ତୋର ସେ ଭଉଣୀ ମୋ ତଳ ଭଉଣୀର ଭଲ ସାଙ୍ଗ ଥିଲା। ସେତେବେଳେ ସେ ଅନେକ ଥର ଆମ ଘରକୁ ମୋ ଭଉଣୀ ସାଙ୍ଗେ ଆସିଛି। ଏଇ କାଲି ପରି ତା' କଥା ସବୁ ମୋର ମନେ ଅଛି।

ତା'ର କିଛି ହେଇନଥିଲାରେ ...। ସେ ଆତ୍ମହତ୍ୟା କରିଦେଲା। ଧୀରେ କରି କହିଲା ପୁଷ୍ପା।

ତା' କଥା ଶୁଣି ମୁଁ ଯେମିତି ଆକାଶରୁ ଖସି ପଡ଼ିଲି। ମୁଁ ତ ଅଲଗା କିଛି ଭାବିଥିଲି। ମାନେ ମୁଁ ଭାବିଥିଲି ତା'ର ବୋଧେ କିଛି ଦେହ ଖରାପ ହେଇଥିଲା। ଆଉ ସେଥିରେ ସେ ଚାଲିଗଲା। ହେଲେ ଆତ୍ମହତ୍ୟା କଥା ତ ମୁଁ ଜମାରୁ ଭାବି ନଥିଲି।

ଆତ୍ମହତ୍ୟା... ? ହେଲେ କାହିଁକି ? କ'ଣ ପାଇଁ ସେ ଏମିତି ଏକ ଭୟଙ୍କର ନିଷ୍ପତ୍ତି ନେଲା ? ତା'ର ତ ଗୋଟେ ଝିଅ ଅଛି ନା ? ଏମିତି ଏକ ନିଷ୍ପତ୍ତି ନେଲାବେଳେ ଥରେ କ'ଣ ସେ ତା' ଝିଅ କଥା ଭାବି ପାରିଲାନି ? ପିଲାଟାକୁ ସେ କାହିଁକି ଦଣ୍ଡ ଦେଇ ଚାଲିଗଲା ? ମା ଛେଉଣ୍ଡ କରିଦେଇ ଗଲା ତାକୁ? ଏବେ ସେ କେମିତି ବଂଚିବ? ଗୋଟିଏ ନିଶ୍ୱାସରେ ଏତକ କଥା କହିଦେଇ ଗଲି ମୁଁ।

କିଛି ବି ଜଣାପଡିଲାନିରେ...। କାହିଁକି କେଜାଣି ସେ ଏମିତି କଲା ? କିଛି ବି ଜଣାପଡିଲାନି ଯେ କ'ଣ ତା'ର ଦୁଃଖ ଥିଲା, କ'ଣ ତା'ର କଷ୍ଟ ଥିଲା। କାହିଁକି ଥିଲା ତା'ର ହତାଶା, ଅବସୋସ, ଅବସାଦ ? ଏମିତି ଦେଖିବାକୁ ଗଲେ ତା' ପାଖରେ ତ ସବୁ ସୁଖ ଥିଲା। ହେଲେ ଏତେ ସୁଖ ଭିତରେ କେଉଁଠି କେଜାଣି ତା' ମନତଳେ ଏତେ ବଡ କିଛି ଦୁଃଖ ଲୁଚି ରହିଥିଲା ଯିଏ ତାକୁ ଆତ୍ମହତ୍ୟା ପଥରେ ପଥିକ ବନେଇ ଦେଇଥିଲା। ହେଲେ ଏ ବିଷୟରେ ଆମେ ଆଗରୁ କିଛି ଜାଣିପାରିଲୁ ନାହିଁ। ସେ ବି ହେଲେ ଏ ବିଷୟରେ ଆମକୁ ସାମାନ୍ୟ ସୂଚନା ଦେଇ ଥାଆନ୍ତା ଭଲା।

ଟିକିଏ ସମୟ ଚୁପ୍ ରହି ପୁଣି ଥରେ କହିଥିଲା ପୁଷ୍ପା, ତା' ପୂର୍ବଦିନ ରାତିରେ ବି ମୁଁ ତା' ସାଥିରେ କଥା ହୋଇଥିଲି। ମୋର ତା' ପରଦିନ ରାତିରେ ଦିଲ୍ଲୀରୁ ଫେରିବାର ଥିଲା। ତା' ପାଇଁ କ'ଣ ନେବି ଦିଲ୍ଲୀରୁ, ସେଇ ବିଷୟରେ ତାକୁ ପଚାରିବି ବୋଲି ଫୋନ୍ କରିଥିଲି। ହେଲେ ସେ କହିଲା, ଅପା, ଆମର ଏଠି ଭୁବନେଶ୍ୱରରେ କ'ଣ ଟା ମିଳୁନି ଯେ ତୁ ସେସବୁକୁ ଦିଲ୍ଲୀରୁ ବୋହି ବୋହି ଆଣିଲୁ ? ତୁ ଆଗ ଆସି ପହଞ୍ଚ ଯା। ନୂଆ ବର୍ଷ ଦିନ ରାତିରେ ଆମେ ସମସ୍ତେ ମିଶିକି ଗୋଟେ ଭୋଜି କରିବା।

ଏତିକି କଥା ସେ ମତେ ଡିସେମ୍ବର ଏକତିରିଶ ତାରିଖ ଦିନ

ରାତିରେ କହିଛି। ମୁଁ ଏକ ତାରିଖ ଦିନ ସକାଳ ଦଶଟା ବେଳକୁ ଏଠି ଆସି ପହଞ୍ଚୁ ପହଞ୍ଚୁ ଶୁଣିଲି କି ସେ ଗତରାତିରେ ଫ୍ୟାନରେ ନିଜ ଓଢ଼ଣୀ ଲଗେଇ ଝୁଲି ପଡ଼ିଛି। ପ୍ରଥମେ ତ ମୁଁ ଏକଥାକୁ ବିଶ୍ୱାସ କରିପାରିଲି ନାହିଁ। ମତେ ଲାଗିଲା ସମସ୍ତେ ମୋ ସାଙ୍ଗରେ ମଜ୍ଜା କରୁଛନ୍ତି। ହେଲେ ଏତେ ବଡ କଥା କହି କିଏ କ'ଣ ନୂଆ ବର୍ଷଟାରେ ଏମିତି ମଜ୍ଜା କରେ ?

ହଠାତ୍ ମୁଁ କିଛି ବୁଝି ପାରୁନଥିଲି କି ମୋ ଚାରିପଟେ କ'ଣ ସବୁ ଘଟି ଯାଉଛି ? ମୁଁ ବୁଝି ପାରୁନଥିଲି କି ଏଇଟା ସମ୍ଭବ କେମିତି ହେଲା ? ମୋ ସାଙ୍ଗେ କଥା ହେଲାବେଳେ ତ ସେ ପୁରା ସାଧାରଣ ଥିଲା। ସବୁବେଳେ ଯେମିତି କଥାବାର୍ତ୍ତା କରେ ସେମିତି କରିଥିଲା। ତାହେଲେ ତାକୁ କ'ଣ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଉଛି ନା ମୋ ସାଥିରେ କଥାବାର୍ତ୍ତା ହେଲାବେଳେ କାଳେ ମୁଁ କିଛି ସନ୍ଦେହ କରିବି ସେଥିପାଇଁ ଯଥାସାଧ୍ୟ ମୋ ସାଥିରେ ଅଭିନୟ କରି କଥା ହୋଇଥିଲା ଯେମିତି ସେ ଏକଦମ ନର୍ମାଲ ଅଛି। ମୋ ଭାବନା ସବୁ ଯେମିତି ଗୋଳମାଳିଆ ହୋଇଯାଉଥିଲା। ଗୋଟିଏ ନିଃଶ୍ୱାସରେ ପୁଷ୍ପା ଏସବୁ କହି ଚାଲିଥିଲା।

ଏତେ ବଡ ନିଷ୍ପତ୍ତି ନେବା ପୂର୍ବରୁ ଥରେ ବି ସେ ଭାବି ପାରିଲାନି କେମିତି ଆମମାନଙ୍କ କଥା ? ନିଷ୍ପତ୍ତି ନେଲାବେଳେ ନ ଭାବିଲା ନାହିଁ, ନିଷ୍ପତ୍ତିକୁ କାର୍ଯ୍ୟକାରୀ କଲାବେଳକୁ ଥରେ ଭାବି ପାରିଥାନ୍ତା ଅଶୀ ପଞ୍ଚାଅଶୀ ବର୍ଷରେ ପାଦ ଦେଇଥିବା ତା' ମା, ବାପାଙ୍କ କଥା ? ତା' ନିଜ ଝିଅ କଥା ଯାହାକୁ କି ମାତ୍ର ବାର ତେର ବର୍ଷ। ତା' ବିନା କେମିତି ସେ ବଞ୍ଚିବ ଏ ଦୁନିଆରେ ? କେମିତି ଏତେ ସ୍ୱାର୍ଥପର ହୋଇପାରିଲା ସେ ? ଆମେ ତିନି ଭଉଣୀଙ୍କ ଭିତରେ କାହାକୁ କୋଉ କଥା ଅଛପା ନଥିଲା। ତା' ଜୀବନରେ ଯଦି ଏମିତି କିଛି ସମସ୍ୟା ଥିଲା ତା' ହେଲେ କାହିଁକି କେଜାଣି ସେସବୁ କଥାକୁ ସେ ଆମ ପାଖରୁ ଲୁଚେଇ ରଖିଲା ? ଏତିକି କହୁ କହୁ କାନ୍ଦି ପକେଇଲା ପୁଷ୍ପା।

ହଁ ଯେ ତମେ ସିନା ଏ ବିଷୟରେ କିଛି ଜାଣି ପାରିଲନି। ହେଲେ ତା' ଶଶୁ ଘର ଲୋକ କ'ଣ କହୁଛନ୍ତି ? ସେମାନେ ତ ସବୁ ଘରେ ଥିଲେ ନା ? ଜଣକୁ ସେତିକି କଷ୍ଟ ନହେଲେ ସେ କେବେ ବି ଏତେ ବଡ ନିଷ୍ପତ୍ତି ନେବ ନାହିଁ। ତା' ଶାଶୁ, ଶ୍ୱଶୁର, ବର ଏମାନେ କ'ଣ କହୁଛନ୍ତି ? ପୁଣି ଝିଅଟି ଦି ପାଖରେ ଥିବା ନା। ସେ କ'ଣ କହୁଛି ? ଅତ୍ୟନ୍ତ ଉଦ୍‌ବିଗ୍ନତାର ସହ ପଚାରିଲି ମୁଁ।

ନା... ସେମାନେ ବି କାଳେ ଜାଣିପାରିଲେ ନାହିଁ ଯେକାହିଁକି ସବୁ କିଛିକୁ ଛି କରିଦେଇ ସେ ହଠାତ୍ ଏତେ ବଡ ନିଷ୍ପତ୍ତି ନେଇଗଲା। କହିଲା ପୁଷ୍ପା, ଦୀର୍ଘଶ୍ୱାସଟିଏ ପକେଇ।

ପୁଷ୍ପାଠାରୁ ଏକଥା ଶୁଣି ମୁଁ କହିଲି, ତୁ ଯାହା କହ ପୁଷ୍ପା, ମତେ ଲାଗୁଛି ତା ଶଶୁ ଘର ଲୋକ ମିଛ କହୁଛନ୍ତି। ସେମାନେ ସବୁ ଜାଣିଛନ୍ତି। ହେଲେ ନ ଜାଣିବାର ଅଭିନୟ କରୁଛନ୍ତି। ଏମିତି କେମିତି ହବ ? ଜଣେ ସେଇଠି ଚଳପ୍ରଚଳ ହେଉଥିବ। ଏତେ ବଡ ନିଷ୍ପତ୍ତି ନେଲା ବେଳକୁ ଟିକିଏ ତ ତା ହାବଭାବରେ ପରିବର୍ତ୍ତନ ଦେଖେଇଥିବ। ତା'ପରେ ଏମିତି ଏକ ନିଷ୍ପତ୍ତି ତା' ଭିତରେ ଖୁନ୍ଦି ହୋଇ ରହିଥିବା କିଛି ଗୋଟେ ହତାଶା, ଅବସୋସ ଆଉ ଅବସାଦର ପରିଣାମ। ତମେ ଏ ବିଷୟରେ ଥାନାରେ ଅଭିଯୋଗ ତ କରିଥିବ ? ପୁଲିସ ତଦନ୍ତରୁ କ'ଣ ବାହାରିଲା ?

ନାଇଁ ସେ ଗଲାପରେ ଆମେ ଆଉ କଥାକୁ ଆଗକୁ ବଢ଼େଇଲୁନି। ନିଜ ଦୁଃଖ ସବୁକୁ ଛାତି ତଳେ ଚାପିରଖି ସେ ତ ଚାଲିଗଲା। କିଛି ବି କହିଲାନି। ଥାନାକୁ ଯାଇଥିଲେ କିଛି ବି ହୋଇନଥାନ୍ତା। ନା ସଠିକ ଭାବରେ ତଦନ୍ତ ହୋଇଥାଆନ୍ତା ନା ଆମକୁ ନ୍ୟାୟ ମିଳିଥାଆନ୍ତା। ସେ ତ ଫେରି ଆସିନଥାଆନ୍ତା ବରଂ ଥରକୁ ଥର ତଦନ୍ତ ନାଁରେ ପୁଲିସ ଆମକୁ ଥାନାକୁ ଡାକି ହଇରାଣ କରିଥାନ୍ତା।

ସେମାନେ ମାନେ ତା' ଶଶୁଘର ବହୁତ ବଡ ଲୋକ। ଦୁନିଆ ନେତା, ମନ୍ତ୍ରୀ, ଅଫିସର ତାଙ୍କ ପାଖ ଲୋକ। ପଇସା ବଳରେ ସେମାନେ ସବୁ ଆଇନ, କାନୁନ, ନିୟମ ସବୁକୁ କିଣି ଦେଇପାରିବେ। ତେଣୁ ଥାନା, କୋର୍ଟ, କଚେରୀକୁ ଯାଇଥିଲେ ଆମେ ଖାଲି ଯାହା ଆଇନ କାନୁନ୍‌ର ଅତୁଆ ତତୁଆ ଜାଲ ଭିତରେ ଧନ୍ଦି ହୋଇଥାନ୍ତୁ ସିନା କିଛି ବି ନ୍ୟାୟ ପାଇନଥାନ୍ତୁ।

ସେତେବେଳେ କ'ଣ ଏବେ ବି ଆମେ ସ୍ଥିର ନିଶ୍ଚିତ ଯେ ସେମାନେ ଏ ବିଷୟରେ ସବୁ କିଛି ଜାଣିଛନ୍ତି। ହେଲେ ଦୁନିଆକୁ ଲୁଚଉଛନ୍ତି। ମୋ ମନରେ ତ ସନ୍ଦେହ ହେଉଛି ତା'ର ଆତ୍ମହତ୍ୟାକୁ ନେଇ। ମତେ ତ ଲାଗୁଛି ଯେ ସେ ଆତ୍ମହତ୍ୟା କରିନଥିଲା ବରଂ ତାକୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଇଥିଲା। କାରଣ ଆତ୍ମହତ୍ୟା କଲା ଭଳି ଏତେ ଦୁର୍ବଳ ମାନସିକାତର ଝିଅ ସେ ନଥିଲା। ଜୀବନର ପ୍ରତିଟି ପରିସ୍ଥିତିକୁ ସାମ୍ନା କରିବାର ସାହସ ଆଉ ଧୈର୍ଯ୍ୟ ତା'ର ଥିଲା। କିନ୍ତୁ ପୋଷ୍ଟମର୍ଟମ ରିପୋର୍ଟରୁ ବାହାରିଥିଲା ଯେସେ ଆତ୍ମହତ୍ୟା କରିଥିଲା। ହେଲେ ଆଜିକାଲିର ଯୁଗରେ ପୋଷ୍ଟମର୍ଟମ ରିପୋର୍ଟକୁ ଏପଟସେପଟ କରିବା ଅସମ୍ଭବ ବ୍ୟାପାର ନୁହେଁ ନା !

ଏବେ ବି ନିରୋଳା ମୁହୂର୍ତ୍ତରେ ମୋ ମନ କହେ ଯେ ସେ ଆତ୍ମହତ୍ୟା କରିନଥିଲା। କାରଣ ସେ ସେମିତିକା ପିଲା ନଥିଲା। କେବେ ବି ଯଦି ଆମ ଦୁଇ ଭଉଣୀ ମଧ୍ୟରୁ କେହି ଜଣେ ଭାଙ୍ଗିପଡୁ ସେ ଆମ ମୁହଁ ଦେଖି ଆମ ମନକଥା ଜାଣିପାରେ। ଆମକୁ ବୁଝାଏ। କଥାରେ କଥାରେ ସେ ଆମକୁ ଏମିତି ବୁଝେଇ ଦିଏ ଯେ ଆମେ ଆମର ସବୁତକ ଦୁଃଖ, ହତାଶା, ଅବସୋସ ଆଉ ଅବସାଦ ନିମିଷକରେ ଭୁଲି ଯାଉ। ଆଉ ପୁଣିଥରେ ଉଠିପଡ଼ି ଜୀବନର ଚଲାପଥରେ ଚାଲିବାକୁ ଶକ୍ତି ପାଉ।

ପୁଣି ଏକଥା ବି ନୁହେଁ ଯେ ସେ ପାଠଶାଠ ପଢ଼ିନଥିଲା। ଆମ ସମସ୍ତଙ୍କଠାରୁ ସେ ଅଧିକ ପଢ଼ିଥିଲା। ଭଲ ଚାକିରୀଟିଏ ବି କରିଥିଲା। ହେଲେ ବାହାଘର ପରେ ଶାଶୁଘର ଲୋକେ ଚାକିରୀ ଛାଡ଼ିବାକୁ କହିବାରୁ ସେ ଚାକିରୀ ତ ଛାଡି ଦେଇଥିଲା। ହେଲେ ଚାକିରୀ ଛାଡ଼ିବା ବେଳକୁ ବି ସେ ଖୁବ୍ ଗୁଡାଏ ପଇସା ରଖିଥିଲା। ଆଉ ସେଇ ପଇସାରେ ଗଲା ବର୍ଷ ସେମାନେ ଗୋଟେ ଦୁଇ ମହଲାର ଘରଟିଏ କିରିଥିଲେ। ଏଇ ମାସେ ତଳେ ହିଁ ସେମାନେ ତାଙ୍କ ନୂଆ ଘରକୁ ଯାଇଥିଲେ। ତଥାପି କ'ଣ ଏମିତି ହେଲା କେଜାଣି ସେ ମନକୁ ମନ କାହାକୁ କିଛି ନ ଜଣେଇ ଏତେ ବଡ ନିଷ୍ପତ୍ତିଟିଏ ନେଇଗଲା !

ଏବେ ବି ପ୍ରତି ମୁହୂର୍ତ୍ତରେ ମନଟା ଖୁବ୍ ଛଟପଟ ହୁଏ। ଛାତି ତଳଟା କୋରି ବିଦାରି ହୋଇଯାଏ। ପ୍ରତି ମୁହୂର୍ତ୍ତରେ ସେଇ ଗୋଟିଏପ୍ରଶ୍ନ ନା ରାତିରେ ଶାନ୍ତିରେ ଶୁଆଇ ଦିଏ ନା ଶାନ୍ତିରେ ଗଣ୍ଡେ ଖୁଆଇ ଦିଏ। ସେ ଆତ୍ମହତ୍ୟା କରିଥିଲା ନା ତାକୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଇଥିଲା। କାରଣ ତା'ର ଅସ୍ୱାଭାବିକ ମୃତ୍ୟୁ ଖବର ପାଇ ମୁଁ ଯେତେବେଳେ ତାଙ୍କ ଘରେ ପହଞ୍ଚିଥିଲି ତା ଶାଶୁଘରର କୌଣସି ସଦସ୍ୟ ସାମାନ୍ୟତମ ବିଚଳିତ ଥିବାର ମୁଁ ଅନୁଭବ କରିନଥିଲି। କାହାରି ମନରେ ସାମାନ୍ୟତମ ଦୁଃଖ କି ଅନୁଶୋଚନା ନଥିଲା। ଘରର ମଣିଷଟେ ହଠାତ୍ ଏମିତି ଅସମୟରେ ଚାଲିଗଲା। ହେଲେ ସମସ୍ତେ ଖୁବ୍ ସ୍ୱାଭାବିକ ଥିଲେ। ସେମାନଙ୍କ ହାବଭାବ ଚାଲିଚଳନ ଦେଖି ଲାଗୁଥିଲା ଯେମିତି କୌଣସି ବୟସ୍କ ବ୍ୟକ୍ତି କାହିଁ କେତେ ଦିନରୁ ରୋଗଗ୍ରସ୍ତ ହୋଇ ଖଟ ଉପରେ ପଡ଼ିରହିଥିଲେ ଆଉ ଚାଲିଗଲେ। ତେଣୁ ମତେ କେବେ କେବେ ଲାଗେ ତାକୁ ତା ଶାଶୁଘର ଲୋକ ହିଁ ହତ୍ୟାକରି ଆତ୍ମହତ୍ୟାର ରୂପ ଦେଇଥିଲେ।

କେବେ କେବେ ଇଚ୍ଛା ହୁଏ ଥାନାକୁ ଯାଆନ୍ତି, କୋର୍ଟକୁ ଯାଆନ୍ତି, ସେମାନଙ୍କ ବିରୁଦ୍ଧରେ ଅଭିଯୋଗ କରି ଘଟଣାର ପ୍ରକୃତ ସତ୍ୟାସତ୍ୟ ବାହାର କରିବାକୁ ଗୁହାରି କରନ୍ତି। ହେଲେ ବାପା ମା ମନା କରୁଛନ୍ତି। କହୁଛନ୍ତି ସେମାନେ ଖୁବ୍ ବଡଲୋକ, ପଇସା ବଳରେ ଧଳାକୁ କଳା ଆଉ କଳାକୁ ଧଳା ନିମିଷକରେ କରିଦେଇ ପାରିବେ। ସେମାନଙ୍କ ପଛରେ ଲାଗିଲେ ଖାଲି ନିଜେ ଅଶାନ୍ତି ତଥା ଭୟରେ ରହିବା ହିଁ ସାର ହେବ। ମା କହୁଛି ଯିଏ ତ ଗଲା ଗଲା, ତା ପାଇଁ ତୁ କାହିଁକି ଥାନା, କୋର୍ଟ, କଚେରୀରେ ପଇଁତରା ମାରି ମାରି ତୋ ପରିବାରର ଭବିଷ୍ୟତଟାକୁ ନଷ୍ଟ କରିଦେବୁ? ପୁଣି ଥାନା, କୋର୍ଟ କଚେରୀକୁ ଗଲେ ନ୍ୟାୟ ଯେ କେବେ ମିଳିବ ତାର କିଛି ଠିକ୍ ଠିକଣା ନାହିଁ। ଆହୁରି ନ୍ୟାୟ ମିଳିବ କି ନାହିଁ ସେଇଟା ବି ସନ୍ଦେହ।

ଟିକେ ସମୟ ଚୁପ୍ ରହି ପୁଷ୍ପା ପୁଣି ଥରେ କହିବାକୁ ଆରମ୍ଭ କରିଥିଲା।

ତାର କଷ୍ଟ କ'ଣ ଥିଲା, ଦୁଃଖ କ'ଣ ଥିଲା, ସେ କେଉଁ ପ୍ରକାରର ଯନ୍ତ୍ରଣାରେ ଥିଲା ସେକଥା ସେ ମତେ କେବେ ବି କହିନି। ତାକୁ ଦେଖିଲେ ବି କେବେ ଲାଗୁନଥିଲା କି ସେ ଏତେ ଯନ୍ତ୍ରଣା ଦେଇ ଗତି କରୁଛି। ତଥାପି ଏତେ ବଡ ନିଷ୍ପତ୍ତି ନେବା ପୂର୍ବରୁ ସେ ଥରଟିଏ ପାଇଁ ସେ ତାର ଯନ୍ତ୍ରଣା ସବୁକୁ ଆମକୁ କହି ଦେଇ ପାରିଥାନ୍ତା। କେମିତି ସେ ଏତେ ସ୍ୱାର୍ଥପର ହୋଇପାରିଲା? ଥରଟିଏ ପାଇଁ ତ ନିଜ ବାପା, ମା, ଭଉଣୀମାନଙ୍କ କଥା ଭାବି ପାରିଥାନ୍ତା?

ହେଲେ ସେ ଯିବା ପରେ ମୁଁ ଯେଉଁ ସବୁ ପରିସ୍ଥିତିକୁ ସାମ୍ନା କରୁଛି ସେଥିରେ ନା ମୁଁ ଜୀଇଁ ପାରୁଛି ନା ମରି ପାରୁଛି। ମୋର ବି ବେଳେବେଳେ ଇଚ୍ଛା ହେଉଛି ତା ଭଳି ନିଷ୍ପତ୍ତି ନେଇ ମୁଁ ବି ସେମିତି କିଛି କରିଦିଅନ୍ତି ଯାହା ଫଳରେ ମୁଁ ବି ସବୁ କଷ୍ଟ ଯନ୍ତ୍ରଣାରୁ ମୁକ୍ତି ପାଇ ଯାଆନ୍ତି। ହେଲେ ସେମିତି କରିପାରୁନି। ସେ ସିନା କାହା କଥା କିଛି ବି ଭାବିଲାନି। ହେଲେ ଏମିତି କିଛି ଭାବିବା ମାତ୍ରେ ହିଁ ମୋ ଆଖି ଆଗରେ ଭାସି ଯାଉଛି ମୋର ବୟସ୍କ ବାପା ମାଙ୍କ କଥା ଯାହାଙ୍କର କି ଆମ ଛଡା ଆଉ କେହି ସାହା ଭରସା ନାହାନ୍ତି। ମୁଁ ସେମିତି କିଛି କରି ବସିଲେ କ'ଣ ହେବ ସେମାନଙ୍କ ଅବସ୍ଥା। ଖାଲି ସେମାନେ ନୁହଁନ୍ତି ସେମିତି କିଛି ଭାବନା ମନରେ ଆସିବା ମାତ୍ରେ ହିଁ ମୋ ଆଖି ଆଗରେ ଭାସି ଯାଏ ମୋ ସ୍ୱାମୀଙ୍କ ମୁହଁ, ମୋ ଝିଅର ମୁହଁ। ମୁଁ ନ ରହିଲେ କ'ଣ କରିବେ ସେମାନେ? କେମିତି ବଂଚିବେ? ତେଣୁ ତା ପରି ମୁଁ ଏତେ ସ୍ୱାର୍ଥପର ବି ହେଇ ପାରୁନି ଲୋ....।

ଏହା ପରେ ବି ବୋଧହୁଏ ଆହୁରି କିଛି କହିବାକୁ ଚାହୁଁଥିଲା ପୁଷ୍ପା। ହେଲେ କଣ୍ଠ ତାର ବାଷ୍ପରୁଦ୍ଧ ହୋଇ ଯାଇଥିଲା କି କଣ ସେ କିଛି କହି ପାରୁନଥିଲା। କାରଣ ଫୋନ୍‌ଟା କଟି ନଥିଲେ ମଧ୍ୟ ସେପଟରୁ କିଛି ସୋର ଶବ୍ଦ ଆସୁନଥିଲା। ହେଲେ ମାତ୍ର କିଛିଟାମୁହୂର୍ତ୍ତ ପରେ ସେପଟରୁ ଶୁଭିଥିଲା ପୁଷ୍ପାର କଇଁ କଇଁ ହୋଇ କାନ୍ଦୁଥିବାର ଶବ୍ଦ।

ଫୋନ୍‌ରେ ସେପଟରେ ପୁଷ୍ପା। ଆଉ ଏପଟରେ ମୁଁ। ମୁଁ ଯେ କ'ଣ କହି ଆଉ କେମିତି ପୁଷ୍ପାକୁ ସାନ୍ତ୍ୱନା ଦେବି ସେକଥା ଜାଣିପାରୁନଥିଲି। ତଥାପି କହିଥିଲି, ପ୍ଲିଜ ପୁଷ୍ପା, ପ୍ଲିଜ...। କାନ୍ଦନା। ଧୈର୍ଯ୍ୟ ଧର। ଦେଖିବୁ ସବୁ ଠିକ ହୋଇଯିବ।

ମୋର କଥା ସରିନଥିଲା ଫୋନ୍‌ଟା କଟିଗଲା। ମୁଁ ଜାଣିପାରିଲିନି ଯେ ଫୋନ୍‌ଟା ମନକୁ କଟିଗଲା ନା ପୁଷ୍ପା ନିଜେ ତରଫରୁ କାଟିଦେଲା, କିଛି ସମୟ ଅପେକ୍ଷା କଲି। କାଳେ ସେ ଆଉଥରେ ଲଗେଇବ। ହେଲେ ନା... ସେ ଆଉ ଫୋନ୍ କଲାନି। ମୋର ବି ଆଉ ଇଚ୍ଛା ହେଲାନି ତାକୁ ଆଉଥରେ ଫୋନ୍ କରିବାକୁ।

ଖୁବ୍ କ୍ଳାନ୍ତ ଲାଗୁଥିଲା ମତେ। ଭାରି ଭାରି ବି ଲାଗୁଥିଲା। ମନେ ମନେ ଭାବୁଥିଲି ସତରେ। ମଣିଷଟେ କେତେ ଅସହାୟ ହୋଇଯାଏ ଯେତେବେଳେ ଜୀବନର ଚଲାପଥରେ ଚାଲୁ ଚାଲୁ ଏମିତି ଏକ ଦୋଛକିରେ ପହଞ୍ଚିଯାଏ ଯେଉଁଠାରୁ ନା ସେ ନା ଆଗକୁ ଯାଇପାରେ ନା ପଛକୁ ଫେରିପାରେ। କେତେ ଅସହାୟ ସତରେ ଲାଗେ ଯେତେବେଳେ ଯେତେ ଖୋଜିଲେ ମିଳେନାହିଁ ନିଜ ଲୋକଟିର ମୃତ୍ୟୁର କାରଣ।

***ଶକ୍ତି ବିଭାଗ, ଖାରବେଳ ଭବନ, ଭୁବନେଶ୍ୱର***

# ଅପ୍ରାପ୍ତି

ପ୍ରଦ୍ୟୁମ୍ନ ପଟ୍ଟନାୟକ

ଖୋଜିବାର ଅନୁଭବ ପାଇବାରେ କାହିଁ ଝୁରିବାର ଅନୁଭୂତି ଭୋଗିବାରେ ନାହିଁ। ମିଳନର ଅଭୀପ୍‌ସାରେ ବିତିଯାଏ ଅତୃପ୍ତ ଜୀବନ। ତଥାପି ପ୍ରତୀକ୍ଷାର ନ ଥାଏ ଅବସାନ। ପ୍ରାପ୍ତିର କୌଣସି ସମ୍ଭାବନା ନଥାଇ ସାରା ଜୀବନ ରାଧା ଏବଂ ମୀରାଙ୍କର ହୃଦୟ ନେଇ ଝୁରୁ ଥାଇ ନିରିମାଖି ପ୍ରିୟତମା। ଜୀବନର ଶେଷ ନିଶ୍ୱାସ ଯାଏ ମନ ମନ୍ଦିରରେ ବସାଇଥିବ। ପ୍ରେମ ରହିଥାଏ ଅମଳିନ।

କେବେ ଆଶା କରିନଥିଲା ମମତା। ଏମିତି ଅପ୍ରତ୍ୟାଶିତ ଭାବେ ଶୁଭଙ୍କର ସହ ସାକ୍ଷାତ ହୋଇଯିବ। ଏତେ ଦିନ ଉପରାନ୍ତ। ଯଦିଓ ଏମିତି ଗୋଟେ ଦିନ ନାହିଁ ଯେଉଁଦିନ ସେ ଶୁଭଙ୍କୁ ମନେ ପକାଇ ନାହିଁ। ଏମିତି ରାତି ନାହିଁ ଯାହାର ସ୍ମୃତିରେ ତା' ଆଖିରୁ ଦୁଇଧାର ଲୁହ ନିଗିଡ଼ି ତକିଆ ଭିଜାଇ ଦେଇନି। କେଜାଣି କିଏ ତାକୁ ଶିଖାଇ ଦେଇଥିଲା ପୂଜା କରିବାର ବିଧି। ଗାଧୋଇ ଆସି ଠାକୁର ଘରେ ଦିଅଁ ଆଗରେ ସେ କ'ଣ ମାଗେ, କ'ଣ ମନାସେ କେଉଁ ଅଭିଯୋଗ କରେ କେଜାଣି ତା' ଆଖି ଲୁହ ଛଳଛଳ ହୋଇଯାଏ। ଶୋଇବା ଆଗରୁ ହେଉ ଅବା ମଧ୍ୟ ରାତ୍ରରେ ସ୍ୱପ୍ନ କିମ୍ବା ବିମଳ ସକାଳରେ ଝରି ପଡ଼ିଥିବା ଶେଫାଳିକୁ ଦେଖି ସେ ମନର ମଣିଷକୁ ଅହରହ ଝୁରି ହେଉଥିଲା।

ଦୀର୍ଘ ତିରିଶ ବର୍ଷରୁ ଉର୍ଦ୍ଧ୍ୱ ହୋଇଗଲାଣି ଦୁହିଁଙ୍କ ମଧ୍ୟରେ ଗଢ଼ି ଉଠିଥିବା ସମ୍ପର୍କର ଯୋଗାଯୋଗ ନଥିଲା। କଥାବାର୍ତ୍ତା ଦେଖାସାକ୍ଷାତ, ଚିଠିପତ୍ରର ଆଦାନ ପ୍ରଦାନ ସିନା ନଥିଲା କିନ୍ତୁ ମନ ଗହ୍ୱରରୁ ସେ ସ୍ମୃତି ବିଲୁପ୍ତ ହୋଇନଥିଲା। ସଂଗୁପ୍ତରେ ଥିବା ଶୁଭଙ୍କରଙ୍କ ଚିଠିଗୁଡ଼ିକ କେବେ ଆଖିରେ ପଡ଼ିଲେ ଛାତିରେ କୋହ ଭରିଯାଉଥିଲା। ପୁଣି ସେସବୁକୁ ପଢ଼ିବାକୁ ଇଚ୍ଛା ହେଉଥିଲା। କେବେନା କେବେ କେଉଁଠି ନା କେଉଁଠି ଥରେ ସାକ୍ଷାତ ହୋଇଯିବାର ଆଶାଦୀପ ମିଞ୍ଜି ମିଞ୍ଜି ହୋଇ ଜଳୁଥିଲା।

ମମତା ଦିନେ ଭୁବନେଶ୍ୱର ରାଜ୍ୟସ୍ତରୀୟ ପୁସ୍ତକ ମେଳାରେ ବୁଲୁବୁଲୁ ହଠାତ୍ ଭେଟ ହୋଇଗଲା ଶୁଭଙ୍କରଙ୍କ ସହ। ଅପ୍ରତ୍ୟାଶିତ ସାକ୍ଷାତରେ ଦୁହେଁ ଅପ୍ରତିଭ ମନେ କରୁଥିଲେ। ତଥାପି ପରସ୍ପରକୁ ଅଣଦେଖା କରି ଯାଇ ପାରିନଥିଲେ। ମମତା ଆଗ ଶୁଭଙ୍କରଙ୍କୁ ଦେଖି ହସି ଦେଥିଲା ପୂର୍ବପରି। ପ୍ରତି ବଦଳରେ ସେ କିପରି ପ୍ରତିକ୍ରିୟା ପ୍ରଦର୍ଶନ କରିବେ ଦ୍ୱନ୍ଦ୍ୱରେ ଥିଲେ ଶୁଭଙ୍କର। ଅବଶ୍ୟ ସେପରି ପୁନର୍ମିଳନର ପରିକଳ୍ପନା ସେ କରିଛନ୍ତି ଅନେକ ଥର। ମନେ ମନେ ଯେତେ ଥର ସେ ଭାବିଛନ୍ତି ତାଙ୍କୁ ଲାଗେ ଯେବେ କେବେ ମମତା ସହ ତାଙ୍କର ସାକ୍ଷାତ ହୁଏ ସେ ବୋଧେ ଅଭିମାନ କରି ମୁହଁ ବୁଲାଇ ନେବ। ଜାଣି ଜାଣି ତାଙ୍କ ଠାରୁ ଦୂରେଇ ଯିବ କିମ୍ବା ଧୋକାବାଜ୍ କହି ତିରସ୍କାର କରିବ। ହୋଇପାରେ ଅତୀତର ସ୍ମରଣରେ ବିହ୍ୱଳିତ ହୋଇ ଲୁହ ଝରାଇ କାନ୍ଦି ପକାଇବ। କିନ୍ତୁ ଏତେ ବର୍ଷ ପରେ ସେମାନଙ୍କ ସାକ୍ଷାତର ଉପକ୍ରମ ଆଦୌ ସେପରି ନଥିଲା।

ସହଜରେ ହସି ଦେଇ ମମତା ପଚାରିଲା, କେମିତି ଅଛ ଶୁଭ ? ଶୁଭଙ୍କର ସେମିତି ହସିବାକୁ ଚେଷ୍ଟା କରୁଥିଲେ, କୃତ୍ରିମ ହସ। ଦୃଢ଼ତାର ସହ କହିବାକୁ କୁଣ୍ଠାବୋଧ କରୁଥିଲେ, ଭଲଅଛି। ତା' ବ୍ୟତୀତ ସେ ବି ସେପରି ପ୍ରଶ୍ନଟିଏ ମମତାକୁ ପଚାରିବାକୁ ସାହସ କରି ପାରିନଥିଲେ। ଦୁହେଁ ଦୁହିଁଙ୍କଠାରୁ ସମସ୍ତ ସମ୍ପର୍କ ଛିନ୍ନ କରି ଦେଇଥିଲେ ବି ଏକଥା ଜଣାଥିଲା ଯେ ମମତା ଅବିବାହିତା ରହିଯାଇଛି। କାରଣ ଜାଣିବା ଆବଶ୍ୟକ ନଥିଲା ତାଙ୍କ ପାଇଁ।

ଦୁଇ ଦୁଇଥର ପ୍ରେମରେ ନିଷ୍ଫଳ ହେବାପରେ ଆଉ ବିବାହ କରିବାର ସ୍ପୃହା ନଥାଇ ପାରେ। ହୋଇପାରେ ବାହାବୟସ ଗଡ଼ିଯିବା ପରେ ଉପଯୁକ୍ତ ବରପାତ୍ରଟିଏ ଯୋଗାଡ ହୋଇ ପାରିନାହିଁ ଅବା ଅତୀତର ସ୍ମୃତିକୁ ପାଥେୟ କରି ସେ ବିବାହ ସ୍ୱପ୍ନକୁ ଗୌଣ କରି ଦେଇଛି ଜୀବନ ଯାତ୍ରାରେ। ଯାହା ବି ହେଉ ବୟସର ସାୟାହ୍ନରେ ସେସବୁ ଅପ୍ରାସଙ୍ଗିକ।

ପୁସ୍ତକ ମେଳାର ଜନଗହଳି ମଧ୍ୟରେ ସେପରି କିଛି ବିଷୟକୁ ନେଇ ଆଲୋଚନା ହାଟମଧ୍ୟେ ବ୍ରହ୍ମଜ୍ଞାନ। ହଜିଲା ଧନ ଖୋଜି ପାଇବା ପରି ଦୁହେଁ ପରସ୍ପରର ଫୋନ ନମ୍ବର ନିଜ ନିଜ ମୋବାଇଲରେ ଟିପି ରଖିଲେ। ଶୁଭଙ୍କର ନିଜର କବିତା ଏବଂ ଗଳ୍ପ ସଂକଳନ କେତୋଟି ନିଜ ବ୍ୟାଗରୁ ବାହାର କରି ମମତା ଆଡକୁ ବଢ଼ାଇ ଦେଲେ। ତା' ଦ୍ୱାରା ସେ ସୂଚାଇ ଦେବାକୁ ଚାହୁଁଥିଲେ ଯେ ସେ ତା'ଠାରୁ ସମସ୍ତ ସମ୍ପର୍କ ଛିନ୍ନ କରି ଦୂରେଇ ଯାଇଥିଲେ ବି ନିଜର ସୃଜନ ମାଧ୍ୟମରେ ତା'ର ସ୍ମୃତିକୁ ଉଜ୍ଜୀବିତ କରି ରଖିଛନ୍ତି। ତା' ପ୍ରତି ତାଙ୍କର ଆସକ୍ତିକୁ ବିଭିନ୍ନ ଗଳ୍ପ କବିତା ମାଧ୍ୟମରେ ବ୍ୟକ୍ତ କରିଛନ୍ତି।

ଦିନକ ପରେ ଆଗ ମମତା ଫୋନ୍ କରିଥିଲା। ଅଭିମାନ କରି କହିଲା, ଶୁଭ ତୁମେତ ଆଉ କେବେ ମୋ ମୁହଁ ଚାହିଁବ ନାହିଁ ବୋଲି ଶପଥ କରିଥିବ। ଅକସ୍ମାତ ସାକ୍ଷାତ ହୋଇଯିବାରୁ ଅନୁତାପ କରୁଛନା।

ମୋର କିନ୍ତୁ ବଡ଼ ଭାଗ୍ୟ। ଯାହା ହେଉ ମରିବା ଆଗରୁ ଅନ୍ତତଃ ତୁମ ସହ ଥରେ ସାକ୍ଷାତ ହୋଇଗଲା। ହଁ ଏମିତିରେ କେଉଁ ବଞ୍ଚିଛି ଯେ...। ଛାଡ। ତୁମ ଲେଖା କିଛି ପଢ଼ିନେଇଛି।

-ତୁମେ ସେଥିରେ ନିଜକୁ ଖୋଜି ପାଇଛ କି ନାହିଁ? ସଂଭ୍ରମରେ ପଚାରିଲେ ଶୁଭଙ୍କର।

-ଏତେ କଥା ସବୁ ତୁମର କ'ଣ ମନେଥିଲା। ମୁଁତ ଭାବିଥିଲି ନୂଆ ଚାକିରି ନୂଆ ମଣିଷ ନୂଆ ପରିବେଶରେ ତୁମେ ସବୁ ପୁରୁଣା କଥା ପାସୋରି ଦେଇଥିବ।

-ତୁମେ କ'ଣ ଭୁଲିଯାଇଛ?

-କେମିତି ଭୁଲିବି? ତୁମ ଭଳି ମୋ ପାଖରେ କିଛି ଭୁଲିଯିବା ପାଇଁ ପ୍ରଲୋଭନ କିମ୍ବା ବାହାନା ଥିଲା ନା ଅଛି। ଯଦିଓ ଏବେବି ସୁଧାକର ଫୋନ୍ କରେ। ସେବି ମୋତେ ନେଇ କବିତା ଲେଖୁଥିବା କହେ। ମୁଁ କିନ୍ତୁ ବିଶେଷ ଆଗ୍ରହ ପ୍ରକାଶ କରିନାହିଁ। ତା'ର ଘର ସଂସାର ଅଛି। ପିଲା ଛୁଆ ଅଛନ୍ତି। ଅଯଥାରେ ତାଙ୍କ ଭିତରେ ପଶି ମୁଁ କାହିଁକି ବିଶୃଙ୍ଖଳା ସୃଷ୍ଟି କରିବି।

ଶୁଭଙ୍କର ଚୁପ୍ ହୋଇ ସବୁ ଶୁଣୁଥାଆନ୍ତି।

-ସୁଧାକର କଥା କହି ଦେଲି ବୋଲି ଚୁପ୍ ହୋଇ ଗଲନା! ସତ କହୁଛି ତା' କବିତା ତୁମ କବିତା ଭଳି ଏତେ ଉଚ୍ଚକୋଟୀର ହୃଦୟସ୍ପର୍ଶୀ ନୁହଁ। ଯଦିଓ ସୁଧାକର ମୋ ସ୍କୁଲ ବେଳର ସାଥୀ, ମୋତେ ଆଗ ଭଲ ପାଇଥିଲା, ସେପରି ଆଗ ବାଟ ଭାଙ୍ଗି ବି ଚାଲିଗଲା। ସବୁ କଥାତ କହିଛି ତୁମକୁ। ସେତେବେଳେ ତୁମର ଆଶ୍ୱାସନାରେ ମୁଁ ସେ ଆଘାତକୁ ସହଜରେ ସହି ନେଇଛି। ନିରାଶା ଅନ୍ଧାରରେ ଅସହାୟ ଭାବେ ବାଟବଣା ହେଉଥିବାବେଳେ ତୁମ ହାତ ଧରି କିଛି ବାଟ ଚାଲିଛି। ସେଥିପାଇଁ ତୁମେ ମୋ ଦୃଷ୍ଟିରେ ସ୍ୱତନ୍ତ୍ର। ଏକଥା ତ ଅସ୍ୱୀକାର କରିବନାହିଁ ଯେ ତୁମେ ମୋତେ ଭଲ ପାଇବା ଆଗରୁ ମୁଁ ତୁମକୁ ଭଲ ପାଇ ବସିଲି। ତୁମ ସାନିଧ୍ୟ ପାଇବା ପରେ ମୁଁ ଆଉ ସୁଧାକରକୁ ଝୁରୁ ନଥିଲି। ଅବଶ୍ୟ ତା'ର ପ୍ରତାରଣା ପାଇଁ ଆଜିବି ସମ୍ପୂର୍ଣ୍ଣ ଦୋଷ ତାକୁ ଦେଉନାହିଁ। ତା ସମୟ ଅନୁସାରେ ମୁଁ ପ୍ରସ୍ତୁତ ନଥିଲି। ମୋ ସମୟ ଯାଏ ସିଏ ଅପେକ୍ଷା କରି ପାରିଲାନି। ତେଣୁ ଆମେ ସମନ୍ୱୟ ରକ୍ଷା କରି ଗୋଟିଏ ରାସ୍ତାରେ ଚାଲି ପାରିଲୁ ନାହିଁ। ଯାହା ହବାର ନଥିଲା ସେ କିଛି ନା କିଛି କାରଣରୁ ହେଲା ନାହିଁ।

ଏତେ ଆଶା ରଖି ନିଜର କରିବି ଭାବି ତୁମକୁ କେଉଁ ମୋ ନିଜର କରି ପାରିଲି ଯେ! ତୁମେ ବି ତ ପଛରେ ଛାଡ଼ି ଦେଇ ତୁମ ବାଟରେ ଚାଲିଗଲ। ବାରମ୍ବାର ପ୍ରତାରିତ ହେବା ପରେ କେବଳ ମୋ ନିଜ ଭାଗ୍ୟ ବ୍ୟତୀତ ମୁଁ ଆଉ କାହାକୁ ଦୋଷ ଦେଇ ପାରିନାହିଁ। ଦେଇ ବା ଲାଭ କ'ଣ? ସ୍ନେହ ଶ୍ରଦ୍ଧା ପ୍ରେମ ପ୍ରୀତି କ'ଣ କାହାଠାରୁ ଜୋର ଜବରଦସ୍ତ ଛଡାଇ ଆଣି ହୁଏ ନା କୋର୍ଟ କଚେରି ମାଧ୍ୟମରେ ହାସଲ କରିହୁଏ ଯେ ମୁଁ ଦୋଷ ଦେବା କଥା ଭାବିଥାଆନ୍ତି।

ଶୁଭଙ୍କର ନୀରବରେ ସବୁ ଶୁଣୁଥାଆନ୍ତି। ସେ ଜାଣିଥିଲେ ଏତେ ଦିନ ମମତା ମନରେ ଥିବା ସୁପ୍ତ ଆଗ୍ନେୟଗିରିଟି ଆଜି ଲାଭା ଉଦଗୀର୍ଣ୍ଣ କରିବାର ସୁଯୋଗ ପାଇଛି। କହିଯାଉ ସେ ତା' ମନକଥା। ଉପଶମ ହେଉ ତା'ର ପୁଞ୍ଜିଭୂତ ବ୍ୟଥା।

- ଦେଖିଲ ଶୁଭ ମୁଁ କେଡ଼େ ସ୍ୱାର୍ଥପର ହୋଇଯାଇଛି। କେବଳ ମୋ କଥା କହି ଚାଲିଛି। ତୁମ କଥା କିଛି ପଚାରି ନାହିଁ ଏଯାଏ। ଆଚ୍ଛା ତୁମେ କେବେ ଆମ କଥା ତୁମ ପତ୍ନୀଙ୍କୁ କହିଛ?

- ନ କହିଲେ ବି ସେ ଜାଣିଥିଲା ଶୁଭ୍ରା। ସେଥିପାଇଁ କେତେ ଥର ତୁମ ବିଷୟରେ ପଚାରିଛି। ଅଭିମାନ କରିଛି। ଉଲୁଗୁଣାବି ଦେଇଛି। ଆମ ସଂପର୍କରେ ନିବିଡ଼ତା ବିଷୟରେ ଜାଣିବାକୁ ଚାହିଁଛି।

- ସେ କେବେ ପଚାରି ନାହାନ୍ତି। ମୋତେ କାହିଁକି ଛାଡ଼ିଥିଲ?

ଏପରି ପ୍ରଶ୍ନରେ ଶୁଭଙ୍କର ପୁଣି ଚୁପ ରହିଲେ। ଯେଉଁ ଅପ୍ରିୟ ସତ୍ୟ କୁଡ଼ିକ ତାଙ୍କୁ ଆନ୍ଦୋଳିତ କରିବାରୁ ସେ ମମତାକୁ ଭୁଲିଯିବାକୁ ବାଧ ହୋଇଥିଲେ। ତା'ର ଶତ ଅନୁରୋଧ ସତ୍ତ୍ୱେ ତା'ଠୁ ନିର୍ମମ ଭାବେ ଦୂରେଇ ଯିବାକୁ। ସେ ସବୁ ଏବେ ତା ମୁହଁରେ କେମିତି କହିଦେବେ? କିପରି କହିଦେବେ ଯେ ସୁଧାକର ସହ ତା'ର ପ୍ରଥମ ପ୍ରେମ ଏବଂ ଏତେ ଦିନର ସଂପର୍କ ତାଙ୍କୁ ରହି ରହି ବିଛୁକ ସଦୃଶ ଦଂଶନ କରୁଥିଲା। ତାଙ୍କ ମନକୁ ବିଷାକ୍ତ କରି ଦେଉଥିଲା।

ଅନ୍ୟ ପକ୍ଷରେ ଦେଖିବାକୁ ଗଲେ ଶୁଭ୍ରା ମମତା ଠାରୁ ଅଧିକ ଶିକ୍ଷିତ ସୁନ୍ଦରୀ ଏବଂ ଅଳ୍ପ ବୟସ୍କା ହୋଇଥିବାରୁ ସେ ଅନାୟସରେ ପୂର୍ବ ସଂପର୍କକୁ ଭୁଲି ଯାଇଥିଲେ। ତା' ପ୍ରେମ ପ୍ରଲୋଭନରୁ ମୁକ୍ତ ହୋଇ ଯାଇଥିଲେ।

ପ୍ରେମ ତ ଏକ ଚୁମ୍ବକୀୟ ଆକର୍ଷଣ। ଯେଉଁଠି ଆକର୍ଷଣ ଯେତେ ବେଶୀ ସେ ଆଡ଼କୁ ସେତେ ଟାଣି ହୋଇ ଯିବାରେ କୌଣସି ଅସ୍ୱଭାବିକତା ଦେଖିନଥିଲେ ଶୁଭଙ୍କର। ତାଙ୍କ ମନର ସେ ଭ୍ରାନ୍ତି ଅବଶ୍ୟ ଦୂର ହୋଇ ଯାଇଥିଲା। ଯେବେ ଶୁଭ୍ରା ଜୀବନର ମଧ୍ୟାହ୍ନରେ ତାଙ୍କଠୁ ଦୂରେଇ ଯାଇଥିଲା ଅନ୍ୟ ଜଣଙ୍କ ପ୍ରତି ଆସକ୍ତ ହୋଇ। ଦୁହିଁଙ୍କର କିଛି ବର୍ଷ ପୂର୍ବରୁ ବିବାହ ବିଚ୍ଛେଦ ହୋଇସାରିଛି ସେହି କାରଣରୁ। ଅବଶିଷ୍ଟ ଜୀବନ ପାଇଁ ଦୁହେଁ ଭିନ୍ନ ଭିନ୍ନ ପଥ ବାଛି ନେଇଛନ୍ତି। କେଉଁ ସୂତ୍ରରୁ ମମତା ସେ ଖବର ଜାଣି ଥାଇପାରେ। ସେ ପ୍ରସଙ୍ଗକୁ ସିଧା ନ ଉଠାଇ ମମତା କହିଲା।

- ମୁଁ ଭାବିଥିଲି ମୋତେ ତୁମେ ଦ୍ୱିତୀୟ ସୁଯୋଗ ଦେବ। କିନ୍ତୁ...! ଛାଡ଼ ସେସବୁ ମୋ ପାଇଁ ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଇବା ଭଳି। ତଥାପି ସେପରି ସ୍ୱପ୍ନରେ ହଜାଇ ଦେଇ କ୍ଷଣିକ ଆନନ୍ଦ ଲାଭ କରିବାକୁ କେହି କ'ଣ ବିରୋଧ କରିପାରିବ। ଯାହାର ଜୀବନ କେବଳ ହା ହୁତାଶମୟ ସେ କ'ଣ କେବେ ଆଶାନୁରୂପ ଫଳ ପାଏ? ଶୁଭ ତୁମେ ଦ୍ୱିତୀୟ ବିବାହ କରିଥିବା ବି ଶୁଣିଛି। ସୁଖମୟ ଦାମ୍ପତ୍ୟ ଜୀବନ ଅତିବାହିତ କରୁଥିବ ନିଶ୍ଚୟ।

ତୁମେ ସିନା ତୁମର, ଆବେଗ, ଅନୁରାଗ, ଆସକ୍ତି, ପ୍ରେମ ପ୍ରତାରଣାକୁ ଉପଜୀବ୍ୟ କରି ସାହିତ୍ୟ ସୃଜନରେ ମଗ୍ନ ରହୁଛ। ନିଜର ଭାବାବେଗକୁ ଉନ୍ମୁକ୍ତ କରି ଦେଇ ଆତ୍ମ ସନ୍ତୋଷ ଲାଭ କରୁଛ। ମୁଁ କିନ୍ତୁ ଅପ୍ରାପ୍ତିର ଅବସୋସକୁ ନେଇ କକ୍ଷଚ୍ୟୁତ ନକ୍ଷତ୍ର ଭଳି ଘୂରି ବୁଲୁଛି। କେବେ ଭୂପତିତ ହୋଇ ଆତ୍ମସତ୍ତା ହରାଇବି ସେ ହି ଦିନର ଅପେକ୍ଷାରେ ଜୀଇଁ ରହିଛି।

*ଫ୍ଲାଟ୍ ନମ୍ବର ୧୦୧, ପ୍ରକାଶଦୀପ ପଟାଓ୍ୱାର*
*ଜୟ ଦୁର୍ଗା ନଗର, ଭୁବନେଶ୍ୱର - ୦୬*
*ଦୂରଭାଷ: ୯୯୬୮୨୮୦୮୯୬*

# ଭ୍ରମ

## ତରୁଣ କୁମାର ସାହୁ

"ନ ପାରିବାର କ'ଣ ଅଛି ?"

"ସାଙ୍ଗରେ ଆଉ କାହା କାହାକୁ ନେବାକୁ ଚାହୁଁଛୁ ?"

"ମୁଁ ଆଗରୁ ବାଛିସାରିଛି। ମୋ ସାଙ୍ଗରେ ମୋର ସେଇ ପାଞ୍ଚଜଣ ସାଥୀ ଯିବେ। ଗାଡ଼ି ଯିବ ଆଉ ତା'ର ଡ୍ରାଇଭର୍।"

"ଡରିବାର କିଛି ନାହିଁ। ମୁଁ ପଛରେ ରହି ପରିଚାଳନା କରିବି। ନଜର ରଖିଥିବି ପୂରା ମିସନ୍ ଉପରେ।"

"ବାସ୍ନା ଯେମିତି ପବନ ସାଥିରେ ଚାଲେ, ମୃତ୍ୟୁ ବି ସବୁବେଳେ ମୋ ସାଙ୍ଗରେ ଥାଏ। ମୃତ୍ୟୁକୁ ନେଇ ମୁଁ ଆତଯାତ ହେଉଛି ଆଜିକି ପାଞ୍ଚବର୍ଷ ହେବ। ପରିବାର ଛାଡ଼ିଛି। ସ୍ତ୍ରୀ, ପିଲାମାନେ ଦୂରରେ। ସବୁଠୁ ଭଲପାଏ ମୋର ପୁଅକୁ। ଦଶବର୍ଷର ପୁଅ। ତା'ଠୁ ବି ଦୂରେଇ ରହିଛି କେବଳ ଏଇ ମିସନ୍ ସବୁକୁ ସଫଳ କରିବା ପାଇଁ। ମୃତ୍ୟୁକୁ ମୋର ଭୟ ନାହିଁ। ତେବେ, ପରିବାର କଥା, ବିଶେଷ ଭାବରେ ପୁଅ କଥା ମନେପଡ଼ିଲେ ମନଟା ଭାଙ୍ଗିଯାଏ, ବିଷାଦଗ୍ରସ୍ତ ହେଇଯାଏ।"

ଏତକ କହି ଘଞ୍ଚ ଜଙ୍ଗଲ ଗଛପତ୍ର ଫାଙ୍କଦେଇ ଦିଗ୍‌ବଳୟକୁ ଅନେଇଲା ସୁବ୍ରତ।

ତା କାନ୍ଧ ଉପରେ ହାତ ରଖିଲା ଲିଡର୍। ଏଇ ମିସନ୍‌ର ଲିଡର୍। କହିଲା, "ସାବାସ୍, ତୋ ଭଳି ନିଃସ୍ୱାର୍ଥପର, ନିଷ୍ଠାବାନ୍ କର୍ମୀ ମୋର ଦରକାର। ତା'ହେଲେ ଆମେ ଚେତେଇଦେବା ସରକାରକୁ, ଆମେ କ'ଣ କରିପାରୁ ! ଆଉ ନିଷ୍ପେଷିତମାନଙ୍କ ପାଇଁ, ଗରିବଙ୍କ ପାଇଁ, ଏଇ ପାହାଡ଼ୀ ଆଦିବାସୀମାନଙ୍କ ପାଇଁ ଆମେ କ'ଣ କରିପାରୁ !"

ପୁଣିଥରେ ସୁବ୍ରତର ପିଠି ଥାପୁଡ଼େଇଲା ଲିଡର୍। ଲିଡର୍‌ର ମୁହଁକୁ, ଆଖିକୁ ଚାହିଁଲା ସୁବ୍ରତ। ତା ମୁହଁରେ କୌଣସି ଆବେଗର ଚିହ୍ନ ନାହିଁ। ଗୋଟିଏ ମେସିନ୍‌ର ଚାହାଣି ଭଳି ତା'ର ଚାହାଣି। ତାକୁ ପଢ଼ିବା ସୁବ୍ରତର ସାଧ୍ୟର ବାହାରେ।

ରାତି ବାରଟା ପରେ ଅନ୍ଧାରର ସାହାଯ୍ୟ ନେଇ କିଛିବାଟ ଗାଡ଼ିରେ ଓ ତା'ପରେ କିଛିବାଟ ପାଦରେ ଚାଲିଚାଲି ଯାଇ ପୂର୍ବ-ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚିବେ ସୁବ୍ରତ ଓ ତା'ର ସାଥୀ ପାଞ୍ଚଜଣ। ସମସ୍ତଙ୍କ ମୁହଁ ଢଙ୍କା ହୋଇଥିବ କନାରେ, ଆଖି ଦୁଇଟିକୁ ଛାଡ଼ି। ସାଙ୍ଗରେ ନେଇଯିବେ ଲ୍ୟାଣ୍ଡମାଇନ୍ ବିଛାଇବାର ସମସ୍ତ ସରଞ୍ଜାମ। ରାତିସାରା ପରିଶ୍ରମ କରି ବିଛାଇବେ ଲ୍ୟାଣ୍ଡମାଇନ୍; କାରଣ ଖବର ମିଳିଛି ତା'ପରଦିନ ସେଇ ରାସ୍ତାରେ ମନ୍ତ୍ରୀ, ବିଧାୟକ ଓ ସେମାନଙ୍କର ଚାମଚାମାନେ ଯିବେ। ସରକାରୀ କଳ ଭିତରେ ବି ରହିଛନ୍ତି ଗରିବଙ୍କୁ ଖବର ଦେବା ମଣିଷମାନେ। କିନ୍ତୁ ବେଳେବେଳେ ସେମାନେ ଡବଲ୍-କ୍ରସ୍ କରି, ପ୍ରତାରିତ କରି ପୋଲିସ୍‌କୁ ଖବର ଦେଇଦିଅନ୍ତି ଏମାନଙ୍କର ପ୍ଲାନ୍ ସପକ୍ଷରେ। ସେଇ ପ୍ରତାରକମାନଙ୍କୁ ଲିଡର୍ ନିର୍ମମ ଭାବରେ ହତ୍ୟା କରେ।

ଖାଦ୍ୟ ଖାଇ ବିଶ୍ରାମ ନେଲା ଅଳ୍ପସମୟ ପାଇଁ ସୁବ୍ରତ। ସାଥୀମାନଙ୍କୁ ଖବର ଦେଇଛି ମୋବାଇଲ୍ ଜରିଆରେ। ତିନୋଟି ମୋବାଇଲ୍ ସବୁବେଳେ ପାଖରେ ରଖିଥାଏ ସୁବ୍ରତ। ଗୋଟିକରେ ସାଥୀମାନଙ୍କର ଏବଂ ଆଉ କେତେଜଣଙ୍କର ନମ୍ବର। ଆଉ ଗୋଟାକରେ ରହିଛି କେବଳ ଲିଡର୍‌ଙ୍କ ନମ୍ବର। ସେ ଲିଡର୍‌ଙ୍କ ସାଙ୍ଗରେ ଯାହା କଥାବାର୍ତ୍ତା ହୁଏ, ତାକୁ ଅନ୍ୟ କେହି ଜାଣନ୍ତି ନାହିଁ ଏବଂ ଲିଡର୍ ମଧ୍ୟ ତା ସାଙ୍ଗରେ କେତେବେଳେ କଥାବାର୍ତ୍ତା କରନ୍ତି, କ'ଣ କଥାବାର୍ତ୍ତା କରନ୍ତି, କ'ଣ ଯୋଜନା କରନ୍ତି; ସେଇଟା କେହି ଜାଣିବାର ସମ୍ଭାବନା ନାହିଁ। ତୃତୀୟ ମୋବାଇଲ୍‌ଟି ତା'ର ସବୁଠୁ ପ୍ରିୟ। ତା'ର ସ୍ତ୍ରୀ ସହ ଓ ପୁଅ ସହ କଥାବାର୍ତ୍ତା ହେବା ପାଇଁ ଏଇ ମୋବାଇଲ୍ ବ୍ୟବହାର କରେ ସୁବ୍ରତ। ସ୍ତ୍ରୀ ପାଖରେ ତା'ର ଏଇ ନମ୍ବର ଅଛି ଏବଂ ସ୍ତ୍ରୀ ପାଖରେ ଅଛି ବୋଲି ଅନ୍ୟ କେହି ଜାଣନ୍ତି ନାହିଁ। ସେଇ ତୃତୀୟ ମୋବାଇଲ୍‌କୁ ବାହାର କଲା ସୁବ୍ରତ। କିନ୍ତୁ କୌଣସି ମିସନ୍‌ରେ ଯିବାର କେଇଘଣ୍ଟା ପୂର୍ବରୁ କାହାରି ସହିତ, ବିଶେଷଭାବେ ପରିବାରର ସଦସ୍ୟଙ୍କ ସହିତ ସମ୍ପର୍କ ନରଖିବା ପାଇଁ ଲିଡର୍ ବାରମ୍ବାର କହିଛନ୍ତି ସମସ୍ତ ସଭ୍ୟଙ୍କୁ। ସୁବ୍ରତ ଆଜିପର୍ଯ୍ୟନ୍ତ ଏଇ ଆଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିଛି। ତେଣୁ ଆଜି ତା'ର ଅବମାନନା କାହିଁକି କରିବ ?

ନିଜର ଇଚ୍ଛାକୁ, ଆବେଗକୁ ଦମନ କଲା ସୁବ୍ରତ। କଷ୍ଟ ହେଲା। ଛାତିରେ ଯନ୍ତ୍ରଣା ଅନୁଭବ କଲା ସୁବ୍ରତ। କିନ୍ତୁ ତାକୁ ସହିବାକୁ ହେବ।

ଏ ରାସ୍ତା ତ ସିଏ ନିଜେ ବାଛିଛି । କିଛିଲୋକଙ୍କୁ ନ୍ୟାୟ ଦେବା ପାଇଁ ଏ ରାସ୍ତାକୁ ଆପଣେଇ ନେଇଛି । ସେଥିପାଇଁ ତ ତାକୁ କିଛି ତ୍ୟାଗ କରିବାକୁ ପଡ଼ିବ । ମୋବାଇଲକୁ ଚୁମା ଦେଲା ସୁବ୍ରତ । ଅନୁଭବ କଲା ପୁଅ ଗାଲରେ ଚୁମା ଦେଉଛି । ଶୀଘ୍ର ତାକୁ ସ୍ୱିଚ୍ ଅଫ୍ କରିଦେଲା । ହଠାତ୍ ସ୍ତ୍ରୀ ବା ପୁଅ କଲ୍ କରିଦେଲେ ସେ କଥାବାର୍ତ୍ତା ହେବା ପାଇଁ ବାଧ ହୋଇଥା'ନ୍ତା । ଆଉ ସେମାନଙ୍କ ସହ କଥାବାର୍ତ୍ତା ହେଲେ ଭାବପ୍ରବଣ ହୋଇଯାଇଥା'ନ୍ତା ସୁବ୍ରତ । ତା'ର ପରିବାର ହିଁ ସୁବ୍ରତର ଚରମ ଦୁର୍ବଳତା । ତେଣୁ ନିଜକୁ କଠୋର କରି ମୋବାଇଲ୍‌କୁ ସ୍ୱିଚ୍ ଅଫ୍ କଲା ସୁବ୍ରତ ।

ହାତଘଡ଼ିକୁ ଅନେଇଲା ସୁବ୍ରତ । ଏବେ ମାତ୍ର ରାତି ଆଠଟା । ଆହୁରି ଚାରିଘଣ୍ଟା ଅପେକ୍ଷା କରିବାକୁ ପଡ଼ିବ ତାକୁ । ଚାରିଘଣ୍ଟା ପରେ ଯିବ ସାଥୀମାନଙ୍କ ସହ ସେଇ ଜଙ୍ଗଲ ରାସ୍ତାରେ ଲ୍ୟାଣ୍ଡ୍‌ମାଇନ୍ ବିଛାଇବା ପାଇଁ । ଖୁବ୍ ସତର୍କତା ଅବଲମ୍ବନ କରିବାକୁ ହେବ ତାକୁ ଓ ତା'ର ସାଥୀମାନଙ୍କୁ । ପୋଲିସ୍, ସାମରିକ କିମ୍ବା ଅର୍ଦ୍ଧସାମରିକ ଦଳ ସାମାନ୍ୟ ଟେର୍ ପାଇଲେ ଏମାନଙ୍କୁ ଗୁଳି କରି ହତ୍ୟା କରିଦେବେ ।

ହଠାତ୍ ଚିତ୍କାର ଶୁଭିଲା ଜଣେ ବ୍ୟକ୍ତିର । ପରେପରେ ଆଉ ଦୁଇଜଣଙ୍କର । ଯନ୍ତ୍ରଣାରେ ଚିତ୍କାର କରୁଛନ୍ତି ଏମାନେ । ଏମିତି ଚିତ୍କାର ରାତିର ଅନ୍ଧକାରରେ ଅନେକଥର ଶୁଣିଛି ସୁବ୍ରତ । ଲିଡର୍‌ଙ୍କୁ ପଚାରିଛି ଏ ଚିତ୍କାର ସମ୍ବନ୍ଧରେ । ଲିଡର୍ ତାକୁ ଜଣେଇଦେଇଛି, "ଏମାନେ ସବୁ ପ୍ରତାରକ । ଗାଆଁରୁ ଉଠେଇଆଣି ଏମାନଙ୍କୁ ଯନ୍ତ୍ରଣା ଦିଆଯାଏ । ଦଣ୍ଡ ଦିଆଯାଏ । ଆଉ ତା'ପରେ ସବୁଦିନ ପାଇଁ ଶୁଆଇ ଦିଆଯାଏ ।"

"କେବଳ କ'ଣ ଗ୍ରାମବାସୀ ପ୍ରତାରକମାନଙ୍କ ପାଇଁ ଏ ଦଣ୍ଡବିଧାନ ?" ପ୍ରଶ୍ନ କରିଥିଲା ସୁବ୍ରତ । ଲିଡର୍ ଉତ୍ତର ଦେଇଥିଲା, "ନା, ଗ୍ରାମବାସୀ କେବଳ ନୁହନ୍ତି, ପୋଲିସ୍‌ବାଲା ଓ ଆମ ସାଥୀମାନଙ୍କ ମଧ୍ୟରୁ ବି ଯିଏ ପ୍ରତାରକ ହେବ, ଗଦ୍ଦାର୍ ହେବ, ତା'ର ଅନ୍ତିମ ପରିଣତି ହେବ ଯନ୍ତ୍ରଣାଦାୟକ ମୃତ୍ୟୁ ।"

ସାଇଲେନ୍‌ସର୍ ଲଗାଯାଇଥିବା ବନ୍ଧୁକ ସାହାଯ୍ୟରେ ସେ ତିନିଜଣଙ୍କୁ ବୋଧହୁଏ ହତ୍ୟା କରାଯାଇଥିଲା; କାରଣ ସେମାନଙ୍କର ଚିତ୍କାର ଆଉ ଶୁଭୁନାହିଁ । ଏମାନଙ୍କୁ ହତ୍ୟା ନକରି ଅନ୍ୟ କୌଣସି ବାଟରେ..., ଚିନ୍ତାକୁ ସେଇଠି ଦଳିଦିଏ ସୁବ୍ରତ । ସେ ସମ୍ବନ୍ଧରେ ଚିନ୍ତା କରିବା ତା'ର କାମ ନୁହେଁ । ଏସବୁ ତା'ର ଲିଡର୍‌ଙ୍କ କାମ, ଯୋଉଟା ଉଚିତ ସେ କରିବେ ।

ଅନ୍ଧକାରର ବୁକୁ ଚିରି ହଠାତ୍ ନାରୀର ଚିତ୍କାର ଓ ଉଚ୍ଚସ୍ୱରରେ କ୍ରନ୍ଦନର ଶବ୍ଦ ପଶିଆସିଲା ସୁବ୍ରତ ବସିଥିବା ଜାଗାକୁ । ଏଇଭଳି ଚିତ୍କାର ସହ ମଧ୍ୟ ବେଶ୍ ପରିଚିତ ସୁବ୍ରତ । ତା'ର ଜଣେ ସାଥୀ ଗୁଳିମାଡ଼ରେ ମୃତ୍ୟୁବରଣ କରିବା ପୂର୍ବରୁ ସୁବ୍ରତର କାନରେ ଫିସ୍‌ଫିସ୍ କରି କହିଥିଲା, "ଲିଡର୍ ଝିଅମାନଙ୍କ ଉପରେ ଅତ୍ୟାଚାର କରୁଛି । ଯୌନ ବ୍ୟଭିଚାର କରୁଛି । ଯୋଉମାନେ ପ୍ରତିବାଦ କରୁଛନ୍ତି, ସେମାନଙ୍କୁ ଗୁଳି କରି ହତ୍ୟା କରୁଛି । ବିଶ୍ୱାସ କର ସୁବତ ! ମୁଁ ଗଦ୍ଦାରୀ କରିନାହିଁ । ମୋର ପ୍ରେମିକା ଉପରେ ଯୌନ ବ୍ୟଭିଚାର କରିବାର ପ୍ରତିବାଦ କରିଥିଲି ମାତ୍ର । କିନ୍ତୁ ମୋତେ...।"

ସତ୍ୟ କ'ଣ, ଅସତ୍ୟ କ'ଣ ଜାଣିବା ପାଇଁ ପ୍ରବଳ ଆଗ୍ରହ ସୃଷ୍ଟି ହୁଏ ସୁବ୍ରତ ମନରେ । କିନ୍ତୁ ଜଣେ ସଚ୍ଚା, ଉତ୍ସର୍ଗୀକୃତ ସଭ୍ୟ ଭାବରେ ନିଜକୁ ସଜେଇନିଏ ସେ । ତା'ର କାମ ଏସବୁରେ ମୁଣ୍ଡ ପୂରାଇବା ନୁହେଁ । ତା'ର କାମ ଲିଡର୍‌ଙ୍କ ଆଦେଶକୁ ପାଳନ କରିବା । ଏସବୁ ସମ୍ବନ୍ଧରେ ଚିନ୍ତା କରିବା ପାଇଁ ତ ଲିଡର୍ ଅଛନ୍ତି ।

ପାଖାପାଖି ଏଗାରଟା । ଏଥର ପ୍ରସ୍ତୁତ ହେବା ପାଇଁ ପଡ଼ିବ । ସାଥୀମାନେ ଆସିଯିବେ । ଲିଡର୍ ମଧ୍ୟ ଆସିଯିବ । ଏସବୁ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଭାବରେ ତିଆରି ବସ୍ତ୍ର ପରିଧାନ କଲା ସୁବ୍ରତ । ଆଖିକୁ ଛାଡ଼ି ମୁଖମଣ୍ଡଳକୁ ପୂରାପୂରି ଘୋଡ଼ାଇ ପକେଇଲା । ପକେଟ୍‌ରେ ଥିବା ମୋବାଇଲ୍ ସବୁକୁ ସ୍ୱିଚ୍ ଅଫ୍ କରିଦେଲା । ପକେଟ୍ ଭିତରେ ରଖିଦେଲା ତା'ର ପ୍ରିୟ ରିଭଲ୍‌ଭର୍‌ଟାକୁ ।

ବାହାରେ ଶୁଭିଲା ପାଦଶବ୍ଦ । ଲିଡର୍ ଡାକିଲା, "ସୁବ୍ରତ ! ତୁ ପ୍ରସ୍ତୁତ ତ ?"

"ହଁ, ମୁଁ ସମ୍ପୂର୍ଣ୍ଣଭାବେ ପ୍ରସ୍ତୁତ ।"

"ତା'ହେଲେ ଚାଲିଆ ।"

ତା ବସା ବାହାରକୁ ଆସି ଦେଖିଲା ସୁବ୍ରତ – ଲିଡର୍, ତା'ର ପାଞ୍ଚଜଣ ସାଥୀ ଏବଂ ଅଦୂରରେ ଗାଡ଼ି ଓ ଗାଡ଼ି ଭିତରେ ଡ୍ରାଇଭର୍ । ତା ଭଳି ତା'ର ସାଥୀମାନେ ମଧ୍ୟ ସୁସଜ୍ଜିତ ଅସ୍ତ୍ରଶସ୍ତ୍ରରେ ।

"ଗାଡ଼ି ଭିତରେ ଲ୍ୟାଣ୍ଡ୍‌ମାଇନ୍‌ର ସରଞ୍ଜାମ ସବୁ ରଖିଦିଆଯାଇଛି । ଚେକ୍ କରିନେବୁ । ଏ ମିସନ୍‌ର ଦାୟିତ୍ୱ ତୋ ଉପରେ ସୁବ୍ରତ । ସାଥୀମାନେ ତୋତେ ସାହାଯ୍ୟ କରିବେ ମାତ୍ର । ଠିକ୍ ବାରଟାବେଳେ ଏଠୁ ବାହାରିଯିବା ।"

ଲିଡର୍‌ଙ୍କର ତା ପ୍ରତି ଥିବା ପ୍ରଗାଢ଼ ବିଶ୍ୱାସ ପାଇଁ ଗର୍ବ ଅନୁଭବ କଲା ସୁବ୍ରତ ।ଷ ଭଶଭ

ଠିକ୍ ରାତି ବାରଟାରେ ବାହାରିପଡ଼ିଲା ସୁବ୍ରତ ତା'ର ସାଥୀମାନଙ୍କ ସହ ଏଇ ନୂଆ ମିସନ୍‌ରେ । ଲିଡର୍ ହାତ ହଲେଇ ଶୁଭେଚ୍ଛା ଜଣେଇଲା । ଗାଡ଼ି ଭିତରେ ସମସ୍ତେ ନିରବ । ସତେ ଯେମିତି ସେମାନେ ଗୋଟିଏ ଗୋଟିଏ ରୋବୋ-କମ୍ପ୍ୟୁଟର୍ ମଣିଷ ! ତାଙ୍କର ଏକମାତ୍ର କାମ ହେଲା ଆଦେଶ ପାଳନ କରିବା ।

ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବା ପରେ ଗାଡ଼ିର ଷ୍ଟାର୍ଟ ବନ୍ଦ କଲା ଡ୍ରାଇଭର୍ ।

"ତୁମେ ଏଇଠି ରହି ଅପେକ୍ଷା କର । ଗାଡ଼ି ଲାଇଟ୍ ଲିଭାଇଦିଅ । ଆମେ କାର୍ଯ୍ୟଟି ସମାପ୍ତ କରି ଫେରିଆସୁଛୁ ଅଳ୍ପ ସମୟ ପରେ ।" ଡ୍ରାଇଭର୍‌କୁ ଆଦେଶ ଦେଲା ସୁବ୍ରତ ।

ଲ୍ୟାଣ୍ଡ୍‌ମାଇନ୍‌ର ସରଞ୍ଜାମ ଧରି ଆଗେଇଲେ ସୁବ୍ରତ ଓ ତା'ର ସାଥୀମାନେ । ପ୍ରାୟ ପନ୍ଦର ମିନିଟ୍ ଚାଲିବା ପରେ ରାସ୍ତାମଝିରେ ଅଟକିଗଲେ ସେମାନେ । "ଏଇଠି ବିଛାଇବାକୁ ହେବ ଲ୍ୟାଣ୍ଡ୍‌ମାଇନ୍" – ଟର୍ଚ୍ଚ ଆଲୁଅରେ ଜାଗାଟିକୁ ଦେଖାଉ ଦେଖାଉ ଆଦେଶ ଦେଇଥିଲା

ସୁବ୍ରତ। ତା'ପରେ କାମରେ ଲାଗିଗଲେ ସମସ୍ତେ। ପାଖାପାଖି ଦୁଇଘଣ୍ଟା ସମୟ ଲାଗିଗଲା କାର୍ଯ୍ୟଟି ଶେଷ କରିବାକୁ। କାର୍ଯ୍ୟଟିକୁ କରିଥିଲେ ସତର୍କତାର ସହ। ତା'ପରେ ସମସ୍ତେ ଫେରିଆସିଲେ ଗାଡ଼ି ପାଖକୁ।

ସୁବ୍ରତର ନିଦ ଭାଙ୍ଗିଲା ପ୍ରାୟ ଦଶଟାବେଳେ। ରାତିରେ ଅନେକ ଡେରିରେ ଶୋଇବା, ଶାରୀରିକ ପରିଶ୍ରମ, ମାନସିକ ଚାପ ଓ ତା'ପରେ କାର୍ଯ୍ୟଟି କରିପାରିଥିବା ହେତୁ ଆତ୍ମସନ୍ତୋଷ ସୁବ୍ରତକୁ ଠେଲିଦେଇଥିଲା ଗଭୀର ନିଦ୍ରାର କୋଳକୁ। ନିଦ ଭାଙ୍ଗିବା ପରେ ମୁହଁ ଧୋଇ ବସିପଡ଼ିଲା ସୁବ୍ରତ, କିଛି ସମୟ କଥାବାର୍ତ୍ତା କରିବା ପାଇଁ ସ୍ତ୍ରୀ ଓ ପୁଅ ସହିତ। ବାହାର କଲା ତା'ର ପ୍ରିୟ ମୋବାଇଲ୍‌ଟିକୁ। ସ୍ୱିଚ୍ ଅନ୍ କଲା। ଅନେକ ମିସ୍‌ଡ କଲ୍। ସବୁ ଆସିଛି ସ୍ତ୍ରୀ ପାଖରୁ। ମିସ୍‌ଡ କଲ୍ ସହ ସୁବ୍ରତ ପରିଚିତ। ପ୍ରାୟ ପ୍ରତ୍ୟେକ ଥର ତା'ର ଏଇ ମୋବାଇଲ୍‌କୁ ଅନ୍ କଲେ ସେ ଦେଖେ ସ୍ତ୍ରୀ'ର ଗୋଟିଏ ବା ଦୁଇଟି ମିସ୍‌ଡ କଲ୍। କିନ୍ତୁ ଏଥରର ମିସ୍‌ଡ କଲ୍ କୋଡ଼ିଏ କି ପଚିଶିଟା। ଅସ୍ୱାଭାବିକ ଲାଗିଲା ତାକୁ। ମନ ଭିତରକୁ ଆଶଙ୍କା ଠେଲିହୋଇ ପଶିଆସିଲା। ସ୍ତ୍ରୀ'କୁ କଲ୍ କଲା ସୁବ୍ରତ। ସେପଟେ ମୋବାଇଲ୍ ରିଙ୍ଗ୍ ହେଲା, ତା'ପରେ ଅନ୍ ହେଲା ଏବଂ ତା'ପରେ ଶୁଭିଲା ସ୍ତ୍ରୀ'ର କାନ୍ଦଣା ଶବ୍ଦ। ସକେଇ ସକେଇ କାନ୍ଦୁଥିଲା ସ୍ତ୍ରୀ। କିଛି କହୁନଥିଲା; କେବଳ କାନ୍ଦୁଥିଲା।

ଅସ୍ଥିରଭାବେ ସୁବ୍ରତ ପଚାରିଲା, "କ'ଣ ହୋଇଛି ? ଚଞ୍ଚଳ କୁହ।"

ବଡ଼ କଷ୍ଟରେ ନିଜକୁ ସମ୍ଭାଳି ସ୍ତ୍ରୀ କହିଲା, "ଆଜି ପପୁର ସ୍କୁଲ ପିଲାମାନେ ପିକ୍‌ନିକ୍ ଯାଇଥିଲେ ବସ୍‌ରେ। ପପୁ ବି ଥିଲା ସେଇ ବସ୍‌ରେ। ଜଙ୍ଗଲରାସ୍ତାରେ ଗଲାବେଳେ ଦୁର୍ଘଟଣା ଘଟି...।" ବାକ୍ୟ ସମାପ୍ତ କରିପାରି ନଥିଲା ସୁବ୍ରତର ସ୍ତ୍ରୀ। କେବଳ କାନ୍ଦିଥିଲା ସକେଇ ସକେଇ।

"ଦୁର୍ଘଟଣା କେମିତି ହେଲା ଆଉ ପପୁ କେମିତି ଅଛି ?" ଅତ୍ୟନ୍ତ ବ୍ୟସ୍ତ ବିବ୍ରତ ହୋଇ ପଚାରିଲା ସୁବ୍ରତ। କିଛି ସମୟ କାନ୍ଦିବା ପରେ ସ୍ତ୍ରୀ ଉତ୍ତର ଦେଲା, "ପୋଲିସ୍ କହୁଛି ସେହି ରାସ୍ତାରେ ଲ୍ୟାଣ୍ଡ୍‌ମାଇନ୍ ବିଛାହୋଇଥିଲା।" ତା'ପରେ ଜୋର୍‌ରେ କାନ୍ଦିଉଠିଲା ସୁବ୍ରତର ସ୍ତ୍ରୀ।

ସୁବ୍ରତର ମନେହେଲା ତା ତଳେ ଥିବା ଭୂଇଁଟା ଫାଟିଯାଉଛି ଆଉ ସେ ତା ଭିତରକୁ ପଶି ପଶି ଯାଉଛି। ବହୁ କଷ୍ଟରେ ପଚାରିଲା, "ଆମ ପପୁ ?" କାନ୍ଦିକାନ୍ଦି ସ୍ତ୍ରୀ କହିଲା, "ପୋଲିସ୍ କହୁଛି କେହି ବଞ୍ଚିନାହାନ୍ତି ବୋଲି।"

ସୁବ୍ରତ ହାତରୁ ମୋବାଇଲ୍ ଖସିପଡ଼ିଲା, ଲ୍ୟାଣ୍ଡ୍‌ମାଇନ୍ ଧକ୍‌କାରେ ବସ୍ ଖଣ୍ଡଖଣ୍ଡ ହୋଇ ଅନ୍ତ୍ର ଉପରୁ ଭୂଇଁ ଉପରକୁ ଖସିବା ଭଳି।

*ପୂର୍ବତନ ସଭାପତି 'ଉତ୍କଳ ସାହିତ୍ୟ ସମାଜ'*
*କ୍ୱା.ନଂ.-୫୧୨, ସିଲ୍‌ଭର୍ ନିନିଙ୍ଗ୍ ଆପାର୍ଟମେଣ୍ଟ*
*ମିଶନ୍ ରୋଡ୍, କଟକ-୭୫୩୦୦୧*
*ଦୂରଭାଷ: ୯୯୩୭୫୮୩୭୬୬*


# କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ



**ଗଳ୍ପ ସଂକଳନ**
- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜଜେମା
- ଭୋକ
- ଅନେକ ଯନ୍ତ୍ରଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁ'ଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ

**ଉପନ୍ୟାସ**
- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାଜାଈ

**ସଂପାଦନା**
- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ

# ବାଟବଣା ପଥିକ

ସୁଷମା ପରିଜା

ଗୋଟିଏ ଅବ୍ୟକ୍ତ ଯନ୍ତ୍ରଣା ରେ ଛଟପଟ ହେଉଥିଲା ସାହେବ। ସାହେବ ନାଏକ ପଁଇତିରିଶ ବର୍ଷର ଯୁଆନ ଭେଣ୍ଡା, ଘରେ ତା'ର ତିରିଲା ପଳାଶ, ସାନ ସାନ ଦୁଇଟି ପୁଅ ବବୁଲ୍, ଟୁବୁଲ୍, ବୁଢ଼ା ବାପ ହାକିମ ନାଏକ, ମାଆ ସାରୀ ନାଏକ କୁ ମିଶାଇ ଛଅ ପ୍ରାଣୀ କୁଟୁମ୍ବ। ଆଜି କି ପନ୍ଦର ଦିନ ହେବ ମାଆ କୁ ଜର। ବାପାଙ୍କ ଧଇଁ କାଶଟା ମାସେ ହେଲାଣି ବାହାରି ପଡ଼ିଛି ଯେ ସେ ରାତିସାରା କାଶି କାଶି ବେଦମ୍ ହେଉଛନ୍ତି। ପଳାଶ ପେଟରେ ପାଂଚ ମାସର ଛୁଆକୁ ଧରି କାମ କରି କରି ନୟାନ୍ତ ହେଉଛି। କାହାରି ପାଇଁ କିଛି କରି ପାରୁନି ସାହେବ। ଯେଉଁ ଠିକାଦାର ପାଖରେ ସେ କାମ କରେ ସିଏ ଯାଇଛି ସହରକୁ ଟଙ୍କା ଆଣିବାକୁ। ଏଠାର କୁଲି ସର୍ଦ୍ଦାର କହୁଛି କ'ଣ ଗୋଟାଏ ବିଲ୍ ପାସ୍ ହେବ, ତା'ପରେ ଟଙ୍କା ମିଳିବ ଠିକାଦାରକୁ। କେବେ ମିଳିବ କିଏ ଜାଣେ ? ହପ୍ତାକୁ ହପ୍ତା ମଜୁରୀ ମିଳେ ସାହେବକୁ। ସେଇଥିରେ ତା'ର ଘର ଚଳେ। ଏବେ ଦୁଇ ତିନି ହପ୍ତା ହେଲାଣି ମଜୁରୀ ମିଳିବାକୁ ନାହିଁ। ଖଟିଖିଆ ମଣିଷର ତ କାନ୍ଧ ଅଲଗୁଣି, ପେଟ ଅମାର। ଆଉ କୋଉଠି କ'ଣ ଅଛି ଯେ ସିଏ ଘର ଚଳେଇବ। ମାଆ ଯୋଉ ଆମ୍ବ ଟାକୁଆରୁ କୋଇଲି କାଢ଼ି, ତା'କୁ ଶୁଖାଇ ଚୁନାକରି ରଖିଥିଲା ସେଇଆକୁ ଜାଉ କରି ଖାଉଛନ୍ତି ସମସ୍ତେ। ଛୁଆ ଦୁଇଟା ଖାଲି କ'ଣ ଖାଇବେ କ'ଣ ଖାଇବେ ବୋଲି ଡହଳବିକଳ ହେଉଛନ୍ତି। ସେମାନଙ୍କୁ ଚାହିଁ ମୁହଁ ଶୁଖିଯାଉଛି ପଳାଶର। ସେ ନିଜେ ଟିକେ ଭଲମନ୍ଦ ଖାଇବାକୁ ଇଚ୍ଛାଥିଲେ ବି ମନକୁ ମାରି ରହୁଛି। ମାଆର ଜରୁଆ ପାଟିକୁ କିଛି ଭଲ ଲାଗୁନି, ସିଏ ବି ପିଲାଙ୍କ ମୁହଁକୁ ଚାହିଁ ଚୁପ୍ ରହୁଛି। ବାପା କୁଲୁ କୁଲୁ କରି ଚାହିଁ ରହୁଛି, ଅସହାୟତାର ଦୀଘର୍ଶ୍ୱାସ ଛାଡୁଛି ରହି ରହି। ଖୁବ୍ ଅସହାୟ ଲାଗୁଛି ସାହେବକୁ। କାନ୍ଦିବାକୁ ଇଚ୍ଛା ହେଉଛି ବୁକୁ ଫଟେଇ। ହେଲେ ପୁରୁଷ ପିଲାଟା, କାନ୍ଦିଲେ ଲୋକେ ହସିବେ ସିନା, ସମସ୍ୟାର ସମାଧାନ କିଏ କରିବ ?

ଦିନ ଥିଲା ଯେତେବେଳେ ତା' ବାପା ମାଆ ଜଙ୍ଗଲରୁ ଶାଳପତ୍ର, ଛତୁ, ମହୁଲ ସଂଗ୍ରହ କରି ଆଣୁଥିଲେ ଆଉ ସାହେବ ତା'ଭଉଣୀ ରୁକ୍ମଣୀ ସାଙ୍ଗରେ ସେସବୁ ଜିନିଷକୁ ନେଇ ଗାଁ ହାଟରେ ବିକ୍ରି କରି ଖୁବ୍ ପଇସା କମେଇ ଆଣୁଥିଲା। ସେଥିରେ ହାଟ ସଉଦା ହୋଇସାରି ଆହୁରି ଦି'ପଇସା ବଳି ପଡୁଥିଲା। ସେତକ ଆଣି ମାଆ ହାତରେ ଦେଲା ବେଳକୁ ମାଆର ମୁହଁରେ ଯେଉଁ ଖୁସିର ଚନ୍ଦ୍ରଉଦିଆ ହସ ଟିକକ ଉକୁଟି ଉଠୁଥିଲା ସେଇ ଖୁସି ପନ୍ଦର ବର୍ଷର ପୁଅ ସାହେବକୁ କାଠିଏ ବଳ ଦେଉଥିଲା ଆହୁରି ଅଧିକ କାମ କରିବାକୁ। ସେ ହାଟରେ ବେପାରୀ ମାନଙ୍କର ଛୋଟ ଛୋଟ କାମ, ଯେମିତି କି ଟିକିଏ ପାଣି କି ଚା' ଆଣିବା, ଛୋଟ ଛୋଟ ବୋଝ ଉଠାଇଦେବା ଇତ୍ୟାଦି କାମ କରି ଆଉ ଦୁଇ ପଇସା ଅଧିକ ରୋଜଗାର କରି ଆଣୁଥିଲା। ବାଟରେ ଭାଇଭଉଣୀ ମିଠେଇ ଖାଉଥିଲେ, ଭଉଣୀ ପାଇଁ ନାଲିଫିତା, ନଖପାଲିସି କିଣି ଆଣୁଥିଲେ, କେତେ ଖୁସିରେ ଆଶୀର୍ବାଦ କରି କହୁଥିଲା ମାଆ, "ମୋ ପୁଅ ସତସତିକା ସାହେବ ହେବ ଦିନେ।" ଦୂରରେ ଥାଇ ଅଦୃଶ୍ୟ ଭବିଷ୍ୟତର ଆନନ୍ଦରେ ଉଜ୍ଜ୍ୱଳି ଉଠୁଥିଲା ବାପାର ମୁହଁ। ହେଲେ କିଏ ଜାଣିଥିଲା ଦିନେ ସେମାନଙ୍କୁ ଏମିତି ଅବସ୍ଥାରେ ଦିନ କାଟିବାକୁ ପଡ଼ିବ ବୋଲି।

ତାଙ୍କର ଏବଂ ତାଙ୍କରି ଭଳିଆ ଅନେକ ପରିବାରର ଦୁର୍ଭାଗ୍ୟର ଦିନ ଆରମ୍ଭ ହୋଇଥିଲା ସେଇଦିନ, ଯେଉଁଦିନ ସରକାର ତାଙ୍କ ଗାଁ ପାଖ ଜଙ୍ଗଲକୁ ନିଲାମରେ ଦେଇ ଦେଲେ ସହରୀ ବେପାରୀ ମାନଙ୍କୁ। ସେମାନଙ୍କୁ ମନା କରି ଦିଆଗଲା ସେଇଦିନ ଠାରୁ ସେମାନେ ଜଙ୍ଗଲକୁ ଯାଇ ନିଜ ଇଚ୍ଛାରେ ତୋଳି ପାରିବେନି ମହୁଲ, ଶାଳପତ୍ର, ସଂଗ୍ରହ କରି ପାରିବେନି ଝୁଣା, ମହୁ କି ଛତୁ। ଯେଉଁ ଠିକାଦାର ଜଙ୍ଗଲକୁ ନିଲାମ ଧରିଛି କେବଳ ସିଏ କିମ୍ବା ତା'ର ଲୋକ ହିଁ  ସେସବୁ ନେଇ ପାରିବେ। ସେଦିନ ସାହେବ ଭାବିଥିଲା ଜଙ୍ଗଲ ତ' ସେମାନଙ୍କର ମାଆ। କାହିଁ କୋଉ କାଳରୁ ତା'ବାପ ଗୋସିବାପ ଅମଳରୁ ସେମାନଙ୍କୁ ସେଇ ଜଙ୍ଗଲ ହିଁ ପାଳି ଆସିଛି ତା' କାଠ, ପତ୍ର, ଝୁଣା, ମହୁ, ମହୁଲ ଇତ୍ୟାଦି ଇତ୍ୟାଦି ଦେଇ। ତାଙ୍କ ଭଳିଆ ଜମିହୀନ ଲୋକମାନଙ୍କର ଭାତହାଣ୍ଡି ହେଲା ଜଙ୍ଗଲ। ସରକାରଟା କିଏ ତାଙ୍କୁ ତାଙ୍କର ମା' ଠାରୁ ଅଲଗା କରିବା ପାଇଁ? ତାଙ୍କ ଠାରୁ ତାଙ୍କର ଅଧିକାର ଛଡ଼ାଇ ନେବାପାଇଁ ? ତା'ର ଛୋଟ ମୁଣ୍ଡରେ କିଛି ପଶୁ ନଥିଲା।

ଧୀରେ ଧୀରେ ତାଙ୍କର ଗାଁରେ ସହରୀ ଲୋକଙ୍କ ଭିଡ଼ ବଢ଼ିଲା। ବଡ଼ ଠିକାଦାର ଠାରୁ ଛୋଟ ଠିକାଦାର, ଛୋଟ ଠିକାଦାର ମାନଙ୍କଠାରୁ ଗାଆଁର ମାମଲତକାରଙ୍କ ହାତରେ ରହିଲା ଜଙ୍ଗଲର ମାଲିକାନା। ଆଉ

ତା'ବାପା ଭଳିଆ ଲୋକମାନେ ଦିନ ମଜୁରିଆ ସାଜି ଜଙ୍ଗଲକୁ ଗଲେ ଶାଳପତ୍ର, ମହୁଲ, ଝୁଣା, ମହୁ ସଂଗ୍ରହ କରି ସନ୍ଧ୍ୟାବେଳେ ସେସବୁ ଜିନିଷକୁ ସର୍ଦ୍ଦାର ହାତରେ ସମର୍ପି ଦେବା ଲାଗି । ଯାହା ମଜୁରୀ ମିଳୁଥିଲା ତାହା ପାଟିକୁ ଅଂଟିଲେ ପେଟକୁ ଅଂଟୁ ନଥିଲା । ମାଂସାଶୀ ସହରୀଲୋକଙ୍କ ଭୋକିଲା ଆଖି ପଡ଼ିଲା ଜଙ୍ଗଲୀ ତିରିଲାଙ୍କ ଉପରେ । ପେଟର ଭୋକକୁ ଶାନ୍ତ କରିବାକୁ କେହି କେହି ସ୍ୱେଚ୍ଛାକୃତ ଭାବରେ ସେମାନଙ୍କର ଦେହର ଭୋକକୁ ମେଣ୍ଟାଉଥିଲେ ତ ଆଉ କିଏ ସେମାନଙ୍କ କବଳରୁ ରକ୍ଷା ପାଇବା ଲାଗି ତା' ମାଆ ଭଳି ଜଙ୍ଗଲ ଯିବା ବନ୍ଦ କରି ଦେଇଥିଲେ । ଏମିତି ଦୁଃଖ କଷ୍ଟରେ ଜୀବନ କଟୁଥିଲା ବେଳେ ଦିନେ ଗୋଟିଏ ଗଛରେ ଚଢ଼ି ମହୁଫେଣା କାଢ଼ିବା ସମୟରେ ମହୁମାଛିଙ୍କ ଆକ୍ରମଣର ଶିକାର ହୋଇ ଗଛରୁ ପଡ଼ି ଅଂଟା ଭାଙ୍ଗିଗଲା ବାପାର । ଗାଁ ବଇଦ ଯେତେ ଚିକିତ୍ସା କଲେ ବି ଆଉ ଅଂଟା ସଳଖି ଠିଆହେଲା ନାଇଁ ବାପା ।

ସେଇ ଦିନରୁ ଘର ର ସବୁ ଦାୟିତ୍ୱ ନେଇ ବାପାର ମଜୁରୀ ଖଟିବାକୁ ଗଲା ଅଠର ବର୍ଷର ଯୁଆନ ସାହେବ ।

ସେଇ ଦିନ ଠାରୁ ଖଟୁଛି ତ ଖଟୁଛି । ଭଉଣୀର ବାହାଘର, ନିଜ ବାହାଘର, ବାପା ମାଆ'ଙ୍କର ଦେହ ପାଆ ସବୁ କରିଛି ହେଲେ ପଇସାଟିଏ ସଞ୍ଚିପାରିନି । ଯାହା କମେଇଛି ସବୁ ଘର ଖର୍ଚ୍ଚରେ ଆଉ ସାହୁକାରର ଦେ'ଣା ଶୁଣିବାରେ ଯାଇଛି । ଆଜି ତା' ହାତରେ କାଣି କଉଡ଼ିଟିଏ ନାହିଁ । ଗୋଟିଏ ଗଛମୂଳେ ଏମିତି ଭାବି ଭାବି ବସିଛି ନିଜ କାନ୍ଧରେ କାହାର ମୃଦୁ ସ୍ପର୍ଶ ପାଇ ଚମକି ଉଠିଲା ସାହେବ । ଦେଖିଲା ତା'ପଛରେ ଠିଆ ହୋଇଛନ୍ତି ପାଖ ଗାଆଁ ଦଣ୍ଡ ପଦର ଗୀର୍ଜାର ଫାଦର୍ ଯୋଶେଫ୍ ।

ଆଗରୁ କେତେଥର ଗାଁ ରାସ୍ତାରେ ଯିବା ଆସିବା ବେଳେ ତାଙ୍କୁ ଭେଟିଛି ସାହେବ । ଖୁବ୍ ଆମାୟିକ ଭଦ୍ର ଲୋକ ଜଣେ । ଦେଖା ହେଲେ ଭଲମନ୍ଦ ପଚାରି ବୁଝିଥାନ୍ତି । କେତେଥର କହିଛନ୍ତି ତା' ବାପା ମାଆଙ୍କୁ ଆଣି ଗୀର୍ଜାରେ ଥିବା ମେଡ଼ିକାଲ୍‌ରେ ମାଗଣା ଚିକିତ୍ସା କରେଇ ନେବାକୁ ହେଲେ ଗାଁ ଲୋକଙ୍କ ଭୟରେ ସେ କେବେ ଯାଇ ପାରେନି । ଅନେକ ଦିନ ଧରି ସେ ଶୁଣି ଆସୁଛି ଯେ ଫାଦର୍ କୁଆଡ଼େ ଏମିତି ମାଗଣା ଚିକିତ୍ସା, ମାଗଣା ଔଷଧ ଆଉ ମାଗଣା ଶିକ୍ଷାର ମୋହ ଦେଖାଇ ଗରିବ ନିରୀହ ଲୋକଙ୍କୁ ଗୀର୍ଜାକୁ ଡାକି ନିଅନ୍ତି ଆଉ ସେଠି ଥିବା ତାଙ୍କର ସହଯୋଗୀମାନେ ତାଙ୍କୁ ପ୍ରଲୋଭିତ କରି ଧର୍ମାନ୍ତରୀ କରି ଖ୍ରୀଷ୍ଟିୟାନ କରିଦିଅନ୍ତି । ସେଇଥିପାଇଁ ଗାଁ ଲୋକଙ୍କର ଖୁବ୍ ଅସନ୍ତୋଷ ଫାଦର୍ ଯୋଶେଫ୍‌ଙ୍କ ଉପରେ । ତା'କୁ ସ୍ନେହରେ ଆଉଁସି ଦେଇ ଫାଦର୍ ଯୋଶେଫ୍ କହିଲେ ।

"ଏଠାରେ ଏମିତି ମନ ଦୁଃଖକରି କାହିଁକି ବସିଛ ସାହେବ ? କ'ଣ ହୋଇଛି ତୁମର ? ମୁଁ ତମର ବାପ ବୟସର ହେବି, ତମେ ମୋ ପୁଅ ଭଳିଆ, ତମର ଦୁଃଖ କଥା କହିଲେ ହୁଏତ ମୁଁ ତମକୁ କିଛି ସାହାଯ୍ୟ କରି ପାରିବି ।" ସବୁ ଆଡୁ ହତାଶ ହୋଇ ବସିଥିବା ସାହେବକୁ ବଂଚିବା ଲାଗି ସାହାରାଟିଏ ମିଳିଗଲା ଯେମିତି ।

ଫାଦର୍ ଯୋଶେଫ୍‌ଙ୍କ ଦୁଇପଦ ସମବେଦନାର କଥା ଶୁଣି ସାହେବର ଧୈର୍ଯ୍ୟର ବନ୍ଧ ଭାଙ୍ଗିପଡ଼ିଲା, ସେ ଭୋ ଭୋ ହୋଇ କାନ୍ଦି କାନ୍ଦି ସବୁ କଥା କହିଗଲା ତାଙ୍କୁ । ସବୁ ଶୁଣି ସାରି ଫାଦର୍ ଯୋଶେଫ୍ ତଳୁ ଉଠାଇ ଆଣି ଛାତିରେ ଚାପି ଧରିଲେ ତା'କୁ । ତା'ର ପିଠି ଥାପୁଡ଼ାଇ ସାନ୍ତ୍ୱନା ଦେଲେ ତା'କୁ । ପକେଟ୍‌ରୁ କାଢ଼ି ଦୁଇଟି ପାଞ୍ଚ ଶହ ଟଙ୍କାର ନୋଟ୍ ଗୁଞ୍ଜି ଦେଲେ ତା' ହାତରେ । କହିଲେ, "ଯା, ଆଗ ଛୁଆମାନଙ୍କୁ କ'ଣ ଖାଇବାକୁ ଦେ, କାଲି ମାଆଙ୍କୁ ଆଣି ଆମ ଡ଼ାକ୍ତରଖାନାରେ ଦେଖାଇ ଔଷଧପତ୍ର ନେଇଯିବୁ ।" ସାହେବ କୃତ୍ୟ କୃତ୍ୟ ହୋଇ ଚାହିଁଥିଲା ଫାଦର୍‌ଙ୍କ ମୁହଁକୁ । ଆରେ ଶିଘ୍ର ଯା' ବର୍ଷା ମାଡ଼ି ଆସିଲାଣି କହି ଫାଦର୍ ଯୋଶେଫ୍ ଲମ୍ବା ଲମ୍ବା ପାହୁଣ୍ଡ ପକେଇ ଆଗେଇ ଯାଉଥିଲେ ଗୀର୍ଜା ଆଡ଼କୁ ଯାଇଥିବା ରାସ୍ତାରେ । ସାହେବର ମନେ ହେଉଥିଲା ଧଳା ପୋଷାକରେ ଦେବଦୂତ ଜଣେ ସ୍ୱର୍ଗରୁ ଓହ୍ଲାଇ ଆସିଥିଲେ ତା'କୁ ସାହାଯ୍ୟ କରିବାକୁ । ଗାଁ ଲୋକଙ୍କ ଠାରୁ ଶୁଣିଥିବା କଥାଗୁଡ଼ିକ ତା'କୁ ଡାହା ମିଛ ବୋଲି ଲାଗୁଥିଲା । ଫାଦର୍‌ଙ୍କ ଲୋକପ୍ରିୟତା ଦେଖି ଗାଁ ଲୋକେ ଅସହିଷ୍ଣୁ ହୋଇ ତାଙ୍କ ବିରୋଧରେ କୁତ୍ସାରଟନା କରୁଛନ୍ତି ବୋଧହୁଏ ।

ସେଦିନ ସେଇ ଟଙ୍କାରେ ଘର ସଉଦା ସାଙ୍ଗରେ ପୁଅମାନଙ୍କ ଲାଗି ମିଠେଇ, ପଲାଶ ଲାଗି ବାରମଜା, ବାପା ମାଆ'ଙ୍କର ଔଷଧ ସହିତ ଫଳମୂଳ ନେଇ ଘରକୁ ଫେରିଲା ବେଳକୁ ତା' ମୁହଁ ଖୁସିରେ ଝଲସି ଉଠୁଥିଲା । ତା' ହାତରେ ଏତେ ଗୁଡ଼ାଏ ଜିନିଷ ଦେଖି ସେଇ ଖୁସି ସଂଚରି ଯାଇଥିଲା ଘରର ସବୁ ସଦସ୍ୟଙ୍କ ମୁହଁକୁ । ସେଦିନ ରାତିରେ ଭାତ ଡାଲି ତରକାରୀ ରୋଷେଇ କରି ପେଟପୁରା ଖାଇଲେ ସାରା ପରିବାର । ରାତିରେ ଖାଇପିଇ ସାରିବା ପରେ ଶୋଇବା ବେଳକୁ ପଇସା କେଉଁଠୁ ଆଣିଲ ବୋଲି ପଚାରିଲା ପଲାଶ । ମାଇପି ଲୋକ କଥାଟା ଜାଣିଲେ କାନକୁ ପାଞ୍ଚ କାନ ହୋଇ ଗାଁ'ରେ ଘୁରି ବୁଲିବ ଆଉ ଗାଁ ଲୋକେ ପୁଣି ଫାଦର୍‌ଙ୍କୁ ବଦନାମ କରିବେ ବୋଲି ଭାବି ସାହେବ ସତ କଥାଟା ନକହି କରଜ ଆଣିଛି କହି ବାଆଁରେଇ ଦେଲା ପଲାଶକୁ ।

ତା'ପରଦିନ ସକାଳୁ ମାଆକୁ ସାଙ୍ଗରେ ନେଇ ସାହେବ ପହଞ୍ଚିଲା ଫାଦର୍ ଯୋଶେଫ୍‌ଙ୍କ ଡାକ୍ତରଖାନାରେ । ସେଠାରେ ଥିବା ଡାକ୍ତର ମାଆକୁ ମାଇନା କରି ଔଷଧପତ୍ର ଦେଲେ ଏବଂ ସେସବୁ ଔଷଧର ଖାଇବା ବିଧି ଜାଣିବା ଲାଗି ପଠାଇ ଦେଲେ ଆରଘରେ ବସିଥିବା ସିଷ୍ଟର୍ ମାରିଆଙ୍କ ପାଖକୁ ।

ପତଳା ଗୋରା ତକତକ ଚେହେରାର ସୁନ୍ଦର ଝିଅଟି ସିଷ୍ଟର୍ ମାରିଆ । ତା'ର ଚେହେରାଟି ଥିଲା ଯେତିକି ସୁନ୍ଦର କଥା ଥିଲା ସେତିକି ମଧୁର । ସାହେବର ଆଖି ଦୁଇଟା ହଟୁ ନଥିଲା ମାରିଆର ମୁହଁ ଉପରୁ । ମାଆର ଔଷଧ ଆଣିଲା ପରେ ସେ କୃତଜ୍ଞତା ଜଣାଇବାକୁ ଯାଇଥିଲା ଫାଦର୍ ପାଖକୁ, ମୁଣ୍ଡ ନୁଆଁଇ ପ୍ରଣାମ ଜଣାଇଲା ଏବଂ ମଜୁରୀ ମିଳିବା ପରେ ସେ ତାଙ୍କ ଦେଇଥିବା ଟଙ୍କା ଖୁବ୍ ଶୀଘ୍ର ଫେରାଇ ଦେବ ବୋଲି କହିଲା । ସ୍ୱଳ୍ପ ହସି ଫାଦର୍ କହିଲେ.. 'ସେ ଟଙ୍କା ଫେରସ୍ତ କରିବା ଦରକାର ନାହିଁ ବରଂ କେତେବେଳେ କେମିତି ଆସି ଗୀର୍ଜା ପାଖରେ ଥିବା ବଗିଚାରେ କିଛି କାମ କରି ଶୁଝାଇ ଦେବ ସେ ଟଙ୍କା ।' ପ୍ରସ୍ତାବଟି ମନକୁ ପାଇଲା ସାହେବର ।

ସେଇଦିନ ଠାରୁ ସେ କେତେବେଳେ କେମିତି କାମ ଧନ୍ଦା ସାରି ସେ ଚାଲିଯାଏ ଗୀର୍ଜାକୁ । ଫାଦର୍ ଯୋଶେଫ୍ ଯାହା କାମ କରିବାକୁ କୁହନ୍ତି କରି ଦେଇ ଆସେ । ମଝିରେ ମଝିରେ ଆସି କାମ ଦେଖି ଯାଆନ୍ତି

ସିଷ୍ଟର୍ ମାରିଆ। ତାଙ୍କର ହସଟି ଦେଖି ସାହେବ ଆତ୍ମବିସ୍ମୃତ ହୁଏ, ତା'ର ସବୁ କ୍ଳାନ୍ତି ମେଣ୍ଟିଯାଏ। ଘରେ କିନ୍ତୁ ଏଠିକି ଆସିବା କଥା କାହାକୁ ଜଣାଉନଥାଏ ସେ। କେମିତି ଗୋଟାଏ ମୋହ ଆବୋରି ବସିଥାଏ ତା'କୁ। ଦିନେ ଯଦି ସେଠିକି ନଆସି ପାରେ ଖୁବ୍ ଛଟପଟ ହୁଏ, ରାତିରେ ନିଦ ହୁଏ ନାହିଁ ତା'କୁ। ସିଷ୍ଟର୍ ମାରିଆଙ୍କର ହସ ହସ ମୁହଁଟି ସବୁବେଳେ ନାଚିଯାଏ ତା' ଆଖିରେ। ଧୀରେ ଧୀରେ ଗୀର୍ଜାକୁ ଆସିବା ବଢ଼ି ଚାଲିଥିଲା ସାହେବର ତା ସହିତ ଘରକୁ ଫେରିବାର ସମୟ ବି। ସବୁବେଳେ କେମିତି ଗୋଟାଏ ଅନ୍ୟମନସ୍କ ହୋଇ ରହୁଥିଲା ସେ। ଏବେ ଆଉ ପଇସାପତ୍ରର ସେମିତି ଅଭାବ ନଥିଲା ତା'ର।

ତା'ର ଏଇ ପରିବର୍ତ୍ତନକୁ ଠିକ୍ ଲକ୍ଷ୍ୟ କରିଥିଲା ପଳାଶ। ଆଗରୁ ଦୁଃଖୀ ଦୁଃଖୀ ହୋଇ ରହୁଥିବା ସାହେବ ଏବେ ଖୁବ୍ ପ୍ରଫୁଲ୍ଲ ରହୁଥିଲା। ବାପା ମାଆ'ଙ୍କର ଔଷଧପତ୍ର, ଲୁଗାପଟା, ପିଲାମାନଙ୍କ ପାଇଁ ଖେଳନା, ହାଟରୁ ତା' ପାଇଁ ଭଲ ଭଲ ଖାଇବା ଜିନିଷ ସବୁ କିଣି ଆଣୁଥିଲା। ଆଗକୁ ଆହୁରି ପଇସା ଆଣିବ, ତା'କୁ ରାଣୀ ଭଳିଆ ରଖିବ, ପିଲାଙ୍କୁ ଭଲ ସ୍କୁଲରେ ପଢ଼େଇ ବଡ଼ ମଣିଷ କରିବ, ନିଜ ଭଳିଆ ମୂଲିଆ ହେବାକୁ ଦେବନି ଇତ୍ୟାଦି ଇତ୍ୟାଦି ବହୁତ କଥା ଏବେ ପଳାଶକୁ କହୁଥିଲା ସାହେବ। ପଳାଶକୁ ଲାଗୁଥିଲା ସାହେବ କିଛି ଅନ୍ୟାୟ ଅନୀତି କାମ କରୁଛି ନିଶ୍ଚିତ ନହେଲେ ଏତେ ପଇସା ତା' ପାଖକୁ ଆସୁଛି କୁଆଡୁ ? ତା'କୁ କିଛି କଥା ପଚାରିଲା ବେଳକୁ ସେ କଥା ବାଆଁରେଇ ଦେଇ ଉଠି ବାହାରକୁ ଚାଲି ଯାଉଛି। ଆଜିକାଲି ତା' ପାଖରେ ବି ଆଗ ଭଳିଆ ନସର ପସର ହେଉନାହିଁ ସେ। କାମ କରି ହାଲିଆ ହୋଇପଡ଼ି ଆସୁଛି ଯେ ପିଲାମାନଙ୍କ ପାଖରେ ଜାକିଜୁକି ହୋଇ ଶୋଇପଡୁଛି। ବୋଧହୁଏ ଗର୍ଭବତୀ ପଳାଶକୁ ବିଶ୍ରାମ ଦେବାକୁ ଚାହୁଁଛି ସାହେବ।

ବିଚରା ମରଦଟା ଉପରେ ଦୟା ହେଲା ପଳାଶର। ଦୁଇପୁଅଙ୍କ ମଝିରେ କୁଙ୍କୁରି କାଙ୍କୁରି ହୋଇ ଶୋଇ ପଡିଥିବା ସାହେବକୁ ଅନେକ ଦିନ ହେବ ଟିକିଏ ଘଷି ମୋଡ଼ିଦେଇ ପାରିନି ସେ। ଆହାଃ.. କେତେ ଖଟୁଛି ମରଦଟା ତା' ପାଇଁ, ତା' ପିଲାଙ୍କ ପାଇଁ ସିନା। ସାହେବର ଗୋଡ଼ ତଳେ ବସିପଡ଼ି ତା'ର ପାଦ ଦୁଇଟି ଧରି ଆଉଁସି ଦେବାକୁ ଆରମ୍ଭ କଲା। ପାଦରୁ ଅଣ୍ଟା, ଅଣ୍ଟାରୁ ପିଠି ଏମିତି ଆଉଁସି ଆଉଁସି ହାତମାରିଲା ତା'ର ଛାତିରେ। ଛାତିରେ ହାତ ଦେଲା ବେଳକୁ ସାର୍ଟ ତଳେ କ'ଣ ଗୋଟିଏ ମୁନିଆଁ ଜିନିଷରେ ହାତ ବାଜିଲା ପଳାଶର। କ'ଣ ଟାଏ ବୋଲି ସାହେବକୁ ଓଲଟାଇ ଦେଇ ସାର୍ଟ ବୋତାମ୍ ଖୋଲି ଦେଲା ସେ। ବିସ୍ମୟରେ ଆଖି ଦୁଇଟା ବିସ୍ଫାରିତ ହୋଇଗଲା ପଳାଶର। ସାହେବର ବେକରେ ଝୁଲୁଥିଲା ରୂପା ଚେନ୍‌ରେ ବନ୍ଧା କ୍ରସ୍‌ଟିଏ!! ଯେମିତି ଗାଁ'କୁ ଆସୁଥିବା ଖ୍ରୀଷ୍ଟିୟାନ ପାଦ୍ରୀ ଆଉ ତାଙ୍କର ସାଥୀମାନଙ୍କ ବେକରେ ପଡ଼ିଥିବାର ଦେଖିଥିଲା ସେ। ଜିଭ କାମୁଡ଼ି ପକାଇ ଖଣ୍ଡେ ଦୂରକୁ ଘୁଞ୍ଚିଗଲା ପଳାଶ। ତା' ହେଲେ କ'ଣ ସାହେବ ଖ୍ରୀଷ୍ଟିୟାନ ହୋଇ ଯାଇଛି ? ଶାଶୁ ଶଶୁର ଜାଣିଲେ କ'ଣ ହେବ ? ଗାଁ ଲୋକେ ଜାଣିଲେ କ'ଣ ହେବ ? ? ଜାତିପତିରୁ ବାସନ୍ଦ କରିବେ ତ କରିବେ ସାହେବର ଜୀବନ ରଖିବେ ତ' ? ? ? ଭୟରେ ବରଡ଼ାପତ୍ର ପରି ଥରି ଥରି ସାହେବକୁ ଝିଙ୍କି ଏକା ଝଟକାରେ ଉଠାଇ ଦେଲା ସେ। ନିଦ ମଳ ମଳ ଆଖିରେ ଉଠି ପଳାଶକୁ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁଲା ସାହେବ। ନିଜର ରାଣ, ପିଲାଙ୍କ ରାଣ ଦେଇ ସତକଥାଟା ସାହେବ ଠାରୁ ଆଦାୟ କରିବା ଲାଗି ବେଶୀ ସମୟ ଲାଗିନଥିଲା ପଳାଶକୁ। ଧୀରେ ଧୀରେ ସେ କହିଗଲା କେମିତି ଫାଦର୍ ଯୋଶେଫଙ୍କ ମିଠା ମିଠା କଥା, ଅଯାଚିତ ଆର୍ଥିକ ସହାୟତା, ସେ ଦେଖାଇଥିବା ସୁନ୍ଦର ଭବିଷ୍ୟତର ସୁନେଲି ସ୍ୱପ୍ନର ମାୟାଜାଲରେ ପଡ଼ି ସେ ଧର୍ମାନ୍ତରିତ ହୋଇ ଖ୍ରୀଷ୍ଟିୟାନ୍ ହୋଇ ଯାଇଛି। ସବୁ କରିଛି କେବଳ ନିଜ ପିଲାମାନଙ୍କ ପାଇଁ, ନିଜ ପରିବାର ପାଇଁ।

ଘୃଣାରେ ମୁହଁ ଫେରାଇ ନେଇଥିଲା ପଳାଶ। କାନ୍ଦି କାନ୍ଦି କହିଥିଲା.. 'ତୁମେ ଆମକୁ ଯେମିତି ରଖିଥିଲ, ଆମେ ରହିଥିଲୁ, ସୁଖେ ଦୁଃଖେ ଚଳୁଥିଲୁ, କେବେ ତୁମକୁ କହିଥିଲୁ କି ଆମକୁ ଭଲ ଖାଇବାକୁ, ଭଲ ପିନ୍ଧିବାକୁ ଦିଅ ବୋଲି ? ତୁମ ବାପା ମାଆ କେବେ କହିଥିଲେ କି ଆମକୁ ଭଲ ଡାକ୍ତର ଦେଖା, ଭଲ ଔଷଧପତ୍ର, ଫଳମୂଳ ଆଣି ଦେ' ବୋଲି ? ? ତେବେ ତମେ ନିଜକୁ କାହିଁକି ବିକି ଦେଲ ଫାଦରଙ୍କ ପାଖରେ ? ? ନିଜକୁ, ନିଜର ଆତ୍ମାକୁ, ବାପା ମାଆ'ଙ୍କର ବିଶ୍ୱାସକୁ, ଆମ ଗାଁ, ସାଇ ଭାଇ, ଆମ ଠାକୁର ସମସ୍ତଙ୍କୁ ବିକି ଦେଲ ସାମାନ୍ୟ କେତେଟା ଟଙ୍କା ଆଉ ନିଜର ସ୍ୱାର୍ଥ ପାଇଁ? ଆମେ ହିନ୍ଦୁ ହୋଇ ଜନ୍ମ ନେଇଛୁ, ହିନ୍ଦୁ ହୋଇ ମରିବୁ, ବିଧର୍ମୀ ହୋଇ ନୁହେଁ। ଶୋଇବା ଚାଳରେ ଖୋସା ହୋଇଥିବା ଧାରୁଆ କାତିଟାକୁ ଭିଡ଼ି ଆଣିଲା ପଳାଶ। ଦୃଢ଼ ସ୍ୱରରେ କହିଲା.. 'ଆମରି ପାଇଁ ତମର ଏତେ ଚିନ୍ତା ତ', ଆଜି ସେ ଚିନ୍ତା ମୁଁ ଦୂର କରି ଦେଉଛି, ଆଗ ପୁଅ ଦୁହିଁଙ୍କୁ ହାଣିବି, ତା 'ପରେ ନିଜେ ହାଣି ହେବି, ତମର ସବୁ ଚିନ୍ତା ଏକା ଥରକେ ତୁଟିଯିବ।'

ହତବାକ୍ ହୋଇ ଚାହିଁଲା ସାହେବ। ଇଏ କ'ଣ କହୁଚି ପଳାଶ ? ? ପୁଅ ଦୁହିଁଙ୍କୁ, ପଳାଶକୁ ନିଜଜୀବନରୁ ଅଧିକ ଭଲ ପାଉଥିଲା ସାହେବ। ପଳାଶର ଏ ଦୃଢ଼ୋକ୍ତି ଶୁଣି ହାଲୁକ ଶୁଖିଗଲା ତା'ର। ଧାଇଁ ଯାଇ ପଳାଶ ହାତରୁ କଟୁରୀଟା ଛଡ଼ାଇ ଆଣି ତଳେ ପକାଇ ଦେଇ ପଳାଶର ଗୋଡ଼ ଧରି କ୍ଷମା ପ୍ରାର୍ଥନା କରି କହିଲା, "ମୋର ଭୁଲ୍ ହୋଇ ଯାଇଛି ପଳାଶ, ମତେ ତୁ କ୍ଷମା କରି ଦେ'। ମୁଁ ତତେ କିମ୍ବା ମୋ'ର ପିଲାମାନଙ୍କୁ ଛାଡି ବଞ୍ଚିପାରିବିନି। ମା' ରାଣ ଖାଉଛି ଲୋ' ପଳାଶ, ତୁ ଦେଖିବୁ, ମୁଁ କାଲି ସକାଳେ ପୁରୀ ଯାଇ ସେଠାରେ ମୁକ୍ତି ମଣ୍ଡପରେ ଜାତି ହୋଇ ଆସିବି। ଆଉ ଦିନେ ହେଲେ ଗୀର୍ଜା ଦୁଆର ମୁହଁ ମାଡ଼ିବିନି। ତୁ' ମୋ ପିଲାଙ୍କୁ ମାର ନାଇଁ କି ନିଜେ ମର ନାଇଁ ଲୋ। ତମକୁ ହରାଇ ମୁଁ ମରିଯିବି।"

କାନ୍ଦି କାନ୍ଦି ପଳାଶକୁ ଜାବୁଡ଼ି ଧରିଥିଲା ସାହେବ। ଦୁହିଁଙ୍କ ଆଖିରୁ ଲୁହ ଧାର ବୋହି ଓଦା ହେଉଥିଲା ଘରର ମାଟି ଚଟାଣ। ସତେ ଯେପରି ଦୁହିଁଙ୍କ ଲୁହରେ ଧୋଇ ହୋଇଯାଇଥିଲା ଏ ପୃଥିବୀର ସବୁ କଳୁଷ। ପୂର୍ବାକାଶରେ ସିନ୍ଦୂରା ଫାଟି ଆସୁଥିଲା। ଝାଡ଼ିଝୁଡ଼ି ହୋଇ ସାହେବ ବାହାରି ଗଲା ବାହାରକୁ। ନିଜର ନିତ୍ୟକର୍ମ ସାରି ତା'କୁ ଗାଁ ମୁଣ୍ଡ ରାସ୍ତାରେ ପହଞ୍ଚି ବସ୍ ଧରି ପୁରୀ ଯିବାକୁ ହେବ।

*ଶାରଳା ଭବନ, ପୋତା ପୋଖରୀ , କଟକ-୪*
*ଦୂରଭାଷ: ୯୩୩୭୨୭୨୬୪୭*

# ସ୍ୱାଭିମାନ

**ଇଁ. ଅକ୍ଷୟ କୁମାର ମିଶ୍ର**

ସୁମିତ୍ରା ପ୍ରଥମ ଚାନ୍ସରେ ଷ୍ଟେଟବ୍ୟାଙ୍କ ପି.ଓ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ, ଭୁବନେଶ୍ୱର ଷ୍ଟେଟ୍‌ବ୍ୟାଙ୍କ ମେନ୍ ବ୍ରାଞ୍ଚରେ ଜଏନ୍ କଲା । ବାପା, ବୋଉ ଖୁବ୍ ଖୁସିଥା'ନ୍ତି । ବାପା, ନରେନ୍ଦ୍ର ବଳିୟାର ସିଂ, ଏହି ଖୁସିରେ ଗୋଟିଏ ସ୍କୁଟି କିଣିଦେଲେ । ସୁମିତ୍ରା ସେହି ସ୍କୁଟିରେ, ଜଟଣୀରୁ ଭୁବନେଶ୍ୱର ଯିବା ଆସିବା କଲା । ଘଣ୍ଟାକର ବାଟ । କିଛି ଅସୁବିଧା ନାହିଁ । ନୂଆ ନୂଆ କାମ କରିବା ସମୟରେ ଭାରି ଭଲ ଲାଗୁଥିଲା । ତା'ର ଆଗରୁ ଧାରଣା ଥିଲା ବ୍ୟାଙ୍କ ପି.ଓ. ଚାକିରୀ, ଆରାମ ଦାୟକ ଚାକିରୀ । କିନ୍ତୁ କିଛିଦିନ କାମ କରିବା ପରେ, ତା'ର ଧାରଣା ବଦଳିବାକୁ ଲାଗିଲା । ଅଫିସ୍‌ରେ ଷ୍ଟାଫ୍ ସର୍ଟେଜ ଯୋଗୁ, ତାକୁ ଅଧିକ କାମ କରିବାକୁ ପଡୁଥିଲା । ସେଦିନ ତା'ର ସାଙ୍ଗ ଅନୁପମା ଦିଦି କହୁଥିଲେ, ଆଗଭଳି ଏବେ ବ୍ୟାଙ୍କ ଚାକିରୀରେ କିଛି ଚାର୍ମ ନାହିଁ କେବଳ ଗଧ ଖଟଣୀ ।

ସୁମିତ୍ରାର ଡିପୋଜିଟ୍ ସେକ୍ସନ । ଯାବତୀୟ ଝିନ୍‌ଝଟ୍ କାମ । ପଦବୀ ସିନା ଅଫିସ୍‌ରର କାମ, କିନ୍ତୁ କିରାଣିଙ୍କଠାରୁ ବଳିଗଲାଣି । ଡିପୋଜିଟ୍ ଠାରୁ ମ୍ୟୁଚୁଆଲ ଫଣ୍ଡ, ଫିକ୍ସଡ୍ ଡିପୋଜିଟ୍ ଖଟିଖଟି ଅଣ୍ଟା ପିଠି ଦରଜ ହୋଇ ଯାଉଛି । ବିଶେଷକରି ଫାଷ୍ଟ ହାପ୍‌ରେ ନୟାନ୍ତ ଅବସ୍ଥା । ସୁମିତ୍ରା ମନଦେଇ କାମ କରୁଥାଏ, ତା'ର ସିନ୍‌ସିଅରିଟି ପାଇଁ ବ୍ୟାଙ୍କ ମ୍ୟାନେଜ୍‌ମେଣ୍ଟରେ ତା'ର ଖାତିର ଅଛି । ବେଳେବେଳେ ଯଦି କେଉଁ ଷ୍ଟାଫ୍ ଛୁଟୀରେ ରହନ୍ତି, ତେବେ ସୁମିତ୍ରାର କାମ ବଢ଼ିଯାଏ । କାହାର ଆକାଉଣ୍ଟ ଖୋଲାଯିବ, କାହାର କଣଉ ଦରକାର, କାହାର ଇ.ଝ.ଗ. କାର୍ଡ଼ ଇସ୍ୟୁ ହେବ, କାହାର ଆଡ୍ରେସ୍ ବଦଳିବ, ଭଳିକି ଭଳି ଫରମାଇସ୍ ପୁରଣ କରିବାକୁ ପଡ଼େ । ଅଫିସ୍‌ରେ ଯିଏ ସିନ୍‌ସିଅରଲି କାମ କଲା, ତା ଉପରେ କାମର ପ୍ରେସର ତ ନିଶ୍ଚୟ ଅଧିକ ପଡ଼ିବ । ସହଜେ ସୁମିତ୍ରା ଝିଅପିଲାଟିଏ । କାହାର ଆଦେଶକୁ ଅମାନ୍ୟ କରି ପାରେ ନାହିଁ । ହସିହସି ସବୁକାମ କରି ଚାଲିଥାଏ ।

ସେଦିନ ସୁମିତ୍ରା ଟେବୁଲରେ ବେଶି କାମ ନ ଥାଏ । ଏହି ସମୟରେ,ମ୍ୟାନେଜର ଆସି କହିଲେ ମିସ୍ ସୁମିତ୍ରା, ଏ ବାବୁ ହେଉଛନ୍ତି ଶଶାଙ୍କ ରଣସିଂ । ଆମ ବ୍ରାଞ୍ଚର ପୁରୁଣା କଷ୍ଟମର । ତାଙ୍କର ୪୫ଲକ୍ଷ ଟଙ୍କାର ଗୋଟିଏ ଫିକ୍ସଡ୍ ଡିପୋଜିଟ୍ କରିଦିଅ । ସୁମିତ୍ରା ମୁଣ୍ଡ ଟେକି ଚାହିଁଲା, ସାମନାରେ ଜଣେ ସୌମ୍ୟଦର୍ଶନ ଯୁବକ ଠିଆ ହୋଇଛନ୍ତି । ଗୋରା ତକ୍ ତକ୍ ବଳିଷ୍ଠ ଚେହେରା । ତୀକ୍ଷ୍ଣ ନାକ, ବଡ଼ ବଡ଼ ଆଖି, ଛ ଫୁଟ ଉଚ୍ଚତା । ଯୁବକଙ୍କ ମୁହଁରେ ଏକ ଗାରିମାମୟ ଆଭା ଫୁଟି ଉଠୁଥାଏ । ଏହି ଅପୂର୍ବ ସୁନ୍ଦର ଯୁବକଙ୍କୁ ଦେଖି, ସୁମିତ୍ରା ଭାବୁଥାଏ କିଏ ଏହି ମହାନ୍ ବ୍ୟକ୍ତି । ଏତେ ଧନୀ ଗ୍ରାହକଙ୍କୁ ସେ ଆଗରୁ କେବେ ଦେଖି ନ ଥିଲା । ସେହି ଯୁବକ ହସ ହସ ମୁହଁରେ ଦୁଇ ହାତ ଜୋଡ଼ି ନମସ୍କାର କରୁଛନ୍ତି । ସୁମିତ୍ରା ତାଙ୍କୁ ପ୍ରତି ନମସ୍କାର ଜଣାଇ ବସିବାକୁ କହିଲା । କାମ କରିବା ଅବସରରେ ସାମ୍ନାରେ ବସିଥିବା ଆକର୍ଷଣୀୟ ବ୍ୟକ୍ତିତ୍ୱ ସମ୍ପର୍ଣ୍ଣ ଯୁବକଙ୍କୁ ଚୋରେଇ ଚୋରେଇ ଦେଖୁଥାଏ । ଇଚ୍ଛାକରି ମଧ୍ୟ ତାଙ୍କ ଉପରୁ ଦୃଷ୍ଟି ଫେରେଇ ପାରୁନଥାଏ । ଶଶାଙ୍କ ରଣସିଂଙ୍କର ଫର୍ମ ସବୁ ଦେଖି, କେଉଁଠି କେଉଁଠି ଦସ୍ତଖତ କରିବାକୁ ହେବ, ବତେଇ ଦେଲା । ଶଶାଙ୍କ ବାବୁ ନିର୍ନିମେଶ ନୟନରେ ସୁମିତ୍ରାକୁ ଦେଖୁଥାନ୍ତି । ସୁମିତ୍ରାର କଥା କହିବା ଶୈଳୀ ମଧୁର ସ୍ୱର, ସାବଲୀଳ ବ୍ୟବହାର ଦେଖି ଶଶାଙ୍କ ମନ୍ତ୍ରମୁଗ୍ଧ ହୋଇ ଉଠୁଥିଲେ । ସେ ନିର୍ନିମେଶ ନୟନରେ ଏହି ମୋହମୟ, ଅସାଧାରଣ ସୁନ୍ଦର ଦେବୀପ୍ରତିମାଙ୍କୁ ଦେଖୁଥାନ୍ତି । ତାଙ୍କର ଆଖିରେ ପଲକ ପଡୁନଥାଏ । ଏଭଳି ପରିସ୍ଥିତିରେ ସୁମିତ୍ରାର ଦେହରେ ଝାଳ କଣ୍ଟେଇ ଆସିଲାଣି । ସେ ତଳକୁ ମୁହଁ ପୋତି କାମ କରୁଥାଏ । ଶଶାଙ୍କ ରଣସିଂଙ୍କର କାମ ଶେଷ ହୋଇଗଲା । ସୁମିତ୍ରାର ହାତରୁ ଫିକ୍ସଡ୍ ଡିପୋଜିଟ୍ ବଣ୍ଡ ଗ୍ରହଣ କରି, ଶଶାଙ୍କ ହସି ହସି କହିଲେ Thank You Madam !

ବ୍ୟାଙ୍କର ପୁରୁଣା ପିଅନ ରମେଶକୁ ବାହାରକୁ ଡାକି, ଶଶାଙ୍କ ତାଙ୍କ ହାତରେ ପାଞ୍ଚଶହ ଟଙ୍କାର ନୋଟ୍‌ଟିଏ ଧରେଇ ଦେଇ ପଚାରିଲେ, ରମେଶ, ଛ'ନମ୍ବର କାଉଣ୍ଟରରେ ଯେଉଁ ମାଡ଼ାମ୍ ବସିଛନ୍ତି, ସେ କ'ଣ ନୂଆ କରି ଆସିଛନ୍ତି ? ତାଙ୍କ ନାଁ କ'ଣ ? ତାଙ୍କ ଘର କେଉଁଠି ? ରମେଶ ହସି ହସି କହିଲା, ହଁ ସାର୍, ସେ ହେଉଛ'ନ୍ତି ଆପଣଙ୍କର ଜଟଣୀର ଝିଅ । ତାଙ୍କର ବାପାଙ୍କ ନାମ, ଘର ଠିକଣା ସଂଗ୍ରହ କରି ଶଶାଙ୍କ ଫେରି ଆସିଲେ ।

ସେଦିନ ସଂଜବେଳକୁ ସୁମିତ୍ରା ଅଫିସ୍‌ରୁ ଫେରି ଘର ଆଗରେ ସ୍କୁଟିରୁ ଓହ୍ଲାଇଲା ବେଳକୁ ଦେଖିଲା, ତାଙ୍କ ଘର ସାମନାରେ ଗୋଟିଏ

ନାଲି ରଙ୍ଗର ଲମ୍ବା କାର୍ ଠିଆ ହୋଇଛି । କାର୍ ଭିତରେ ଧଳା ଡ୍ରେସ୍, ଧଳା ଟୋପି ପିନ୍ଧି ଡ୍ରାଇଭର ବସିଛନ୍ତି । ସେ ଆଶ୍ଚର୍ଯ୍ୟ ହୋଇ ଭାବିଲା, ଏତେ ଦାମିକା କାର୍‌ରେ ଆମ ଘରକୁ କିଏ ଆସିଛନ୍ତି ? ସୁମିତ୍ରା ସନ୍ତର୍ପଣରେ ବାଟଘରକୁ ପଶିଗଲା ବେଳକୁ ଦେଖିଲା ସୋଫା ଉପରେ ବସିଥିବା ଦୁଇଜଣ ସମ୍ଭ୍ରାନ୍ତ ଦମ୍ପତିଙ୍କ ସହିତ ବସି, ବାପା ବୋଉ ଖୁସିଗପରେ ମଜ୍ଜି ଯାଇଛନ୍ତି । ସେ ସିଧା ନିଜ ରୁମ୍‌କୁ ଚାଲିଗଲା । ସୁମିତ୍ରା ପଛେ ପଛେ ତା ବୋଉ ଆସି କହିଲେ, ମା, ସୁମି, ଟିକିଏ ଧୁଆଧୋଇ ହୋଇ ଭଲ ଶାଢ଼ୀଟିଏ ପିନ୍ଧି, ବାଟ ଘରକୁ ଯାଇ, ଯେଉଁ ଅତିଥୀ ଦୁଇଜଣ ବସିଛନ୍ତି, ତାଙ୍କୁ ପ୍ରଣାମ କରି ଆସିବୁ ।

ସୁମିତ୍ରା ପଚାରିଲା, ସେମାନେ କିଏ ବୋଉ ? ବୋଉ କହିଲେ, ମୁଁ ସବୁକଥା ପରେ ବୁଝେଇ କହିବି, ତୁ ଟିକିଏ ଜଲ୍‌ଦି ରେଡ଼ି ହୋଇ ଯା । ସୁମିତ୍ରା ତରତରରେ ସବୁ କାମ ଶେଷ କଲା । ମୁହଁରେ ଟିକିଏ ହାଲ୍‌କା ପାଉଡର ଲଗେଇ, ଶାଢ଼ୀକୁ ମ୍ୟାଚିଙ୍ଗ କଲା ଭଳି ବିନ୍ଦିଟିଏ ପିନ୍ଧିଲା । ଝିଅର ଅପରୂପ ସୌନ୍ଦର୍ଯ୍ୟକୁ ଦେଖି ବୋଉ ମୁଗ୍ଧ ହୋଇଗଲେ । ବୋଉଙ୍କ ସାଙ୍ଗରେ ସୁମିତ୍ରା ବାଟଘରେ ପ୍ରବେଶ କରି, ଅତିଥୀ ମାନଙ୍କୁ ଭୂମିଷ୍ଠ ପ୍ରଣାମ ଜଣାଇଲା । ସମ୍ଭ୍ରାନ୍ତ ବଦ୍ରମହିଳା ଜଣକ ସୁମିତ୍ରାକୁ ପାଖରେ ବସେଇ ଖୁସିରେ ଗଦ୍‌ଗଦ୍ ହୋଇ ଗୋଟିଏ ବହୁମୂଲ୍ୟ ଓଜନଦାର ସୁନାହାର ସୁମିତ୍ରା ଗଳାରେ ପିନ୍ଧେଇ ଦେଇ କହିଲେ, ଆମ ପୁଅର ପସନ୍ଦରେ ଆମେ ଅତ୍ୟନ୍ତ ଖୁସି । ଶଶାଙ୍କ ଯେପରି କହୁଥିଲା, ଆପଣଙ୍କ ଝିଅଟି ତାଠାରୁ ଶହସ୍ର ଗୁଣରେ ଅଧିକ ସୁନ୍ଦରୀ । ସାକ୍ଷାତ୍ ଲକ୍ଷ୍ମୀପ୍ରତିମା ଭଳି ଝିଅଟିଏ । ବୁଝିଲେ ସମୁଦୀ, ଆମେ ଦୁହେଁ ଆମ ଶଶାଙ୍କ ପାଇଁ ଝିଅ ଖୋଜି ଖୋଜି ହତାଶ ହୋଇ ଯାଇଥିଲୁ । ମା' ଗଡ଼ଚଣ୍ଡୀଙ୍କୁ ଅଶେଷ ଧନ୍ୟବାଦ । ସେ ଆମ ପାଇଁ ଏପରି ଲକ୍ଷ୍ମୀ ପ୍ରତୀମା ଭଳି ଝିଅଟିଏ ବାଛି ରଖିଥିଲେ । ମୁଁ ଆଜି ମା' ଗଡ଼ଚଣ୍ଡୀଙ୍କ ପାଖରେ ମାଜଣା କରିବି ।

ଭଦ୍ରମହିଳାଙ୍କ ମୁହଁରୁ 'ଶଶାଙ୍କ' ନାମଟି ଶୁଣି, ସୁମିତ୍ରା ଦେହରେ ତଡ଼ିତ୍‌ର ପ୍ରବାହ ଖେଳିଗଲା । ଆଜି ଅଫିସ୍‌ରେ ଦେଖିଥିବା ସେହି ଅପୂର୍ବ ସୁନ୍ଦର ରାଜକୁମାରଙ୍କ ସୁନ୍ଦର ମୁହଁର ଛବିଟି ତା ଆଖି ଆଗରେ ନାଚିଗଲା । ଭଦ୍ରମହିଳାଙ୍କ ପ୍ରଶଂସା ଭରା କଥା ଶୁଣି, ସୁମିତ୍ରା ଅନ୍ତର ଭିତରେ ଉଲ୍ଲସିତ ହୋଇ ଉଠୁଥାଏ । ନାରୀସୁଲଭ ପ୍ରଲୋଭନ ତା'ର ଚେତନାରେ ସଂଚରି ଯାଉଥିଲା । ସେଇ ପ୍ରଲୋଭନ ଥିଲା, ଅନ୍ୟଠାରୁ ପ୍ରଶଂସା ପାଇବାର ପ୍ରଲୋଭନ । ଯେଉଁଥିପାଇଁ ନାରୀଟିଏ ସବୁ ସମୟରେ ଅପେକ୍ଷା କରିଥାଏ...ଉତ୍କଣ୍ଠାର ସହିତ ।

ଭଦ୍ରମହିଳା ସୁମିତ୍ରାର ହାତଟିକୁ ନିଜ ହାତମୁଠାରେ ଧରି କହୁଥାନ୍ତି, ଝିଅଟି ଖରା ବର୍ଷାରେ ଚାକିରୀ କରୁନଥିଲେ ଆହୁରି ଉଜ୍ଜ୍ୱଳ ଦିଶୁଥାନ୍ତା । ଆମ ଉଆସକୁ ବୋହୂ ହୋଇ ଗଲାପରେ, ଆଉ ଚାକିରୀ କରିବା କ'ଣ ଦରକାର ? ଆମ ଉଆସରେ କ'ଣ ଧନର ଅଭାବ ଅଛି ? ଏହିପରି ଭାବରେ ହସ ଖୁସି ଭିତରେ ଅତିଥୀମାନେ ବିଦାୟ ନେଇ ଗଲେ । ଯିବା ବେଳକୁ ଭଦ୍ରମହିଳା, ସୁମିତ୍ରାକୁ କୋଳେଇ ନେଇ ତା'ର ମଥାରେ ସ୍ନେହଁଭରା ଚୁମାଟିଏ ଆଙ୍କିଦେଲେ ।

ଅତିଥୀମାନେ ବିଦାୟ ନେଇ ଗଲେଣି । ସୁମିତ୍ରା ଦେଖୁଥାଏ ବାପା ବୋଉଙ୍କ ମୁହଁ ଉଜ୍ଜ୍ୱଳ ଆନନ୍ଦରେ ଝଲସି ଉଠୁଛି । ସୁମିତ୍ରା କିଛି ନବୁଝି ପାରିବା ଭଳି ପଚାରିଲା, ବାପା, ଏମାନେ କିଏ ?

ବାପାଙ୍କ ଆଖି ଦୁଇଟି ଉଜ୍ଜ୍ୱଳ ଆଲୋକରେ ଝଲସୁଥାଏ । ସେ କହିଲେ ଆରେ ମା, ମୁଁ କେଉଁ ଜନ୍ମରେ କ'ଣ ପୁଣ୍ୟ କରିଥିଲି, ଆଜି ଖୋର୍ଦ୍ଧାଗଡ଼ର ରାଜା, ବାହୁବଳେନ୍ଦ୍ର ରଣସିଂଙ୍କର ପାଦ ମୋ ଦୁଆରେ ପଡ଼ିଲା, ଆଉ ସେମାନେ ମୋ ଝିଅକୁ ବୋହୂ କରିବା ପାଇଁ ସ୍ୱିକୃତି ଦେଇ ଗଲେ । ସୁମିତ୍ରା କହିଲା କିନ୍ତୁ ବାପା....

ଖୁସିରେ ଗଦ୍‌ଗଦ୍ ହୋଇ ବାପା କହି ଚାଲିଥାନ୍ତି, ସେ ହେଉଛନ୍ତି ଖୋର୍ଦ୍ଧା ଗଡ଼ର ରାଜା ବାହୁବଳେନ୍ଦ୍ର ରଣସିଂ । ତାଙ୍କର ଏକମାତ୍ର ପୁତ୍ର ଶଶାଙ୍କ ରଣସିଂ, ତୋତେ ବ୍ୟାଙ୍କରେ ଦେଖିଲାପରେ, ଘରେ ଏକାଜିଦ୍ ଧରିଛନ୍ତି, କେବଳ ତୋତେ ହିଁ ବିବାହ କରିବେ । ନିଜର ଏକ ମାତ୍ର ପୁତ୍ରର ଆଗ୍ରହକୁ ଦେଖି ସେମାନେ ଧାଇଁ ଆସିଥିଲେ ଏହି ପ୍ରସ୍ତାବ ଧରି । ସେମାନଙ୍କ ବିବାହ ପ୍ରସ୍ତାବ ଶୁଣିଲା ପରେ ତ ମୁଁ ମୋ କାନକୁ ବିଶ୍ୱାସ କରିପାରିଲି ନାହିଁ । ମୋର ଅଲିଅଳୀ ଝିଅ ଖୋର୍ଦ୍ଧାଗଡ଼ ରାଜ ପରିବାରକୁ ରାଣୀ ହୋଇଯିବ । ଆମପାଇଁ ଏହାଠାରୁ ବଳି ଖୁସିର ଖବର ଆଉ କ'ଣ ଥାଇପାରେ ?

ସୁମିତ୍ରା କହିଲା, କିନ୍ତୁ ବାପା, ସେମାନେ କେବେ ରାଜାଥିଲେ । ଏବେ ସେମାନେ କେବଳ ଜମିଦାର । ଜମିଦାରୀ ପ୍ରଥା ମଧ୍ୟ କେବେଠାରୁ ଉଚ୍ଛେଦ ହୋଇଗଲାଣି । ଏଥିରେ ଏତେ ଖୁସି ହେବାର କ'ଣ ଅଛି । ମୋର ଚାକିରୀ କରିବାର ଗୋଟିଏ ବର୍ଷ ହୋଇଛି । ଆଗକୁ ଲମ୍ବା କ୍ୟାରିଅର ପଡ଼ିଛି । ବ୍ୟାଙ୍କ ପି.ଓ. ଚାକିରୀ ଛାଡ଼ି, ମୁଁ କୌଣସି ରାଜ ଉଆସରେ ରାଣୀ ହୋଇ ସୁନାଜରିଦିଆ ଓଢ଼ଣୀ ଭିତରେ ରହି ସୁଖୀ ହୋଇ ପାରିବି ନାହିଁ । ବାପା, ବୋଉ ଦିନ ରାତି ଝିଅକୁ ବୁଝାଉଥାନ୍ତି । କିନ୍ତୁ ସୁମିତ୍ରା ତାର ଜିଦ୍‌ରେ ଅଟଳ, କୌଣସି ପରିସ୍ଥିତିରେ ସେ ବ୍ୟାଙ୍କ ଚାକିରୀ ଛାଡ଼ି ପାରିବ ନାହିଁ । ଏକଥା ବାହୁବଳେନ୍ଦ୍ର ରଣସିଂଙ୍କ କାନକୁ ଗଲା । ଖବର ଆସିଲା, ଆମ ବୋହୂରାଣୀ ଯଦି ଚାକିରୀ ନଛାଡ଼ିବା ପାଇଁ କହୁଛନ୍ତି, ତେବେ ଆମର କୌଣସି ଆପତ୍ତିନାହିଁ । ବାହାଘର ପରେ ସେ ଚାକିରୀ କରିବେ । ଆମ ଡ୍ରାଇଭର ତାଙ୍କୁ ସବୁଦିନ ଭୁବନେଶ୍ୱରରୁ ଖୋର୍ଦ୍ଧାକୁ ନେବା ଆଣିବା କରିବ ।

ଶଶାଙ୍କ ଶେଖର ରଣସିଂଙ୍କ ସହିତ ସୁମିତ୍ରାର ବାହାଘର ମହା ଆଡ଼ମ୍ବରରେ ଶେଷ ହୋଇଗଲା । ଜଟଣୀରେ ବନ୍ଧୁ ପରିଜନ, ସୁମିତ୍ରାର ବାପା, ବୋଉଙ୍କ ଭାଗ୍ୟକୁ ଈର୍ଷା କରୁଥାନ୍ତି । କାହିଁ ରଣସିଂ ରାଜ ପରିବାର, ଆଉ..... । ବାହାଘର ଦିନ, ଶାଶୁ ପଠେଇଥିବା ମହଣ ମହଣ ସୁନା, ହିରା ମୋତି ଅଳଙ୍କାର ପିନ୍ଧି, ସୁମିତ୍ରା ଦେବୀ ପ୍ରତୀମାଟିଏ ଭଳି ଦିଶୁଥାଏ । ନିମନ୍ତ୍ରୀତ ଅତିଥିମାନେ ବରକନ୍ୟାଙ୍କ ଅପୂର୍ବ ରୂପସଜ୍ଜାକୁ ଦେଖି ବିମୋହିତ ହୋଇ ଯାଉଥାନ୍ତି ।

ଶାଶୁଘରେ ପହଞ୍ଚି ସୁମିତ୍ରା ଆଶ୍ଚର୍ଯ୍ୟ ଚକିତ ହୋଇ ସେହି ରାଜ ଉଆସକୁ ଘୁରି ଘୁରି ଦେଖୁଥାଏ । ନୂଆ ଘର, ନୂଆ ଲୋକ, ନୂଆ ପରିବେଶ, ତଥାପି ସୁମିତ୍ରାକୁ କିଛି ଅସୁବିଧା ଲାଗୁନଥାଏ । ଶାଶୁ, ଶ୍ୱଶୁରଙ୍କ ସ୍ନେହଁବୋଳା ବ୍ୟବହାର, ଉଆସର ଥାଟ, ବାଟ, ଦାସ, ଦାସୀଙ୍କ ସମ୍ମାନ ସୂଚକ ବ୍ୟବହାର

ଦେଖି ସୁମିତ୍ରା ନିଜକୁ ସତରେ ଜଣେ ରାଣୀ ବୋଲି ଅନୁଭବ କରୁଥାଏ । ଉଆସ ଭିତରେ ସୁମିତ୍ରା ପ୍ରତି ସମସ୍ତଙ୍କର ସ୍ନେହ, ଆଦର, ଶ୍ରଦ୍ଧା, ଯତ୍ନ ଉଛୁଳି ପଡୁଥାଏ । କି ଅପୂର୍ବ ଶାନ୍ତି ? ଏମିତି ଏକ ଶାନ୍ତିମୟ ପରିବେଶ ତ ସେ ମନେ ମନେ କାମନା କରୁଥିଲା ।

ବାସର ରାତିରେ ଶଶାଙ୍କ, ସୁମିତ୍ରାକୁ କୋଳେଇ ନେଇ କହିଲେ, ସତରେ ସୁମି, ତୁମକୁ ପାଇ, ଆଜି ମୋର ଜୀବନ ଧନ୍ୟ ହୋଇଗଲା । ତୁମଭଳି ଅପୂର୍ବ ସୁନ୍ଦରୀ ଯୁବରାଣୀଟିଏ, ଆଜି ରଣସିଂ ରାଜ ପରିବାରକୁ ଧନ୍ୟ କରିଦେଲା । ଖୋର୍ଦ୍ଧାଗଡ଼ର ଘରେ ଘରେ ଆଜି ତୁମର ପ୍ରଶଂସା, ତୁମକୁ ବୋହୂରୂପରେ ପାଇ ମୋ ବୋଉର ଛାତି ଖୁସିରେ କୁଣ୍ଢେମୋଟ ହୋଇ ଯାଉଛି । ମୁଁ ଶୁଣିଛି ତୁମେ ବାଣୀବିହାର ଇଉନିଭରସିଟିରୁ ଇକୋନୋମିକ୍ସରେ ଫାଷ୍ଟକ୍ଲାସ୍ ଫାଷ୍ଟ ଗୋଲ୍ଡ ମେଡ଼ାଲିଷ୍ଟ । ତୁମକୁ ଯଦି ଚାକିରୀ କରିବାକୁ ଭଲ ଲାଗୁଛି, ଆମ ଘରେ କାହାର ଆପତ୍ତି ନାହିଁ । କିନ୍ତୁ ବୋଉର ଆନ୍ତରିକ ଇଚ୍ଛା ଥିଲା, ସେ ତାର ସୁନାନାକୀ ବୋହୂଟିକୁ ସବୁବେଳେ କୋଳରେ ପୁରେଇ ଗେଲ କରୁଥାନ୍ତା । ଚାକିରୀ ଭଳି କଷ୍ଟକାମ କରିବା ପାଇଁ ସେ ପ୍ରସ୍ତୁତ ନଥିଲା ।

ଶଶାଙ୍କ ସୁମିତ୍ରାକୁ ନେଇ ହନିମୁନ୍ ଟ୍ରିପରେ ସୁଇଜର ଲ୍ୟାଣ୍ଡରୁ ବୁଲି ଆସିଲେ । ସବୁଦିନ ଦୁହେଁ ଲଙ୍ଗ ଡ୍ରାଇଭିଂରେ ଦୂରଦୂର ଦର୍ଶନୀୟ ସ୍ଥାନରେ ହୋଟେଲ୍, ଲଜ୍‌ରେ ରହି ଜୀବନକୁ ଉପଭୋଗ କରୁଥାନ୍ତି । ଏହିପରି ଭାବରେ ଶଶାଙ୍କ ନିଜର ନବବିବାହିତା ପତ୍ନୀଙ୍କ ନିକଟରେ ନିଜର ଧନର ପ୍ରାଚୁର୍ଯ୍ୟ, ମାନ ମର୍ଯ୍ୟାଦାକୁ ପ୍ରଦର୍ଶିତ କରିବାକୁ ଚାହୁଁଥିଲେ । ସୁମିତ୍ରା ମଧ ସ୍ୱାମୀଙ୍କର ଗଭୀର ପ୍ରେମ, ସ୍ନେହ, ଶ୍ରଦ୍ଧା ଭିତରେ ହଜିଯାଇ ନିଜକୁ ମହା ଭାଗ୍ୟବତୀ ଅନୁଭବ କରୁଥାଏ । ସୁମିତ୍ରା ଭାବୁଥାଏ, ସୁଖ ଆଉ କ'ଣ କି ? ସବୁ ଜିନିଷ ବିନା ଦ୍ୱିଧାରେ, ବିନା କଷ୍ଟରେ ମିଳିଯିବାଟା ତ ସୁଖ । ଧନ, ପ୍ରାଚୁର୍ଯ୍ୟରେ ଉବୁଟୁବୁ ହେବା ତ ସୁଖ । ସ୍ନେହ ପ୍ରେମ, ମମତା ଭିତରେ ବୁଡ଼ି ରହିବା ତ ସୁଖ । ହୃଦୟକୁ ଶିତଳତା ଦେଉଥିବା ଅନୁଭବ ତ ସୁଖ । ଜଟଣୀରେ ବାପା, ବୋଉ ମଧ ନିଜ ଅଲିଅଳୀ ଝିଅର ଐଶ୍ୱର୍ଯ୍ୟପୂର୍ଣ୍ଣ ଖୁସିଭରା ଜୀବନ ଦେଖି ଆନନ୍ଦରେ ଅଧିର ହୋଇ ଯାଉଥିଲେ । ସେମାନେ ତ ନିଜ ଝିଅର ଏଇମିତି ଗୋଟିଏ ସୁଖୀ ଜୀବନ ଆଶା କରିଥିଲେ ।

ବର୍ଷକ ପରେ ଝିଅଟିଏ ସୁମିତ୍ରାର କୋଳମଣ୍ଡନ କରି ରଣସିଂ ପରିବାରରେ ଆନନ୍ଦର ଲହରୀ ଖେଳାଇ ଦେଲା । ଶାଶୁ ଶ୍ୱଶୁର ଦୁହେଁ ମହା ଆନନ୍ଦରେ ନାତୁଣୀର ଏକୋଇଶିଆ ମହା ଆଡ଼ମ୍ବରରେ ପାଳନ କଲେ । ନାତୁଣୀର ନାମକରଣ ହେଲା ଲିପ୍‌ସା । ଶଶାଙ୍କ ମଧ ସୁମିତ୍ରାର ଖୁବ୍, ଯତ୍ନ ନେଉଥାନ୍ତି । ସୁମିତ୍ରା ଛ'ମାସ ପରେ ବ୍ୟାଙ୍କରେ ଜଏନ୍ କଲା । ଝିଅର ଯତ୍ନ ନେବାପାଇଁ ଉଆସ ଭିତରେ ଯଥେଷ୍ଟ ଦାସଦାସୀ ଅଛନ୍ତି, ଶାଶୁ ତ ଭାବୁଥିଲେ ଯେମିତି କୁନି ଖେଳନାଟିଏ ପାଇ ଯାଇଛନ୍ତି । ସବୁବେଳେ ନାତୁଣୀର ପାଖେ ପାଖେ ଥାନ୍ତି । ଶଶାଙ୍କ ତାଙ୍କର ବ୍ୟବସାୟ, ଜମିବାଡ଼ି କାମରେ ସବୁବେଳେ ବ୍ୟସ୍ତ ଥାନ୍ତି । ଲିପ୍‌ସା ଧିରେ ଧିରେ ବଡ଼ ହେଉଛି । ସମୟ କ୍ରମେ ଲିପ୍‌ସାର ପ୍ଲେ ସ୍କୁଲ୍‌ରେ ଆଡ଼ମିସନ୍ ହେଲାଣି । ସମୟ କ'ଣ କାହାକୁ ଅପେକ୍ଷା କରେ କି ?

ସୁମିତ୍ରା ଲକ୍ଷ କରୁଛି, ଏଇ କେତେଦିନ ହେଲା ଉଆସ ଭିତରେ ଚାକର, ପୂଜାରୀ, ଦାସ ଦାସୀ ମାନେ କେଉଁ କଥାକୁ ନେଇ ପରସ୍ପର ଭିତରେ ନିଭୃତରେ ଫୁସୁର ଫାସର, ଟୁପ୍ ଟାପ ହେଉଛନ୍ତି । ସୁମିତ୍ରାକୁ ଦେଖିଲେ, ହଠାତ୍ ଚୁପ୍ ହୋଇ ଯାଉଛନ୍ତି । ସୁମିତ୍ରା ମନରେ ସନ୍ଦେହର ଭଉଁରିଟିଏ ଖେଳି ବୁଲିବାକୁ ଆରମ୍ଭ କଲାଣି । କିନ୍ତୁ ସେ ନିରୁପାୟ । ସେ ଏହି ଉଆସର ଯୁବରାଣୀ । କାହାକୁ, କେମିତି କ'ଣ ହୋଇଛି ବୋଲି ପଚାରିବ ? ସେଦିନ ରବିବାର । ସୁମିତ୍ରା ବାଥ୍‌ରୁମ୍ ଭିତରେ ଥାଏ । ବାହାରେ ପୂଜାରୀ ଭାଇନା କାହାକୁ କରୁଥିଲେ, 'ଆରେ ଏଇଟା କୋଉ ନୂଆ କଥା ଯେ ? ରଣସିଂ ରାଜପରିବାରରେ ସବୁ ଜମିଦାର ମାନେ ତ ରକ୍ଷିତା ରଖୁଥିଲେ । ଆଜି ସାନବାବୁ ଯଦି ଫାର୍ମ ହାଉସ୍‌ରେ ଜଣକୁ ଆଣି ରଖି ମଉଜ ମସ୍ତି କଲେ, ଏଥିରେ ନୂଆ କଥାଟେ କ'ଣ ରହିଗଲା ଯେ, ତୁମେ ସବୁ ତୁଚ୍ଛାଟାରେ ଟୁପୁରୁ ଟାପର ହେଉଛ ? ଯେମିତି ସାନବାବୁ ଗୋଟେ ମସ୍ତବଡ଼ ଭୁଲ୍ କାମ କରି ବସିଛନ୍ତି ?

ଗାଧୁଆ ଘର ଭିତରେ ସାୱାର ତଳେ ସୁମିତ୍ରାର ଦେହରେ ଝାଳ କଣ୍ଟେଇ ଆସିଲା । ତାକୁ ଅନୁଭବ ହେଲା, ତା ଛାତିରୁ ଅତଡ଼ାଏ ମାଂସ ଧସକି ପଡ଼ିଲା । ଆଖିରୁ ଠପ୍ ଠାପ୍ ଲୁହଧାର ବହି ଆସି ସାୱାର ପାଣି ସହିତ ମିଶି ଯାଉଥାଏ । ସମୟ କାକୁସ୍ତ ହୋଇ ଠିଆ ହୋଇ ରହିଥିଲା । ସେ ଭାବୁଥାଏ, ଏମିତି ବି ବେଳ ଆସେ ? ଅଚାନକ, ଆକାଶରେ କଳାହାଣ୍ଡିଆ ବାଦଲ ଛାଇଯାଏ, ଅଣଚାଶ ପବନ ଧ୍ୱଂଶର ତାଣ୍ଡବ ଲିଳା ରଚିଦିଏ । ସୁମିତ୍ରା ନିଜକୁ ଶକ୍ତକଲା । ପୋଛା ପୋଛି ହୋଇ ବାହାରକୁ ଆସିଲା । ଶାଶୁ, ଝିଅ ସାଙ୍ଗରେ ବସି ମନ ଖୁସିରେ ଖେଳୁଛନ୍ତି । ସେ ଆସି ନିରବରେ ସେମାନଙ୍କ ପାଖରେ ବସିଲା । ଶାଶୁ ସୁମିତ୍ରାକୁ ଅଫିସ୍ କଥା, ଝିଅର ସ୍କୁଲ କଥା ପଚାରୁଥାନ୍ତି । ଏମିତି କଥା ହେଉଥାନ୍ତି ଯେମିତି ଘରେ କିଛି ବି ଅଘଟଣ ଘଟିନାହିଁ । ସୁମିତ୍ରା ନିଜର ଭାବନା ଭିତରେ ବୁଡ଼ିଯାଇ ଜଡ଼ଟିଏ ଭଳି ବସି ଭାବୁଥାଏ ଏତେ ନିସଙ୍ଗ, ଅସହାୟ ହୋଇପଡ଼େ ସମୟ ? ? ସେ ଏକଥା କାହାକୁ କହିବ ? ନିଜ ଭିତରେ ନିଜେ ଜଳିପୋଡ଼ି ଯାଉଥାଏ । ସେ ଭିତରେ ଭିତରେ କୁହୁଳିବାକୁ ଲାଗିଲା । ସେ ଭାବୁଥାଏ, ଏପରି ଏକ ଲମ୍ପଟ ସ୍ୱାମୀ ସହିତ ଗୋଟିଏ ଛାତତଳେ ସେ ଏକାଠି ରହିବ କେମିତି ? ଯେଉଁଠି ପରସ୍ପର ପ୍ରତି ଆକର୍ଷଣ ନାହିଁ, ସେଠାରେ ଜୀବନ ଖୁବ୍ ନିରୁତ୍ତାପ, ଶିତଳ ହୋଇଯାଏ ।

ସେଦିନ ବିଳମ୍ବିତ ରାତିରେ ଶଶାଙ୍କ ଶୟନ କକ୍ଷକୁ ପ୍ରବେଶ କଲେ । ଝିଅ ନିଘୋଡ଼ ନିଦରେ ଶୋଇ ଗଲାଣି । ସ୍ୱାମୀଙ୍କ କେଶରେ ଅଙ୍ଗୁଳି ସଂଚାଳନ କରୁ କରୁ ସୁମିତ୍ରା ପଚାରିଲା, ଆମର ଗୋଟେ ଫାର୍ମ ହାଉସ୍ ଅଛି ? କେଉଁଠି ? ? ଶଶାଙ୍କ କହିଲେ..., ବରୁଣେଇ ପାହାଡ଼ ପାଦ ଦେଶରେ ଦଶ ଏକର ଯାଗାରେ ଆମର ଗୋଟିଏ ସୁନ୍ଦର ଫାର୍ମ ହାଉସ୍ ଅଛି । ଦିନେ ତୁମକୁ ସେଠାରୁ ବୁଲେଇ ଆଣିବି ।

ସେଠାରେ କିଏ କିଏ ସବୁ ଅଛନ୍ତି ? ଶଶାଙ୍କ ନିର୍ବିକାର ଭାବରେ କହିଲେ, ହଳିଆ, ଚାକର ପୂଜାରୀ.... ସ୍ୱାମୀଙ୍କ ମୁହଁକୁ ସିଧା ଚାହିଁ ସୁମିତ୍ରା ପଚାରିଲା 'ତୁମର ଆଉଜଣେ ରକ୍ଷିତା ? ?' ଶଶାଙ୍କ ଆଦୌ, ବିଚଳିତ ନହୋଇ କହିଲେ... ରକ୍ଷିତା ନୁହେଁ ମ.., ଗରୀବ ଝିଅଟିଏ,

ତା'ର ବାପା ଆମର ଜଣେ ପୁରୁଣା ହଳିଆ । ତା'ର ବାପାର କୁଡ଼ିଆ ଘରେ, ଝିଅଟି ବହୁତ କଷ୍ଟରେ ଥିଲା ତାକୁ ଆଣି ମୁଁ ଆମ ଫାର୍ମ ହାଉସ୍‌ରେ ରଖି ଦେଲି । ଏଠାରେ ରହିଲା ପରେ, ଭଲ ଖାଇଲା, ଭଲ ପିନ୍ଧିଲା ତାର ରୂପ ଚମକି ଉଠିଲା । ସେହି ଝିଅଟିକୁ ଆମ ଫାର୍ମ ହାଉସ୍‌ରେ ରଖିବା ପାଇଁ, ତା'ର ବାପା, ମା ଖୁସିରେ ସମ୍ମତି ପ୍ରଦାନ କଲେ, ଭାରି ଭଲ ଝିଅଟିଏ, ତୁମେ କହିବ ଯଦି, ତାକୁ ଆମ ଉଆସରେ ରଖିଦେଲେ, ସେ ସବୁଦିନ ତୁମର ସେବା କରିବ । ହଠାତ୍ ପଲଙ୍କ ଉପରୁ ତଳକୁ କୁଦିପଡ଼ି, ସୁମିତ୍ରା ତିକ୍ଷ୍ଣ ସ୍ୱରରେ କହିଲା..... ଛି..... ସୁମିତ୍ରାର 'ଛି' ଶବ୍ଦ ଉଚ୍ଚାରଣରେ ଶୟନ କକ୍ଷଟି ଆବର୍ଜନାମୟ ହୋଇଗଲା ।

ସୁମିତ୍ରା କହିଲା, ଏମିତି ଏକ ଘୃଣ୍ୟ ପ୍ରସ୍ତାବ ତୁମର ବିବାହିତା ସ୍ତ୍ରୀକୁ ଦେବାପାଇଁ ତୁମର ବିବେକ ବାଧା ଦେଲା ନାହିଁ? ଏତେ ନିଚ୍ଚ, ଘୃଣ୍ୟ ବାକ୍ୟ ଗୁଡ଼ାକ କେତେ ସହଜରେ କହିଗଲ ତ ?

ଶଶାଙ୍କ ସଶବ୍ଦରେ ହସିଉଠି କହିଲେ, ଯେଉଁ କଥାକୁ ତୁମେ ଘୃଣ୍ୟ ବୋଲି ଆକ୍ଷେପ କରୁଛ, ସେଇଟା ରଣସିଂ ରାଜ ପରିବାରର ଶାନ୍ । ରଣସିଂ ରାଜ ପରିବାରର ସବୁ ପୁରୁଷମାନେ ଏକାଧିକ ପତ୍ନୀ ଗ୍ରହଣ କରି ଏ ବଂଶର ନାମ ଉଜ୍ଜ୍ୱଳ କରିଛନ୍ତି । ମୋ ଜେଜେଙ୍କର ପାଞ୍ଚଜଣ ପତ୍ନୀଥିଲେ, ତାଙ୍କ ବାପାଙ୍କର ସାତଜଣ ପତ୍ନୀ ଥିଲେ । କେବଳ ମୋ ବାପା ଭିନ୍ନ ଧରଣର ମଣିଷ, ଗୋଟିଏ ପତ୍ନୀରେ ସନ୍ତୁଷ୍ଟ ହୋଇ ରହିଗଲେ । ଆମର ରାଜ ପରିବାରର, ଯୁବରାଣୀ ହୋଇ, ତୁମେ ଏଇ ଛୋଟ ଛୋଟ କଥାକୁ କାହିଁକି ଅଯଥାରେ ଧରି ବସିଛ ? ତୁମେ ତ ରଣସିଂ ରାଜପରିବାରର ରାଣୀ, ମୋ ବାପା, ମା'ଙ୍କର ନୟନର ତାରା । ସୁମିତ୍ରା ଗମ୍ଭିର ଭାବରେ କହିଲା.... ନାଁ......, ଏହି ରାଜଉଆସ ଭିତରେ, ରାଣୀ ହୋଇ ରହିବା ଅପେକ୍ଷା, ଗୋଟିଏ ଝାଟିମାଟି ତିଆରି କୁଡ଼ିଆ ଘରେ ରହିବା ପାଇଁ ମୁଁ ପସନ୍ଦ କରିବି । ଜମିଦାରି ଉଚ୍ଛେଦ ପରେ ଏହି ପରିବାର ଆଉ ରାଜପରିବାର ହୋଇ ନାହିଁ । ଭଗ୍ନ ଘୋଡ଼ାଶାଳ, ହାତୀ ଶାଳ ଉପରେ ପୁରୁଷେ ଉଚ୍ଚାର ଘାସଗଛ ଉଠିଛି । ଏକାଧିକ ରକ୍ଷୀତା ରଖିଲେ କେହି କେବେ ରାଜା ହୋଇ ଯାଏନାହିଁ । ରାଜା ଦଶରଥଙ୍କର ତିନିଜଣ ରାଣୀ ଥିଲେ, କିନ୍ତୁ ଶ୍ରୀରାମ ରାଜା ହେଲାପରେ ପ୍ରଜାନୁରଞ୍ଜନ ପାଇଁ ତାଙ୍କର ଏକମାତ୍ର ସତୀ, ସାଧ୍ୱୀ ରାଣୀଙ୍କୁ ଜଙ୍ଗଲରେ ନିର୍ବାସନ କରି ଦେଇଥିଲେ । ସେଇଥିପାଇଁ ତାଙ୍କୁ ଜଗତବାସୀ, ମର୍ଯ୍ୟାଦା ପୁରୁଷୋତ୍ତମ ଭାବରେ ପୂଜା କରୁଛନ୍ତି ।

ଟିକିଏ ଚୁପ୍ ରହି ସୁମିତ୍ରା ଧିରେ କହିଲା, ମୋର ଗୋଟିଏ ଛୋଟ ଅନୁରୋଧ ରକ୍ଷା କରିବ ? ଶଶାଙ୍କ ମୁଣ୍ଡ ଟେକି ସୁମିତ୍ରାଙ୍କ ମୁହଁକୁ ଚାହିଁଲେ.... । ମୋର ଅନୁରୋଧ, ତୁମେ କାଲି ସକାଳେ ଯାଇ ସେଇ ଝିଅଟିକୁ ତା'ର ବାପା, ମା'ଙ୍କ ପାଖରେ ଛାଡ଼ି ଦେଇ ଆସ । ଶଶାଙ୍କ କହିଲେ, ଆରେ.... ଆରେ, ସେ କି କଥା ? ତାକୁ ମୁଁ ନିଜେ ଆଣି ଫାର୍ମ ହାଉସ୍‌ରେ ଆଶ୍ରୟ ଦେଇଛି । ତାର ଔରଷରୁ ପୁତ୍ର ସନ୍ତାନଟିଏ ଜନ୍ମହୋଇ ସାରିଲାଣି । ଏବେ ସେହି ନିରୀହ ସରଳ ଝିଅଟିକୁ କେମିତି ତା ବାପା, ମା'ଙ୍କ କୁଡ଼ିଆକୁ ଫେରେଇ ଦେଇ ପାରିବି ?

ସୁମିତ୍ରା ବିକଳରେ କାନ୍ଦିଉଠି କହିଲା, ହିନ୍ଦୁ ଧର୍ମରେ ସ୍ୱାମୀ, ସ୍ତ୍ରୀର ସମ୍ପର୍କ ଜନ୍ମ ଜନ୍ମାନ୍ତରପାଇଁ । ପତି ପତ୍ନୀଙ୍କର ବିଶ୍ୱାସ ସହଭାଗିତାରେ ଦାମ୍ପତ୍ୟ ଗଢ଼ିଉଠେ । ପତ୍ନୀ ଯଦି ନିଷ୍ଠାର ସହ ପତ୍ନୀ ଧର୍ମ ନିଭାଏ, ତେବେ ପତିଙ୍କର କିଛି କର୍ତ୍ତବ୍ୟବୋଧ, ଅଙ୍ଗୀକାର ବଦ୍ଧତା ପତ୍ନୀଙ୍କ ପାଇଁ ଥାଏ । ପରସ୍ପର ପ୍ରତି ସମର୍ପଣ ଭାବ ହିଁ ଦାମ୍ପତ୍ୟ ଜୀବନର ସଶକ୍ତ ମୂଳଦୂଆ । ସେହି ସଶକ୍ତ ମୂଳଦୂଆ ଉପରେ ଦମ୍ପତୀ ଦୁଇଜଣ ସାରା ଜୀବନ, ହସ ଖୁସିରେ ଜୀବନ ବିତେଇ ଦିଅନ୍ତି । ଦାମ୍ପତ୍ୟ ଜୀବନ ଆଦୌ ବନ୍ଧନ ନୁହେଁ । ନାରୀ ଭିତରେ ପୁରୁଷର ମୁକ୍ତି ହିଁ ଦାମ୍ପତ୍ୟ । ମନର ମିଳନ ଯେଉଁଠାରେ ନାହିଁ, ସେଠାରେ ଦାମ୍ପତ୍ୟ ଜୀବନର ମୂଲ୍ୟ କ'ଣ ? ? ?

ଟିକିଏ ଚୁପ୍ ରହି, ସୁମିତ୍ରା ପଚାରିଲା, ଏଇଟା କ'ଣ ତୁମର ଶେଷ ନିଷ୍ପତି ? ଶଶାଙ୍କ ନିର୍ବିକାର ଭାବରେ ହସିହସି କହିଲେ ଦେଖ ସୁମି, ଏମିତି ଛୋଟ ଛୋଟ କଥାକୁ, ତୁମେ ଏତେ ସିରିୟସଲି ଭାବ ନାହିଁ । ଏହି ଛୋଟ କଥା ଉପରେ ନିଷ୍ପତି ନେବାର କ'ଣ ଅଛି ? ସେଇ ଝିଅଟିତ ମୋର ସ୍ତ୍ରୀ ନୁହେଁ, କେବେ ବି ସେ ମୋର ସ୍ତ୍ରୀର ଅଧିକାର, ମର୍ଯ୍ୟାଦା ପାଇ ଦାବି କରିବ ନାହିଁ । ତୁମେ ଅଯଥାରେ କାହିଁକି ଏଥିପାଇଁ ଚିନ୍ତା କରୁଛ ?

ରାଗ, ଦୁଃଖ, ଲଜ୍ୟା, ଅପମାନରେ ସୁମିତ୍ରାର ମୁହଁଟା ପାଣ୍ଡୁର ହୋଇଗଲା । ଶୟନ କକ୍ଷର କବାଟଟାକୁ ସଶବ୍ଦରେ ବନ୍ଦ କରିଦେଇ, ସୁମିତ୍ରା ପାଖ ଘରେ ଝିଅର ପଲଙ୍କରେ ନିଜର ଅସହାୟ ଅବଶ ଶରୀରକୁ ବିଛେଇ ଦେଇ କଇଁ କଇଁ ହୋଇ କାନ୍ଦି ଉଠିଲା । ଛାତି ଥରେଇ ଉଠି ଆସୁଥାଏ ହାବୁକା ହାବୁକା କୋହ । ରାତିସାରା ଆଖିର ଲୁହରେ ତକିଆ ଭିଜୁଥାଏ । ସେଇ ରାତିରେ ସୁମିତ୍ରା ଏକ ଦୃଢ଼ ନିଷ୍ପତି ନେଲା, 'ଏପରି ଏକ ହୃଦୟହୀନ, ସ୍ୱେଚ୍ଛାଚାରୀ ଲମ୍ପଟ ପୁରୁଷ ନିକଟରେ ସେ ସାରାଜୀବନ ଜିଇଁପାରିବ ନାହିଁ । ତେଣୁ ସେ ନିଜ ସ୍ୱାମୀଙ୍କଠାରୁ ଅଲଗା ହୋଇଯିବ ।

ତା ପରଦିନ ସକାଳୁ, ସୁମିତ୍ରା ଡ୍ରାଇଭରକୁ ଡକାଇ ନିଜ ଆଟାଚିରେ ଅଳ୍ପକିଛି ଲୁଗାପଟା ପୁରେଇ, ଝିଅକୁ ଧରି ନିଜ ବାପାଙ୍କ ଘରକୁ ଚାଲି ଆସିଲା । ହଠାତ୍ ଝିଅର ଲୁହଧୁଆ ସୁଖିଲା ମୁହଁକୁ ଦେଖି ବାପା, ମା ଦୁହେଁ ବ୍ୟସ୍ତ ହୋଇ ପଡ଼ିଲେ । ସାହସ କରି ଝିଅକୁ କିଛି ପଚାରି ପାରୁନାହାନ୍ତି । ସୁମିତ୍ରା ସ୍କୁଟିରେ ସବୁଦିନ ଅଫିସ୍ ଯାଏ । ଅଫିସ୍‌ରୁ ଫେରି ଝିଅ କାମରେ ଲାଗିପଡ଼େ, ବାକି ସମୟରେ ନିଜ ରୁମ୍‌ରେ କବାଟ ବନ୍ଦ କରି ରହିଯାଏ । ସମଗ୍ର ଘର ଭିତରେ ଏକ ମେଘୁଆ ମେଘୁଆ ଗୁମ୍ ସୁମ୍ ବାତାବରଣ ।

ଦିନେ ଅପରାହ୍ନ ସମୟ । ସୁମିତ୍ରା ଅଫିସ୍ ଯାଇଥାଏ । ବାହୁବଲେନ୍ଦ୍ର ରଣସିଂହଙ୍କର ଗାଡ଼ି ଆସି ଦୁଆରେ ପହଞ୍ଚିଲା । ସୁମିତ୍ରାର ବାପା ମା, ପ୍ରତ୍ୟାବର୍ତ୍ତନର ସମୁଦୀ ସମୁଦୁଣୀଙ୍କୁ କୋଟି ଆଦର ସହକାରେ ପାଛୋଟି ନେଲେ । ଚା'ପାନ ପରେ ସେମାନଙ୍କଠାରୁ ସୁଚିତ୍ରାର ଅଚାନକ ବାପାଙ୍କ ଘରକୁ ପ୍ରତ୍ୟାବର୍ତ୍ତନରେ କାରଣ ଶୁଣି ସୁମିତ୍ରାର ମା ଅସହାୟ ଭାବରେ କାନ୍ଦି ଉଠିଲେ । ସେମାନଙ୍କ ପାଦତଳୁ ଭୂମି ଅପସରି ଗଲାପରି ଲାଗିଲା । ସେମାନେ ଭାବୁଥାନ୍ତି ସୁମିତ୍ରା ଭଳି ରୂପବତୀ, ଗୁଣବତୀ, ଉଚ୍ଚଶିକ୍ଷିତା ଝିଅଟିର ଭାଗ୍ୟରେ କ'ଣ ଏୟା ଲେଖାଥିଲା ? ଝିଅର ଶାଶୁ ମଧ ବିକଳରେ କାନ୍ଦୁଥାନ୍ତି ..... । ସୁମିତ୍ରା ଅଫିସ୍‌ରୁ ଫେରି ଘରେ ଶାଶୁ ଶ୍ୱଶୁରଙ୍କୁ ଭୂମିଷ୍ଠ ପ୍ରଣାମ କରି ସେମାନଙ୍କ ଉତ୍ତମ ଚର୍ଚ୍ଚା କଲା । ଶାଶୁଙ୍କ

କୋଳରେ ଲିପ୍‌ସା ବସିଥାଏ । ସେ ଶାଶୁଙ୍କ ପାଖରେ ବସିଲା । ଶାଶୁଙ୍କ ଆଖିରୁ ଲୁହର ଝରଣା ବହିବାକୁ ଲାଗିଲା । ସେ ସୁମିତ୍ରାକୁ କୋଳେଇ ନେଇ ବହୁତ ବୁଝେଇବାକୁ ଚେଷ୍ଟା କଲେ । ସେ କହୁଥାନ୍ତି ଆରେ ମା' ତୁ ଆମ ଘରର ଲକ୍ଷ୍ମୀ । ତୋର ଅନୁପସ୍ଥିତିରେ ଆମେ ବୁଢ଼ାବୁଢ଼ୀ ଦୁହେଁ ବଞ୍ଚିପାରିବୁ ନାହିଁ । ଆମର ଏଇ ନାତୁଣୀଟି ଆମ ଦୁହିଁଙ୍କର ନୟନର ତାରା । ତୁ ଆସିଲା ପରେ ତାକୁ ନ ଦେଖି ଆମର ଆଖି ଦୁଇଟି ଫୁଟିଗଲାଣି । ଆମର ଏଇ ବୟସର ଅପରାହ୍ନରେ ତୁ ହେଉଛୁ ଆମର ସାହାରା । ଆମ ପୁଅଟା ତ ପାଗଳାଟା । ତା' କଥା ଧରି ବସିଲେ, ଆମେ ଦୁହେଁ ଭାସିଯିବୁ । ତୋ ଶଶୁର ତ ନିଦାବିଷ୍ଟୁ, କୌଣସି କଥାରେ ପାଟି ଫିଟାନ୍ତି ନାହିଁ.... । ତୁ ତୋର ଘରକୁ ଫେରିଚାଲ୍ ମା....

ସୁମିତ୍ରାର ଆଖିରୁ ଅମାନିଆ ଲୁହର ଶ୍ରାବଣ ବହି ଚାଲିଥାଏ । ସେ କହିଲା, ମୁଁ ଆପଣଙ୍କ ଘରକୁ ବୋହୁହୋଇ ଗଲାପରେ, ଶାଶୁ ଶ୍ୱଶୁରଙ୍କ ସ୍ନେହଁ ମମତା ଭିତରେ ମୋର ନିଜର ବାପା ମା'ଙ୍କୁ ଭୁଲି ଯାଇଥିଲି । ମୋ ସ୍ୱାମୀଙ୍କ ଅଶେଷ ପ୍ରେମ, ସ୍ନେହଁ ଆଦର ପାଇ, ମୁଁ ନିଜକୁ ମହାନ୍ ଭାଗ୍ୟବତୀ ବୋଲି ଭାବୁଥିଲି । କିନ୍ତୁ ମୋର ସେଇ ସୌଭାଗ୍ୟ, ଅସରନ୍ତି ସୁଖ ଉପରେ କାହାର ନଜର ଲାଗିଗଲା ।

ବୋଉ, ଜଣେ ନାରୀ ସବୁ ସହିପାରେ, କିନ୍ତୁ ତାର ସୁଖି ଦାମ୍ପତ୍ୟ ଜୀବନ ଭିତରେ ଆଉ ଜଣେ ନାରୀର ଉପସ୍ଥିତିକୁ କେବେ ବି ବରଦାସ୍ତ କରି ପାରେ ନାହିଁ । ଝିଅ ମାନଙ୍କର ଭାଗ୍ୟ ଏମିତି ଯେ, ଯେଉଁ ଝିଅ ଯେତେ ଭଲହୁଏ, ସେ ସେତେ ଅଣହେଳାର ଶିକାର ହୁଏ । ମୁଁ ମୋର ଐଶ୍ୱର୍ଯ୍ୟମୟ ଶୟନକକ୍ଷରେ ମୋ ସ୍ୱାମୀଙ୍କ ସହିତ, ଆଉ ଜଣେ ନାରୀକୁ ଭାଗ କରିବାଟାକୁ କେବେ ବି ବରଦାସ୍ତ କରି ପାରିବି ନାହିଁ । ମୋର ନିଜର ସ୍ୱାଭିମାନକୁ କେବେ ବି ଜଳାଞ୍ଜଳୀ ଦେଇ ମୁଁ ବଞ୍ଚି ପାରିବି ନାହିଁ । ତେଣୁ ଆପଣ ଆପଣଙ୍କ ପୁଅକୁ ବୁଝାନ୍ତୁ । ସେ ସେହି ଇତର ମଜଦୁର ଝିଅଟାକୁ ପରିତ୍ୟାଗ କରନ୍ତୁ । ନଚେତ୍ ମୁଁ ତାଙ୍କୁ ପରିତ୍ୟାଗ କରିବା ପାଇଁ ବାଧ୍ୟ ହେବି । ଯଦି ମୋ ସର୍ତ୍ତରେ ସେ ରାଜି ନ ହୁଅନ୍ତି ମୁଁ କୋର୍ଟରେ ଛାଡ଼ପତ୍ର ଦେବାପାଇଁ ଆବେଦନ କରିବି । ରାଜ ଘରର ଭିତରେ ମୋର ସ୍ୱେଚ୍ଛାଚାରୀ, ପତିଙ୍କର ଏକାଧିକ ପତ୍ନୀଙ୍କର ଗହଣରେ 'ପାଟରାଣୀ' ହୋଇ ରହିବା ଅପେକ୍ଷା ଗୋଟିଏ ଝାଟିମାଟି କୁଡ଼ିଆ ଭିତରେ ମୋର ସ୍ୱାଭିମାନକୁ ବଜାୟ ରଖି ଏକାକୀ ଜୀବନ ବିତେଇଦେବା ପାଇଁ ପସନ୍ଦ କରିବି । ଆଉ ରହିଲା, ଆପଣଙ୍କ ନାତୁଣୀ କଥା । ଲିପ୍‌ସା ଆପଣଙ୍କର ନାତୁଣୀ, ଆପଣମାନଙ୍କର ଯେବେବି ଇଚ୍ଛା ହେବ, ଆମ ଘରକୁ ଆସି ଲିପ୍‌ସାକୁ ଦେଖିଯିବେ ।

ମୁଁ ତ ଏ ଜୀବନ ପାଇଁ, ତଥା ସାତଜନ୍ମ ପାଇଁ ଆପଣଙ୍କ ସ୍ନେହଁ ମମତା ଭିତରେ ବନ୍ଦିହୋଇ ରହିଯାଇଛି । ବୋହୂର ଏଭଳି ପୁଞ୍ଜିଭୂତ ଆତ୍ମବିଶ୍ୱାସ ଭରା କଥାଶୁଣି, ବାହୁବଳେନ୍ଦ୍ର ରଣସିଂଙ୍କର ଆଖିରୁ ଠପ୍ ଠପ୍ ହୋଇ ଲୁହ ଦୁଇ ଟୋପା ଝରିପଡ଼ିଲା ଶାଶୁଙ୍କ ଆଖିରୁ ତ ଲୁହଧାର ବହିବା ବନ୍ଦ ହେବାର ନାଁ ଧରୁନଥାଏ । ଘର ସାରା ବିଦଗ୍ଧ ବାତାବରଣ ଛାଇ ଯାଇଥାଏ । ସେ ନିଜ ପତ୍ନୀଙ୍କୁ ସହାରା ଦେଇ ସୋଫାରୁ ଉଠେଇଲେ । ସମୁଦୀ ସମୁଦୁଣୀଙ୍କୁ ପ୍ରଣାମ କରି ବିଦାୟ ନେଇ ଗାଡ଼ିରେ ବସିଲେ । ଏ ପର୍ଯ୍ୟନ୍ତ ଅପେକ୍ଷାରେ ଥିବା ଲୁହମାନେ, ସୁମିତ୍ରାର ଅନୁମତି ନେଇନଥିଲେ ପ୍ରବଳ ବେଗରେ ଝରିଯିବା ପାଇଁ । ସୁମିତ୍ରା କାନ୍ଦୁଥିଲା ।

ଧୂଳି ଉଡ଼େଇ ଚାଲି ଯାଉଥିବା ସମୁଦୀଙ୍କ କାରକୁ ଚାହିଁ କାନ୍ଦୁଥିଲେ ସୁମିତ୍ରାର ବାପା, ବୋଉ ।

*ପ୍ଲଟ୍ ନଂ.୨୦୨୨, ଲେନ୍ ନଂ.୯*
*ଲିଙ୍ଗରାଜ ନଗର, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨*
*ଦୂରଭାଷ: ୯୪୩୭୨୩୦୬୩୧*

ପ୍ରକାଶ ପାଇଲା !

କବି **ପ୍ରଫେସର ଉପେନ୍ଦ୍ର ନାୟକ**ଙ୍କର

**"ଛନ୍ଦକାବ୍ୟ ସମଗ୍ର"**

**(ପ୍ରଥମ ଭାଗ)**

ପ୍ରକାଶକ - 'ଗାୟତ୍ରୀ', ଭୁବନେଶ୍ୱର
ମୂଲ୍ୟ - ସାତଶହ ଟଙ୍କା ମାତ୍ର

# କ୍ରୁଦ୍ଧ ବସନ୍ତ

ଡଃ ସୁକାନ୍ତ ମହାରଣା

ବଡ଼ ଅଜବ ଓ କୌତୁହଳପୂର୍ଣ୍ଣ ସେ ଦୃଶ୍ୟ । ନିପଟ ଭୂଇଁ ଆବଡା ଖାବଡା ମାଟି ଉପରେ ତୁଚ୍ଛା ଘାସ ଅବା ନିଜେ ପୋତିଥିବା ଓ ବାନ୍ଧିଥିବା ଆଡି ବାଉଁଶ ନହେଲେ କେଉଁଠୁ ଯୋଗାଡ କରି ଆଣିଥିବା ସାନ ଦରଭଙ୍ଗା ପ୍ଲାଷ୍ଟିକ୍ ଚେୟାରଟି ତାର ଆସନ । ଆଗରେ ପିଚୁରାସ୍ତା ଲମ୍ବିଯାଇଥିବ ଦୁଇପାଖକୁ କାହିଁ କେତେଦୂର । ପଛରେ ଦଳଭର୍ତ୍ତି ପରିତ୍ୟକ୍ତ କେନାଲ । ଅପରିଚ୍ଛନ୍ନ, ପୂତିଗନ୍ଧମୟ, ମଶାଡାଆଁଶଙ୍କ ଏନ୍ତୁଡିଶାଳ । ଦୁଇପଟେ ଦୁଇ ଧାଡି ଗଛ; ବର, ଓସ୍ତ, କଦମ୍ବ, ଦେବଦାରୁ; ନିରବ ସନ୍ତ୍ରୀ ପରି ଠିଆ ହୋଇଛନ୍ତି ରାସ୍ତା ଜଗି । ଏମିତି ଦୁଇଗଛ ମଝି ଫାଙ୍କରେ ତା ଘର; ଶୂନ୍ୟକାନ୍ଥ, ଶୂନ୍ୟଛାତ । ସେଇଠି ସେ ରହେ, ବସେ ଶୁଏ । ଏକାକୀ, ନିଃସଙ୍ଗ । କିଏବା ଥାଏ ପାଗଳଟା ସାଙ୍ଗରେ କଥା ହେବାକୁ ? ସେ ନିଜକୁ ନିଜର ସାଥୀ କରିଥାଏ । ଏକୁଟିଆ ବସି ରହି ବାଁ ହାତ ପାପୁଲି ଉପରେ ଡାହାଣହାତ ଆଙ୍ଗୁଠି ଧାଡିକ ହାଣୁହାଣୁ କଣ କହି ଯାଉଥିବ ମନକୁ ମନ । ଆକାଶରୁ ତୋଳି ଆଣିଥିବା କଥା । ଖାମ୍‌ଖିଆଲୀ ହାଲୁକା ପଣରେ ନୁହେଁ, ଅସୀମ ଗାମ୍ଭୀର୍ଯ୍ୟରେ ଭାରି ପଡିଥିବ ମନ । ଯେମିତି ଅଫିସରଟିଏ ତା ଷ୍ଟେନୋକୁ ଡିକ୍ଟେସନ୍ ଦିଏ । ଜଣେ ବନ୍ଧୁ ଥରେ ମନ୍ତବ୍ୟ ଦେଲେ ଯେ 'ଯଦି କେହି ତା କଥାକୁ କାଗଜ ଉପରେ ଲେଖିବସନ୍ତା ତେବେ ସେ ହୁଅନ୍ତା କୁଢକୁଢ ଆଧୁନିକ କବିତା । ଆଧୁନିକ କବିତା ଆଉ କ'ଣ କି ?' କରୋନା ବେଳେ ଲକ୍‌ଡାଉନ୍ ସମୟରେ ସନ୍ଧ୍ୟା ବେଳଟି ସେଇଠି ବସି କଟାଉଥିଲା । ବାକି ସମୟ ଆଉ କେଉଁଠି ଥାଏ କେଜାଣି ? ରାତିରେ କେଉଁ ଦୋକାନ ପିଣ୍ଡାରେ କାଳେ ଶୋଉଥିଲା । ସେତେବେଳେ ସେଠି ଗଛବୃଚ୍ଛ ଏତେ ଗହଳ ନଥିଲା । ନଥିଲା ବହଳ ଛାଇ । ଏବେ ଦିନରାତି ସେ ସେଇଠି ବସୁଛି । ସେଇଠି ଶୋଉଛି । ଆବଡା ଖାବଡା ଇଟା ପଥର ମାଟି ଉପରେ ପତଳା ଘାସ । କେନାଲ୍ ଆଡକୁ ଢାଲୁ । ନାନା ଜନ୍ତୁଜୁନ୍ତା ସରୀସୃପଙ୍କ ବିହାରସ୍ଥଳ । ସେଇଠି ସେ କନ୍ଥା ବେଡ୍‌ସିଟ୍ ପାରି ଶୋଇଥିବ ।

ଦିନାକେତେ ଚାରିପାଖରେ ଚାରିଖଣ୍ଡ ବାଉଁଶ ପୋତି ଉପରେ ଗୋଟିଏ ପଲିଥିନ୍ ଟାଙ୍ଗି ଦେଇଥିଲା । ଏବେ ସେ ପଲିଥିନ୍ ନାହିଁ । ମୁଣ୍ଡ ଉପରେ ଫାଙ୍କା ଆକାଶ । ଦିନରେ ଧୂ ଧୂ ଖରା, ରାତିରେ ଶୀତ କାକର । ବେଳ ଅବେଳରେ ବର୍ଷା, ପବନ । ସେ ସବୁତାର ଦେହସୁଆ ହୋଇଗଲାଣି । ଜନ୍ତୁ ଜୁନ୍ତାଙ୍କୁ ଡର ନଥାଏ । ମଧ୍ୟ ଭୂତ ପ୍ରେତ ଅଶରୀରୀ ମାନଙ୍କୁ । ପ୍ରକୃତିର ସନ୍ତାନ ସେ । ପ୍ରକୃତି ତାର ମା' ବାପ ।

ଦିନରେ ଦୁଇଓଳା କେଉଁ ହୋଟେଲ୍‌ରେ କୁଆଡେ ଅଇଁଠା ବାସନ ଧୁଏ । ସେଇଠି ଖାଏ । ରାତି ଖାଇବା ପାଇଁ ନେଇଆସେ ପଲିଥିନ୍‌ରେ । ବୟସ କେତେ ହେବକି ତାକୁ ? ଅନ୍ଦାଜ୍ ପଚିଶ୍ ତିରିଶ୍ । ଯାହାକୁ କହନ୍ତି ଗଜାଟୋକା । ପାଗଳ ହେଲେବି ଅନ୍ୟାନ୍ୟ ସାଧାରଣ ପାଗଳଙ୍କ ଭଳି ସେ ଅସନା ଅପରଛନିଆ ନୁହେଁ । ତା ଦେହର ଲୁଗାପଟା ଚିରା ନୁହେଁକି ବିଶେଷ ମଇଳା । ଲୁଗାପଟା ବୋଇଲେ ଫୁଲ୍‌ପ୍ୟାଣ୍ଟ, ଫୁଲ୍‌ସାର୍ଟ, ନହେଲେ ସ୍ପୋଟ୍‌ସ୍ ପ୍ୟାଣ୍ଟ, ଟି-ସାର୍ଟ । ସେ କେଉଁଠି ସଫା କରେ କେଜାଣି କିନ୍ତୁ ସଫା ଥାଏ ପ୍ରାୟତଃ । ମୁଣ୍ଡରେ ଗୋଛାଏ କୁଂଚୁକୁଂଚିଆ ଚୁଟି; ନିୟମିତ କଟାହେଉଥିବ, ମେହେନ୍ଦି ରଙ୍ଗ ଲାଗିଥିବ । ସାଇଜ୍ କରି କୁଣ୍ଡାଯାଇଥିବ । ରସିକ କ'ଣ କମ୍ କି ? ପାଖରେ ଥିବ ସାନ ଆଇନାଟିଏ । ପକେଟ୍‌ରେ ପାନିଆ । ହାତରେ ଅଇନା ଧରି ମୁଣ୍ଡ କୁଣ୍ଡାଉଥିବାର ଦୃଶ୍ୟ କାହାରି ଆଖିରୁ ବାଦ୍‌ଯାଏ ନାହିଁ । ପାଦରେ ଥିବ ଚପଲ୍ ହଳେ ।

ମଝିରେ ମଝିରେ ଗୋଟିଏ ଗୋଟିଏ ନୂଆ କଥା ଦେଖାଯାଏ ତା ପାଖରେ । ଦିନାକେତେ ଗୋଟିଏ ଛୋଟ ଚାର୍ଜ୍‌ରେଡିଓ ଆଣି ବଜାଇଲା । ବଡସାଉଣ୍ଡ୍ ଦେଇ ପଥଚାରୀଙ୍କୁ ଶୁଣାଏ । ଆଉ ପ୍ରତିଟି ପର୍ବପର୍ବାଣି, ଓଷାବ୍ରତ ପାଳନ କରିବା ତାର ନିଧାର୍ଯ୍ୟ, ଥୟ । ସେଦିନ ସକାଳୁ ଜଣେ ପଥଚାରୀ ଦେଖିବ ଯେ ପାଖ ଗଛ ମୂଳ କିମ୍ବା ଏକ ବାଉଁଶ ଖୁଣ୍ଟକୁ ଡେରାହୋଇଥିବ କେଉଁ ଠାକୁର ଠାକୁରାଣୀଙ୍କ ସାନ ବନ୍ଧେଇ ଫଟୋଟିଏ ଅବା ଇଟା ଖଣ୍ଡ ଉପରେ ରଖାଯାଇଥିବ ମୃଣ୍ମୟ ମୂର୍ତ୍ତିଟିଏ । ଆଗରେ ଘାସ ଉପରେ କିଛି ଫୁଲ, କୁହୁଳା ଧୂପ ଆଉ ଜଳନ୍ତା ଦୀପ । କଳସଟିଏ ବସିଥିବ । ସେ ଦୃଶ୍ୟଦେଖି ତାର ମନେ ପଡିବ ଯେ ଆଜି ଅମୁକ ପୂଜା, ଅମୁକ ଓଷା ଅବା ବ୍ରତ । ଯେମିତି ଗଣେଷ କି ସରସ୍ୱତୀ ପୂଜା, କାର୍ତ୍ତିକେଶ୍ୱର, ବିଶ୍ୱକର୍ମା, ଲକ୍ଷ୍ମୀପୂଜା ଅବା ମହାଶିବରାତ୍ରି । କେଉଁଟିରେ ତାର ତ୍ରୁଟି ହୁଏନାହିଁ କି କେଉଁଟିକୁ ସେ ଭୁଲିଯାଏ ନାହିଁ । ମୂର୍ତ୍ତି ଚାରିପାଖେ ପୋତା ବାଉଁଶ ଖୁଣ୍ଟିରେ ରଶି ଟଣାଯାଇ ରଙ୍ଗିନ୍ ପତାକା ଝୁଲୁଥିବ । ବଣ ଅରମା ପର୍ଯ୍ୟୁସିତ ଅପରଛନିଆ ଅପନ୍ତରା ସ୍ଥାନଟିରେ ସୃଷ୍ଟି ହୋଇଥିବ କୁନି ଉତ୍ସବର ମାହୋଲ୍ ।

ଲକ୍‌ଡାଉନ୍ ସମୟରେ ହୋଟେଲ୍ ବନ୍ଦ ଥିଲା । କିନ୍ତୁ ଅରକ୍ଷିତକୁ ଦଇବ ସାହା ହେଲାପରି ପ୍ରତ୍ୟହ ଦିନ ଓ ରାତିରେ କେଉଁ ବ୍ୟକ୍ତି ଅବା ସଂସ୍ଥା ତା ପାଖରେ ଗାଡିରଖି ଖାଇବା ଦେବାର ଦୃଶ୍ୟ ଦେଖିବାକୁ ମିଳୁଥିଲା । କାହା ଆଗରେ କେବେ ହାତ ପତାଏ ନାହିଁ ସେ । କି କାହାକୁ ମୁହଁହୁଡି କଥା ପଦେ କହେନାହିଁ । ଅଭାଷାରେ ଗାଳି ଦେବାତ ଦୂରର କଥା । ଭଦ୍ର ଆଉ ନମ୍ର ପାଗଳଟିଏ । ପାଗଳ ଜାତିର ଏକ ବିରଳ ଏବଂ ବ୍ୟତିକ୍ରମ ।

ଆମ ମନରେ ବେଳେବେଳେ ପ୍ରଶ୍ନଉଠେ ଯେ ବର୍ଷା ନଥିବା ଶୁଖିଲା ପାଗରେ ସେ ସିନା ଚଳିଯାଉଛି, ଚତୁର୍ମାସ୍ୟା ଝଡିବର୍ଷାବେଳେ ସେ କ'ଣ

କରୁଥିବ ? ତା ଲୁଗାପଟା, କନ୍ଥା ବେଡ୍‌ସିଟ୍ ଭିଜି ଯାଉଥିବ। ସେ ନିଜେବି ଓଦା ହୋଇଯାଉଥିବ ଗୋଟିପଣେ। କିନ୍ତୁ ସେ ଚିନ୍ତା ତା'ର ନଥାଏ । ଆଜି କଥା ଆଜି; କାଲି କଥା କାଲିକୁ ଦେଖାଯିବ; ଏହି ଭାବରେ ସେ ନିଧଡକ ବସିଥାଏ । ସ୍ଥିତପ୍ରଜ୍ଞ ସନ୍ନ୍ୟାସୀଟିଏ ପରି।

ହୋଟେଲ୍‌ରେ କାମ କରେ। ସଫାଲୁଗା ପିନ୍ଧେ। ରୀତିମତ୍ ପର୍ବପର୍ବାଣୀ ଓଷାବ୍ରତ ପାଳେ, ଯାହା ଆମ ଦ୍ୱାରା ସମ୍ଭବ ହୁଏନାହିଁ । ଘରେ ପାଂଜି କ୍ୟାଲେଣ୍ଡର ଥିଲେବି କେଉଁଦିନ କେଉଁ ପର୍ବପର୍ବାଣି ପଡୁଛି ସେ ଜ୍ଞାନ ଆମର ନଥାଏ। ଆମେ ଜାଣୁ ତା ପାଖରୁ, ତା ଠାକୁର ଆସ୍ଥାନରେ ଦିଅଁମୂର୍ତ୍ତି ଦେଖି, କୁହୁଳା ଧୂପ, ଜଳନ୍ତା ଦୀପ, ଫୁଲସମ୍ଭାର ଦେଖି । ତାକୁ ଦେଖି ଆମ ମନରେ ପ୍ରଶ୍ନଉଠେ ଯେ ସବୁଭଲ ଯେ, ସେ ନିଜ ପାଇଁ ଭଡାଘରଟିଏ ନେଉନାହିଁ କାହିଁକି ? ଆଉ ଟିକିଏ ଅଧିକ ସମୟ କାମକରି ଅଧିକ ରୋଜଗାର କରନ୍ତା । କେଉଁ ବୁଢାହଡା ବେମାରିଆ ଅଖଞ୍ଜ ମଣିଷ ହୋଇଛି କି ? ଗଜା ବୟସ । ଦେଖିବାକୁ ଲମ୍ବା ଚଉଡା ଛଇଛାଡିଆ ଟୋକା। ଅସୁବିଧା କ'ଣ ? ଟିକିଏ ସଭ୍ୟମଣିଷଭଳି ଚଳନ୍ତା ନାହିଁ? କିନ୍ତୁ ସେ ଆଡକୁ ତାର ନଜର ନଥାଏ। ଏକ ଅଜବ ରହସ୍ୟମୟ ଚରିତ୍ର ହୋଇ ସେ ରହିଯାଏ ଜନ ମାନସରେ।

ଏମିତି ତାକୁ ଆମେ ଚାରିପାଂଚ ବର୍ଷ ହେଲା ଦେଖୁଛୁ । ତା'ର ଘର କେଉଁଠି, ସେ କାହିଁକି ଏ ରାସ୍ତା କଡ ଅପନ୍ତରାଟାରେ ପଡିଛି ଏ ବିଷୟରେ କେହି କେବେ ଖୋଳତାଡ କରିନାହିଁ । ସେବାଟରେ ଗଲାବେଳେ କେଇ ମିନିଟ୍ ପାଇଁ ସେ ନଜରରେ ପଡେ ଏବଂ ତା କଥା ଉଠେ ମନରେ। ନାନା ପ୍ରଶ୍ନ କବଳିତ କରେ ମନକୁ। କିନ୍ତୁ ସେତକ ରାସ୍ତା ପାରି ହୋଇଗଲା ପରେ ତା ବାଟରେ ସେ, ଅମ ବାଟରେ ଆମେ । ଆମର ଦୁଃଖ ନାହିଁ ଯେ ପାଗଳଟା କଥା ମୁଣ୍ଡରେ ପୂରାଇ ମୁଣ୍ଡକୁ ଭାରାକ୍ରାନ୍ତ କରିବାକୁ ଯିବା । ତା' ଛଡା ସେ ଆମର କ'ଣ କି ? କେଉଁ ଭାଇବନ୍ଧୁ କୁଟୁମ୍ବ ଅବା ବିରାଦରୀ ?

ଶୀତଦିନ ଯିବା ଯିବା ହେଉଛି । ଏବେ କୁକୁରଙ୍କର ଛୁଆଦେବା ଋତୁ। ରାସ୍ତା ଘାଟରେ ଗଣ୍ଡାଗଣ୍ଡା ନବଜାତ ବୁଲାକୁକୁର ଛୁଆ ବୁଲୁଛନ୍ତି। ଭଳିଭଳି ରଙ୍ଗର କଉତୁକିଆ ଗୋଲଗାଲ୍ ଛୁଆଟିମାନ। ଦେଖିଲେ ଲୋଭ ହେବ। କାନ ଦୁଇଟି ଭାଙ୍ଗି ଝୁଲିପଡିଥିବେ । ଜୁଳୁଜୁଳୁ କଳାକଳା ଆଖିରେ ଚାହିଁଥିବେ । ଲାଙ୍ଗୁଡ ହଲାଉଥିବେ । କ୍ଷୀର ଚୁଷିବାକୁ ଦୁର୍ବଳିଆ ରୋଗିଣା ମା'ଟିର ଚିରରେ ଲାଖିଯାଉଥିବେ ଏକାବେଳେ ଗଣ୍ଡାଗଣ୍ଡା ଛୁଆ । ଧରାପରା ଠେଲାପେଲା ହେଉଥିବେ। ସେଥିରୁ କେତେ ରାସ୍ତା ଉପରେ ଗାଡି ଧକ୍କାରେ ପଂଚତ୍ୱ ଲଭୁଥିବେ ତ କେତେ ରୋଗ ବୈରାଗ ଅବା ଅପପୁଷ୍ଟିରେ ଘାଣ୍ଟିହୋଇ।

ଦେଖାଗଲା ଯେ ପାଗଳା ଗୋଟିଏ କୁକୁରଛୁଆ କେଉଁଠୁ ଆଣି ଲୁହା ଜଂଜିରରେ ବାନ୍ଧି ତା ପାଖରେ ରଖିଛି । କଳା ମୁଚୁମୁଚୁ ଦେଶୀ କୁକୁର ଛୁଆ। ଡଉଲ ଡାଉଲ ଗୁଲୁଗୁଲିଆ ଦେହ । କଳା ହେଲେବି ମଥା ଉପରେ ଟିକିଏ ଧଳା ଡାଳି, ଚାନ୍ଦପରି । ଚାରିଗୋଡ ଶେଷରେ ଓ ଲାଂଜ ଅଗରେ ଅଳ୍ପଅଳ୍ପ ଧଳା । ଆଖିଦୁଇଟି ଜଳଜଳ ଉଜ୍ଜ୍ୱଳ, କଥା କହିଲା ପରି ।

ପାଗଳା, ପୁଣି କୁକୁରଛୁଆ ? ଏ ସଂଯୋଗଟି ବଡ ବେଢଙ୍ଗ ଲାଗିଲା। ଯା'ର ନିଜ ରକ୍ଷଣ ଅସମ୍ଭବ ସେ ପୁଣି ଆଉ ଗୋଟିଏ ପେଟକୁ ଦାନା ଦେବ? ସେ ଯାହାହେଉ ପଥଚାରୀମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଗଲା ସେ କୁକୁରଛୁଆ। ଦୃଶ୍ୟର ଏକ ଅଳଙ୍କାର। ତା ଆଡକୁ ଟିକିଏ ନ ଚାହିଁ କେହି ରହିପାରନ୍ତି ନାହିଁ । କେହିକେହି ପଚାରି ଦିଅନ୍ତି ପଦେ ଅଧେ। ପନ୍ଦର କୋଡିଏ ଦିନର ଛୁଆଟି । ମା' କୁ ଛାଡି ଆସିଛି। ତା ମା' ପାଖରେ ଖୋଲାମେଲା ଜୀବନକୁ ଜଳାଂଜଳି ଦେଇ ଲୁହା ଶିକୁଳିରେ ବନ୍ଧାହୋଇ ପଡିଛି । କିଆଉଁ କିଆଉଁ ରାବ କରୁଛି । ମୋତେ ଖୋଲିଦିଅ ବୋଲି ଅନୁନୟ ହେଉଛି ବୃଥାରେ । କିନ୍ତୁ ତା ଅନୁନୟ ବିନୟ କାହା କାନରେ ବାଜୁନି । ପାଗଳା କ୍ଷୀର ଗିନାଟିଏ ତା ଆଗରେ ରଖିଦେଉଛି ।

ଦିନ ଗଡିଯାଉଥାଏ। କୁକୁରଛୁଆଟି କ୍ରମେ ବଡ ହେଉଥାଏ। ପାଗଳା ହୋଟେଲକୁ କାମକରିବାକୁ ଗଲେ ତାକୁ କୋଳରେ ଧରି ନେଇଯାଏ। ହୋଟେଲରୁ ଆଣିଥିବା ଖାଦ୍ୟପଦାର୍ଥ ଦୁହେଁ ସାଙ୍ଗହୋଇ ଖା'ନ୍ତି । ଦୋକାନରୁ କ୍ଷୀର ଆଣି ପିଇବାକୁ ଦିଏ ।

ଦିନେଦିନେ ସକାଳେ ସେ କମ୍ବଳ ଘୋଡି ହୋଇ ଶୋଇଥାଏ । କୁକୁରଟି ତା ଦେହରେ ଗୁଂଜିହୋଇ ଶୋଇଥାଏ । ପାଟି ନାହିଁ, ବୋବାଳି ନାହିଁ, ନୀରବ ନିଃଶବ୍ଦ। କେବେକେବେ ପାଗଳା ତାକୁ ବସାଇଥାଏ କୋଳରେ ଅବା ମୁଣ୍ଡ ଉପରେ । ତା ସହିତ ଖେଳୁଥାଏ, ଗେଲ ନକଲ ହେଉଥାଏ ।

ଛୁଆଟି ଦିନେ ବଡହେବ। ବେଶିବେଶି ଆହାର ଖୋଜିବ। ଗରିବ ପାଗଳା ପକ୍ଷେ ହାତୀ ପୋଷିଲା ପରି କଥା ହେବ । ନା ତା ପୂର୍ବରୁ ସେ ତାକୁ ଛାଡିଦେବ ରାସ୍ତାକୁ ? ଅବା ନଖାଇ ନପିଇ, ରୋଗ ବୈରାଗରେ ସେ ବାଟକାଟିବ ଉପରକୁ ? ମୋ ମନକଥା ମନରେ ମରେ ।

ପ୍ରାୟ ପ୍ରତିଦିନ ସେ ବାଟରେ ମର୍ଣିଂୱାକ୍‌ରେ ଗଲାବେଳେ କୁକୁର ଛୁଆଟିକୁ ତଲାସିବା ମୋର ଅଭ୍ୟାସରେ ପଡିଗଲା । ସେ ଆଖିରେ ନ ପଡିଲେ କ'ଣ ଗୋଟାଏ ହଜିଗଲାମିତି ଲାଗେ । ଦିନେ ସେ ବାଟରେ ଗଲାବେଳେ ପୂର୍ବଦିନଭଳି ମୁଁ ତା ଘର ଆଡେ ଚାହିଁଲି । କୁକୁରଟି ଦିଶିଲା ନାହିଁ। ହୁଏତ କେଉଁଠି ଲୁଚିଥିବ କମ୍ବଳଭିତରେ ଅବା ତା କୋଳରେ, ପରେ ବାହାରିବ । ମୁଁ ଗୁରୁତ୍ୱ ନଦେଇ ନିଜବାଟରେ ଗଲି । ପରଦିନ ବି ସେ ପଡିଲା ନାହିଁ ଆଖିରେ। ମୁଁ ଖୋଜିଲା ଦୃଷ୍ଟିରେ ଚାହିଁଲି। ଜଂଜିରଟି ଜାକିଜୁକିହୋଇ ଅବହେଳିତ ପଡିଥିଲା ଏକ ଖୁଣ୍ଟ ମୂଳରେ । ଘାସ ଫାଙ୍କରୁ ତାର ଚିକ୍‌ଚିକ୍ ଧଳା ଅଂଶ ଉଙ୍କି ମାରୁଥିଲା। ତା' ହେଲେ କ'ଣ ସେ ତାକୁ ଛାଡିଦେଲା ? ଭାବିଲା ଯେ କୁକୁର ପାଳିବା ଝମେଲା ପାଠ । ତେଣୁ ସେ ତା ବାଟରେ ଯାଉ । ତା' ମା'ବାପ ଭାଇ ଭଉଣୀ ସଙ୍ଗେ ମିଶିଯାଉ । ଖେଳିବୁଲି ମଉଜ୍ କରୁ । ରାସ୍ତାର ମୁକ୍ତ ଜୀବନଟିକୁ ବାନ୍ଧି ରଖିବା କି ଦରକାର? ଯା' ହେଉ ଶେଷରେ ପୁଅ ମନ ଘର ଧରିଲା । ଠାକୁରେ ତାକୁ ସଦ୍‌ବୁଦ୍ଧି ଦେଲେ । ମୁଁ ଆଶ୍ୱସ୍ତ ହୋଇ ମୋ ବାଟରେ ଗଲି ।

କିନ୍ତୁ ଏଥିରେ ମୋ ମନ ମାନୁ ନଥାଏ । ପ୍ରତିଥର ସେ ବାଟରେ ଗଲାବେଳେ ମୁଁ ତା'ର ମୁକ୍ତାକାଶ କୁଡିଆ ଆଡେ ଚାହେଁ। କାଳେ କୁକୁରଟି ପୁଣି ନଜରରେ ପଡିଯିବ । କେଉଁଠି ଲୁଚାଇ ରଖି ସେ ବାହାର କରିବ । କିନ୍ତୁ ସେମିତି କିଛି ଘଟିଲା ନାହିଁ । କୁକୁର ଛୁଆଟି ବିନା ତାର ସେ ବାସସ୍ଥାନ ଇଲାକାଟି କେମିତି ଶୂନ୍ୟଶୂନ୍ୟ, ଖାଁ ଖାଁ ଡାକୁଥିଲା । ଜୁଳୁଜୁଳୁ ଆଖିରେ ତାର ସେ ଚାହାଣି, ତା ମୁନିବ ସହିତ ଖେଳ କୌତୁକ ସବୁ ମନେ ପଡିଲା। ସତେକି ସେ କୁକୁରଛୁଆଟି ତାର ନୁହେଁ, ଥିଲା ମୋ ନିଜର । ଆମ ଘର ପେଟ୍‌ଡଗ୍ ଜର୍ମାନ୍ ସେଫାର୍ଡ ଲକି ଭଳି ଆଉ ଏକ ଦେଶୀ ସ୍ପିସିସ୍ ।

ମୁଁ ଭାବେ ତାକୁ ଏ ବିଷୟରେ ପଚାରି ଦେବିକି ? କିନ୍ତୁ ଗୋଟାଏ ଅଜଣା ସଂକୋଚ ମୋତେ ଗ୍ରାସ କରେ। ମୁଁ ଆଗରୁ କେବେ ତା ସହିତ କଥା ହୋଇନାହିଁ। ପାଗଳାଟାଏ। ପଚାରି ଦେଲେ କାଳେ କ'ଣ ହୁଡି କହିଦେବ! ସୋଦିବ! ମୋତେ ଖରାପ ଲାଗିବ । ସମ୍ମାନ ଯିବ। ନାଇଁ ଥାଉ। ଏହି ଭାବରେ ମୁଁ ନିରବ ରହେ । ମନର ଭୋକ ମନରେ ମରେ ।

'ଗୁଣ ଯିବାଯିବା ହେଉଥାଏ । ସବୁଦିନ ପରି ସେଦିନ ସକାଳେ ମୁଁ ମର୍ଣିଂୱାକ୍ ବାହାରି ଥାଏ । ସୁଲୁସୁଲୁ ଶୀତଳ ପବନ ଦେହ ମନକୁ ଆଉଁଶି ଦେଇ ଯାଉଥାଏ। ଅଳ୍ପ ଅଳ୍ପ ପତଳା ମେଘଘୋଡା ପୂର୍ବା କାଶରେ ଫିକା ସୂର୍ଯ୍ୟଟିଏ ଅଦୂର ଦିଗ୍‌ବଳୟ ତଳୁ ଉପରକୁ ଉଠି ଆସିଥାଏ । ମୁଁ ତା କୁଡିଆ ପାଖରେ ପହଂଚିଲା ବେଳକୁ ସେ ଉଠି ବସିଥିଲା । ସବୁଦିନ ପରି ହାତରେ

ହାତ ହାଣୁଥିଲା କିନ୍ତୁ ମୁହଁରେ ନଥିଲା ଚିରାଚରିତ ଅନର୍ଗଳ ଭାଷାର କବିତା। କେଜାଣି କେମିତି ମୋର ସବୁ ସଂକୋଚ ଅପସରି ଗଲା । ମୁଁ ନିଜକୁ ସମ୍ଵରଣ କରିପାରିଲି ନାହିଁ । ପଚାରିଦେଲି ସେଇ ପ୍ରଶ୍ନ ଯାହା ମୋତେ ଗତ କିଛିଦିନ ହେଲା ବିବ୍ରତ, ଅସ୍ତବ୍ୟସ୍ତ କରୁଥିଲା।

"ବାବୁ ! ସେ କୁକୁର ଛୁଆଟି କୁଆଡେ ଗଲା ?"

ସେ ଯେମିତି ମୋ ପ୍ରଶ୍ନକୁ ଅପେକ୍ଷା କରିଥିଲା । ସେମିତି ଖୁବ୍ ଧୀର କଣ୍ଠରେ ଉଦାର ନିର୍ଲିପ୍ତ ଭଙ୍ଗିରେ ସେ ଉତ୍ତର ଦେଲା –

"କୁକୁର ଛୁଆ ? ସେ ମରିଗଲା ।"

"ଆଁ ? ମରିଗଲା ? କିନ୍ତୁ କେମିତି ? " ମୁଁ ଆଶ୍ଚର୍ଯ୍ୟ ଚକିତ ସ୍ଵରରେ ପଚାରିଲି । ଗୋଟାଏ ସମ୍ବେଦନାର ଦୀର୍ଘଶ୍ଵାସ ଝରି ଆସିଲା ମୋ ଛାତିରୁ ।

"ଦିନେ ସକାଳେ ମୁଁ ଶୋଇଥିଲି। ସେ କେମିତି ଜଂଜିରରୁ ଫିଟିଯାଇ ରାସ୍ତାରେ ବୁଲୁଥିଲା । ଗୋଟାଏ କାର୍ ତା ଉପରେ ଚଢି ଚାଲିଗଲା। ତା କେଁକେଁ ରଡି ଶୁଣି ମୋ ନିଦ ଭାଙ୍ଗିଗଲା। ଉଠି ଦେଖିଲି ଧଳା କାର୍‌ଟା ଚାଲିଯାଉଛି । ଛୁଆଟା ବିଚରା ବୋବାଳି ଛାଡି ଛଟପଟ ହୋଇ ମରିଗଲା । ମୁଁ ତାକୁ ନେଇ ଗୋଟାଏ ଗାତ ଖୋଳି ପୋତିଦେଲି। ଗଲାଗଲା, ଆଉ ଗୋଟେ ଆଣିବା।"

ଏକା ନିଶ୍ଵାସରେ ସେ ଏତକ କହିଗଲା । ତାର ନିର୍ବିକାର କଥା ଭିତରେ ହୁଏତ କେଉଁଠି ଲୁଚି ରହିଥିଲା ମୃତ୍ୟୁର ଦୁଃଖ, ହତାଶ ବୋଧ ଏବଂ ଆଉ ଗୋଟିଏ ଆଣି ରଖିବାର ନୂଆ ଆଶାବୋଧ ।

ଅଚାନକ ଦୂର ଆକାଶରୁ ଅଦୃଶ୍ୟ ହୋଇଗଲେ ସୂର୍ଯ୍ୟ । ଦୁଃଖର କାଳିମା ଘୋଟିଗଲା ଚଉଦିଗ । ମୁଁ ସ୍ଥିର ନିଶ୍ଚଳ ହୋଇ ଚାହିଁରହିଲି । ଲୁହା ଜଂଜିରଟି ଅଲୋଡା ଅଖୋଜା ଜାକିଜୁକି ହୋଇ ସେମିତି ପଡିଥିଲା ଏକ ବାଉଁଶ ଖୁଣ୍ଟ ମୂଳରେ । ଶାଗୁଆ ଘାସର ପତଳା ଆବରଣ ଭେଦି ମନ୍ଦାଏ ଧଳା ଚିକିଚିକି ମୁକ୍ତାଲୋକ ଉକୁଟି ଆସୁଥିଲା । କାମ ସରିଗଲା ପରେ ମଦଘଡାର ଭାଗ୍ୟ ।

ଦୁଃଖସହ ଗୋଟାଏ କୃତ୍ରିମ ଆଶ୍ଵସ୍ତି ଏବଂ ଆଶ୍ଵାସନା ମୋର ଚେତନାକୁ ଆବୋରି ବସିଲା । ଯାହାହେଉ ଆଗକୁ ଆସିବାକୁ ଥିବା ଝାମେଲାରୁ ମୁକ୍ତି ମିଳିଯିବ ତାକୁ। ଆଗକୁ ଛୁଆଟି ବଡ ହୋଇଥାନ୍ତା। ତାକୁ କ'ଣ ଦେଇଥାନ୍ତା ଖାଇବାକୁ ? ବର୍ଷା ପାଣିରେ କେଉଁଠି ଥଇଥାନ କରିଥାନ୍ତା ? ଯାହାର ନିଜର ଠା'ଟିଏ ନାହିଁ ରହିବାକୁ। ସେ ପୁଣି ଗୋଟିଏ ପୋଷା ଜନ୍ତୁକୁ ....... ? କିନ୍ତୁ ଭଲ ଲାଗିଥାନ୍ତା ଶୁଣି ଯେ ଯଦି ସେ ତାକୁ ଛାଡିଦେଇଥାନ୍ତା । ବିଚରା ଛୁଆଟି ତା ଜୀବନ ନେଇ ଜାତି ଭାଇଙ୍କ ପାଖକୁ ଫେରି ଯାଇଥାନ୍ତା। ସ୍ଵାଧୀନ ମୁକ୍ତ ଭାବରେ ଘୂରି ବୁଲିଥାନ୍ତା ରାସ୍ତାଘାଟରେ। ଖେଳିଥାନ୍ତା, ବୁଲିଥାନ୍ତା, ବଂଚିରହି ଭୋଗିଥାନ୍ତା ଏଇ ସୁନ୍ଦର ପୃଥିବୀ। ଏ ପୃଥିବୀ ଖାଲି ମଣିଷ ପାଇଁ ନୁହେଁ, ଜୀବଜନ୍ତୁ ବୃକ୍ଷଲତାଙ୍କ ପାଇଁ ମଧ୍ୟ ସୁନ୍ଦର, ଉପଭୋଗ୍ୟ। ମଣିଷ ପରି ସେମାନଙ୍କର ବି ଅଧିକାର ଅଛି ବଂଚିରହିବାର। ସ୍ଵାଧୀନତାରେ କି ଆନନ୍ଦ ।

କିନ୍ତୁ ସେ କଥା ଘଟିଲା ନାହିଁ। ଏଇ ଯାନାକୀର୍ଣ୍ଣ ବ୍ୟସ୍ତ ରାସ୍ତା କଡରେ ସେ ବର୍ତ୍ତି ରହିପାରିଲା ନାହିଁ । ଏକ ଦୁର୍ଘଟଣାରେ ହେଲା ତାର ମୃତ୍ୟୁ । ଅକାଳ ଦୁଃଖଦ ମୃତ୍ୟୁ । ନାଟକଟିର ଏକ ଦୁଃଖାନ୍ତକ ସମାପ୍ତି ।

ତା ମା' ପାଖରେ ଥିଲେ ଏବେ ସେ କେତେ ସୁଖରେ ଥା'ନ୍ତା । ମା'ର ଚିରଟାଣି ଦୁଧ ଚୃଷୁଥାନ୍ତା । ଭାଇଭଉଣୀ ମାନଙ୍କ ସହିତ ଖେଳିବୁଲି ଦିନ କାଟୁଥାନ୍ତା । କିନ୍ତୁ ଏ ପାଗଳା ତା ସୁଖ ଛଡାଇ ନେଲା। ତାକୁ ଅକାଳରେ ମୃତ୍ୟୁ ମୁହଁକୁ ଠେଲି ଦେଲା । ପୁଣି ବେଲଜ୍ୟାର ମୁହଁକୁ ଟିକେ ଲାଜସରମ ନାହିଁ, କହୁଛି ଆଉ ଗୋଟେ ଆଣି ରଖିବ ।

ଏକ ଭାରାକ୍ରାନ୍ତ ମନ ନେଇ ମୁଁ ଆଗକୁ ପାଦ ବଢାଇଲି । ମୋତେ ଆଗକୁ କିଛିଦୂର ଯାଇ ଫେରିବାକୁ ପଡିବ। ଘରେ ମୋ ପୋଷା କୁକୁର ଲକି ଅଛି। ଲକି ପ୍ରକୃତରେ ଲକ୍କି। ଘରର ସମସ୍ତେ ତାକୁ ମୁଣ୍ଡରେ ବସାଇଛନ୍ତି। ଯାଉଣୁ ଆସୁଣୁ ଗେଲ ନକଲ ହେଉଛନ୍ତି । ସେ'ବି ସେ ଦିଗରେ ମାହିର୍ । ଟାଣିହୋଇ ପାଖକୁ ଲାଗି ଆସିବ । ପଛ ଗୋଡରେ ଠିଆହୋଇ ଯାଇ ଛାତି ଉପରେ ଆଗଗୋଡ ଦୁଇଟି ଲଦିଦେବ । ମୁହଁ ପାଖକୁ ମୁହଁ ଲଗାଇବ । ସ୍ନେହଶ୍ରଦ୍ଧା, ଗେଲ ନକଲ ପିଇଯିବ । ଭଗବାନ୍ ନକରନ୍ତୁ ତା' ପାଇଁ ଏମିତି କିଛି ... ! ଅନ୍ୟଥା ଅପରିସୀମ ଦୁଃଖରେ ବୁଡିଯିବ ମୋ ପରିବାର । ଥରେ ଅଧେ ଝାଡାବାନ୍ତିରେ ପଡି ସେ ଆମକୁ ନାକରେ କନ୍ଦେଇଛି । ସାରା ପରିବାର ତା ପାଇଁ ଲାଗି ପଡିଛୁ। ଦୁଃଖସନ୍ତାପରେ ଘାଣ୍ଟିହୋଇଛୁ । ଖାଇବା ପିଇବା ଛାଡି ଦେଇଛି ମୋ ପୁଅ । କାହିଁକିନା ସେ ହି ତା'ର ଅସଲ ମୁନିବ । ସେଇ ତାକୁ ଆଣିଛି ଆମ ବାପା ମା ବୁଢାବୁଢୀ ଦୁଇଙ୍କ ବାରଣ ନ ମାନି ।

ଘରେ ପୋଷାଜନ୍ତୁ ରଖିବା ଯେତିକି ଭଲ, ସେତିକି ମନ୍ଦ । ଯେତିକି ସୁଖ, ତତୋଧିକ ଦୁଃଖ । ରୋଗ ବଇରାଗ ହେଲେ, ବାଧିକି ପଡିଲେ ଯାହାତ ଟେନ୍‌ସନ୍, ମରିମାରି ଗଲେ ଆହୁରି ଦୁଃଖ, ଆହୁରି ଯାତନା । ପୋଷା ଜୀବଟିଏ ଘରର ସଦସ୍ୟ ଭଳି ।

ଏବେ ସେ ବଢିଗଲାଣି । ତା'ର ସବୁକାମ ମୋ ଉପରେ ନ୍ୟସ୍ତ ; କାହିଁକି ନା ମୁଁ ଅବସର ନେଇ ଘରେ ବସିଛି । ଦିନକୁ ତିନି ଥର ବାହାରକୁ ନେଇ ଝାଡା ପରିସ୍ରା କରାଇବା, ଫେରିଲା ବେଳେ ଦୁଆର ମୁହଁରେ ଗୋଡ ଧୋଇ ଦେଇ, ପୋଛି, ସାନିଟାଇଜ୍ କରି ଘରକୁ ଆଣିବା, ସପ୍ତାହରେ ଦି' ତିନିଥର ଗାଧୋଇ ଦେବା, ତା ଖାଇବା ବାସନ ଧୋଇ ସଫାକରିବା ଓଗେର୍। ଜୀବନରେ କେବେ ଥରେ ବାପ ମା'ଙ୍କର ଗୋଡ ଧୋଇ ଦେଇନଥିବି, ଏବେ ଦିନକୁ ତିନିଥର କୁକୁରଟାର ଗୋଡ ନ ଧୋଇଲେ ମୋ ଭାତ ହଜମ ହେବନାହିଁ । କେଉଁ ଜନ୍ମ ପାପ ପାଇଁ ମୋର ଏ ଦଣ୍ଡ ଆଉ ତାର ପୁଣ୍ୟ ପାଇଁ ସେ ଏ ସେବା ପାଉଛି । ତା'ର ମୋର ଏ ସମ୍ପର୍କ ବୋଧହୁଏ ପୂର୍ବ ଜନ୍ମର।

ତା' ପାଇଁ ବାର ପଦାର୍ଥ ଖଂଜା । ଭାତ ରୁଟି ସାଙ୍ଗକୁ ଫଳ, କ୍ଷୀର, ବିସ୍କୁଟ୍, ଆଇଁଷ । ଗାଧୋଇବା ସାମ୍ପୁ, ରୋଗ ବୈରାଗରେ ଔଷଦ, ଡାକ୍ତର। ଛମାସରେ ଆଣ୍ଟି ରେଭିସ୍ ଇଂଜେକ୍ସନ୍। କେତେ ସ୍ନେହ ସୋହାଗରେ ବଢୁଛି। ଶୋଇବା ପାଇଁ ମଣିଷର ଶେଯ ବିଛଣା। ଖରାଦିନେ ଏ.ସି. ।

ତାକୁ ରାସ୍ତାରେ ଛାଡିଦେବା କଥା ଚିନ୍ତାକରି ହେଉନି । ତୁଳିତଳ୍ପ ଶେଯରେ ଶୋଇ, ମୁଁହ ପାଖକୁ ପହଂଚୁଥିବା ଫଳ, କ୍ଷୀର, ମାଛ ମାଂସ, ଅଣ୍ଡାରେ ସେ ଭାସୁଥିଲା, ବିନା ଏ.ସି.ରେ ଯେ ଶୋଉନଥିଲା, ସେ ରାସ୍ତାକଡ ଅପନ୍ତରାରେ ପଡି, ଉପାସ ଭୋକ, ପୁଣି ବୁଲା କୁକୁରଙ୍କ ଦୌରାତ୍ମ୍ୟରେ କେମିତି ବଂଚିବ, ସେ କଥା ଚିନ୍ତା କରି ହେଉନି । ତେଣୁ ସେ ଅଛି ତ ଥାଉ। ମୁଁ ଯେତେଦିନ ବଂଚିଥିବି, ଚଳପ୍ରଚଳ ହେଉଥିବି, ତାର ସେବା କରୁଥିବି । ବୋଧହୁଏ ଏଇଟା ମୋ କପାଳରେ ଲେଖା, ବିଧିର ବିଧାନ । ପାପର ପ୍ରାୟଶ୍ଚିତ । ତହୁଁ ଅନ୍ୟଥା ଘଟିବାର ନୁହେଁ ।

ଏ ଭିତରେ ବର୍ଷୁଟିଏ ଗଡି ଯାଇଛି । ସେଇ ରାସ୍ତାକଡ ପରିତ୍ୟକ୍ତ କେନାଲ କୂଳର ଗଛ ଧାଡିକ ଆଉ କେଇହାତ ବଢି ଯାଇଛନ୍ତି ଆକାଶ ମୁହାଁ । ପାଗଳ ବସାଟିବି ଆଗପରି ତାର ଗରିମା ବଜାୟ ରଖିଛି । ପୂଜାପାର୍ବଣରେ ଦେବାଦେବୀମାନେ ପୂଜା ପାଉଛନ୍ତି । ରଙ୍ଗିନ୍ ପତାକାରେ ଆସ୍ଥାନ ମଣ୍ଡି ହୋଇ ଯାଉଛି । ପ୍ରତି ପ୍ରଭାତରେ ଚାଲିରେ ଗଲାବେଳେ ସେ ଆମ ଆଖିରେ ପଡେ । ଭଙ୍ଗା ଚେୟାରଟି ଉପରେ ଅବା ସେ ନିଜେ ପୋତିଥିବା ଆଡି ବାଉଁଶ ଉପରେ ବସି ହାତରେ ହାତ ହାଣୁଥିବ । ନିଜ ସହ ନିଜେ କଥା ହେଉଥିବ ।

ଶୀତ ଛାଡିଛାଡି ଯାଉଛି । ଫି ବର୍ଷ ପରି କୁକୁର ଛୁଆମାନେ ରାସ୍ତାରେ ହଳହଳ ବୁଲୁଛନ୍ତି । ତହିଁରୁ କିଛି ରାସ୍ତାରେ ଧାବମାନ ଗାଡି ଚାପାରେ ମରୁଛନ୍ତି । ଏକଥା ଆଜିର ନୂଆ କଥା ନୁହେଁ । ପୂର୍ବ ବର୍ଷମାନଙ୍କର ପୁନରାବୃତ୍ତି।

ଦିନେ ଦୃଷ୍ଟିରେ ପଡିଲା ଯେ ପାଗଳା ପୁଣି ଗୋଟିଏ କୁକୁର ଛୁଆ

ଆଣି ଜଂଜିରରେ ବାନ୍ଧି ତା ପାଖରେ ରଖିଛି । ଏଥର ଛୁଆଟିର ରଙ୍ଗ କଳା ନୁହେଁ, ଫିକା ବାଦାମୀ । ହୃଷ୍ଟପୁଷ୍ଟ ଗୋଲ୍‌ଗାଲିଆ ଛୁଆଟି । ଦେହ ବାଦାମୀ ହେଲେବି ମୁହଁଟି କଳା । ବେକପାଖରେ କିଛି, ଚାରିଗୋଡ ଓ ଲାଂଜର ଶେଷାଂଶ ଧଳା । ପତଳା ଝୁଲା କାନ । କଳା କଥାକୁହା ଆଖି । ମୋର ମନେ ପଡିଗଲା ଗତ ଥରର କୁକୁରଟିର ମୃତ୍ୟୁ ଖବର ମୋତେ ଦେଲାବେଳେ ସେ କହିଥିଲା, 'ଗଲା ଗଲା, ଆଉ ଗୋଟିଏ ଆଣିବା।' ସେ କଥା ସତ କରି ଦେଖାଇଛି । କୁକୁର ପ୍ରୀତି ଛାଡିନାହିଁ । ପରିଣାମକୁ ଖାତିର ନାହିଁ ।

ତାର ଦ୍ୱିତୀୟ କୁକୁର ଆଣିବା କଥା ଆମ ମର୍ଣ୍ଣିଂୱାକ୍ ବନ୍ଧୁ ମହଲରେ ଖେଳିଗଲା ଓ ଆଲୋଚନାର ଏକ ନୂଆ ଟପିକ୍ ବନିଗଲା । "ପାଗଳ ଆଣିଲା ସିନା,ଏ ରାସ୍ତାକଡରେ କ'ଣ ତାକୁ ବଂଚେଇ ରଖିପାରିବ ? ଆରଟି ଭଳି ଏଇଟି ବି କେଉଁ ଅସତର୍କ ମୁହୂର୍ତ୍ତରେ ଗାଡି ଚକାତଳେ ପଂଚତ୍ୱ ଲଭିବ ସିନା । ବେହିଆ କ'ଣ ଗଛରେ ଫଳନ୍ତି ?" "ହଉ ଦେଖାଯାଉ କ'ଣ ହେଉଛି, କେଉଁ ପାଣି କୁଆଡେ ଯାଉଛି ?" ଏମିତି ଭିନ୍ନ ଭିନ୍ନ ମୁହଁରୁ ଭିନ୍ନ ଭିନ୍ନ କମେଣ୍ଟ ଆସିଲା ।

କୁକୁରଟି ଆସିବା ହେତୁ ସେ ସ୍ଥାନର ହଜିଲା ଗାରିମା ଚଳଚଞ୍ଚଳତା ପୁଣି ଫେରି ଆସିଲା । ଆରମ୍ଭ ହେଲା ଏକ ନୂଆ ଅଧ୍ୟାୟ । ପୁରୁଣା ଦୃଶ୍ୟର ପୁନରାଭିନୟ । ପୂର୍ବ ଥର ପରି ଏଥର ବି ତା ହୋଟେଲ୍ ଖାଇବାରୁ କୁକୁର ଖାଏ । କ୍ଷୀର ପିଏ । ଲୁହା ଜଂଜିରରେ ବନ୍ଧା ହୋଇଥାଏ । ରାସ୍ତାରେ ଗଲା ଆଇଲା ମଣିଷଙ୍କୁ କୁଳୁକୁଳୁ କରି ଅନେଇଥାଏ ।

ଦିନେ ତା ବସା ଆଗରେ ପୁରୁଣା ସାଇକେଲଟିଏ ଷ୍ଟାଣ୍ଡରେ ଠିଆ ହୋଇଥିବାର ଦେଖାଗଲା । ଆଗ ହ୍ୟାଣ୍ଡେଲରେ ଏକ ବାସ୍କେଟ୍ ଲାଗିଛି । ଏବେ ସେ ହୋଟେଲକୁ ଗଲାବେଳେ ସାଇକେଲ୍ ଚଢିଯାଉଛି । ବାସ୍କେଟରେ ପୂରେଇ କୁକୁର ଛୁଆଟିକୁ ନେଇ ଯାଉଛି । ଫେରିଲା ବେଳେ ଆଣୁଛି ତା' ବେକର ଲୁହା ଜଂଜିରଟି ସାଇକେଲ ହ୍ୟାଣ୍ଡେଲରେ ଛନ୍ଦା ହୋଇଥିବ । ବାସ୍କେଟ୍‌ରେ ବସି ସେ ଦୁନିଆ ଦେଖୁଥିବ ।

ଦିନ ଗଡିଯାଉଥାଏ । ପାଗଳ ସହିତ କୁକୁର ଛୁଆଟି କ୍ଷୀର ନୀର ଭଳି ଜଡି ରହିଥାଏ । ଯେଉଁଠି ଦେଖିବ ଦୁଇପ୍ରାଣୀ ଏକତ୍ର, ସାଯୁଜ୍ୟ । କେତେବେଳେ କେନାଲ କୂଳ ତା ବସାରେ, କେତେବେଳେ ରାସ୍ତାରେ ସାଇକେଲ ଉପରେ ତ ପୁଣି କେତେବେଳେ ଜଂଜିର ସଂଯୁକ୍ତ ହୋଇ ଆଖପାଖ ଇଲାକାରେ; ଅବା କୁକୁର ଛୁଆଟି ଗେଲ ହେଉଥିବ ପାଗଳର ଦେହଲଗ୍ନ ହୋଇ, କୋଳରେ, କାନ୍ଧ ଉପରେ ନହେଲେ ମୁଣ୍ଡ ଉପରେ ବସି ।

ଏହିରୂପେ ଗଡିଯାଉଥାଏ ଦିନ । ଋତୁ ବଦଳୁଥାଏ । ଏବର୍ଷ ପାଇଁ ଆଜିକାଲିର ସଂକ୍ଷିପ୍ତ ବସନ୍ତ ବିଦାୟ ନେବାକୁ ବସିଥାଏ । ବୃକ୍ଷରାଜି ନବକିଶଳୟରେ ମଣ୍ଡିତ ହୋଇ ହସୁଥାନ୍ତି । ପ୍ରାନ୍ତ ବସନ୍ତର ମୃଦୁ ମୃଦୁ ପବନରେ କେନାଲ କୂଳସ୍ଥ ଓସ୍ତ ଗଛର କଅଁଳ ପତ୍ରସବୁ ଦୋହଲୁଥାନ୍ତି । ସତେ ଯେମିତି କହୁଥାନ୍ତି 'ହେ ପ୍ରିୟ ବସନ୍ତ ତୁମେ ଯାଅନାହିଁ । ଆଗକୁ ଆସୁଛି ପ୍ରଚଣ୍ଡ ନିଦାଘ; ଅସହ୍ୟ ତାର ଦାଉ ।'

ଅଦୂରର କେଉଁ ବୃକ୍ଷ ଡାଳରେ କୋଇଲିଟିଏ ଲୁଚିବସି ବିଦାୟୀ ସଙ୍ଗୀତ ଗାଉଥାଏ ।

ମୁଁ ସବୁଦିନ ପରି କଲୋନୀରୁ ବାହାରି କେନାଲ ରାସ୍ତାରେ ଏକଲା ଚାଲିଥାଏ । ମୋର ଆଗ ପଛରେ ଲୋକ, ଚିହ୍ନା ଅଚିହ୍ନା, ଭିନ୍ନ ସ୍ଥିତିର, ଭିନ୍ନ ବୟସର, ପୁରୁଷ ସ୍ତ୍ରୀ, ବୃଦ୍ଧବୃଦ୍ଧା । ସକାଳଟି ଥିଲା ପରିଚ୍ଛନ୍ନ, ନାତିଶୀତୋଷ୍ଣ । ମନଟି ଥିଲା ଉସତ । ବାମପାର୍ଶ୍ୱ ବୃକ୍ଷରାଜିର ଦୀର୍ଘ ଛାୟାତଳେ ମୁଁ ଚାଲିଥାଏ । ରାସ୍ତାର ଏକ ପାର୍ଶ୍ୱରେ ନବପଲ୍ଲବିତ ପାଦପରାଜି ଏବଂ ଆରପାଖରେ ବିପଣୀ ବିଥିକା ଓ ବାସଗୃହ ସମ୍ଭାର ।

ମୁଁ ଆଗେଇ ଚାଲିଥାଏ । ଏତିକିବେଳେ ମୋ ଆଖିରେ ପଡିଲା ସମ୍ମୁଖର ରାସ୍ତା ମଝିରେ ଜନ ସମାଗମ । ଠିକ୍ ପାଗଳର ବସା ଉଠା ଜାଗା ପାଖରେ । କୌତୁହଳ ଓ ବିସ୍ମୟରେ ମୋର ଭ୍ରୁକୁଂଚିତ ହେଲା । "କ'ଣ ହୋଇଛି ସେଠି ?" ମୁଁ ନିଜକୁ ନିଜେ ପଚାରିଲି ଏବଂ ପରେ ପରେ ସେଆଡୁ ଆସୁଥିବା ସାଇକେଲ୍ ଆରୋହୀ ଯୁବକଟିକୁ ।

"ଆକ୍ସିଡେଂଟ । ଯାଆନ୍ତୁ ଦେଖିବେ ।" ସେ ଉତ୍ତର ଦେଲା ଓ ସାଇକେଲ ଛୁଟାଇ ଚାଲିଗଲା । ମୁଁ ତରତର ହୋଇ ବେଗିବେଗି ପାଦ ପକାଇଲି । ପ୍ରଥମେ ଗାଡିମାନ ଧାଡିହୋଇ ଠିଆ ହୋଇଥାନ୍ତି । ତା'ପରେ ଜନଗହଳି, ପିମ୍ପୁଡି ମନ୍ଦାପରି ସଘନ ସାନ୍ଦ୍ର ।

ମୁଁ ଗହଳି ଆଡେଇ ଭିତରକୁ ପଶିଲି । ଏବଂ ମୋ ଆଖି ଆଗରେ ଉନ୍ମୁକ୍ତ ହୋଇ ଉଠିଲା ଏକ ବିରଳ ଦୁର୍ଲ୍ଲଭ ଦୃଶ୍ୟ, ହୃତ୍‌ସ୍ପନ୍ଦନକୁ ରୋକି ଦେଲାଭଳି, ଦୁଃଖାନ୍ତକ, ଅବର୍ଣ୍ଣନୀୟ । ସଦ୍ୟ ରକ୍ତର ଆବରଣରେ ରାସ୍ତାର ସେଇ ମଝି ଅରହାକ ଲୋହିତ ବର୍ଣ୍ଣ ଧାରଣ କରିଥିଲା । ପାଗଳା ପଡିଥିଲା ଚାରିକାତ ମେଲାଇ । ପିନ୍ଧା 'ଟି ସାର୍ଟ' ଛିଡି ଖଣ୍ଡ ଖଣ୍ଡ ହୋଇ ଯାଇଥିଲା । ମୁଣ୍ଡଟି ଛତୁ । ଚପଲ ହଳଟି ପରସ୍ପର ଠାରୁ ବିଚ୍ଛିନ୍ନ ହୋଇ ପଡିଥିଲେ ଅର୍କ୍ଷିତ ଭଳି । କୁକୁର ଛୁଆଟି ପାଗଳର ରକ୍ତାକ୍ତ ଦେହକୁ ସୁଂଘି ସୁଂଘି ଯାଉଥାଏ । କନକନ ହୋଇ ଜନତା ଆଡକୁ ଚାହିଁ ସତେ ଯେପରି କହୁଥାଏ କ'ଣ ହୋଇଛି ମୋ ମୁନିବର ? ତାକୁ ବଂଚାଅ ।

ପ୍ରତ୍ୟକ୍ଷଦର୍ଶୀ ଜଣେ ବର୍ଣ୍ଣନା କରୁଥିଲା – "କୁକୁର ଛୁଆଟା ଚେନ୍‌ରୁ ଫିଟି ଆସିଥିଲା ରାସ୍ତା ମଝିକୁ । ସେ ପାଖରୁ ଛୁଟି ଆସୁଥିଲା ବାଲି ବୋଝେଇ ଟ୍ରକ୍‌ଟା । ପାଗଳାର ଦୃଷ୍ଟି ପଡିଗଲା । ସେ ଦୌଡିଆସି କୁକୁରଟାକୁ ଉଠାଇ ନେଇ ପଳାଇ ଆସୁଥିଲା ରାସ୍ତା କଡକୁ କିନ୍ତୁ ପହଂଚି ପାରିଲା ନାହିଁ । ଦୃତଗାମୀ ଟ୍ରକ୍‌ଟାର ଧକ୍କାରେ ସେ ପଡିଗଲା । ଟ୍ରକ୍‌ଟା ତା ମୁଣ୍ଡ ଉପରେ ଚଢିଗଲା । କିନ୍ତୁ କୁକୁରଟା ଛିଟିକି ପଡି ବଂଚିଗଲା । ତା ଭାଗ୍ୟ ଟାଣ ଥିଲା କିନ୍ତୁ ବିଚରା ପାଗଳାର କାଳ ପୂରିଗଲା ।"

ସମବେତ ଜନତାର ମୁହଁରୁ ଆହାପଦ ଝରୁଥିଲା ପାଗଳର ଗୁଣ ଗାରିମାର ବର୍ଣ୍ଣନା ସହିତ । ବିଚରା କାହାକୁ କେବେ ହୁଡିକରି କଥା ପଦେ କହେନାହିଁ, କି କାହାକୁ ହାତ ପତାଇ କିଛି ମାଗିନାହିଁ । ଗରିବ ପାଗଳଟିଏ ହେଲେବି ଖୁବ୍ ସ୍ୱାଭିମାନୀ ଥିଲା ସେ । କୁକୁର ଛୁଆଟିକୁ ନିଜ ଆପଣାର ଜୀବଟିଏ ମଣୁଥିଲା । ତାର ଆସନ୍ନ ମରଣର ଦୃଶ୍ୟ ସହ୍ୟ ହେଲା ନାହିଁ । ଆଗପଛ ନଭାବି ଦଉଡି ଆସିଲା । ଆଉ ନିଜ ଜୀବନଟିକୁ.......। ଆହା ! ବିଚରା !

ମୋ ଛାତିରୁ ଦୀର୍ଘଶ୍ୱାସ ନିର୍ଗତ ହେଉଥିଲା । ବିଗତ ଚାରିପାଂଚ ବର୍ଷ ଧରି ସେ ସ୍ଥାନର ଏକ ଅଭେଦ୍ୟ ଅଙ୍ଗରୂପେ ପଥଯାତ୍ରୀ ଜନମାନସରେ କୌତୁହଳ ଆନନ୍ଦ ବାଂଟୁଥିବା ନିରୀହ ଦୁଃଖୀ ମଣିଷଟିର ଜୀବନ ନାଟକର ଏଇ ଥିଲା ଅନ୍ତିମ ଦୃଶ୍ୟ ।

ମୁଁ ରାସ୍ତାକଡର ତା ବସାଉଠା ଜାଗାକୁ ଚାହିଁଲି । ସିମେଣ୍ଟ ଖୁଣ୍ଟମୂଳ ତୃଣ ଗହଳରେ ସେ ରଖି ପୂଜୁଥିବା ଖରାବର୍ଷାରେ ମଳିନ ପଡିଯାଇଥିବା ଫଟୋମାନଙ୍କ ଭିତରୁ ଦେବାଦେବୀମାନେ ନିର୍ଲିପ୍ତ ଦୃଷ୍ଟିରେ ଚାହିଁଥିଲେ । ସକାଳ ପବନରେ ପାଖରେ ପୋତା ଅଗି ବାଉଁଶରେ ନାଲି ପତାକା ଫର୍‌ଫର୍ ହୋଇ ଉଡୁଥିଲା । ନିଜକୁ ଅନାଥ ମଣୁଥିବା ସାଇକେଲ୍‌ଟି ଏକ ଗଛର ଗଣ୍ଡିକୁ ଆଉଜି ନିଜ ଶ୍ରୀହୀନ ଛେଉଣ୍ଡ ପଣକୁ ପ୍ରଦର୍ଶନ କରୁଥିଲା ।

*ପ୍ଲଟ ନଂ-୨୯, ଭାଗବତ ସନ୍ଧାନ*
*ରସୁଲଗଡ, ଭୁବନେଶ୍ୱର-୭୫୧୦୨୫*
*ଦୂରଭାଷ: ୭୯୭୮୧୪୮୫୨୭*

# ନାଲିଡିବାର ରହସ୍ୟ

**ନଗେନ୍ଦ୍ର ନାଥ ପଟ୍ଟନାୟକ**

ବଂଟି ନବମ ଶ୍ରେଣୀର ଛାତ୍ର । ଶ୍ରେଣୀର ଅନ୍ୟ ଛାତ୍ରଛାତ୍ରୀଙ୍କ ଅପେକ୍ଷା ସେ ଟିକେ ଅଳସୁଆ। ଗଣିତ ଓ ବିଜ୍ଞାନ ଭଳି କିଛି ବିଷୟରେ ସେ ଥିଲା ଖୁବ୍ କମ୍‌ଜୋର୍। ସେ ପାଇଁ ମନରେ କେବେ କେମିତି ସେ ହୀନମନ୍ୟତା ଅନୁଭବ କରୁଥିଲା । ସାଙ୍ଗ ଚିଂଟୁ ଆଉ ମିଂଟୁର ପରାମର୍ଶକ୍ରମେ ସେ ଗଣିତ କୋଚିଂ ନେବାକୁ ସ୍ଥିରକଲା । ରବିସାର୍ ତା'ର ଶ୍ରେଣୀ ଗୁରୁଜୀ । ଖାଲି ସେତିକି ନୁହେଁ, ସେ ଜଣେ ନାମକରା ଗଣିତ ଓ ବିଜ୍ଞାନ ଶିକ୍ଷକ ମଧ୍ୟ। ରବିସାର୍‌ଙ୍କ ଘର ଆଉ ବଂଟି ବାପାର ଉଆସ ପ୍ରାୟ ପାଖାପାଖି । ଘର ନିକଟବର୍ତୀ ହୋଇଥିବାରୁ ସେ ରବିସାର୍‌ଙ୍କ ଘରକୁ ଯାଉଥିଲା ଟ୍ୟୁସନ ପଢିବା ପାଇଁ ।

ସେ ରବିସାର୍‌ଙ୍କଠୁ କୋଚିଂ ନେବାରେ ଲାଗିଲା । କିଛିଦିନପରେ ସେ ଗଣିତ ଆଉ ବିଜ୍ଞାନ ବିଷୟକୁ ବେଶ୍ ଭଲ ଭାବରେ ଆୟତ କରିନେଲା । ବଂଟିର କୋଚିଂ ନେବାରେ ଛ ମାସରୁ ବେଶି ସମୟ ବିତିଯାଇଥିଲା । କିନ୍ତୁ ସେ ଯେବେ ପ୍ରତି ମାସଶେଷକୁ ରବିସାର୍‌ଙ୍କୁ ଫିସ୍ ଦିଏ ଗୋଟିଏ କଥା ଅନୁଭବ କରୁଥାଏ । ରବିସାର୍ ତାଙ୍କ ହିସାବରେ କିଛି ପଇସା ବଂଟେଇ ଗୋଟେ ନାଲିରଙ୍ଗର ଡିବାରେ ପୂରେଇ ରଖୁଥିଲେ। ବଂଟି ଛଡା ଚିଂଟୁ, ମିଂଟୁ, ଗନୀ, ମୁକେଶ, ରାବତ ଓ ସୁଜାତା ମଧ୍ୟ ତାଙ୍କ ପାଖରେ ପଢୁଥିଲେ । ତେଣୁ ରବିସାର ସେମାନଙ୍କଠୁ ମଧ୍ୟ କିଛି ପଇସା ଆଣି ସେଇ ଲାଲରଙ୍ଗର ଡିବାରେ ରଖନ୍ତି । ସେଠି ପଢିବାରେ ବଟିଂକୁ ପ୍ରାୟ ଗୋଟେ ବର୍ଷ ବିତିଯାଇଥିଲା । ହେଲେ ମାସର ଶେଷ ଆଡକୁ ସେ ଫିସ୍ ଦେଲାବେଳେ ରବିସାର୍ ସେଇ ଏକା କାମ କରିବସନ୍ତି। କେତେଜଣ ଛାତ୍ରଛାତ୍ରୀ ରବିସାର୍‌ଙ୍କୁ ସିଧା ସାମନା କରିବାକୁ ଚାହୁଁଥିଲେ। ବଂଟି ତ କୈଶୋରରେ ପଦାର୍ପଣ କରିଥିଲା । ତେବେବି ସେ ରବିସାର୍‌କୁ ଭାରି ଡରୁଥିଲା । ତା'ଛଡା ସେ ଲଜ୍ଜା ସଂକୋଚ ମଧ୍ୟ କରୁଥିଲା । ସେଥିପାଇଁ ସେ ନାଲିଡିବାର ରହସ୍ୟ ଭେଦକଥା ପଚାରି ପାରିଲାନି ।

ସେ ଦିନେ ଟ୍ୟୁସନ୍ ପାଇଁ ରବିସାର୍‌ଙ୍କ ଘରକୁ ଯାଉଥିଲା । ସେତିକିବେଳେ ରବିସାର୍ ତାଙ୍କ ପୁତ୍ର ଆଉ ପତ୍ନୀଙ୍କ ଭିତରେ କୌଣସି ଏକ ଭିତିରି ପ୍ରସଙ୍ଗକୁ ନେଇ କଥା କଟାକଟି ଚାଲିଥାଏ । କଥା କଣ ନା ଲାଲଡିବାରୁ ହିସାବ ମୁତାବକ କିଛି ପଇସା କମ୍ ହୋଇଯାଇଛି । ତାଙ୍କ ଧର୍ମପତ୍ନୀ ବରଖା ବାରମ୍ବାର ରବିସାର୍‌ଙ୍କୁ କହୁଥିଲେ ଆମେ କେହି ବାହର କରିନାହୁଁ । ତାଙ୍କ ପୁତ୍ର ସନ୍ତାନ ବି ବରାବର ସେଇକଥା ଦୋହରାଇ କହିଲା-'ବାପା! ଆପଣଙ୍କଠୁ ମୋର ଯେତିକି ପଇସା ପାଇବା କଥା ସେତିକି ତ ମିଳିଯାଉଛି, ଫେର ମୁଁ କାହିଁକି ଆପଣଙ୍କ ଡିବାରୁ ପଇସା ବାହାର କରିବି ? ତା'ଙ୍କ ଧର୍ମପତ୍ନୀ ବି ବାରମ୍ବାର ସେଇ କଥାକୁ ଦୋହରାଇ କହୁଥିଲେ-'ତମମୁଣ୍ଡକୁ କଣ ଢୁକିଚି ଯେ ମୁଁଜାଣିବି ? ଦୁନିଆଯାକର ବ୍ୟାଙ୍କ କ'ଣ ବନ୍ଦ ହୋଇଯାଉଛି ? ତୁମେ ତ ଲାଲଡିବାରେ ପଇସା ପୂରେଇ ରଖୁଛ । ତୁମେ କେତେବେଳେ କେତେ ପଇସା ସେ ଲାଲଡିବାରେ ରଖୁଛ ମୁଁ କଣ ଦେଖୁଛି ? ତୁମେ ଯେବେ ଘରର ଯାବତୀୟ ଖର୍ଚ୍ଚ ଓ ମୋ ହାତଖର୍ଚ୍ଚ ପାଇଁ ପଇସା ଦେଉଛ ମୁଁ ଭଲା କାଇଁକି ତୁମ ପଇସା ନେବି ?'ଯାହା ବି ହେଉ, କିଛିଦିନ ପରେ ସାର୍‌ଙ୍କ ସଂଚିତ ପଇସାର ସଠିକ୍ ହିସାବନିକାସ ମିଳିଯାଇଥିଲା ଯାହାର ଆଲୋଚନା ପୃଥକ ଭାବେ ଅନ୍ୟ ଏକ ସ୍ଥାନରେ ଚାଲିଥିଲା । ଅସଲ କଥା ହେଉଚି ସେ ଜଣେଛାତ୍ରର ପଇସା ନିଜର ଅନ୍ୟ ଏକ ପକେଟରେ ରଖି ଭୁଲିଯାଇଥିଲେ। ଏହାର ସପ୍ତାହକ ପରେ ତାଙ୍କର ଏକଥା ମନେ ପଡିଗଲା ।

ଦିନେ ତାଙ୍କର ସେକଥା ତାଙ୍କୁ ବେଶ୍ ଭଲଭାବରେ ମନେ ପଡିଗଲା। ସେଦିନ ଥିଲା ମକର ସଂକ୍ରାନ୍ତି ପର୍ବ। ବଂଟି, ଚିଂଟୁ ଆଉ ମିଂଟୁ ମୋଟରସାଇକେଲ ଚଢି କୁଆଡେ ଯାଉଛନ୍ତି ହଠାତ୍ ସେମାନଙ୍କର ନଜର ଲାଖିଗଲା ରବିସାର୍‌ଙ୍କ ଉପରେ । ରବିସାର୍‌ଖୋଲା ପଡିଆରେ ଛିଡାହୋଇଥିଲେ । ତାଙ୍କ ପାଖରେ ଖାଦ୍ୟପେୟର ସବୁ ଚିଜ୍ ସଜେଇହୋଇ ରହିଥାଏ । ଟେବୁଲ ଉପର ଗୋଟେ କୋଣପଟେ ଚୁଡା, ଗୁଡ, ଖଇ ଓ ମିଠେଇ ବନ୍ଧାହୋଇ ଥୁଆହୋଇଥିଲା । ସେ ଖାଇବା ଟେବୁଲର ଆରପଟରେ କିଛି ଉଷ୍ମ କପଡା ଯଥା-ସୁଏଟର, ଶାଲ୍ ଇତ୍ୟାଦିର ଗଂଠିଲି ପଡିରହିଥିଲା । ଆଜି ମକର ସଂକ୍ରାନ୍ତି ହୋଇଥିବାରୁ ସେଠାରେ ଅନାଥ ଓ ଅସହାୟ ଲୋକଙ୍କୁ ଗୋଟେ ବହୁତ ଲମ୍ବାଧାଡିଲାଗିଥିଲା । ରବିସାର୍‌ଙ୍କୁ ସାହାଯ୍ୟ ସହାୟତାର ହାତ ପ୍ରସରିବା ପାଇଁ ସେଇ କଲୋନିର କିଛି ବାଳକ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ବଂଟିଟ୍ୟୁସନ ପଢିବାକୁ ଯିବାବେଳେ ସେମାନଙ୍କ ହାବୁଡରେ ପଡୁଥିଲା । ବିଚରା ଅସହାୟ ଓ ନିଃସ୍ୱଲୋକଙ୍କୁ

ସେ ଚୁଡା, ଗୁଡ, ମିଠେଇ ଓ ଖଇ ପ୍ୟାକେଟ୍ ବାଂଟୁଥାନ୍ତି । ଦୀନହୀନ ଓ ଗରିବ ଲୋକେ ରବିସାର୍‌ଙ୍କୁ ଆଶୀର୍ବାଦ ଦେଇ ଗୋଟେ ଲେଖାଁ କମ୍ବଳ ନେଇ ଯେଝା ଯେଝାର ଘରମୁହାଁ ହେଉଥିଲେ । ରବିସାର୍ ଜରୁରି ଆବଶ୍ୟକତା ମୁତାବକ କାହାକୁ ଶାଲ୍, କମ୍ବଳ ଓ ସୁଏଟର ବାଂଟୁଥିଲେ । ଯେତେବେଳେ ସବୁକିଛି ବଂଟାକୁଂଟା ସରିଗଲା ବଂଟି, ଚିଂଟୁ ଓ ମିଂଟୁ ରବିସାର୍‌ଙ୍କ ପାଖକୁ ଘୁଂଚିଆସିଲେ । ତା'ପରେ ବଂଟି ରବିସାର୍‌ଙ୍କୁ ପଚାରିଲା–'ସାର୍ ଆପଣ ! ଏସବୁ...ମୁଁ କିଛିବି ବୁଝିପାରୁନି ...ଆପଣଙ୍କୁ ତ ଆମେମାନେ ଗଣିତ ଓ ବିଜ୍ଞାନ ବିଷୟରେ ଭାରି କଡା ଶିକ୍ଷକ ରୂପେ ଜାଣିଥିଲୁ । ଆପଣଙ୍କର ଏ କି ରୂପ... ! ବଂଟି, ଚିଂଟୁ ଓ ମିଂଟୁ ରବିସାର୍‌ଙ୍କ ଏ ପ୍ରକାର ରୂପକୁ ଦେଖି ସତକୁ ସତ ଅବାକ୍ ହୋଇଗଲେ । ରବିସାର୍ ବଂଟି, ଚିଂଟୁ ଓ ମିଂଟୁକୁ କହିଲେ–'ପୁଅ ! ମୁଁ ଏଇ ସବୁକାମ ପ୍ରତିବର୍ଷ ମକର ସଂକ୍ରାନ୍ତି ଦିନ କରିଥାଏ । ଲାଲଡିବାର ରହସ୍ୟ ଭେଦବାବଦରେ ଜାଣିବାକୁ ତୁମମାନେ କେତେ ଉତ୍ସାହିତ ହେଉଥିଲ । ମୁଁ ବହୁଦିନ ଧରି ତୁମମାନଙ୍କୁ ଲକ୍ଷକରି ଆସୁଥିଲି । ହେଲେ ଭୟ ହେଉ କି ସଂକୋଚରେ, ତୁମେମାନେ ହୁଏତ ମତେ କିଛିବି ପଚାରିଲେ ମୁଁ ସବୁକଥା ସମୟ ଉପରେ ଛାଡି ଦେଉଥିଲି । ମୁଁ କେବେ ଚାହୁଁନଥିଲି ତୁମେମାନେ ଏ ନାଲିଡିବାର ରହସ୍ୟ ଜାଣିବାପାଇଁ । ଯାହା ହଉ, ଏବେ ତ ତୁମେ ସବୁ ଚିଜ୍ ନିଜ ଆଖି ଆଗରେ ନିରେଖି ଦେଖିପାରୁଛ । ମୁଁ ତୁମମାନଙ୍କୁ ନାଲିଡିବାର ରହସ୍ୟ କେବେ ବତେଇବାକୁ ଚାହୁଁ ନଥିଲି । ଆଜିକାଲି ତ ସୋସିଆଲ ମିଡିଆର ଯୁଗ । ତା'ଛଡା ଲୋକେ ନିଜ ଦାନ-ପୁଣ୍ୟର କିଛି ଛବି ସୋସିଆଲମିଡିଆରେ ଛାଡିବାର କୌଣସିବି ସୁଯୋଗ କରଛଡା କରିବାକୁ ଚାହାଁନ୍ତିନାହିଁ । ତେବେ ସେମାନଙ୍କୁ ହୁଏତ ଜଣା ନଥାଏ ଏମିତି କରିବା ଦ୍ୱାରା ସେମାନେ ଏକପ୍ରକାରେ ଅସ୍ୱଚ୍ଛଳ ତଥା ଅଭାବଗ୍ରସ୍ତ ଲୋକଙ୍କର ମଜା ଉଡାନ୍ତି । ଯାହାଫଳରେ ଏହି ନିର୍ବଳୁଆ ଓ ଦୀନହୀନ ଲୋକମାନେ ମାନସିକସ୍ତରରେ ପୀଡା-ଯନ୍ତ୍ରଣା ଭୋଗନ୍ତି । କେହି ଜଣେ ନିଃସ୍ୱ ତଥା ଅଶକ୍ତ ବ୍ୟକ୍ତି ଏହାର ଅନ୍ଦାଜ ଲଗେଇ ପାରେ । ଅନେକ ଥର ମୋର କିଛି ଶୁଭେଚ୍ଛୁ ମୋର ଫଟୋ ମଧ୍ୟ ଏମିତି ସୋସିଆଲମିଡିଆରେ ଛାଡିବାର ପ୍ରଚେଷ୍ଟା କରିଛନ୍ତି । ହେଲେ ମୁଁ ସେମାନଙ୍କୁ ରୋକ୍‌ଠୋକ୍ ମନାକରିଦେଲି । 'ଜାଣିଛ କାହିଁକି ?' କାରଣ ମତେ ଲୋକଦେଖାଣିଆ କାମ ଜମାରୁ ପସନ୍ଦ ଲାଗେନି । ଏହା ଛଡା, ମୁଁ ଭାବିଲି ତୁମେମାନେ ଦିନେ ନା ଦିନେ ନିଜେ ଏକଥା  ଜାଣିଯିବ । ଟ୍ୟୁସନ ପଢାରୁ ଯୋଉ ପଇସା ମତେ ମିଳୁଥିଲା ସେଥିରୁ କିଛି ପଇସା ପ୍ରତିମାସରେ ବଂଚାଇ ଏହି ଅଭାବଗ୍ରସ୍ତ ଓ ନିଃସ୍ୱଲୋକଙ୍କ ମଧ୍ୟରେ ବାଂଟିବାପାଇଁ ରଖିଦେଉଛି । ଏ ଦୁନିଆରେ କେହି କାହାର ବାବଦରେ କଣ ଚିନ୍ତାକରେ ? କିନ୍ତୁ ମୁଁ ସଦାବେଳେ ଏମିତି ଗରିବ ଗୁରୁବା, ନାଚାରଲୋକଙ୍କୁ ସହାୟତାର ହାତ ପ୍ରସରିବା ବିଷୟରେ ଭାବେ । ଯେମିତିକି ଏ ଅଭାବୀ ଲୋକଙ୍କୁ କିଛି ସାହାଯ୍ୟ ସହାୟତା କରିପାରିବି । ମୁଁ ସ୍ୱୀକାର କରୁଛି, ମୋର ପ୍ରୟାସ ଖୁବ୍ ଛୋଟକାଟର । ହେଲେ ବୁନ୍ଦାବୁନ୍ଦା ପାଣିରେ ସମୁଦ୍ର ଭରିହୋଇଯାଏ । ମୁଁ ସତକଥା ତୁମକୁ ଜଣେଇ ଦେଉଛି । ମୁଁ ନିଜସ୍ୱରରେ ଯେତିକି ଟାଣପଣ ଓ ଦମ୍ଭ ଅଛି ତାହାରି ହିସାବରେ ମୋର ଯେତିକି ତାକତ୍ ଓ ମୋର ପାଖରେ ସମ୍ବଳ ମହଜୁଦ୍ ଅଛି ସେଥିରେ ଏ ଗରିବ ଗୁରୁବା ଓ ଅନାଥମାନଙ୍କୁ ସହାୟତା କରିବାର ପ୍ରୟାସ ଜାରିରଖିଛି । ସତକଥା କହିବାକୁ ଗଲେ ସହାୟତା କରୁଥିବା ଲୋକଟି ମୁଁ ନୁହେଁ । ପ୍ରକୃତରେ ଏଇ ମହତ୍ କାମ ଈଶ୍ୱର ମୋ ଦ୍ୱାରା କରାଉଛନ୍ତି । ମୁଁ ଜାଣେ ଏହି ପୁଣ୍ୟକାମରୁ ମତେ ଏତେ ଖୁସୀ ସନ୍ତୋଷ ମିଳୁଛି  ଯାହାକି ଭାଷାରେ ବର୍ଣ୍ଣନା କରାଯାଇନପାରେ । ଆରେ ହଁ, ମତେ ଏହାର ପ୍ରେରଣା ବାପାଙ୍କଠୁ ମିଳିଥିଲା । ସେ ମଧ୍ୟ ଜଣେ ଶିକ୍ଷକ । ବଂଟି ଭାବୁଥିଲା ରବିସାର୍ ପ୍ରକୃତରେ କେଡେ ମହାନ୍ ! ଏକେ ତ ସେ ଅନୁଶାସନପ୍ରୀୟ, ତାଛଡା ଗଣିତ ବିଷୟରେ ମଧ୍ୟ କଡା ଶିକ୍ଷକ । ନଡିଆ ଉପରୁ ସିନା ଟାଣ ଭିତରେ ଖୁବ୍ ନରମ, ମୁଲାୟମ୍ ।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡିଶା ସରକାର, ଓସ୍କାରସିଟି,*
*ଲେନ୍‌ଂ ନଂ-୯, ପ୍ଲଟ ନଂ-୪୫୬,*
*ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର-୬*
*ଦୂରଭାଷ: ୯୪୩୮୩୩୨୧୩୮*



ଧାରାବାହିକ
ଉପନ୍ୟାସ

# ଶ୍ରୀ ଖାରବେଳ
## (ଖାରବେଳଙ୍କ କଳିଙ୍ଗ କାହାଣୀ)



ଡାକ୍ତର ଇନ୍ଦ୍ରମଣି ଜେନା, ଏମ୍.ଡି.

### କଳିଙ୍ଗନଗର ତୋରଣ ନିର୍ମାଣ

ତା ପରେ ନଗର ଅଖଣ୍ଡାଂଶ ଚତୁର୍ଦ୍ଦଶତମ ଧାଡିର ପ୍ରଥମ ପଦଟରେ ଉଲ୍ଲିଖିତ – "ତୁ ଜଠରଥଲ୍ଲଖିଲ ଗୋପୁରାଣି ସିହରାଣି ନିୟେସୟତି ସତ ବିସିକନଂ ପରିହାରେ ହି।। ଏହାର ବ୍ୟାଖ୍ୟା କରୁଛନ୍ତି। [ଦୁଇ ସହସ୍ର ମୁଦ୍ରା ବ୍ୟୟରେ ଦୁଇଟି ସ୍ତମ୍ଭ ଓ ଶକ୍ତ ତୋରଣ ନିର୍ମାଣ କରନ୍ତି।]

(ଚତୁର୍ଦ୍ଦଶ ଧାଡିର ଦ୍ୱିତୀୟାର୍ଦ୍ଧରେ ବର୍ଣ୍ଣିତ ନିଜର ମୂଲ୍ୟବାନ ହସ୍ତୀ ଓ ନୌବହର ହରାଇ ଅନେକ ଅଶ୍ୱ, ଗଜ ଓ ରତ୍ନଲାଭ ଏବଂ ମଣିମୁକ୍ତା ଓ ଲକ୍ଷ ଲକ୍ଷ ମୂଲ୍ୟବାନ ପଥର ସହିତ ପାଣ୍ଡ୍ୟ ନୃପତିଙ୍କ କଳିଙ୍ଗନଗରୀ ଆସିବାକୁ ଅନୁମତି ପ୍ରଦାନ ସଙ୍ଗତି ରକ୍ଷା ନିମନ୍ତେ ପୂର୍ବରୁ ଦାକ୍ଷିଣାତ୍ୟ ବିଜୟ ଅଧ୍ୟାୟରେ ଦର୍ଶାଯାଇ ସାରିଅଛି।)

ଖାରବେଳ ନିଜର ଦିଗବିଜୟ ସମାପ୍ତ କରିବା ବେଳକୁ ଭାରତବର୍ଷର ଅନେକାଂଶ ତାଙ୍କର ଶାସନାଧୀନ ଥିଲା। ସେ କଳିଙ୍ଗର ସମ୍ପୂର୍ଣ୍ଣ ଶାସନ ନିଜ ହାତରେ ରଖିଥିଲେ ମଧ କଳିଙ୍ଗର ଅଠରଟି ବିଦ୍ୟାଧର ରାଜ୍ୟ ବା ଅରଣ୍ୟାଞ୍ଚଳ ଶାସନ ବାହାରେ ଥିଲା ଏବଂ ସେମାନେ ବେଳେ ବେଳେ କଳିଙ୍ଗ ସହିତ ସହଯୋଗ କରୁ ନଥିଲେ। ସେମାନଙ୍କୁ ଆୟତ୍ତ କରିବାକୁ  ଖାରବେଳ ମନସ୍ଥ କରି ଶାସନକାଳ ମଧରେ ଶାସନାଧୀନ କରିପାରିଲେ, ସେମାନେ କଳିଙ୍ଗର ବନ୍ୟଜାତ ପଦାର୍ଥ, ହୀରା ଏବଂ ମୂଲ୍ୟବାନ ରତ୍ନ ସୁବର୍ଣ୍ଣଦ୍ୱୀପକୁ ରପ୍ତାନି ନିମିତ୍ତ  କଳିଙ୍ଗ ପୋତ ଭରିବାର ସାମର୍ଥ୍ୟ ରଖିଥିଲେ।

ଏବେ ଦିଗ୍‌ବିଜୟ ପରେ ଖାରବେଳ ନିଜ ପ୍ରଶାସନକୁ ଲୋକାଭିମୁଖୀ କରିବା ପାଇଁ ନିଜ ସାମର୍ଥ୍ୟ ପରିକଳ୍ପନା କରିବାକୁ ସ୍ଥିର କଲେ। କଳିଙ୍ଗ ଭାରତବର୍ଷରେ ସବୁଠାରୁ ଉନ୍ନତ, ଧନଶାଳୀ, ଉତ୍ତମ ଆୟକାରୀ ରାଜ୍ୟ ଭାବରେ ସେ ଦେଖିବାକୁ ଚାହିଲେ ଏଠାରେ ଲୋକମାନଙ୍କର ରାଜ୍ୟ ପ୍ରଶାସନ ଏବଂ କଲ୍ୟାଣକର କାର୍ଯ୍ୟର କେତେ ଉପଯୋଗ କରୁଛନ୍ତି।

ବାସ୍ତବରେ ଗୋଟିଏ ଯୁଗ ଅର୍ଥାତ ବାରବର୍ଷ ରାଜ୍ୟର ସାମରିକ ଶକ୍ତିର ଉଦ୍ଭବ କରାଇ ସୁଦୂର ଉତ୍ତରପଥ, ଦକ୍ଷିଣପଥ ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକୁ ଅଭିଜାନ କରିବା ସାଧାରଣ କଥା ନୁହେଁ। ଖାରବେଳ ହେଉଛନ୍ତି ବହୁବିଧ ବିଦ୍ୟା ଏବଂ ଶାସ୍ତ୍ରରେ ଜଣେ ଉଚ୍ଚ ପ୍ରଶିକ୍ଷିତ ରାଜା। ବାଲ୍ୟତ କାଳରେ ତାଙ୍କର ପିତାମହ ତଥା ପରିବାର ତାଙ୍କୁ କିପରି ମଗଧ ବିଜୟ କରିପାରିବ, ସେହି ଲକ୍ଷ୍ୟରେ ସମସ୍ତ ଶିକ୍ଷାର ବ୍ୟବସ୍ଥା କରିଥିଲେ।

ତାଙ୍କର ଜଣେ ଆଚାର୍ଯ୍ୟ ରାଜା ହିସାବରେ ଶାସନ, ପ୍ରଶାସନ ଏବଂ ଅନୁଶାସନର ଶିକ୍ଷା ବ୍ୟବସ୍ଥା କରିଥିଲେ। ତାଙ୍କର ରାଜତନ୍ତ୍ର ଶିକ୍ଷାଗୁରୁ କାଶୀ ଏବଂ ଗୋଦାବରୀ ତୀର ସାରଭଙ୍ଗା ଆଶ୍ରମରୁ ଶିକ୍ଷାଲାଭ କରିଥିଲେ। ସେ ଭାରତର ପ୍ରମୁଖ ରାଜ୍ୟମାନଙ୍କରେ ପ୍ରଚଳିତ ଥିବା ଚାଣକ୍ୟଙ୍କର ଅର୍ଥଶାସ୍ତ୍ରର ଉପଯୋଗୀ ନୀତିଗୁଡିକ ତନ୍ନତନ୍ନ କରି ଖାରବେଳଙ୍କୁ ପଢ଼ାଇଥିଲେ।

ଅନେକ ପ୍ରୟୋଗାତ୍ମକ ଉଦାହରଣ ଏହି କଳିଙ୍ଗର ମୌର୍ଯ୍ୟାଧୀନ କୈନ୍ଦ୍ରାଭିମୁଖୀ ପ୍ରଶାସନ ଏବଂ କଳିଙ୍ଗ ପାଇଁ ପ୍ରଯୁଜ୍ୟ କଲ୍ୟାଣକର ଲୋକାଭିମୁଖୀ ଶାସନ ବ୍ୟବସ୍ଥା ସମ୍ପର୍କରେ ନିର୍ଯ୍ୟାସ ଖାରବେଳଙ୍କର ମନରେ ଜାତ ହୋଇଥିଲା।

ଖାରବେଳ ନିଜର ପ୍ରଶାସନିକ ପଦ୍ଧତି ଚାଣକ୍ୟଙ୍କ ପ୍ରଦତ୍ତ ଅର୍ଥଶାସ୍ତ୍ରର ଷଷ୍ଠ ଏବଂ ସପ୍ତମ ଅଧିକରଣ ଗୁଡ଼ିକ ଦ୍ୱାରା ନିର୍ଦ୍ଧାରିତ ହୋଇଥିଲା। ରାଜ୍ୟର ସାତଗୋଟି ଉପାଦାନ ବା ପ୍ରକୃତି ସବୁସମୟରେ ଗୁରୁତ୍ୱ ଲାଭ କରୁଥିଲା ଯଥା – ରାଜା, ମନ୍ତ୍ରୀ, ରାଜ୍ୟ, ଦୁର୍ଗ, ରାଜକୋଷ, ସାମରିକ ଅନୁଷ୍ଠାନ ଏବଂ ମିତ୍ରରାଜ୍ୟ। ରାଜନୀତିରେ ଛଅ ଗୋଟି ପଦ୍ଧତି ଅଛି ଯଥା– ଶାନ୍ତି, ଯୁଦ୍ଧ, ନିରପେକ୍ଷ, ସମରସଜ୍ଜା, ସମ୍ମିଳନ ଏବଂ ଅବୈଧିଭାବ ବା ଦୈତ ସୂତ୍ର। ଖାରବେଳ ସବୁଗୁଡିକ ତନ୍ନତନ୍ନ କରି ଶିକ୍ଷାଲାଭ କରିଥଲେ, ସତ ମାତ୍ର ତାଙ୍କ ଶିକ୍ଷାଗୁରୁ ଏବଂ ନିଜର ସନ୍ନିକଟ ସହାୟକ ପଦମୂଳିକାକୁ ଏ ସବୁ ବିଷୟରେ ସଂସୟମୁକ୍ତ ହେବାର ପ୍ରୟାସ ଜାରି ରଖିଥିଲେ। ସେ ନିଜେ ଆଗ୍ରହୀ ଥିଲେ ରାଜ୍ୟରେ ରାଜାର ଦାୟିତ୍ୱ ଏବଂ କର୍ତ୍ତବ୍ୟର ପରିସୀମା ବିଷୟରେ ଟିକିନିକି ଜାଣିବାକୁ। ସେ ନିଜେ ରାଜନୀତି, କୂଟନୀତି, ଶାନ୍ତି ବା ଦଣ୍ଡ-ସନ୍ଧି-ସମାମୟ ବିଷୟରେ ଧୈର୍ଯ୍ୟ ଓ ମାନବିକତା ଧାରାରେ ପ୍ରୟୋଗ କରୁଥିଲେ। ଏହା ତ ତାଙ୍କର

ବୈଦେଶିକ ନୀତି, ନିଜ ରାଜ୍ୟର ଆଭ୍ୟନ୍ତରୀଣ ନୀତି ନିୟମ ରାଜ୍ୟର ଶାନ୍ତି ଓ ପ୍ରଗତି ଦିଗରେ ଅଗ୍ରଗତି କରୁଥିଲା। ରାଜ୍ୟକୁ ବାହ୍ୟ ଆକ୍ରମଣ ମୁକ୍ତ କରି ଏବଂ ବିଦେଶୀ ତଥା ଦେଶୀ ଆତଙ୍କ ଦମନ କରି ସେ ପ୍ରଗତିର ପଥ ଉନ୍ମୁକ୍ତ କରିଥିଲେ।

ଅର୍ଥଶାସ୍ତ୍ର ସମ୍ମତ ରାଜାଙ୍କର ଦୈନନ୍ଦିନ ଜୀବନଚର୍ଯ୍ୟା ତାଙ୍କ କର୍ମମୟ ଜୀବନଧାରା ପାଇଁ ଅନୁକୂଳ ମନେହୁଏନି। ଚାଣକ୍ୟଙ୍କ ଭାଷାରେ ରାଜା ନିଜେ ବ୍ୟକ୍ତିଗତ ଭାବରେ ଦେବତା, ନାସ୍ତିକ ତଥା ଧର୍ମବିରୋଧୀ ଜାତି, ଶିକ୍ଷିତ ବ୍ରାହ୍ମଣ ସମାଜ, ଗୋସମ୍ପଦ, ଧର୍ମକ୍ଷେତ୍ର, ସାଧୁସନ୍ଥ ଏବଂ ଯୋଗୀମାନଙ୍କୁ ଭେଟି ସେମାନଙ୍କର ସମସ୍ୟା ସମାଧାନ କରିବେ। ଅପରାହ୍ଣରେ ନୃପତି ପୁରାଣ, ଇତିବୃତ୍ତମ୍ ବା ଇତିହାସ, ଆଖ୍ୟାୟିକା, ଧର୍ମଶାସ୍ତ୍ର କିମ୍ବା ଅର୍ଥଶାସ୍ତ୍ର ପଠନ ବା ଶ୍ରବଣ କରିବେ। ରାତିରେ ସେ ଗୁପ୍ତଚରମାନଙ୍କ ସହିତ ବ୍ୟସ୍ତ ରହି ରାଜ୍ୟଭିତର ବାହାର ପରିସ୍ଥିତି ଅନୁଧ୍ୟାନ କରି ବିହିତ ବ୍ୟବସ୍ଥା କରିବେ, ରାଜ୍ୟ ଜୟ କରିବାର ନିଷ୍ପତ୍ତି ନେବେ। ଚାଣକ୍ୟଙ୍କର ଏହି କଠୋର କାର୍ଯ୍ୟନିର୍ଘଣ୍ଟ କ୍ୱଚିତ୍ ରାଜାଙ୍କ ପକ୍ଷରେ ସମ୍ଭବ, ମାତ୍ର ଖାରବେଳ ଏହା ଜାଣିଥିଲେ ଏବଂ ସମୟ-ସାମର୍ଥ୍ୟ ନେଇ ପାଳନ କରୁଥିଲେ।

ଖାରବେଳଙ୍କ ଶାସନରେ କେତେକ କର୍ମଚାରୀଙ୍କ ବିବରଣୀ ହେଲା, କଳିଙ୍ଗରେ ମହାସେନାନୀ (ସେନାଧକ୍ଷ), ସେନାପତି (ସାମରିକ ମୁଖ୍ୟ, ସେନାନାୟକ), ନଗରରକ୍ଷୀ (ନଗରର ନିରାପତ୍ତା ଅଧିକାରୀ), ପ୍ରତିହାର (ଦ୍ୱାରପାଳ), ଗଣକ (ହିସାବ ରକ୍ଷକ), ଭଣ୍ଡଗାରିକା (କୋଷାଧ୍ୟକ୍ଷ), ହଥରୋହ (ଗଜାରୋହୀ), ଅଶ୍ୱାରୋହ (ଅଶ୍ୱାରୋହୀ), ପଦମୂଳିକା (ରାଜ-ସହକାରୀ), ରଥିକ (ରଥ-ତତ୍ତ୍ୱାବଧାରକ), ମହାନାସିକ (ରୋଷେଇ ମୁଖ୍ୟ), ଧାବକ (ବାର୍ତ୍ତାବହ), ଲେହହାରକ (ପତ୍ରବାହକ) ଏବଂ କୁଳପୁତ୍ରକ (ଉଚ୍ଚପଦସ୍ଥ ପ୍ରଜା) ଆଦି ପଦବୀ ରହିଥିଲା।

ମୌର୍ଯ୍ୟଶାସନର ମହାମାତ୍ର ବା ମୁଖ୍ୟମନ୍ତ୍ରୀ ଖାରବେଳଙ୍କର ମହମାଦ୍ ଶାସନରେ ବହୁ ଉଚ୍ଚ ସ୍ଥାନର ବୋଲି ପରିଗଣିତ। ସେ ରାଜ୍ୟଶାସନର ଅନେକ ବିଷୟରେ ଦକ୍ଷ। ଖାରବେଳଙ୍କର ଦିଗ୍‌ବିଜୟ ନେଇ ଦୀର୍ଘ ଅନୁପସ୍ଥିତିରେ ମହମାଦ (ଖାରବେଳଙ୍କର ମହାମାଦ୍‌ଙ୍କ ନାମ ଥିଲା ନାକିୟା) ଆଉ ନଗର ଅଖଣ୍ଡାଂଶ ହେଉଛନ୍ତି, ରାଜ୍ୟର ମୁଖ୍ୟ ବିଚାରପତି, ଆଜିକା ଦିନରେ ମୁଁ ହାତୀଗୁମ୍ଫା ଶିଳାଲିପିର ପ୍ରଥମ ବ୍ୟାଖ୍ୟାକାରୀ ଏବଂ ମୋ ନାମ ଭୂତି। ଆମେ ପ୍ରତ୍ୟେକ ପ୍ରଶାସକ କଳିଙ୍ଗାଧିପତିଙ୍କ ପାଖରେ ଶପଥ ଗ୍ରହଣ କରିଛୁ, ଶୟନେ ସପନେ ଜାଗରଣେ ନିଜକୁ କଳିଙ୍ଗ ନିମନ୍ତେ ସମର୍ପଣ କରିଦେଇଛୁ।

କଳିଙ୍ଗରେ ଉଚ୍ଚଶ୍ରେଣୀର ମନ୍ତ୍ରୀମାନଙ୍କୁ ଏବଂ ରାଜ୍ୟର ଅନେକ ସାମନ୍ତରାଜା ଓ ପ୍ରତିପତ୍ତିଶୀଳ ରାଜନୈତିକ ଲୋକମାନଙ୍କୁ ନେଇ ମନ୍ତ୍ରୀପରିଷଦ ରାଜ୍ୟଶାସନରେ ଅଦ୍ୱିତୀୟ ଭୂମିକା ଗ୍ରହଣ କରେ। ଏହା କଳିଙ୍ଗ ନିମନ୍ତେ କାଳକାଳକୁ ରହିଛି। ସ୍ୱୟଂ ଖାରବେଳ ବାଲ୍ୟ କାଳରୁ ପିତୃହରା ହୋଇଥିଲେ। ତାଙ୍କର ପିତା ସନ୍ୟାସ ଗ୍ରହଣ କରି ରାଜଗାଦିତ୍ୟାଗ କରିବାରୁ କଳିଙ୍ଗଶାସନ ମାତା ଏବଂ ମନ୍ତ୍ରୀପରିଷଦ ହାତରେ ରହିଥିଲା। ଏହାକୁ ନେଇ ଅନେକ ଐତିହାସିକ କଳିଙ୍ଗରେ ଗଣତନ୍ତ୍ର ଶାସନ ଚାଲିଛି ବୋଲି କହନ୍ତି। ଶୁଣାଯାଏ, କଳିଙ୍ଗଯୁଦ୍ଧ ସମୟରେ କଳିଙ୍ଗର ରାଜାଙ୍କର ନାମ ଜଣାପଡ଼େନି। ତାଙ୍କ ଅନୁପସ୍ଥିତିରେ କଳିଙ୍ଗଯୁଦ୍ଧ ବି ପରିଚାଳିତ ହୋଇଛି। ସତରେ କଅଣ କଳିଙ୍ଗ ଗଣତନ୍ତ୍ରାଧୀନ ହୋଇ ଯୁଦ୍ଧ ପରିଚାଳନା କରୁଥିଲା ?

ନିଶ୍ଚୟ କଳିଙ୍ଗର ରାଜା ଜଣେ ଧାର୍ମିକ ଜୈନ ରାଜର୍ଷି ଥିବେ, କଳିଙ୍ଗବାସୀ ତାଙ୍କୁ ମଗଧରାଜଙ୍କ ଅପ୍ରତ୍ୟାସିତ ଆକ୍ରମଣରୁ ରକ୍ଷା କରିବାକୁ ନିଶ୍ଚୟ ନିରାପତ୍ତା ବିଶିଷ୍ଟ ଆଟାଭି ଭୂମି ଅସୁରଗଡ଼ ବା ସନ୍ନିକଟ କୌଣସି ସ୍ଥାନରେ ସପରିବାରେ ବଞ୍ଚାଇ ରଖିଥିବେ ଯାହା ଆଜି ଜାଣିବାକୁ କଷ୍ଟସାଧ୍ୟ ହେଉଛି। କଳିଙ୍ଗଯୁଦ୍ଧ ସମୟକୁ ଏହି ଅସୁରଗଡ ରାଜ୍ୟ ଆଟାଭି ଭୂମି ଭାବରେ ଶ୍ରେଷ୍ଠ ଏବଂ ଶକ୍ତିଶାଳୀ ଥିଲା, ଏହାର ହଜାର ହଜାର ସୈନ୍ୟ ଏବଂ ଧନୁର୍ଦ୍ଧର ସୈନିକ କଳିଙ୍ଗ ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ। ସେହି ଆଟାଭିଭୂମିର ମୂଲ୍ୟବାନ ହୀରା, ନୀଳା ଓ ବୈଦୂର୍ଯ୍ୟମଣିକୁ ନେଇ ମୌର୍ଯ୍ୟ-କଳିଙ୍ଗ ମଧ୍ୟରେ ସମର ଘଟିଥିଲା। ଅସୁରଗଡ଼ ସଭ୍ୟତା କଳିଙ୍ଗର ଉପକୂଳ ଏବଂ କଳିଙ୍ଗନଗରୀ ଅପେକ୍ଷା ଅର୍ଦ୍ଧ ସହସ୍ର ବର୍ଷର ପୁରାତନ ସଭ୍ୟତା ଏବଂ ସେମାନଙ୍କର ମଥୁରା, କାଶୀ ଏବଂ କୌଶମ୍ବୀ ସହିତ ବାଣିଜ୍ୟିକ ସମ୍ପର୍କ ରହିଥିଲା ଏବଂ ଇବ୍ ଅବବାହିକାର ହୀରକ କ୍ଷେତ୍ରକୁ ମୌର୍ଯ୍ୟ ଅଟାଭି ଆମାତ୍ୟମାନେ ନିଜର ବୋଲି ବିନାକାରଣରେ ତୃତୀୟ ମୌର୍ଯ୍ୟସମ୍ରାଟ ପିୟଦଶୀ ଅଶୋକଙ୍କୁ ଭ୍ରାନ୍ତଧାରଣା ଦେଇଥିଲେ। ଏଇଟା ଦୁଇଶତରୁ ଊର୍ଦ୍ଧ୍ୱ ବର୍ଷ ପୂର୍ବର ଘଟଣା।

ନିଜେ ବ୍ୟାଖ୍ୟାକାରୀ ନଗର ଅଖଣ୍ଡାଂଶ ଭୂତି କହନ୍ତି, ଧଉଳି ପାହାଡରେ ପିୟଦଶୀ ଅଶୋକଙ୍କ କଳିଙ୍ଗ ଅନୁଶାସନରେ ଏଠାରେ ତୋଷାଳି ନ୍ୟାୟପାଳକ ନଗଲ ବିୟୋହାଳକ ହିଁ ଆଜିର ମୋ ନଗର ଅଖଣ୍ଡାଂଶ ପଦବୀ। ଏହା ଅର୍ଥଶାସ୍ତ୍ର ସମ୍ମତ ନାଗରିକ ମହାମାତ୍ର ବା ପାଲିଭାଷାର ଭୋହାରିକ ମହାମାତ୍ର ସହ ସମକକ୍ଷ।

ରାଜ୍ୟର ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳ ଶାସନ ରାଜ୍ୟକୁ ମଣ୍ଡଳ ଏବଂ ଜିଲ୍ଲା ବା ରାଷ୍ଟ୍ର ଏବଂ ବିଷୟରେ ବିଭାଜିତ କରିଥିଲା। ଏହାର ଅଧିକାରୀ ମାନେ କେବଳ ରାଜସ୍ୱ ଆଦାୟରେ ଲିପ୍ତ ନଥିଲେ, ଏମାନେ ବି ଖାରବେଳଙ୍କର ଅନେକ ଥର ଭୂକର-ଛାଡ୍ ବ୍ୟବସ୍ଥାର କାର୍ଯ୍ୟକାରିତା ଏବଂ ବିବିଧ ବଣ୍ଟନକାର୍ଯ୍ୟକ୍ରମର ସୂତ୍ରଧର ଅଟନ୍ତି।

କଳିଙ୍ଗ ପରିସୀମା ବାହାର କଳିଙ୍ଗସାମ୍ରାଜ୍ୟର ଶାସନ ସାତ୍ରାପ୍ ବା ପ୍ରଶାସକମାନଙ୍କ କର୍ତ୍ତୃକ କରାଯାଇ ରାଜସ୍ୱ ଆଦାୟ ବା କଲ୍ୟାଣକର କାର୍ଯ୍ୟ ସମ୍ପାଦିତ ହେଉଛି।

ସେହିପରି କଳିଙ୍ଗରେ ଖାରବେଳ ଲିପିକାର ବୋଲି ଗୋଟିଏ ପଦବୀକୁ ଗୁରୁତ୍ୱ ଦେଇ କଳିଙ୍ଗରେ ଲେଖନ, ଶିଳାଲିପିକରଣ ଏବଂ ଶିଳାଶିଳ୍ପ ବିଭାଗ ଦାୟିତ୍ୱ ଦେଇଥିଲେ। ଏହି ବିଭାଗର ସୁଦୂରବିସ୍ତାରୀ ଲକ୍ଷ୍ୟ ଫଳରେ କଳିଙ୍ଗର ଶିଳାଶିଳ୍ପର ପ୍ରଭୂତ ଉନ୍ନତି ଘଟିଥିଲା ଯାହାକି କଳିଙ୍ଗକୁ କାଳକାଳକୁ ଅମର କରି ରଖିବ।

ରାଜ୍ୟର କଲ୍ୟାଣକର କାର୍ଯ୍ୟକ୍ରମ ଭିତରେ ମନ୍ଦିର ନିର୍ମାଣ ଓ ମରାମତି, ବିଶ୍ରାମଗୃହ ବ୍ୟବସ୍ଥା, ଜଳ ବ୍ୟବସ୍ଥା, ଉଦ୍ୟାନ ପ୍ରତିଷ୍ଠା ଆଦି ରାଜ୍ୟସାରା ପ୍ରସାରିତ ହୋଇଛି।

ରାଜ୍ୟର ଆର୍ଥିକ ବ୍ୟବସ୍ଥା ସ୍ୱଚ୍ଛଳ ରହିଛି। ରାଜ୍ୟ ଅର୍ଥନୀତିର ମେରୁଦଣ୍ଡ କୃଷି ବ୍ୟବସ୍ଥା ଉପରେ ଖାରବେଳଙ୍କ ଦୂରଦୃଷ୍ଟି ସମ୍ମାନୀୟ। ସେ ଜଳସେଚନ ଉପରେ ଗୁରୁତ୍ୱ ଦେଇଛନ୍ତି, ନଦୀଜଳକୁ ନାଳରେ ପ୍ରବାହିତ କରି ବହୁ ଜଳସେଚିତ ଅଞ୍ଚଳ ସୃଷ୍ଟିକରିଛନ୍ତି। ତାଙ୍କର ବୃକ୍ଷପୂଜା ଉପରେ ଧାନ ରାଜ୍ୟର ଫଳମୂଳ ଚାଷବ୍ୟବସ୍ଥାର ଉନ୍ନତି ଘଟାଇଛି। ରାଜ୍ୟର କପା ଏବଂ ସୂକ୍ଷ୍ମବସ୍ତ୍ର ଉତ୍ପାଦନ କେବଳ ରାଜ୍ୟର ଚାହିଦା ମେଣ୍ଟାଇନି, ବରଂ ଏହା ରପ୍ତାନି ବସ୍ତୁ ମଧ୍ୟରେ ପ୍ରଧାନ ସ୍ଥାନ ଅଧିକାର କରିଛି।

ରାଜ୍ୟରେ ତମ୍ବା ଓ ବ୍ରୋଞ୍ଜର ଧାତବ କାରଖାନା, ଚିଲିକାର ଜାହାଜ ତିଆରି କାରଖାନା, ଶିଳାଶିଳ୍ପ ଏବଂ ଗୃହବ୍ୟବହୃତ ପଦାର୍ଥ ତିଆରି ପ୍ରସ୍ତର ଓ କାଠ କାରଖାନା ରାଜ୍ୟର ନିଜସ୍ୱ ଆବଶ୍ୟକତା ମେଣ୍ଟାଇ ରପ୍ତାନିର ରାସ୍ତା ସୃଷ୍ଟି କରିଥିଲେ।

ରାଜ୍ୟର ବଣିଜ ବ୍ୟବସାୟ ଲୋଭନୀୟ। ନୌବାଣିଜ୍ୟ ମଧ୍ୟ ଉତ୍ତମ ସ୍ଥିତିରେ। ରାଜ୍ୟର ପ୍ରମୁଖ ବନ୍ଦର ହେଉଛି ତାମ୍ରଲିପି, ଦନ୍ତପୁରା, ପାଲୁରା, ପିଥୁଣ୍ଡା କେବଳ ଦେଶୀୟ ବନ୍ଦର ନୁହନ୍ତି, ଏଗୁଡିକ ପ୍ରତିଷ୍ଠିତ ଆନ୍ତର୍ଜାତୀୟ ବନ୍ଦର। ରାଜ୍ୟ କପା, କାର୍ପାସ ରେଶମବସ୍ତ୍ର, ହାତୀଦନ୍ତ, ବନ୍ୟଜାତ, କୁଟୀରଶିଳ୍ପଜାତ ଏବଂ ଶିଳାଶିଳ୍ପ-ଉଦ୍ଭବ ପଦାର୍ଥ ରପ୍ତାନି କରନ୍ତି ଏବଂ ମସଲା, ଲବଙ୍ଗ, ସୁନା ରୁପା ତମ୍ବା ଆଦି ଆମଦାନି କରନ୍ତି। କୃଷିଜାତ ଦ୍ରବ୍ୟ ମଧ୍ୟରେ ଧାନ, ଚାଉଳ, ଗୁଡ଼ ବି ପର୍ଯ୍ୟାପ୍ତ ପରିମାଣରେ ରପ୍ତାନି ହୁଏ।

ଏହି ଅବକାଶରେ କଳିଙ୍ଗାଧିପତି ଖାରବେଳ ନିଜେ ରାଜଧାନୀ କଳିଙ୍ଗନଗରୀର ଆକର୍ଷଣ ବଢାଇବା ପାଇଁ ତୋଷାଳି ଆଡକୁ ମୁହଁ କରିଥିବା ପଶ୍ଚିମ ଦ୍ୱାରରେ ଗୋଟିଏ ସୁଦୃଶ୍ୟ ତୋରଣ ନିର୍ମାଣ କରନ୍ତି। ଏହା ରାଜଧାନୀର ଶୋଭା ବୃଦ୍ଧି କରିବ।

ସେ ଏହି ସୁନ୍ଦର ତୋରଣ ନିର୍ମାଣ କରିବାକୁ ତାଙ୍କ ଭଣ୍ଡଗାରକ ଏବଂ ଗଣକଙ୍କୁ ଡକାଇ ତାଙ୍କ ଶାସନକାଳର ଅଧିକ ବ୍ୟୟର ବିବରଣୀ ଶୁଣିଥିଲେ। ଆଜି ବି ତୋଷାଳି ଦିଗକୁ ତୋରଣ ଓ ଫାଟକ ନିର୍ମାଣ ପାଇଁ କିଛିଟା ବ୍ୟୟ କରିବାକୁ ହେବ।

ଗଣକ ନିଜର ହିସାବନିକାଶ ତାଳପତ୍ର ଦଲିଲ ଦେଖି କହୁଛନ୍ତି - ମହାମହିମ! ମୁଁ ଆପଣଙ୍କୁ ଆଜି ଶାସନର ବାରବର୍ଷ ପରେ ହିଁ ହିସାବ ଦର୍ଶାଉଛି, ଆପଣ କେବେ ଆୟ ବ୍ୟୟ ତନଖିବାର ସମୟ ହିଁ ପଆନ୍ତିନାହିଁ। ବାରବର୍ଷ ତଳେ ଆପଣଙ୍କର ଅଭିଷେକ ହେବା ପରେ ପ୍ରଥମବର୍ଷରେ ପ୍ରଚଣ୍ଡ ବାତ୍ୟାବିଧ୍ୱସ୍ତ କଳିଙ୍ଗନଗରୀ ଫାଟକ ଓ ଦୁର୍ଗର ମରାମତି କରାଯାଇଛି, ପ୍ରଜାରଞ୍ଜନ ପାଇଁ ଥଣ୍ଡାଜଳର ତଡାଗ ବା ପୁଷ୍କରିଣୀ ଖୋଦନ ଓ ତାହାର ପାହାଚ ଗଢ଼େଇ, ଅନେକ ଗୁଡିଏ ପକ୍ଷ ଉଦ୍ୟାନ ପ୍ରତିଷ୍ଠା କରିବା ପାଇ ରାଜକୋଷରୁ ବ୍ୟୟ ପଞ୍ଚତିରିଶ ଲକ୍ଷ ମୁଦ୍ରା। ଏହା ରାଜ୍ୟ ରାଜସ୍ୱରୁ ଭରଣା କରାଯାଇଛି। ଦ୍ୱିତୀୟ ବର୍ଷ ଅସିକନଗର ବିଜୟ ନିମନ୍ତେ କିଛିଟା ସାମରିକ ଖର୍ଚ୍ଚ ସହିତ କଳିଙ୍ଗର ସାଂସ୍କୃତିକ ଉତ୍ସବ ପାଇଁ ବି ସାମାନ୍ୟ ଖର୍ଚ୍ଚ ରାଜସ୍ୱରୁ। କିନ୍ତୁ ଆମର ଚତୁର୍ଥବର୍ଷରେ ରାଷ୍ଟ୍ରିକ, ଭୋଜିକ ଏବଂ ସାତବାହନ ରାଜ୍ୟଗୁଡ଼ିକରୁ ବିଜୟଲବ୍ଧ ଅର୍ଥ ଅମାପ, ଅଗଣିତ ଭାବରେ ରାଜକୋଷର ସ୍ୱତନ୍ତ୍ର ସମ୍ପତ୍ତି ଭାବରେ ସଂରକ୍ଷିତ, ନିୟମ ଦୃଷ୍ଟିରୁ ଯୁଦ୍ଧଲବ୍ଧ ସମ୍ପଦ ଗୁପ୍ତ ଆଉ ପ୍ରକାଶଯୋଗ୍ୟ ନୁହେଁ।

ଏ ମଧ୍ୟରେ କଳିଙ୍ଗ ବହୁ ବର୍ଷର ରାଜସ୍ୱ ଜମେଇଛି, ଅବଶ୍ୟ କେଇଟା ବର୍ଷ ଦୟାପରବଶ ହୋଇ ଖଜଣା ଛାଡ଼ କରିଛନ୍ତି କି ବିଜୟଲାଭର ଲବ୍ଧ ଧନକୁ ପ୍ରଜାମାନଙ୍କୁ ଭେଟି ଦେଇଛନ୍ତି, ଯାହାର ଉଦାହରଣ ବିରଳ ଏବଂ ଆପଣଙ୍କ ଦୟାଶୀଳତାର ପ୍ରମାଣ ହୋଇ ରହିବ। ରାଜସ୍ୱଲବ୍ଧ ଅର୍ଥରେ ମହାମହିମ ଜଳସେଚନରେ ଖର୍ଚ୍ଚ କରିଛନ୍ତି, ତ୍ରିଶୂଳିଆରେ ପୋତି ହୋଇଯାଉଥିବା ପ୍ରାଚୀ ନଦୀର ଜଳପ୍ରବାହ ବୃଦ୍ଧି କରି ରାଜ୍ୟର କୃଷିର ବିକାଶ କରିଛନ୍ତି। ଏହା ତିନିଶହ ବର୍ଷକାଳ ଆଗରୁ ନନ୍ଦରାଜ ଶୁଭ ଦେଇଥିଲେ ବି ତାହା ଅପୂରଣ ହୋଇ ପଡିଥିଲା।

ବର୍ଷକୁ ବର୍ଷ ବିଜିତ ରାଜ୍ୟଗୁଡିକରୁ ଲବ୍ଧ ଧନସମ୍ପଦରେ କଳିଙ୍ଗର ରାଜକୋଷରେ ସ୍ଥାନାଭାବ ଘଟିଛି। ଷଷ୍ଠ ବର୍ଷରେ ରାଜ୍ୟର ସମ୍ପଦଭରା ରାଜକୋଷ ପରିପୂର୍ଣ୍ଣ ବୋଲି ମହାମହିମ ପ୍ରକାଶ କରନ୍ତି କଳିଙ୍ଗ ରାଜକୋଷ ସମ୍ପଦଭରା, ସେହି ଭାରସାମ୍ୟରେ କଳିଙ୍ଗବାସୀ ଆନନ୍ଦରେ ନୃତ୍ୟରତ, ତୌର୍ଯ୍ୟତ୍ରିକର ଲହରିରେ ମଗ୍ନ।

ତା ପରେ ମଥୁରାବିଜୟର ଲବ୍ଧ ଅର୍ଥ ଅଗଣିତ ଏବଂ ଅପ୍ରକାଶିତ। ପ୍ରଚୁର ଅର୍ଥ ପରାଜିତ ଡିମିତ୍ରିୟସ୍ ଏବଂ ମଥୁରା ରାଜକୋଷରୁ ପ୍ରାପ୍ତ ହେଲା, କଳିଙ୍ଗର ଘରେ ଘରେ ବଣ୍ଟନ କରିବା ପରେ ବି ପର୍ଯ୍ୟାପ୍ତ ପରିମାଣ ଗୁପ୍ତ ରାଜକୋଷରେ ମହଜୁଦ ଅଛି। ଗୋପନ କଥା କହିବାକୁ ପଡୁଛି, ଆମର ରାଜକୋଷରେ ସ୍ଥାନାଭାବ ଘଟିଛି, ଆମର ପାଞ୍ଚଗୁଣ ଅଧିକ ଆୟତନର ନୂତନ ରାଜକୋଷ ନିର୍ମାଣ ସରିଯାଇଛି। ତେଣୁ ମଥୁରା ବିଜୟ ପରେ କଳିଙ୍ଗନଗରୀ ସଂଲଗ୍ନ ବିଜୟ ପ୍ରାସାଦ ନିର୍ମାଣ ପାଇଁ ଖର୍ଚ୍ଚ ଅଠତିରିଶ ଲକ୍ଷ ଛିଦ୍ରିତ ରୌପ୍ୟ ମୁଦ୍ରା ଆୟ ସମୁଦ୍ରର ଶଙ୍ଖେ।

ଆହୁରି ଆଜି ସମ୍ପଦ ଭଣ୍ଡାର ଭିତରେ ମହାମହିମ କଅଣ ଚିନ୍ତା କରୁଛନ୍ତି ପ୍ରକାଶ କରନ୍ତୁ।

ଖାରବେଳ ହସି ହସି କହିଲେ, ଆମର ଭଣ୍ଡାର ନିୟମିତ ଆୟ ଦ୍ୱାରା ଆହୁରି ଭରି ଉଠିବ, ଦେଶର କୋଣ ଅନୁକୋଣରୁ ଅନୁଗତ ଏବଂ ଶାସିତ ପ୍ରଦେଶ ଗୁଡିକରୁ ପ୍ରଶାସକମାନଙ୍କ ଦ୍ୱାରା ପ୍ରେରିତ ଅର୍ଥରେ କଳିଙ୍ଗର ରାଜକୋଷ କ୍ଷୟ ଘଟିବ ନାହିଁ। ତେଣୁ ମନ ଖୁସିରେ ତୋଷାଳି ଦିଗର ଫାଟକ ଓ ତୋରଣ ପାଇ ଦୁଇ ସହସ୍ର ମୁଦ୍ରା ଯଥେଷ୍ଟ ହେବ।

ମୋର ମନ କେଉଁଥିରେ ଖୁସି, ସମସ୍ତେ ଜାଣନ୍ତି। ଏହି ଗନ୍ଧର୍ବବେଦ ବୁଦ୍ଧ ଖାଲି ଲକ୍ଷ୍ୟ ପୂରଣ ପାଇଁ ସମର ଆଉ ଶାସନ ଆଦରି ପଡିରହିଛି। ଆଜି ମୋର ଲକ୍ଷ୍ୟ ପୂରଣ ହୋଇସାରିଛି। ମଗଧ ବିଜୟ ଆଉ କଳିଙ୍ଗଜିନା ପ୍ରତ୍ୟାବର୍ତ୍ତନ ସମ୍ପୂର୍ଣ୍ଣ ହୋଇଛି। ମୁଁ ଆଜି ମୁକ୍ତ ବିହଙ୍ଗ। ମୋର ବାଲ୍ୟକାଳର ଗନ୍ଧର୍ବ ପ୍ରବୃତ୍ତି ମୋତେ ବେଶି ଦିନ ଶାସନଗାଦିରେ ବସିରହିବାକୁ ଦେବନି।

ମନରେ ରହିଛି, ଜୀବନର ଦ୍ୱିତୀୟାର୍ଦ୍ଧ ଦପ-ନାଚ-ଗୀତ ତୌର୍ଯ୍ୟତ୍ରିକରେ ଆନନ୍ଦ ମନରେ ବିତାଇବି ଏବଂ କଳିଙ୍ଗ ସାଂସ୍କୃତିକ ସ୍ତର ବହୁତ ଉଚ୍ଚକୁ ନେଇଯିବି। ଏହି ମହାମେଘବାହନ ବଂଶର ମମତାର କ୍ଷେତ୍ର କୁମାରୀଗିରି ନିର୍ମାଣରେ ତଥା ନାଟକରେ ପୂରି ଉଠିବ। ଏହିଠାରେ

ବି କଳିଙ୍ଗ ସମାଜ, ଭାଷା, ସାହିତ୍ୟ ଏବଂ ସଂସ୍କୃତି ଚିରକାଳକୁ ଉତ୍କର୍ଷତାର ପ୍ରମାଣ ହୋଇରହିବ।

କଳିଙ୍ଗ କନ୍ୟା ନିଜକୁ ଗୀତ-ବାଦ୍ୟ-ନୃତ୍ୟକଳାରେ ନିଜର ପରାକାଷ୍ଠା ଦେଖାଇବାରେ ଉଦାହରଣ ସୃଷ୍ଟି କରିଛି। ପୁରପଲ୍ଲୀରୁ ଆରମ୍ଭ କରି ନଗରୀଗୁଡ଼ିକରେ ବହୁତ ଅନୁଷ୍ଠାନ ରହିଛି, ଯେଉଁଠି ଏଗୁଡ଼ିକର ଶିକ୍ଷା ଏବଂ ପ୍ରତିଦ୍ୱନ୍ଦ୍ୱିତା ପାଇଁ ବ୍ୟବସ୍ଥା ରହିଛି। ସେଗୁଡ଼ିକର ସମ୍ପୂର୍ଣ୍ଣ ବିକାଶର ଆବଶ୍ୟକତା ରହିଛି। ଏହି ନାଟକୀୟ ଗନ୍ଧର୍ବକଳାର ଆଦର ଦିନେ କଳିଙ୍ଗସଂସ୍କୃତିର ମୂଲ୍ୟବାନ ଉପାଦାନ ହୋଇ ପରିଗଣିତ ହେବ।

କଳିଙ୍ଗରେ ସର୍ବଧର୍ମ ସମ୍ମିଳନୀ ନିମନ୍ତେ ସବୁଦିନ ପାଇଁ କୌଣସି ନା କୌଣସି ବ୍ୟବସ୍ଥା କରିବାକୁ ପଡିବ। ଏଇଠି ବହୁ ଧର୍ମାବଲମ୍ବୀ ବସବାସ କରନ୍ତି ଏବଂ କଳିଙ୍ଗର ସାମୁଦ୍ରିକ ବନ୍ଦରଗୁଡ଼ିକ ଧର୍ମଗୁଡ଼ିକର ସମନ୍ୱୟ ଆଶାକରେ, ଦୂରଯାତ୍ରୀ ନିଜ ଗମନାଗମନରେ ଧର୍ମ କଦାପି ପ୍ରତିବନ୍ଧକ ହୁଏନି। କେବଳ ବନ୍ଦର କାହିଁକି, ଆମର ପ୍ରତିଟି କ୍ଷେତ୍ରରେ ଧର୍ମ ସମାନତା ରକ୍ଷା କରାଯିବ। ଧର୍ମ ଯିଏ ଯାହାର ବ୍ୟକ୍ତିଗତ ଜୀବନଚର୍ଯ୍ୟା ଭାବରେ ଗ୍ରହଣ କରନ୍ତୁ।

ତେଣୁ, ଭଣ୍ଡଗାରକ ଓ ଗଣକ, ଯାହା ରାଜକୋଷରେ ସଞ୍ଚିତ ରହିଛି, ସେଗୁଡ଼ିକର କଲ୍ୟାଣକର ସଦୁପଯୋଗ କଳିଙ୍ଗର ଗଠନମୂଳକ କାର୍ଯ୍ୟକ୍ରମ ପାଇଁ ସହାୟକ ହେବ।

୦୦୦

## କଳିଙ୍ଗର ସିଂହପଥ ରାଣୀ

ନଗର ଅଖଣ୍ଡାଂଶ ପଞ୍ଚଦଶତମ ଧାଡିର ଉଲ୍ଲିଖିତ - "... ସକତ ସମଣ ସୁବିହିତାନଂ ଚ ସବ ଦିସାନଂ ୟତିନଂ ତପସ ଇସିନଂ ସଂଘାୟନଂ ଅରହତ ନିସୀଦିୟା ସମୀପେ ବରାକର ସମୁଥାପିତାହି ଅନେକ ଯୋଜନାହି ତାହି [ପନତିସାହି ସତସହସେହ] ସିଲାହି ସିହପଥ ରାଞ୍ଜି ସ [ଭିଲାସେହି ପାତାଲିକ ଚତରେ ଚ ବେଦୁରିୟା ଗଭେ ପଟିଥାପୟତି ପାନତରିୟ ସତସହସେହି॥ [ଲ୍ଲ୍ୱଏହି ପଞ୍ଚଦଶତମ ପଂକ୍ତିଟିର କିୟଦଂଶ ଷୋଡଶ ଧାଡିର ପ୍ରଥମ ଅସଂପୂର୍ଣ୍ଣ ଶବ୍ଦଗୁଡିକ ମିଶାଇ ପୂର୍ଣ୍ଣାର୍ଥ ନିମନ୍ତେ ଏଠାରେ ପରିବେଷଣ କରାଯାଇ ବ୍ୟାଖ୍ୟା କରୁଛନ୍ତି।

[ସିଂହପଥ ରାଣୀଙ୍କ ଇଚ୍ଛାନୁଯାୟୀ ଅର୍ହତମାନଙ୍କ ଆଶ୍ରୟଗୁମ୍ଫାର ପୂର୍ବଦିଗରେ ଦୂରଦୂରାନ୍ତର ଉତ୍ତମ ଗଭୀର ଖଣିମାନଙ୍କରୁ କଟାଯାଇଥିବା ପଞ୍ଚତିରିଶ ଲକ୍ଷ ପଥର ପଟାରେ ଗୋଲାପୀ ଚଟାଣ ଓ ମରକତମଣି ଖଚିତ ଖମ୍ବ ନିର୍ମାଣ କରନ୍ତି, ଯାହା ପାଇଁ ଏଳ ଲକ୍ଷ ପାଞ୍ଚ ସହସ୍ର ମୁଦ୍ରା ବ୍ୟୟ ହୁଏ। ଏହା ଦେଶର ଚତୁର୍ଦ୍ଦିଗରୁ ଦୂରବର୍ତ୍ତୀ ସ୍ଥାନରୁ ଆସୁଥିବା ଶ୍ରମଣ, ୟତି, ତପସ୍ୱୀ, ଋଷୀ ଓ ସଂଘବାସୀମାନଙ୍କର ସୁବିଧା ପାଇଁ ଉଦ୍ଦିଷ୍ଟ।]

ଏବେ ନଗର ଅଖଣ୍ଡାଂଶ ଭୁତି ବ୍ୟାଖ୍ୟା କରୁଛନ୍ତି, ମାତ୍ର ବତ୍ରିଶ ପୁରୁଷ ପୂର୍ବରୁ ଏହି କଳିଙ୍ଗ ମହାଭାରତ ସମରରେ ବିଶେଷ ଅଂଶ ଗ୍ରହଣ କରିସାରିଛି। ଗୋଟିଏ କଳିଙ୍ଗ ନୁହେଁ, ଦୁଇ ଦୁଇଟି କଳିଙ୍ଗ। ଉତ୍ତର କଳିଙ୍ଗର ରାଜଧାନୀ ରାଜପୁର, ବିଗତ ମହାରାଜା ଚିତ୍ରଙ୍ଗଦଙ୍କ ଅନନ୍ୟ ସୁନ୍ଦରୀ କନ୍ୟା ରାଜ-ସ୍ୱୟମ୍ବର ପରେ କୌରବ ଯୁବରାଜ ଦୁର୍ଯୋଧନଙ୍କର କୌରବ ରାଜରାଣୀ ହୋଇଗଲେ।

ଯାହା ହେଉ ପଛେ ଉତ୍ତର କଳିଙ୍ଗର ରାଜପୁର ରାଜଧାନୀରୁ ଶ୍ରୁତାୟୁଧ ମହାଭାରତ ଯୁଦ୍ଧରେ ପ୍ରତିନିଧିତ୍ୱ କରିଥିଲେ କଳିଙ୍ଗର। କହିବାର ପ୍ରସଙ୍ଗ ମୂଳ ଉତ୍ତର କଳିଙ୍ଗ ବାଦ୍ ଆଉ ଗୋଟିଏ ଦକ୍ଷିଣ କଳିଙ୍ଗ ରହିଛି। ଦୁଇଶହ ବର୍ଷ ପୂର୍ବରୁ ପିୟଦଶି ଅଶୋକ ରାଜା କଳିଙ୍ଗ ସଂଘର୍ଷ କରି କେବଳ ଗୋଟିଏ ନୁହେଁ, ଅନେକ କଳିଙ୍ଗ ସହ ଯୁଦ୍ଧରତ ଥିବାର ନିଜ ଶିଳାଲେଖରେ ରଚନା କରିଛନ୍ତି।

କଳଙ୍ଗର ରାଜପୁର ରାଜଧାନୀ ବାଦ୍ ବି ଆଉ ଗୋଟିଏ ଦଳ ଯାଇଥିଲେ ଦନ୍ତପୁର ରାଜଧାନୀରୁ। ସେଇ ଦନ୍ତପୁର କେବେ ବି ଆହୁରି ଦକ୍ଷିଣର ସିଂହପୁର ରାଜଧାନୀ ଓ ଆହୁରି ଦକ୍ଷିଣ କଳିଙ୍ଗର ରାଜଧାନୀ ପିଥୁଣ୍ଡା, ଯାହାର ସାଗର ସହିତ ଘନିଷ୍ଠ ସମ୍ବନ୍ଧ। ଦେଶର ସବୁ ବୋଇତ ସେଇ ବାଟ ଦେଇ ଯୁଆଡ଼କୁ ଯିବ। ଏହି କଳିଙ୍ଗର ରାଜା ସିଂହପଥର ରାଜା, ଦକ୍ଷିଣ କଳିଙ୍ଗ ହେଲେହେଁ କଳିଙ୍ଗର ଯାଆଁଳା ଭାଇପରି। କଳିଙ୍ଗର ସମର୍ଥକ, ପାର୍ଶ୍ୱରାଜା ନୁହେଁ ସ୍ୱତନ୍ତ୍ର ରାଜା।

ସିଂହପଥର ଆଜିର ରାଜା ବୟସରେ ବୃଦ୍ଧ ହେଲେହେଁ କଳିଙ୍ଗର ପୁରାତନ ଅଧିବାସୀ, କଳିଙ୍ଗ ଗୌରବରେ ଗର୍ବିତ। ସ୍ୱତନ୍ତ୍ର କଳିଙ୍ଗ ଭାବରେ ପୂର୍ବପୁରୁଷ ତାଙ୍କର କୌରବ ପକ୍ଷରୁ ମହାଭାରତ ଯୁଦ୍ଧ ଲଢିଥିଲେ। ସେଇ ଗର୍ବରେ ସେ ବଳୀୟାନ। କଳିଙ୍ଗର କାଳକାଳର ଯମଜ ଶାସକ।

ସେଇ ସିଂହପଥ ନୃପତିଙ୍କର ଏକମାତ୍ର ଦୁଲାଳୀ। ରୂପବତୀ ସିନ୍ଧୁଳା !ରାଜାଙ୍କର ଏକମାତ୍ର କନ୍ୟା ସିନ୍ଧୁଳା। ସେହି ସିଂହପଥ ମୂଳ କଳିଙ୍ଗର ଦକ୍ଷିଣାଞ୍ଚଳ ଏବଂ ଏହାର ଭୂଗୋଳ ଦକ୍ଷିଣ ଉପକୂଳ ଏବଂ ସାଗରତଟ ଅଞ୍ଚଳ। ନୌବାଣିଜ୍ୟର ବହୁ ପୋତ ଏହି ଦକ୍ଷିଣ କଳିଙ୍ଗ ସାଗର ତଟରେ ଅବସ୍ଥିତ ଥିଲା। ମହାମେଘବାହନ ଖାରବେଳଙ୍କ ପୂର୍ବରୁ ଅନ୍ୟୂନ ଚାରି ଶହ ବର୍ଷ ମଧ୍ୟରେ ଏହି ଦକ୍ଷିଣ କଳିଙ୍ଗର ରାଜଧାନୀ କ୍ରମଶଃ ପିଥୁଣ୍ଡାରୁ ସାଗରତଟ ମାର୍ଗରେ ଚିଲିକାକୂଳ ପାଲୁର ପର୍ଯ୍ୟନ୍ତ ଉତ୍ତରଦିଗକୁ ସ୍ଥାନ ପରିବର୍ତ୍ତନ କରୁଥିଲା। ଏ ବିଷୟ ଆମର ଆଗରୁ ପିଥୁଣ୍ଡା ପୋତ ବର୍ଣ୍ଣନାରେ ଦର୍ଶାଯାଇଛି। ଦକ୍ଷିଣ କଳିଙ୍ଗ ସମ୍ଭବତଃ ଦାକ୍ଷିଣାତ୍ୟ ଦ୍ରାବଡ଼ ଦଳ ଦ୍ୱାରା ଅନେକଟା ପରିମାଣରେ ଚାପଗ୍ରସ୍ତ

ହେଉଥିଲା। ପିଥୁଣ୍ଡାରେ ଅନେକ ଦାକ୍ଷିଣାତ୍ୟ ଲୋକ ବସତି ସ୍ଥାପନ କରି କଳିଙ୍ଗର ସମସ୍ୟା ବୃଦ୍ଧି କରୁଥିଲେ, ଯେଉଁଥିପାଇଁ ସମ୍ରାଟ ଖାରବେଳ ଏହାକୁ ଗଧ ଦ୍ୱାରା ଚାଷ କରାଇ ଆବାଦ କରିଥିଲେ।

ପାଣ୍ଡ୍ୟନୃପତି ଦକ୍ଷିଣରେ ବେଶ୍ ବଳଶାଳୀ। ସେ ମୌର୍ଯ୍ୟ ସମ୍ରାଜ୍ୟର ସାମ୍ରାଜବାଦୀ ଶକ୍ତିର ମୁକାବିଲା କରି ତିଷ୍ଠି ରହିଥିଲେ। ଚନ୍ଦ୍ରଗୁପ୍ତ କିଛି ବୁଝି ନ ଥିଲେ, କିନ୍ତୁ ତାଙ୍କ ନାତି ଅଶୋକ ଏହି ଦୁର୍ଜୟ ଦ୍ରାବିଡ ଦଳ ସହିତ ବନ୍ଧୁତା ସ୍ଥାପନ କରି ସେମାନଙ୍କର ଶକ୍ତିର ପରିଚୟ ସୃଷ୍ଟି କରିଥିଲେ। ପାଣ୍ଡ୍ୟରାଜ ଚୋଳ, ଚେରୁ, କେରଳପୁତ୍ର ଓ ତାମ୍ରପର୍ଣ୍ଣୀ ସହିତ ଏହି ଦ୍ରାବିଡ ମେଳ ଗଢି ରଖିଥିଲେ କଳିଙ୍ଗାଧିପତି ଖାରବେଳଙ୍କ ତେରଶହ ବର୍ଷ ପୂର୍ବର ଅତୁଟ ସମ୍ପର୍କ।

ଜାଭା ସୁମାତ୍ରାରେ ସବୁଠାରୁ ବେଶୀ କଳିଙ୍ଗ ଜାହାଜ ଚଳାଚଳ ବୋଲି ପାଣ୍ଡ୍ୟ ଅଯଥାରେ କଳିଙ୍ଗର ପ୍ରତିଦ୍ୱନ୍ଦ୍ୱୀ ସାଜୁଛି। ପରୋକ୍ଷ ଯୁଦ୍ଧ ଆବୋରି ବସିଛନ୍ତି ସେମାନେ, କାଲିକୁ କଅଣ ହେବ କାହାକୁ ଜଣାନାହିଁ। ଖାରବେଳ ଏହି ଦାକ୍ଷିଣାତ୍ୟକୁ ସାମନା କରିବା ସମୟରେ ସମ୍ଭବତଃ ଦକ୍ଷିଣ କଳିଙ୍ଗ ନୃପତି ଏବଂ ତାଙ୍କ କନ୍ୟା ସିନ୍ଧୁଳା ସହିତ ସମ୍ପର୍କରେ ଆସିଛନ୍ତି, କିମ୍ବା କୌଣସି ଘଟଣାରେ ଖାରବେଳ ଦକ୍ଷିଣ କଳିଙ୍ଗର ଅତିଶୟ ନିକଟକୁ ଆସିଛନ୍ତି।

ସାରା ଦେଶଟା ଯେତେବେଳେ ଜନପଦ ଓ ଜନପଦ ହୋଇ ଆର୍ଯ୍ୟ ମାନଙ୍କର ଇତିହାସ ମଣ୍ଡନ କରୁଥିଲା, କଳିଙ୍ଗ ଆଢୁଆଳରେ ରହି ନିଜର ଶୌର୍ଯ୍ୟ ଓ ସାହସିକତା ବଳରେ ନିଜର ସ୍ୱତନ୍ତ୍ର ଅଞ୍ଚଳ ଗଢିପାରିଥିଲା। ଉତ୍ତର କି ଦକ୍ଷିଣ ଏମିତି କିଛି ବିଭେଦ ନ ଥିଲା, କାରଣ କଳିଙ୍ଗର ଉତ୍ତରରେ ମଗଧ ଓ ଦକ୍ଷିଣରେ ପାଣ୍ଡ୍ୟ ତାହାର ରାଜଧାନୀକୁ ଦୋଳାୟମାନ କରି ରଖିଥିଲେ। ବିପଦ ଦିଗକୁ ରାଜଧାନୀ ସନ୍ନିକଟ ହୋଇ ହୋଇ ଶେଷକୁ ରାଜଧାନୀର ନାମକରଣ ହୋଇଗଲା କଳିଙ୍ଗନଗର। ଆଜି କଳିଙ୍ଗନଗର ପିଥୁଣ୍ଡାରେ ତ କାଲି ତୋଷାଳିରେ। ମାତ୍ର ଅଶୋକଙ୍କ କଳିଙ୍ଗଯୁଦ୍ଧ ତିନିଖଣ୍ଡ କରିଦେଲା କଳିଙ୍ଗକୁ। ଉତ୍ତରଟି ସିନା ଚାଲିଗଲା ମୌର୍ଯ୍ୟଶାସନକୁ, ଦକ୍ଷିଣ ଭାଗ ରହିଗଲା ମୋକୋ କଳିଙ୍ଗ ଭାବରେ। ତା ବ୍ୟତୀତ ଆଟାଭୀ ଓ ବିଦ୍ୟାଧର ରାଜା ସମୂହ କଳିଙ୍ଗର ଅବିଚ୍ଛେଦ୍ୟ ଅଂଶ ହିସାବରେ ଲୁପ୍ତ ହୋଇଯାଇଥିଲେ କଳିଙ୍ଗ ସମରରେ, ନେପଥ୍ୟରେ ଥିଲେ ସେମାନେ। ତାଙ୍କରି ଶର ମୂନ ଭୟରେ ମଗଧ ସମ୍ରାଟ ଅଶୋକ ବର୍ଦ୍ଧନଙ୍କର ନିଦ ହଜିଯାଇଥିଲା। କଳିଙ୍ଗ ସମରରେ ମହାକାନ୍ତାର ଏବଂ ଅଟାଭି ବା ବିଦ୍ୟାଧର ଅରଣ୍ୟାଞ୍ଚଳର ଯୋଦ୍ଧାମାନେ କଳିଙ୍ଗ ପକ୍ଷରୁ ହଜାର ହଜାର ସଂଖ୍ୟାରେ ସମରରତ ଥିଲେ। ଯାହା ଶୁଣାଯାଏ, କଳିଙ୍ଗ ମଗଧର ଆକ୍ରମଣ ପୂର୍ବରୁ ନିଜର ଅପୂର୍ବ ଜ୍ଞାନ କୌଶଳରୁ ନିଜ ଶିରି ତୋଷାଳିରାଜାଙ୍କୁ ଅସୁରଗଡ ଅରଣ୍ୟରେ ଲୁଚାଇଦେଇଥିଲା, କଳିଙ୍ଗ ସମରରେ କଳିଙ୍ଗର ମାତୃଭୂମି ପାଇଁ ସମସ୍ତ ବୀରମାନଙ୍କର ବଳିଦାନ ଘଟିଛି, ମାତ୍ର କଳିଙ୍ଗର ଶିରି ତୁଟିନି, ତୋଷାଳିରାଜା ବଞ୍ଚି ରହିଛନ୍ତି।

ମହାମେଘବାହନ ବଂଶ ସିନା ନିଜ ବଂଶାନୁକ୍ରମରେ ମୌର୍ଯ୍ୟ ଶାସନର ଦଣ୍ଡଧାରଣ କରି ପରେ କୌଶଳର ସହିତ ବିଯୁକ୍ତ ହୋଇଛନ୍ତି ମଗଧ କବଳରୁ। ଦକ୍ଷିଣ କଳିଙ୍ଗ ଏବେ ବି ସ୍ୱାଧୀନ, ଏବେ ବି ଝୁରୁଛି ନିଜର ଉତ୍ତର ଅଙ୍ଗକୁ।

ଦକ୍ଷିଣ କଳିଙ୍ଗର ପିଥୁଣ୍ଡା ନଗରଟି ଗୋଟିଏ ଆନ୍ତର୍ଜାତୀୟ ସାମୁଦ୍ରିକ ପୋତ ହୋଇଥିବାରୁ ଏହା ବହୁ ରାଷ୍ଟ୍ରୀୟ। ସୁଦୂର ମିଶର, ଗ୍ରୀସ, ବାବିଲୋନ, ରୋମ୍‌ର ବୋଇତ ଓ ବଣିକ ଏଠାକୁ ଆସନ୍ତି। ବହୁବର୍ଷର ସେଇ ବହୁଦେଶୀୟ ବଜାରଟି ରହିଛି, ସେଇଟି ହିଁ ପିଥୁଣ୍ଡାର ମେରୁଦଣ୍ଡ। ଏଠାରେ ବହୁ ଅଳଙ୍କାର ଦୋକାନ ରହିଛି। ସବୁ ଅଳଙ୍କାର ଚମ୍ପା ରାଇଜରୁ ଆରମ୍ଭ କରି ବାବିଲୋନ୍ କି ରୋମ୍ ପର୍ଯ୍ୟନ୍ତ ସବୁ ମୁଲକରୁ ଆମଦାନୀ ହୁଏ। ଗ୍ରିକ୍ ଲୋକଙ୍କ ଭାଷାରେ ଏହି ସହର ପାର୍ଥାଲିସ୍।

ସିନ୍ଧୁଳାଙ୍କ ବିଷୟରେ ଅନେକ କଥା ଅଛି, ଯାହା ଶିଳାଲିପିରେ ବି ରହିବ ବି କେମିତି ?

ସତରେ ସିନ୍ଧୁଳା ହେଉଛନ୍ତି ସିନ୍ଧୁଜା, କଳିଙ୍ଗର ବିଶିଷ୍ଟ କନ୍ୟା, ସିଂହପଥ ରାଜାଙ୍କର କନ୍ୟା। ଏହି ପୁରାତନ କଳିଙ୍ଗ କର୍ମକେନ୍ଦ୍ରରେ ସିଏ ପୃଥିବୀର ଅନେକ ଦେଶର ଲୋକମାନଙ୍କ ସଂସର୍ଗରେ ଆସି କେବଳ ଜୈନ ଧର୍ମରେ ସୀମିତ ହୋଇ ରହିନାହାନ୍ତି। ସିଏ ଜୈନ, ବୌଦ୍ଧ, ବ୍ରାହ୍ମଣ୍ୟ ଓ ଅନେକ ବିଦେଶୀ ଧର୍ମରେ ଅନୁପ୍ରାଣିତ। ଯେଉଁ ଧର୍ମ ମଣିଷକୁ ମଣିଷ ପରି ଦେଖେ ଓ ମଣିଷଜ୍ଞାନ କରେ। ଏମିତି ସରଳ ସିନ୍ଧୁଳାଙ୍କର ହୃଦୟ। ବେଶ୍ ଶିକ୍ଷିତା। ପିତା ଦକ୍ଷିଣ କଳିଙ୍ଗ ମହାରାଜ ସବୁ ଶିକ୍ଷକଙ୍କୁ ନିଯୁକ୍ତ କରି ଧର୍ମ, ବ୍ୟବହାର, ଶାସନ, ନୌବହର ପ୍ରଶାସନ ଆଉ ନିଜର କରି ପାରିବାର ଆଚାର ବିଷୟରେ ବିଜ୍ଞ କରିପାରିଛନ୍ତି। କାହାକୁ ସିନ୍ଧୁଳା ଦେଖାଯାଆନ୍ତି ରାଜକନ୍ୟା, କିନ୍ତୁ ପିତାଶ୍ରୀଙ୍କ ଚକ୍ଷୁରେ ସେ ପୁତ୍ର। ଅଶ୍ୱଚାଳନା, ତରବାରି ଓ ଅସିଚାଳନାରେ ସିଦ୍ଧହସ୍ତା ସିନ୍ଧୁଳା।

ପୁଣି ଧର୍ମ ବିଷୟରେ ସଦାଚାରରେ ଅତି ମାର୍ଜିତା ସିନ୍ଧୁଳା। ଦେଶର ହିନ୍ଦୁ, ଜୈନ, ବୌଦ୍ଧ ବା ଇତର ପ୍ରଭୃତି ଧର୍ମ ବିଷୟରେ ବେଶ୍ ଅଭିଜ୍ଞତା ରହିଛି ତାଙ୍କର। ଅନେକକୁ ଏକ କରିବାର କଳା ହିଁ ସିନ୍ଧୁଳାଙ୍କର। ତା ବ୍ୟତୀତ ଅନେକ ବିଦେଶାଗତ ଲୋକଙ୍କର ଧର୍ମଗତ ଆଚାର ବ୍ୟବହାର ଆହରଣ କରିପାରିଛନ୍ତି ଏହି ବନ୍ଦର ସହରର ଅଧିକାରୀ ଭାବରେ। ଅନେକ ଧର୍ମଗତ ବିବାଦ ସାଗର ସିଂହଙ୍କ ରାଜପ୍ରାସାଦରେ ସମାଧାନ ହୁଏ। ସେଥିପାଇଁ ଧର୍ମ ହିସାବରେ ରାଜକନ୍ୟା ସିନ୍ଧୁଳା ଅତି ଉଚ୍ଚ ମାନର ଧର୍ମରେ ଦୀକ୍ଷିତା ବୋଲି ମଣନ୍ତି ନିଜକୁ। ସବୁ ଧର୍ମ ତାଙ୍କର ଓ ସିଏ କୌଣସି ଧାର୍ମିକ ଅନ୍ଧତ୍ୱରେ ଆଖି ବୁଜି ଚଳନ୍ତିନି।

କେବେ ଖାରବେଳଙ୍କୁ ଜୈନ କି ନୁହେଁ ବୋଲି ପଚାରି ଉତ୍ତର ପାଇଛନ୍ତି ଖାରବେଳ ନିଜ ପରିବାରର ଧର୍ମକୁ ଆଦର କରିବା ମାନସିକତାକୁ ପରିହାର କରି ସେ ସବୁ ଧର୍ମର ସାରକୁ ମାନ୍ୟ କରନ୍ତି। ସେ ସକଳ ଧର୍ମରେ ବିଶ୍ୱାସ କରନ୍ତି ଏବଂ ପ୍ରତି ଧର୍ମକୁ ପ୍ରୋତ୍ସାହିତ କରନ୍ତି।

ଖାରବଳଙ୍କର ଦାକ୍ଷିଣାତ୍ୟ ବିଜୟ ପରେ ସିନ୍ଧୁଳାଙ୍କ ବିବାହ ପ୍ରସଙ୍ଗ

ନଜରକୁ ଆସିଛି । ଅବଶ୍ୟ ଦକ୍ଷିଣ କଳିଙ୍ଗ କନ୍ୟା ସିନ୍ଧୁଳା ବୃଦ୍ଧପିତାଙ୍କର ରାଜ୍ୟ ଉତ୍ତରାଧିକାରୀ ସୂତ୍ରେ ଲାଭ କରିବେ, କିନ୍ତୁ କନ୍ୟା ହିସାବରେ ରାଜ୍ୟର ଅଖଣ୍ଡତା ରକ୍ଷା କରିବା ଗୋଟିଏ ସାମରିକ ପ୍ରସଙ୍ଗ ହେବ ।

ଗୋଟିଏ ଦୁର୍ଘଟଣା ଘଟିଛି, ସିନ୍ଧୁଳା ଖାରବେଳଙ୍କ ଦ୍ୱାରା ଉଦ୍ଧାର ହୋଇ କଳିଙ୍ଗନଗରୀ ରାଜପ୍ରାସାଦରେ ପହଞ୍ଚିଛନ୍ତି ଏବଂ ଏବେ ତାଙ୍କର ଖାରବେଳଙ୍କ ସହିତ ବିବାହ ପ୍ରସ୍ତାବ କଳିଙ୍ଗ ମୁଖ୍ୟମନ୍ତ୍ରୀ ମହାମାଦ୍ ନାକିଆ ମହାଶୟ ରାଣୀଙ୍କ ସହିତ ଗୁପ୍ତ ମନ୍ତ୍ରଣା କରିଛନ୍ତି । ଏ ବିଷୟ ବି ରାଜପାର୍ଷଦକୁ ଆସିଛି । ରାଜନୈତିକ କାରଣରୁ ରାଜାମାନଙ୍କର ବହୁ ପ୍ରଣୟ ଅନୁଷ୍ଠିତ ହେବା ନୂଆ କଥା ନୁହେଁ । ଏହା ତ ମହାଭାରତ କି ମଗଧ ବିମ୍ବିସାର ଓ ଅଜାତଶତ୍ରୁଙ୍କ ସମୟରୁ କାହାକୁ ଅଛପା ନାହିଁ ।


କାରଣ ଏଇଟା କି ବାହାଘର ? ସିନ୍ଧୁଳା ବୟସ୍କା, ବିଦୁଷୀ ଏବଂ ବହୁ ଜ୍ଞାନର ଅଧିକାରିଣୀ । ମାତ୍ର ତାଙ୍କର ବିବାହ ବୟସ ଯେ ଅତିକ୍ରାନ୍ତ । ସେ କେବଳ ବିରାଟ ଦକ୍ଷିଣ କଳିଙ୍ଗର ଉତ୍ତରାଧିକାରିଣୀ ବୋଲି ଗୋଟିଏ ବିପଦରେ ପଡିଥିଲେ, ସୌଭାଗ୍ୟକ୍ରମେ ଉଦ୍ଧାର ପାଇଛନ୍ତି । ଅନେକଙ୍କ ଆଖି ଦକ୍ଷିଣ କଳିଙ୍ଗ ରାଜ୍ୟ ଉପରେ । ସେଇ ବିପଦର ବି ନିରାକରଣ ଆବଶ୍ୟକ ।

ମାତ୍ର କଳିଙ୍ଗରେ ଦୁଇ କଳିଙ୍ଗ ଯାହା ଭୌଗୋଳିକ ଦୃଷ୍ଟିରୁ ପୃଥକ୍ ରହିଛନ୍ତି, ଏବେ ଗୋଟିଏ ଅନୁକୂଳ ସମୟ ଆସିଛି, ଏହି ରାଜନୈତିକ ବିବାହ ସମ୍ପାଦନ ଦ୍ୱାରା ବିଶାଳ କଳିଙ୍ଗ ପ୍ରତିଷ୍ଠା ହୋଇପାରିବ । ଏହା ସମସ୍ତେ ଉପଲବ୍ଧି କରିବା ପରେ କଳିଙ୍ଗର ପ୍ରଶାସନ ତତ୍ପର ହୋଇପଡିଲା ସିନ୍ଧୁଳାଙ୍କୁ କଳିଙ୍ଗର ଦ୍ୱିତୀୟ ରାଣୀ ମର୍ଯ୍ୟାଦା ଦେବାକୁ । ଏହି ବିବାହ ମହାମେଘବାହନ ଖାରବେଳଙ୍କର ଏକାଦଶ ବର୍ଷ ବେଳକୁ ସଂଘଟିତ ହୋଇଛି । ଭଜିରଘର ରାଜକନ୍ୟା କଳିଙ୍ଗ ପାଟରାଣୀ ଏହାକୁ ଖୋଲା ହୃଦୟରେ କଳିଙ୍ଗ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଗ୍ରହଣ କରିଛନ୍ତି ।

*ସମାରୋହ, ୧୨୮, ଢୁମୁଢୁମା(କ),*
*ଖଣ୍ଡଗିରି, ଭୁବନେଶ୍ୱର-୩୦;*
*ଦୂରଭାଷ: ୯୪୩୮୦୦୭୫୦୯*

ooo

*କ୍ରମଶଃ...*






# ଲୁଚେଇଲେ ଲୁଚିବନି : ପୂରବୀ

**ରଂଜନ କୁମାର ଦାସ**

ସହର ସାରା ଏବେ
ଗୋଟିଏ ଚର୍ଚ୍ଚା
ଏ ପୂରବୀ କିଏ ବୋଲି
ପ୍ରଶ୍ନଟିଏ ଉଙ୍କିମାରୁଚି ସଭିଙ୍କ ମନରେ ।

ମତେ ଶୁଣେଇ ଶୁଣେଇ କହୁଛନ୍ତି କେହିକେହି
ଯେତେ ଲୁଚେଇଲେ କଣ ହେବ
ସବୁ ତ ଦିଶୁଚି ଜଳଜଳ
ପୂରବୀ ବୋଲି କେହି ନାହିଁ ବୋଲି
ଯେତେ କହିଲେ ବି ହେବ କଣ
କେହି ନା କେହି ଜଣେ ନିଶ୍ଚୟ ଥିବ କୋଉଠି
ନହେଲେ ଏତେ କଥା ଲେଖିବା
କଣ ହେଇଥାନ୍ତା ସମ୍ଭବ ?

ମୁଁ କାନଡେରି ଶୁଣେ ସବୁକଥା
ହେଲେ ଉତ୍ତର ଦିଏନା କାହାକୁ କିଛି ।
କଣ ମିଳିବ ଏ ମିଛ ତର୍କରୁ
କିଏ ବୁଝିଲେ କେତେ
ନବୁଝିଲେ କେତେ
ଏ ଚର୍ଚ୍ଚାକୁ କାନଦେଲେ
ଖାଲି ସଂସାର ଉଚ୍ଛନ୍ନ ହେବ ସିନା ।

ଏଇ ଚର୍ଚ୍ଚା ହିଁ ଦିନେ
ସୀତାଙ୍କୁ କରିଥିଲା ବନବାସିନୀ
ଏ ଚର୍ଚ୍ଚାକୁ କାନଦେଲେ
ବିଷ ଚରିଯିବ ସଂପର୍କରେ ।

ଯିଏ ଯେତେ ଚର୍ଚ୍ଚା କରୁଛନ୍ତି କରନ୍ତୁ
କିଛି ଲୋକଙ୍କର କାମ ଖାଲି ଚର୍ଚ୍ଚା କରିବା
ସେମାନେ ଯଦି ଖୁସି ପାଉଛନ୍ତି ଏ ଚର୍ଚ୍ଚାରୁ
ଖୁସି ପାଉଥାନ୍ତୁ ସେମାନେ
ଖୋଜୁଥାନ୍ତୁ ଏମିତି ପୂରବୀକୁ !!

*ଦୂରଭାଷ: ୯୪୩୭୨୮୬୫୧୨*

# ଭିକ୍ଷାଥାଳ

**ଡକ୍ଟର ନାରାୟଣ ପଣ୍ଡା**

ଦୟାମୟ
ପୂର୍ଣ୍ଣକରିଛ ମୋର ଭିକ୍ଷାଥାଳ
ମନ ଅଗଣାରେ
ଦିନରାତି ଫୁଟାଉଚ
ନାନା ଜାତି ଆଶାଫୁଲ ।

ଯାହା ମାଗିନଥିଲି
ତାହା ଭରିଦେଇଚ ଥାଳରେ ।
ଯାହା ଚହିଁନଥିଲି
ତାହା ତୋଳି ଦେଇଚ ହାତରେ ।

ମୁଣ୍ଡ ଉପରେ
ଟୋଳି ଦେଇଚ
ଭରସାର ନିରାପଦ ଛାତ ।
ସମୟ ସ୍ରୁଅର
ପ୍ରତିକୂଳରେ ଭାସିଗଲା ବେଳେ
ଅଣନିଃଶ୍ୱାସୀ ବେଳକୁ
ହାତରେ ଧରାଇ ଦେଇଚ କାତ ।

ସୁଡ଼ଙ୍ଗର
ଅଂଧାରୁଆ ରାସ୍ତାରେ
ଝୁଣ୍ଟିଲାବେଳକୁ
ଦେଖାଇ ଦେଇଚ ଆଲୁଅ ।

ହେ ରହସ୍ୟମୟ
ଚିରକାଳ ତମ ପାଖରେ
ଅଭାଜନ ବଶମ୍ବଦ ।

*ବଉଳପଦା, ବଳରାମପୁର, ଆଠଗଡ଼, କଟକ*
*ପିନ୍ - ୭୫୪୨୯୫*

# ଚିଲ୍କିକା

**ହରିଶ୍ଚନ୍ଦ୍ର ବେହେରା**

ଗୋଟେ ଅନ୍ଧାରି ଇତିହାସକୁ
ଡେରାଦେଇ ସ୍ୱପ୍ନ ଦେଖେ ଚିଲ୍କିକା

ଭିତରକୁ ଢେଉ ପରି ପଶି ଆସିଥିବା ଦୀପ ଦଣ୍ଡିଆ ପାହାଡ଼
ଯାହା ମହୁଡ଼ରେ ଜଳୁଥିଲା ଅହରହ ନୀଳଦୀପ
ଜାହାଜମାନଙ୍କର ଦିଗ ବାରେଣି
ଡାହାଣରେ ଖଣ୍ଡାୟତର ଖଣ୍ଡା ପରି ଜଟିଆନାଶୀ
ଉଡ଼ାଇଥିଲା ବିଜୟର ଧ୍ୱଜା ।

ଚିଲିକା ସ୍ୱପ୍ନଦେଖେ ଫୁଂଜିଆମା ଗଡ଼
ନଗଲଜା ଗଡ଼ ବଙ୍କାଡ଼ ଗଡ଼
ଅରାଙ୍ଗ ଗଡ଼ର ଅନ୍ଧାରି ଗୁମ୍ଫା
ଯେଉଁଠି ରହୁଥିଲେ କୃତ୍ତିବାସ ପାଟଶାଣୀ
ପଞ୍ଝୁଆ ଫିତୁରି ଏବଂ ଆଉ ସଂଗ୍ରାମୀମାନେ

କୁଆଡ଼େ ଗଲେ ବରକୁଳର କେଳୁ ମଙ୍ଗରାଜମାନେ

କିଏ ଜଣେ କେଉଁଠି ଡାକୁଛ
ଜଗୁରେ ଆ' ମୋ ଜଗୁନିରେ
ଆ'ମୋ ଶରରେ ଆ'ମୋ ଶରଦେଇ

ଖଣ୍ଡାଧାର ପର୍ବତ ତଳେ ଖଣ୍ଡାୟତଙ୍କ ଆରାଧ୍ୟ ବିରଜାଈ
ଭଙ୍ଗାରୁଜା ସମୟକୁ କୋଳ କରି
ଶୂନ ଶାନ୍ ରାତିରେ ଖୁବ୍ କାନ୍ଦେ
ରକ୍ତସ୍ରାବି କ୍ଷତ ଶୁଖେନାହିଁ
ସାଉଁଳୁ ଥାଏ ।

ଘଣ୍ଟଶିଳା ପାହାଡ଼ ଉପରୁ ଆଉ କ'ଣ ଶୁଭିବ ନାହିଁ ବଡ଼ ଘଣ୍ଟା
ଯାହା ଶୁଣିବା ମାତ୍ରେ ସଜ ହୋଇଯିବେ
ହଜାର ହଜାର ପାଇକ ପୁଅ !!

ଶୋଇ ପଡ଼ିଛି ଉତ୍କଳର ବିଳାସ – ଦୀର୍ଘିକା
କାନ ଡେରିଲେ ଶୁଣି ପାରିବ ତା' ଅଳତା ବେଢ଼ ପାଦର ରୁଣୁଝୁଣୁ
ପଦ୍ମାବତୀର ଆଲୁଳାୟିତ କେଶ ପରି ବୀଚିମାଳାର ଛଲତ୍ ଛଲାତ୍
ହଜିବ ନାହିଁ ଧିର କରି ନାଆ ବୁହାରେ ନାଉରିର ଲୁହ ବତୁରା ଗୀତ ।
ମଉଳି ଆସୁଛି ଦିନ
ଆଉ ଟିକକୁ ଆରମ୍ଭ ହେବ କାଳିଜାଈଙ୍କ ସଞ୍ଜ ଆଳତି
ଢାଉଁ ଢାଉଁ ବାଜିବ ଧୁମ୍ପା ମାଦଳ
ବଡ଼ ଘଂଟା ତୂରୀ ବୀର କାହାଳୀ
ଶୋଲେରିରୁ ଭାଲେରି ଭାଲେରିରୁ ଜଟିଆନାଶୀ
ଲହଡ଼ି ଭାଙ୍ଗିବ ଗୋଟେ ପାହାଡ଼ିଆ କେଦାର

ତା' ପରେ ନିର୍ଭୟରେ ଶୋଇ ପଡ଼ିବେ
ପ୍ରବାସୀ ପକ୍ଷୀ
ତା' ହୃଦୟର ସବୁତକ ମମତା ଅଜାଡ଼ି
ମା'ପରି କାନି ପଣତ ପାରିଦେଇ... ।।

*କଲ୍ୟାଣ ନଗର, ବାଲେଶ୍ୱର-୧*
*ଦୂରଭାଷ: ୯୪୩୭୮୧୩୭୦୮*

# ବିଶ୍ୱ ଦାଣ୍ଡରେ ଗୁଣ୍ଡିଚା ଯାତ୍ରା

**ପାଣ୍ଡବ ନାୟକ (ଶିଶୁ)**

ଅନବସର ଘରେ ଉଠିଲେଣି ଜଗନ୍ନାଥ
ଭାଇ ଭଉଣୀ ସାଥେ
ଚକାପିଢ଼ାରେ ବସିଲେଣି
ଆଦ୍ୟ ଆଷାଢ଼ ବରଷେ
ବତୁରା ମାଟିର ବାସ୍ନା
ପବନ ପରଶେ ।
ଅଙ୍ଗପୀଡ଼ା ଛାଡ଼ିନାହିଁ
ମନରେ ଚିନ୍ତିତ
ମା ଘର ଯିବେ ପ୍ରଭୁ
ପାଖେଇ ଆସଇ ତୀଥ ।
ନାକଚଣା ଦ୍ୱାରେ ଦେଖିବ ଗୁଣ୍ଡିଚା ମା
ସହିକି ପାରିବ
ସାଉଁଳି କାନ୍ଦିବ ।
ଚିନ୍ତିଥିଲା
ବସାଇଲା ସୁନ୍ଦ୍ରତଟେ ବୈଷ୍ଣବ ଭୂବନ
ଗଢ଼ାଇଲା ଦାରୁଦିଅଁ
ଅଧାଗଢ଼ା ରୂପ ଦେଖି
କାନ୍ଦିଲା ସେଦିନ ।
ତୋଳିଲା ଶ୍ରୀମନ୍ଦିର

ରତ୍ନବେଦୀରେ ଥାପିଲା
ବ୍ରହ୍ମାଙ୍କୁ ଆମନ୍ତ୍ରି ଆଣି
ବିଗ୍ରହରେ ଜୀବନ୍ୟାସ ଦେଲା
ତ୍ରୈଲୋକ ଜନଙ୍କ ଆତ୍ମାର ପୁଲକ ଧନ
ନିତି ଆସି ଶ୍ରୀମନ୍ଦିରେ କରନ୍ତି ଦର୍ଶନ।
ଜୀବନର ଲୀଳା ଏଭୂଇଁରେ
ବଡ଼ଦାଣ୍ଡରେ ରଥ ଗଡ଼େ
ମା ଘର ଯିବୁ
ବାଲ୍ୟତ ବେଳ ମନେପଡ଼େ।
ସଜାଇ ଦେଇଥିବ ମା
ଶରଧାର କୁଞ୍ଜ କାନନ
ରହିଁଥିବେ ସାଥୀ ମେଳ
କଦମ୍ବ ଡାକଇ ଆସ ଆସ ବନମାଳି
ତା ଛାଇରେ ଖେଳିବାକୁ ଖେଳ।
ଶରତର ପୂର୍ଣ୍ଣଇନ୍ଦୁ ଜ୍ୟୋତ୍ସ୍ନା ତଳେ
ମୁକ୍ତରାସ ଗୁଆଳିଙ୍କ ମେଳେ
ଶୀତର ଉମେଇ କଡ଼ରେ
ଲଉଡ଼ିର ଖେଳ ସାଥିଙ୍କ ମେଳରେ
ବସନ୍ତ ରଂଗ ପରଶ
ବସନ୍ତ ରାସରେ।
ଏ ଦେହରେ
କେମିତି ବାହାରିବୁ
ବଡ଼ଦାଣ୍ଡ ଘୋଷଯାତ୍ରାରେ
ବିଶ୍ୱଜନେ କି ବୋଲିବେ
ଏ ରୂପ ଦେଖିଲେ ବନ୍ଧୁ
ଛନ୍ଦି ହୋଇଯିବେ।
ହେ ମହାଜନ ଦଇତାପତିଏ
ଦେଖୁଛତ ଝାଡ଼ ଗ୍ରୀଷ୍ମ
ଆଷାଢ଼ରେ ଧୋଇ ହୋଇଯାଏ
ତରୁଲତା ଗଲ୍ମ ଆଦି ନବପଲ୍ଲବିତ
ଡାଳରେ ସବୁଜ ରଂଗର ଛନ୍ଦ
ଦେହକୁ ମାଜିଦେଲ ଓ୍ୱଷ ମଲମରେ
ନବ ଯୌବନ ରୂପ କରିଦିଅ
ଭ୍ରମିବି ବିଶ୍ୱଜନଙ୍କ ମେଳରେ
ଏତ ମାଟିର ସୌଗନ୍ଧ।
ଯେତେସବୁ ରେଷ୍ଟୁରାଣ୍ଟ
ଧର୍ମଶାଳା ସାହି ଘର
ଏ ବୈଷ୍ଣବ ପୁରରେ
ପ୍ରବାସୀଏ ଭର୍ତ୍ତି
ଦେଖିବେ ଗୁଣ୍ଡିଚା ଯାତ୍ରା
ଏ ବିଶ୍ୱ ଦାଣ୍ଡରେ।
ଦେଖିବି ପ୍ରିୟଜନ
ମନ ହେଲାଣି ଉଚ୍ଚାଟ
ମେଘନାଦ ରୁଦ୍ଧ ସରହଦରୁ
ବାହାରକୁ ନେଇଯାଅ
ଖୋଲିଦିଅ ସିଂହଦ୍ୱାରର କବାଟ
ଏ ବିଶ୍ୱ ଦାଣ୍ଡରେ
ଗଡ଼ାଇ ନିଅ ତିନିରଥ
ତାଳଧ୍ୱଜ ଦେବଦଳନ ନନ୍ଦିଘୋଷ
ବନ୍ଧୁଏ ଆହ୍ଲାଦରେ ଟାଣିନେଉଥିବେ
ଶୁଭୁଥିବ ଜନସିନ୍ଧୁ ଘୋଷ।

*ପାର୍ବତୀ ନିବାସ, ସା/ପୋ- ଗୋଟିସାହୀ, ଜି- ନୟାଗଡ଼*
*ଦୂରଭାଷ- ୯୮୬୧୯୮୧୬୫୬*

# ଇଚ୍ଛାର ଈଶ୍ୱରୀ

**ପ୍ରଫେସର ରମେଶ ଚନ୍ଦ୍ର ସାହୁ**

ବେଳେବେଳେ ନିରାଶକ୍ତ ଶବ୍ଦମାନେ
ଛାଇ ଆଲୁଅରେ
ପାଟ ଶାଢ଼ୀ ପିନ୍ଧି
ମଥାରେ ସୂର୍ଯ୍ୟାସ୍ତର ବିନ୍ଦି ନାଇ
ଓହ୍ଲେଇ ଆସନ୍ତି ମୋ ଛାତିର ଶୀର୍ଣ୍ଣ ବଗିଚାକୁ
ପ୍ରଲୁବ୍ଧ କରାନ୍ତି ଗାଇବାକୁ ଆଦିମ ସଙ୍ଗୀତ;
ସେତେବେଳେ ସାଦା କାଗଜରେ ବ୍ୟାପିଥାଏ
ଅନୁର୍ବର୍ଣ ଯନ୍ତ୍ରଣାଙ୍କ ପାଗଳାମି
ଠଣାରେ ଲୁଚିଯାଏ
କଥାକୁହା ଛାଇଙ୍କ ଆୟୁଷ
ଦରସିଝା ଆବିଷ୍ଟତା
ଉଚ୍ଛ୍ୱାସଙ୍କ ଅକୁହା ଦୁଃଖ।
ସବୁଥାଏ..... ଜନ୍ମାନ୍ତର, ପ୍ରାରବ୍ଧଙ୍କ ବହିଖାତା
ଦେହାତୀତ ବିଷାଦଙ୍କ ଅନ୍ତିମ କାକୁତି;
ନିର୍ବାଣକୁ ସ୍ୱାହା କରି
ଭୋଗି ଭାଗି ଦୁଃଖଙ୍କ କଳିଜା
ମେଘଦୂତ ଗାଇ ଗାଇ ମନ ମୋର
ଖୋଜୁଥାଏ ଏକାନ୍ତରେ 'ଇଚ୍ଛାର ଈଶ୍ୱରୀ'
ଦେବା ପାଇଁ ମୋ ବାଙ୍ମୟ ସ୍ୱପ୍ନଙ୍କୁ ଆଳତି।
ଶବ୍ଦ ମୋତେ ଦେଇଥାନ୍ତି କୃତ୍ରିମ ମରଣ
ଡେଇଁବାକୁ ଇଳାବୃତ୍ତ ନୀଳ ଜହ୍ନରାତି

ଗୋଡ଼ ଛନ୍ଦେ ମାଟିର ମହକ
ପ୍ରେମିକାର ଓଠ
ଛୁରୀ ପରି ମୋ ଛାତିକୁ ଭେଦୁଥାଏ
କବିତାର ନିର୍ଲିପ୍ତତା
ଅନ୍ଧାରର ଆଲିଙ୍ଗନ ସୁଖଦ ସଂପୃକ୍ତି ।

*ସା / ପୋ- ରାସୋଳ, ଜିଲ୍ଲା- ଢେଙ୍କାନାଳ-୭୫୯୦୨୧*
*ଦୂରଭାଷ: ୯୪୩୮୪୧୮୪୯୨*

# ଶବ୍ଦ ବେଦୀ

**କିଶୋର ମିଶ୍ର**

ଏ ଯାଏଁ ଯାଇପାରିନାହିଁ
ତୁମ ମୁକୁଳା କେଶର ରହସ୍ୟ ଭିତରକୁ
କି' ଶବ୍ଦରେ ଛୁଇଁ ପାରିନାହିଁ
ତୁମ ନାଭି ଭଉଁରୀର ତ୍ରିତାଳ ଗଣ୍ଡକୁ ।
ଜହ୍ନକୁ ଫୋପାଡ଼ି ଦେଲି ତୁମ ବାରିପଟ ବଗିଚାକୁ
ଅଟକି ରହିଲା ସଜନା ଗଛ ଆଗରେ
ଆମର ସବୁ ମନଦିଆନିଆ ଦୁଃସ୍ୱପ୍ନ ହୋଇ
ଭାଂଗୁଛି ନିଦ
କଦମ୍ବ ଫୁଲ ଭାରରେ ବିମଣ୍ଡିତ ନଈପଠା ।
ବର୍ଷ ବର୍ଷର ବିଳାପରେ ଗୁମୁରୁଥିବା
ଅବଶୋଷର ବଂଶୀସ୍ୱନ
ଆଜି ଉଚ୍ଚାଟ ହୁଏ ଘଡ଼ିକି ଘଡ଼ି ।
ଏ ଦେଶରେ ମୁଁ ତୁମର କୃପାପ୍ରାର୍ଥୀ
ସୁନୟନା !
ଏଥର ଆସ ନୀଳ ଅଭିସାରକୁ
ମୋହାଚ୍ଛନ୍ନ ରହିଛି ଆକାଶ ଓ ଦିଗ୍‌ବିଦିଗ
ଦାବ୍ୟା ପୃଥିବୀ ଓଲଟାଉଛି କଡ଼
ମହିମା ମଣ୍ଡିତ କରି ପ୍ରେମର ଉଚ୍ଛ୍ୱାସ ॥

ଆବେଗର ନୀଳ ପରୀ
ତୁମ ଓଠ ଧାରରୁ ଝରାଉଥାଅ ଫୁଲ
ଓ ମୁଁ ତାକୁ ସାଉଁଟୁଥାଏ ପଂଜରାର ଡାଳାରେ
ଯୁଗ ଯୁଗର ଏ ନିଧୁବନ ମଂଜୁଳ
ଓ ପାର୍ବଣ ହୋଇଥାଉ ଶବ୍ଦ ବେଦୀରେ
ତ୍ରିପୁର ଓ ତ୍ରିକାଳରେ ॥

*ଚନ୍ଦ୍ରଚୂଡ଼ ରୋଡ଼, ପୋ./ଜି.- ବୌଦ୍ଧ,*
*ଦୂରଭାଷ: ୯୪୩୭୩୨୭୫୦୨*

# ଦୁଃଖ

**ଗୀତା ଦାସ**

କୁଢ଼ କୁଢ଼ ଅଳିଆ ସ୍ତୁପରେ,
ଦୁଃଖ ବଢୁଥାଏ ଶଶୀକଳା ପରି ।
ଆମ୍ବ ବଡ଼ିଆ, ଦାମ୍ଭିକତାକୁ ଆଧାର କରି
ଦୁଃଖ ।

ଦୁଃଖ ନାଚୁଥାଏ ଭୈରବୀ
ମୁଦ୍ରାରେ,
ଜାଲ ଅଗ୍ନିର ବଳୟ ଭିତରେ
ଅସହାୟ ମୃଗୁଣୀ ପରି ଦୁଃଖ
ଘେରିଥା'ନ୍ତି ମଣିଷକୁ ।

ଆଉଟୁ ପାଉଟୁ କାତର ମଣିଷ
ଖୋଲୁଥାଏ ବିମର୍ଷ ଭାଗ୍ୟର
ଦସ୍ତାବିଜ ।
ସମୀକ୍ଷା କରୁଥାଏ ଦୁଃଖର ।

ଅଜାଣତେ କିନ୍ତୁ ହାତମୁଠା
ଶକ୍ତ ହେଉଥାଏ ।
ଅଳିକ ଜୀବନର
ଭବିଷ୍ୟ ପାଇଁ ।

ପାଦ ମାଟିରେ ଥାପି ଦୌଡୁଥାଏ,
ଅଣନିଃଶ୍ୱାସୀ
କେବଳ ଦୁଃଖର ମୁକାବିଲା ପାଇଁ,
ଧରନ୍ତି ସଶସ୍ତ୍ର ସୈନିକ,
ମନ ଓ ଇନ୍ଦ୍ରିୟର ।

ନିଜକୁ ଚିହ୍ନିବା ପାଇଁ ରାଜମାତା କୁନ୍ତୀ,
ସ୍ୱାଗତ କରନ୍ତି ଦୁଃଖକୁ ।
ଏହାହିଁ ବୋଧେ ଜୀବନର ଏକମାତ୍ର ଲକ୍ଷ୍ୟ
ମଣିଷର ଅନ୍ତରଙ୍ଗ ଦୁଃଖ ।

*ଫିରିଙ୍ଗି ବଜାର, କଟକ-୯,*
*ଦୂରଭାଷ: ୯୪୩୭୩୧୯୧୫୩*



# ନିସଃହାୟତାର କବିତା

**କୁଳଦୀପ ଦାସ**

ଚୋରାବାଲି ଭଳି ଧସିଯାଏ ବୟସ
କମି କମି ଯାଏ ଆୟୁଷ
ହଜିଲା ଅତୀତ ଆଜି ଲାଗେ କେତେ ମଧୁର
ହାଉଳେ ହାଉଳେ ପାଦ ବୁଡିଯାଏ ଅତଳ ଜଳରେ
ଅଣନିଶ୍ୱାସୀ ଜୀବନଟାରେ ନିସ୍ତାର କାହିଁ
ଟିକିଏ ଶାନ୍ତିରେ ନିଶ୍ୱାସ ମାରିବାକୁ !

ବାର୍ଦ୍ଧକ୍ୟରେ  ସେପଟୁ ଡାକରା ଆସେ
ଏପଟେ ମାୟାର ମିଛ ବନ୍ଧନ
ଏପଟେ ଅନ୍ଧାର, ସେପଟେ ଅଜଣା ପଥରେ ଘନକୁହୁଡ଼ି
ଦୀପରୁ ସରିଛି ଜାଳେଣୀ
ଦୁକୁ ଦୁକୁ ହୋଇ ଜଳେ ଦିପାଳୀ
ଦୁଲୁକାଏ ପବନ ଥରାଇଦିଏ ଜୀବନ ପ୍ରାଣ

କୋଳାହଳ ଦୁନିଆର ଭିଡ଼ରେ
ଏକଲା ହୋଇ ଜୀଇଁବାର ସଂଘର୍ଷ
ନିଃସହାୟତାର ବୋଝରେ ଭାରାକ୍ରାନ୍ତ ବାର୍ଦ୍ଧକ୍ୟ
ହାତଛଡ଼ା ହୋଇ ଦୋଦୁଲ୍ୟମାନ ଶରୀର
ଅବ୍ୟକ୍ତ ବେଦନାର ଅନ୍ତର୍ଦାହ
ଢେର ଜାତନା ସହିଲାଣି ଏ ଜୀବନ
ନା ସହି ହୁଏ ନା କାହାକୁ କହିହୁଏ
ପୁରୁଣା କଲମଟା ମୋର ମୋ ହାତଧରି
ଉଠାଇ କହେ
'ଲେଖ୍ ଆହୁରି ଅବ୍ୟକ୍ତ ବେଦନାର କବିତା'
ଦୁଃଖର ଅଶ୍ରୁରେ ଲେଖିଯା ମନର ବେଦନା
କ୍ଷଣସ୍ଥାୟୀ ଜୀବନଟା ଆଜି ଅଛି କାଲି ନାହିଁ
କବିତାଟି ରହିଯିବ ଅମର ହୋଇ
ତାର ମୃତ୍ୟୁ ନାହିଁ।

*ନନ୍ଦି ସାହି, ରଂଗଭବନ, କଟକ*
*ଦୂରଭାଷ: ୯୮୬୧୨୯୫୩୦୮*

# ଶ୍ରାବଣକୁ ପଦେ

**ସ୍ନେହା ରଥ**

ଆରେ ଶ୍ରାବଣ ଆ, ଆରେ ଶ୍ରାବଣ ଆ
ସାରା ପୃଥିବୀ ତୋର ସାନ୍ନିଧ ପାଇବା ଅପେକ୍ଷାରେ
ଡେରି ନ କରି ସଅଳ ତୁ ଚାଲି ଆ
ତୋ ଆସିବାରେ ଟପ୍ ଟପ୍ ବର୍ଷାର
ଆତୁର ସ୍ପର୍ଶରେ ସଞ୍ଚରି ଯାଏ
ମାଟିର ଭୁରୁଭୁରୁ ବାସ୍ନା
ଆକାଶର କଳା ମେଘି ଶାଢ଼ୀ ଦେଖି
ମୟୂର ନାଚେ ଖୁସିରେ।
ବଉଦମାନେ ପାଣି ଆଣନ୍ତି ସେ ପାରିରୁ ଏ ପାରିକୁ।
ମେଘ ସାଥେ ମେଘର ଘର୍ଷଣ
ପ୍ରୀତି ଭରା ଶବ୍ଦ ଉଚ୍ଚାରଣ
ମା ବସୁମତୀର ଅପୂର୍ବ ଏ ମୁହୂର୍ତ୍ତ
ମେଘ ସାଥେ ମାଟିର ଏ ମହାମିଳନ
ସାରୁଗଛ ମୂଳେ ବେଙ୍ଗ ବେଙ୍ଗୁଲୀର
ବାହାଘର ସାଜସଜ୍ଜା
ସାଧବବୋହୁର ଥିରିଥିରି ଚାଲି ଅତ୍ୟନ୍ତ
ଚିତ୍ତାର୍ଷକ
ବିଜୁଳିର ରୋଷଣୀରେ ଆଲୋକିତ ହୁଏ
ସନ୍ତାପିତ ମନ
କଅଁଳ ପତ୍ର ହୁଏ ପଲ୍ଲବିତ
ବର୍ଷା ପାଣିରେ ଭାସି ଆସୁଥିବା କାଗଜ ଡଙ୍ଗା
ସ୍ୱପ୍ନର ବୋଇତ ସାଜେ।
ଧୋଇଦେଉ ଏ ବରଷା ଦୁଃଖର ପସରା
କଳୁଷିତ, କଳଙ୍କିତ ଆବେଗର ଗନ୍ଧ
ମେଘ ଭିଜା ପବନରେ ମାଳତୀ, ହେନା, କଦମ୍ବ
ରଜନୀଗନ୍ଧାର ବାସ୍ନାରେ ତନୁ ମନ ପ୍ରଫୁଲ୍ଲିତ ହୁଏ
ଝରା ଶ୍ରାବଣର ଆତ୍ମୀୟତା
ମନ ଉଦ୍ୟାନରେ ଆଙ୍କିଦେଉ ସୁଖର ଆଳପନା।
ଆରେ ଶ୍ରାବଣ ଆ, ସଅଳ ତୁ ଚାଲି ଆ।

*୪ବି, ଜୟଦୁର୍ଗା ନଗର,କଟକ ରୋଡ଼, ବମିଖାଲ, ଭୁବନେଶ୍ୱର*
*ଦୂରଭାଷ: ୮୪୩୭୨୧୮୦୩*

ତନ୍ମାତ୍ର

# ଓଡ଼ିଆ ଚଳଚ୍ଚିତ୍ର ୨୦୨୪




**କୁହୁଡ଼ି:-** ରଜ ଉପଲକ୍ଷେ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର "କୁହୁଡ଼ି"ର କାହାଣୀ ଏଇଭଳି।

କୋଟିପତି ଶିଳ୍ପପତିଙ୍କ ଏକମାତ୍ର ଝିଅ ବର୍ଣ୍ଣାଳିକୁ ପ୍ରେମ ବିବାହ କରନ୍ତି ଲୋକପ୍ରିୟ ଗାୟକ ସାଗର ମିଶ୍ର। ତାଙ୍କର ଗୋଟେ ଝିଅ ହୁଏ ଯାହା ନାଁ ଇଶିତା। ଘଟଣାକ୍ରମେ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଭଲ ସମ୍ପର୍କ ରୁହେନାହିଁ। କଥା ଛାଡ଼ପତ୍ର ପର୍ଯ୍ୟନ୍ତ ଯାଏ। କୋର୍ଟରେ ଛାଡ଼ପତ୍ର କେସ୍ ଚାଲେ। ଦିନେ ନିଜ ୫ ବର୍ଷର ଝିଅ ସହ ଯୌନ ବ୍ୟଭିଚାର ଆରୋପରେ ପୋଲିସ ଗିରଫ କରେ ସାଗର ମିଶ୍ରଙ୍କୁ। ଓକିଲ ଅଂଶୁମାନ ପଟ୍ଟନାୟକ ସାଗର ମିଶ୍ରଙ୍କ ତରଫରୁ କେସ୍ ଲଢ଼ନ୍ତି। ସାଗର ମିଶ୍ର ସତରେ କ'ଣ ତାଙ୍କ ଝିଅ ସହ ଯୌନ ବ୍ୟଭିଚାର କରିଥିଲେ ନା ଏହା ବାଳିକାକୁ ମାଆଠାରୁ ଅଲଗା କରିବା ଅଭିପ୍ରାୟରେ ଏକ ଭାବପ୍ରବଣ ଅପବ୍ୟବହାରର କେସ୍? ଏହିଭଳି ଏକ ହୃଦୟ ବିଦାରକ ଘଟଣାର ସତ୍ୟତା ପ୍ରଦର୍ଶିତ ହୋଇଛି ନିକଟରେ ମୁକ୍ତିଲାଭ କରିଥିବା ଚିତ୍ର "କୁହୁଡ଼ି" ରେ। ଏହି ଚଳଚ୍ଚିତ୍ରଟିକୁ ପ୍ରଯୋଜନା ଦେଇଛନ୍ତି ହିମାଦ୍ରି ତନୟ ଦାସ, କାହାଣୀ ଓ ନିର୍ଦ୍ଦେଶନା: ଅଜୟ ପାଢ଼ୀ, ସଙ୍ଗୀତ: ସୋମେଶ ଶତପଥୀ। ଅଭିନୟରେ ଅଛନ୍ତି ଅନୁଭବ ମହାନ୍ତି, ସୁପ୍ରିୟା ନାୟକ, କୁନା ତ୍ରିପାଠୀ, ପ୍ରକୃତି ମିଶ୍ର, ଦୀପନ୍ୱୀତ ଦାସ ମହାପାତ୍ର, ସୁକୁମାର ଟୁଡୁ, ସୁଶୀଲ ମିଶ୍ର, ଶକ୍ତି ବରାଳ, ସାଇ ସୃଷ୍ଟି ନାୟକ, ବିକାଶ ନନ୍ଦ, ମୋହନ ମାଝିଟିଆ ପ୍ରମୁଖ।

## ଆଗାମୀ ଚିତ୍ର ସଂପର୍କରେ

୨୦୨୪ ମସିହା ମାର୍ଚ୍ଚ ୮ ତାରିଖ ସୁଦ୍ଧା ୧୬ଟି ଚିତ୍ର ମୁକ୍ତିଲାଭ କରିଥିବା ବେଳେ ମାର୍ଚ୍ଚ ୨୨ରେ 'ଯାଯାବର', ୨୯ ରେ 'ବିଗୁଲ୍', ଅପ୍ରେଲ ୫ ରେ 'ସିନ୍ଦୂରା' ଓ ୨୬ ରେ 'ତେଜସ୍ୱିନୀ' ମୁକ୍ତିଲାଭ କରିଥିଲା।

**ଆଗାମୀ ଦିନ ପାଇଁ ପ୍ରସ୍ତୁତ ହେଉଥିବା କେତୋଟି ଚିତ୍ର ସଂପର୍କରେ**

**ଖୋକା ଭାଇ ତମ ପାଇଁ:-** କୁହୁ ସିନେ ଫିଲ୍ମସ ଓ ଭଦ୍ରା ମୋସନ ଷ୍ଟୁଡିଓର ମିଳିତ ଉଦ୍ୟମରେ ପ୍ରସ୍ତୁତ ହେଉଛି 'ଖୋକା ଭାଇ ତମ ପାଇଁ' ଚିତ୍ର। ପ୍ରଯୋଜକ- ଶୁଭେନ୍ଦୁ ସାହୁ, କାହାଣୀ ଓ ସଂଳାପ- ଭରଦ୍ୱାଜ ପଣ୍ଡା ଓ ମିତ୍ରଭାନୁ ମହାନ୍ତି, ଗୀତ ନିର୍ଦ୍ଦେଶନା, ଗୀତ ଓ ସଙ୍ଗୀତ- ସ୍ୱର୍ଗତ ଅକ୍ଷୟ ମହାନ୍ତି, ସଙ୍ଗୀତ ପରିଚାଳନା- ମିତ୍ରଭାନୁ ମହାନ୍ତି।




**ଚନ୍ଦ୍ରବଂଶୀ:-** ଅନାସମିସ୍ ପ୍ରଡ଼କ୍ସନ୍ ବ୍ୟାନରରେ ନିର୍ମାଣ ହେଉଛି 'ଚନ୍ଦ୍ରବଂଶୀ'। କାହାଣୀ ଓ ପ୍ରଯୋଜନା- ପ୍ରୀତମ ସାହୁ, ନିର୍ଦ୍ଦେଶକ- ଯଶ୍ ଓ ସୁନିଲ୍, ତପୁ ନାୟକ, ରଞ୍ଜନ ନାୟକ, ସଙ୍ଗୀତ- ଅସତ ନିଜାମ। ବିଭିନ୍ନ ଭୂମିକାରେ- ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସ ନାୟକ, ଶ୍ରୀତମ ଦାସ, ଦୈତାରୀ ପଣ୍ଡା, ରାଜ ରାଜେଶ, ପୁନମ ମିଶ୍ର, ଜସ୍ମିନ୍ ରଥ, ଲିପ୍ସା ମିଶ୍ର, ଉଷସୀ ମିଶ୍ର, ରିଷି, ସ୍ମିତା ମହାନ୍ତି, ଦେବୁ ବ୍ରହ୍ମା, ଶକ୍ତି ବରାଳ, ତାପସ ସରଘରିଆ ପ୍ରମୁଖ।

**ଦର୍ପଣ:-** ସାୟନ ପ୍ରଡ଼କ୍ସନ ବ୍ୟାନରରେ ଖୁବ୍‌ଶୀଘ୍ର ମୁକ୍ତିଲାଭ କରିବାକୁ ଯାଉଛି ହରର୍ ଥ୍ରିଲର ଚିତ୍ର " ଦର୍ପଣ"। ଏକ ଭିନ୍ନ ଧରଣର ଭୟାନକ କାହାଣୀକୁ ନେଇ ଏହା ଆଧାରିତ। କାହାଣୀ ଓ ପ୍ରଯୋଜନା- ଦିଲ୍ଲିପ କୁମାର ସାହୁ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା- ଭାରତ ପୁଷ୍ପରାଗ, ସଙ୍ଗୀତ-ବୈଦ୍ୟନାଥ ଦାଶ ଓ ଟୁନୁ ପଟ୍ଟନାୟକ। ବିଭିନ୍ନ ଭୂମିକାରେ ଅଙ୍କିତ୍ କୁମାର, ଭାରତ ପୁଷ୍ପରାଗ (ନବାଗତ), ତୃପ୍ତି ମୀରାମ୍ବିକା, ହିରଣ୍ମୟୀ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ରାନୁ ପାଢ଼ୀ, ଲଲାଟ, ପ୍ରଜ୍ଞା ପ୍ରମୁଖ।

*ସୌଜନ୍ୟ:- "ଚଳଚ୍ଚିତ୍ର ଜଗତ"*

ଖେଳ ଓ ଖେଳାଳୀ



# କ୍ରୀକେଟ୍ ଓ ଅଲିଂପିକ୍

ରୋମାଞ୍ଚ ଭିତରେ ଗୋଟିଏ ମାସ ଧରି ବୁଡ଼ି ରହିଛନ୍ତି ଭାରତୀୟ କ୍ରୀଡ଼ାପ୍ରେମୀଗଣ। ଗୋଟିଏ ପକ୍ଷରେ ସବୁଠାରୁ ଲୋକପ୍ରିୟ କ୍ରୀଡ଼ା କ୍ରିକେଟ୍‌ରେ ଭାରତର ଉତ୍‌ଥାନ ପତନ ଓ ଅନ୍ୟପକ୍ଷରେ ବିଶ୍ୱ କ୍ରୀଡ଼ା ମହୋତ୍ସବରେ ଉଦୀୟମାନ ଭାରତୀୟ ତାରକାଗଣଙ୍କର ବିଜୟ ଓ ବିପର୍ଯ୍ୟୟର କାହାଣୀ ଉଦ୍‌ବେଳିତ କରି ରଖିଛି ଭାରତୀୟ କ୍ରୀଡ଼ାପ୍ରେମୀଙ୍କୁ।

ଏଇ ଦୁଇମାସ ତଳେ ଟି-୨୦ ପ୍ରତିଯୋଗିତାର ଚାଂପିୟାନ ହୋଇ ଗୌରବର ଶିଖରେ ପହଞ୍ଚିବା ଭାରତୀୟ ଦଳ ଉପରେ ଅକଳନ ଆଶା ରହିଥିଲା ଭାରତୀୟ କ୍ରୀକେଟ୍ ପ୍ରେମୀଙ୍କର। ପୁରା ଗୋଟିଏ ନୂଆ ଦଳକୁ ଖେଳାଇ ଶ୍ରୀଲଙ୍କା ବିରୁଦ୍ଧରେ ୩-୦ ରେ ସିରିଜ ପୋଛି ନେଲାପରେ ସମସ୍ତେ ଅନୁଭବ କଲେ ଯେ ଶ୍ରୀଲଙ୍କା ଏକ ଦୁର୍ବଳ ଦଳ। ସୂର୍ଯ୍ୟକୁମାରଙ୍କ ନେତୃତ୍ୱରେ ବହୁତ ଭଲ ପ୍ରଦର୍ଶନ କରିଥିବା ଭାରତୀୟ ଦଳର କୃତିତ୍ୱକୁ ଗୌଣ ମନେ କରାଗଲା। ଚାଂପିୟାନ ଟି-୨୦ ଦଳର ଖେଳାଳୀମାନଙ୍କ ମଧ୍ୟରେ ଅନେକ ଉପରଧାଡ଼ିର ଖେଳାଳୀଙ୍କୁ ବାଦ୍ ଦିଆଯାଇଥିବାରୁ ଏହାକୁ ଅନେକ କ୍ରୀକେଟ୍ ପ୍ରେମୀ ଭାରତର ବି-ଟିମ୍ କହି ଉପହାସ କରୁଥିଲା ବେଳେ ଏହି ଦଳର ସିରିଜ ପୋଛିନେବାରେ କେହି ସେଇ ଦଳକୁ ଶ୍ରେୟ ଦେବା ପରିବର୍ତ୍ତେ ସେମାନେ ଏକ ଦୁର୍ବଳତମ ଦଳକୁ ହରାଇଛନ୍ତି ବୋଲି ଉପହାସ କରୁଥିଲେ।

ଠିକ୍ ପରେ ପରେ ଆରମ୍ଭ ହୋଇଥିଲା ଶ୍ରୀଲଙ୍କା ସହ ଏକଦିବସୀୟ ଶୃଙ୍ଖଳା। ତଥାକଥିତ ବି-ଦଳ ବେଶ୍ ମଜବୁତ ହୋଇଥିଲା ଏଥିରେ ରୋହିତ, ବିରାଟ, ପନ୍ତ ଭଳି ଆଗଧାଡ଼ିର ଖେଳାଳୀଙ୍କର ଦଳକୁ ପ୍ରତ୍ୟାବର୍ତ୍ତନ ସହିତ। ଟି-୨୦ ସିରିଜ୍ ବିଜୟୀଦଳ ଏକଦିବସୀୟ ଶୃଙ୍ଖଳାକୁ ମଧ୍ୟ ବେଶ୍ ଶକ୍ତିଶାଳୀ ଦଳ ଭାବରେ ପୋଛିନେବ ବୋଲି ସମସ୍ତେ ମନେ ମନେ ଧରିନେଲେ। ଫଳ କିନ୍ତୁ ହେଲା ବିପରୀତ। ଭାଗ୍ୟବଳରେ ଗୋଟିଏ ମ୍ୟାଚ୍ ଅମୀମାଂସିତ ରଖି ଆଉ ଦୁଇଟି ମ୍ୟାଚ୍‌ରେ ଶୋଚନୀୟ ପରାଜୟ ବରଣ କରିବା ସମସ୍ତଙ୍କୁ ହତଚକିତ କରିଦେଇଥିଲା। ରୋହିତ ଶର୍ମାଙ୍କ ବ୍ୟତୀତ କେହି ମଧ୍ୟ ଶ୍ରୀଲଙ୍କାର ସ୍ପିନ୍‌ର ସମ୍ମୁଖୀନ ହୋଇପାରିଲେନି। ଭାରତୀୟ ଦଳର ଦ୍ରୁତ ବୋଲିଂରେ କେହି ନଥିଲା ଭଳି ଅନୁଭବ ହେଉଥିଲା। ଆଗ ଧାଡ଼ିର ସ୍ପିନର୍ ବିଫଳ ହୋଇଥିଲା ବେଳେ ନୂଆ ଭାବରେ ଯୋଗଦେଇଥିବା ଅଲରାଉଣ୍ଡର ରିଆନ ପରାଗ ଭାରତୀୟ ସ୍ପିନ୍‌ର ସମ୍ମାନ ବଂଚେଇଦେଇଥିଲେ। ସମାନ ପିଚ୍‌ରେ ଶ୍ରୀଲଙ୍କା ସ୍ପିନରମାନେ ଶକ୍ତିଶାଳୀ ଭାରତୀୟ ବ୍ୟାଟରଙ୍କ ବିରୁଦ୍ଧରେ ଚମତ୍କାର ବୋଲିଂ କରି ଅପେକ୍ଷାକୃତ କମ୍ ଶକ୍ତିଶାଳୀ ଶ୍ରୀଲଙ୍କା ବ୍ୟାଟରମାନଙ୍କ ବିରୁଦ୍ଧରେ ଭାରତୀୟ ସ୍ପିନ୍ ଆକ୍ରମଣ କେତେ ଦୁର୍ବଳ ତାହା ପ୍ରମାଣିତ କରିଦେଇଥିଲେ। ବେଳ ଥିଲା ଯେତେବେଳେ ଭାରତୀୟ ବ୍ୟାଟରମାନେ ସଂଘର୍ଷ କରୁଥିଲେ ଦ୍ରୁତ ବୋଲିଂ ବିରୁଦ୍ଧରେ ସଫଳତା ପାଇଁ କିନ୍ତୁ ଶ୍ରୀଲଙ୍କାରେ ସେମାନେ ନିଷ୍ଫଳ ସଂଘର୍ଷ କଲେ ନୂଆ ସ୍ପିନ ଆକ୍ରମଣ ବିରୁଦ୍ଧରେ। ଭାରତୀୟ କ୍ରୀକେଟ୍‌ର ପରିଚାଳନା କରୁଥିବା ଦିଗ୍‌ଗଜ ବ୍ୟକ୍ତିମାନଙ୍କ ପାଇଁ ଏହା ଏକ ବିରାଟ ସତର୍କ ସୂଚନା। ଭାରତୀୟ ବ୍ୟାଟିଂ କିଭଳି ସ୍ଥିର ରହିବ, ସ୍ପିନ ଓ ଦ୍ରୁତ ବୋଲିଂ ଆକ୍ରମଣର ଗୁଣାତ୍ମକ ମାନ ବଢ଼ି ଏହା କିଭଳି ସନ୍ତୁଳିତ ରହିବ ଏହା ଏବେ ଏକ ବଡ଼ ଆହ୍ୱାନ। ବିଶ୍ୱକପ୍ ବିଜୟ ଓ ଟି-୨୦ ଶୃଙ୍ଖଳାର ଆଶାତୀତ ସଫଳତା ସମସ୍ତଙ୍କୁ ଆତ୍ମସନ୍ତୋଷରେ ଭରିଦେଇ ଆତ୍ମବିଶ୍ୱାସ ଆଣିଦେଇଥିଲା ବେଳେ ହଠାତ୍ ଏଭଳି ସଙ୍କଟ ଆସି ସମସ୍ତଙ୍କୁ ବ୍ୟସ୍ତ ବିବ୍ରତ କରିଦେବା କଥା କେହି ଚିନ୍ତା ମଧ୍ୟ କରିନଥିଲେ। ଏଇ ପରିପ୍ରେକ୍ଷୀରେ ଅଳ୍ପ କେଇଦିନ ତଳେ ଦଳର ନିର୍ଭରଯୋଗ୍ୟତା ଉପରେ ସମସ୍ତେ ଦୃଢ଼ଥିଲା ବେଳେ ଏଇ ସଂକଟ ଆଜି ସମସ୍ତଙ୍କୁ ଦ୍ୱିଧାରେ ପକାଇଦେଇଛି।

କ୍ରୀକେଟ୍ ଜ୍ୱର ସରିବା ପୂର୍ବରୁ ଆରମ୍ଭ ହୋଇଗଲା ୨୦୨୪ ବିଶ୍ୱ ଅଲିଂପିକ୍‌ର ଗରମ ବାତାବରଣ। ଏଥର ପୂର୍ବାପେକ୍ଷା ଅଧିକ ପଦକ ବିଶେଷ କରି ସ୍ୱର୍ଣ୍ଣପଦକର ଆଶା ରଖିଥିଲେ ସମସ୍ତେ। କିନ୍ତୁ ଆଶାର ତାସ ଘର ଗୋଟିକ ପରେ ଗୋଟିଏ ଭୁଷୁଡ଼ି ସଫଳତାକୁ ସୀମିତ କରିଚାଲିଥିଲା। ବ୍ୟାଡ୍‌ମିଣ୍ଟନରେ ଲକ୍ଷ୍ୟ ସେନ ଓ ସିନ୍ଧୁ, ତୀରନ୍ଦାଜରେ ଦୀପିକା କୁମାରୀ, ବକ୍ସର ଲୋଭେଲିନା, ଭାରୋତ୍ତଳନରେ ମୀରାବାଇ







ରନ୍ତୁ, ଟେନିସ୍‌ରେ ଗୋଟିଏ ଲେଖାଏଁ ପଦକ ଆଶା କରୁଥିଲାବେଳେ ସମସ୍ତଙ୍କର ସେ ଆଶା ପାଣିରେ ମିଳେଇ ଯାଇଛି। ରନ୍ତୁ, ଭିନେଶ, ନୀରଜ ଚୋପ୍ରା ଓ ଭାରତୀୟ ହକି ଦଳଠାରୁ ସମସ୍ତେ ସ୍ୱର୍ଣ୍ଣପଦକ ଆଶା ରଖିଥିଲେ। ଏଥର ଭାରତ ଆଶା କରିଥିଲା ୫ଟିରୁ ୬ଟି ସ୍ୱର୍ଣ୍ଣପଦକ ସହିତ ପାଖାପାଖି ୧୨ଟି ପଦକ ଲାଭ କରିବାକୁ। ଭାରତର ପ୍ରାୟ ୫ ଜଣ ଖେଳାଳୀ ଚତୁର୍ଥ ସ୍ଥାନ ପର୍ଯ୍ୟନ୍ତ ପହଞ୍ଚିପାରିଲେ ଏବଂ ହକି ଦଳ ଦୁର୍ଭାଗ୍ୟଜନକ ଭାବରେ ବ୍ରୋଞ୍ଜରେ ହିଁ ସନ୍ତୁଷ୍ଟ ରହିବାକୁ ପଡ଼ିଲା। ଜର୍ମାନୀ ବିରୁଦ୍ଧରେ ରକ୍ଷଣ ଭାଗକୁ ଦୁର୍ବଳ ରହିବା ଫଳରେ ଅଳ୍ପକେ ଦଳ ଜର୍ମାନୀଠାରୁ ହାରିଗଲା। ଠିକ୍ ସେଇଭଳି ଉପଯୁକ୍ତ ସମୟରେ ଫର୍ମର ଅଭାବରୁ ଉଭୟ ଲକ୍ଷ ସେନ ଓ ସିନ୍ଧୁ ପଦକ ଦୌଡ଼ରୁ ବିଦା ହୋଇଗଲେ। ଏସବୁକୁ କେବଳ ଭାଗ୍ୟର ବିପର୍ଯ୍ୟୟ ବୋଲି କୁହାଯାଇପାରେ।

ସବୁଠାରୁ ବଡ଼ ଦୁର୍ଭାଗ୍ୟ ପହଞ୍ଚିଲା ସ୍ୱର୍ଣ୍ଣପଦକ ଆଡ଼କୁ ଦୃଢ଼ତାର ସହ ଅଗ୍ରସର ହେଉଥିବା ଭିନେସ ଫୋଗଟଙ୍କ ପାଇଁ। ଓଜନ ସଂକ୍ରାନ୍ତୀୟ ଏକ ବୈଷୟିକ ଅସୁବିଧା ଆଧାରରେ ତାଙ୍କୁ ସ୍ୱର୍ଣ୍ଣପଦକ ଖେଳିବା ପାଇଁ ମ୍ୟାଚ୍‌ରୁ ବଞ୍ଚିତ କରାଗଲା। ଅମିତ ରୋହିଦାସଙ୍କ ପ୍ରତି ଅତି କଠୋର ଶାସ୍ତି ଏବଂ ଭିନେଶଙ୍କ ପ୍ରତି କଠୋର ଆଭିମୁଖ୍ୟ ଭାରତକୁ ପଦକରୁ ତ ବଞ୍ଚିତ କଲା କିନ୍ତୁ ଏଇ ସବୁ କ୍ଷେତ୍ରରେ ଭାରତର କ୍ରୀଡ଼ାର ଅଭିବୃଦ୍ଧିରେ ଇଉରୋପୀୟ ଦେଶମାନେ ଅସନ୍ତୁଷ୍ଟ ଥିଲା ଭଳି ପ୍ରତୀୟମାନ ହେଲା। ହକି, ବ୍ୟାଡ଼ମିଣ୍ଟନ, ଟେନିସ୍, ଟେବୁଲ ଟେନିସ୍, ସୁଟିଂ, କୁସ୍ତି ଓ ବକ୍ସିଂ ପ୍ରଭୃତି କ୍ରୀଡ଼ାରେ ଭାରତର ଅଗ୍ରଗତି ୟୁରୋପୀୟ ଦେଶମାନଙ୍କୁ ବିଚଳିତ କରିଦେଲା ଭଳି ଲାଗୁଥିଲା। ଅଧିକନ୍ତୁ କ୍ରିକେଟ୍‌ରେ ଭାରତର ପ୍ରଚଣ୍ଡ ଆଧିପତ୍ୟ ଦିନେ ଅଲିଂପିକ୍‌ରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି କରିବ ବୋଲି ୟୁରୋପୀୟ ଦେଶମାନେ ଆଶଙ୍କା କରିବାରେ ଲାଗିଲେଣି। ତେବେ ଯାହା ହେଉନା କାହିଁକି ଯେତୋଟି କ୍ରୀଡ଼ା କ୍ଷେତ୍ରରେ ଭାରତ ନିଜର ଅଗ୍ରଗତିକୁ ପ୍ରମାଣିତ କରିଛି ତାହା ଭାରତୀୟ କ୍ରୀଡ଼ାର ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦିଏ।

An unit of
MAGNUM
Shoppers Club (P) Ltd

# S & SSAC

## S & SS Associates & Consultancy

( A unit of Magnum Shoppers Club Pvt. Ltd. )

A single window consultancy service in multiple fields to support and assist you



- To prepare Concept note & Project Report
- To take your Project Forward
- To know the Legal status of Land & Property
- In all matters related to Land & Real Estate
- For various approvals.
- To handle environment and mines related issues
- For Shipment and Logistic Solutions
- For Branding, Market Research & Marketing Solutions.
- With Legal consultancy
- In Insurance Solutions & Initiatives
- For Perfect Liasioning
- On Financial Management & Taxation Matters

*Contact for further details:*

*Mob.: + 91 94370 31392, Landline: +91 674 2393692*

*Email: sssassociatesss@gmail.com*

*Second Floor, A-29/1, Kharvel Nagar, behind OSCARD Bank, Jawaharlal Nehru Marg, Unit-III, Bhubaneswar*

ଜ୍ୟୋତିଷ ବିଚାର



# ମାସିକ ରାଶିଫଳ


## (ତା: ୧୫/୮/୨୦୨୪ ରୁ ତା: ୧୪/୯/୨୦୨୪)

ଜ୍ୟୋତିର୍ବିଦ- ବିଶ୍ୱନାଥ ନାୟକ



**ମେଷ:-** ପୂର୍ବ ତୁଳନାରେ ଚଳିତ ମାସଟି ଆପଣଙ୍କ ପକ୍ଷେ ଅଧିକ ଶୁଭଫଳ ଧାରକ ହେବ। ଅଟକିଯାଇଥିବା କାର୍ଯ୍ୟରେ ମନୋନିବେଶ କରି ଆଗ୍ରହର ସହିତ ପୂର୍ଣ୍ଣତା ପ୍ରଦାନ କରିବେ। କର୍ମକ୍ଷେତ୍ରରେ ଅଧିକ ପରିଶ୍ରମର ବୋଝ ବହନ କରି ବିନାବାଧାରେ ଆଗେଇ ଚାଲିବେ। ଉପରିସ୍ଥ ମାନଙ୍କଠାରୁ ଆବଶ୍ୟକୀୟ ସାହାଯ୍ୟ ସହଯୋଗ ସହିତ ପ୍ରେରଣା ପ୍ରାପ୍ତ ହେବେ। ସରକାରୀ କଳରେ ଅଟକିଥିବା କାର୍ଯ୍ୟର ମଞ୍ଜୁର ପ୍ରାପ୍ତ ହେବ। ଗୋଡ଼ଟଣା ମାନଙ୍କର ଆବିର୍ଭାବ ହେଲେବି ସେ ସବୁକୁ ଭ୍ରୂକ୍ଷେପ ନକରି ଗନ୍ତବ୍ୟ ପଥରେ ଅଗ୍ରସର ହେବେ। ସାମାଜିକ ସ୍ତରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାର ମଉକା ଜୁଟିବ। ବେପାର ବାଣିଜ୍ୟ ପୂର୍ବ ତୁଳନାରେ ଅଧିକ ପ୍ରସାରିତ ହେବ। ଆର୍ଥୀକ ଦିଗପ୍ରତି ଚିନ୍ତିତ ହେବାର ନାହିଁ। ଆବଶ୍ୟକ ହେଲେ କାର୍ଯ୍ୟ ହାସଲ ନିମିତ୍ତ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିପାରେ। ଦେବ କାର୍ଯ୍ୟରେ ତତ୍ପରତା ବୃଦ୍ଧି ପାଇବ। ପଡ଼ୋଶୀ ସଂପର୍କରେ ସୁଧାର ଆସିବ। ଦୂର ଭ୍ରମଣ ସ୍ଥଗିତ ରଖିଲେ ଉଚିତ ହେବ। ଥଣ୍ଡାରୋଗ ସାଙ୍ଗକୁ ଚକ୍ଷୁରୋଗ ଆକ୍ରାନ୍ତ କରିପାରେ। ଖାଦ୍ୟପେୟ ଓ ବିଶ୍ରାମ ପ୍ରତି ଧ୍ୟାନଦେବା ଜରୁରୀ। ପାରିବାରିକ ଜୀବନ ଜଂଜାଳମୟ ହେଲେବି ବିରକ୍ତିକର ହେବନାହିଁ। ମହିଳାମାନେ ଅଧିକ ଆଶା ପୋଷଣ କରି ଅଶାନ୍ତ ହେବେ। ବିଦ୍ୟାର୍ଥୀମାନେ ଭବିଷ୍ୟତର ଯୋଜନା କରିବେ।

ଅଶୁଭ ଦିବସ:- ୨୬, ୨୭, ୨, ୩, ୪, ୧୨, ୧୩ ଅଷ୍ଟମଚନ୍ଦ୍ର:- ୧୫, ୧୦, ୧୧ ଘାତଚନ୍ଦ୍ର:- ୨୪, ୨୫ ବାକିଦିନ ଶୁଭ।



**ବୃଷ:-** ମାସଟି ଆପଣଙ୍କୁ ଶୁଭାଶୁଭ ମିଶ୍ରିତ ଫଳ ପ୍ରଦାନର ଇଙ୍ଗିତ ଦେଉଛି। କାର୍ଯ୍ୟରେ ସଫଳତା ଶରୀରରେ ସୁସ୍ଥତା ଓ ମନରେ ପ୍ରସନ୍ନତା ଭରିଯିବା କାରଣରୁ ଉତ୍ସାହର ସହିତ କର୍ମପଥରେ ବିନା ବାଧାରେ ଆଗେଇ ଯାଇପାରିବେ। ବୈଷୟିକ ଦିଗରୁ ସଂପନ୍ନତା ବୃଦ୍ଧି ପାଇବ। ଅନେକ ମାନଙ୍କ ମେଳରେ ଥିଲେବି ସ୍ୱତନ୍ତ୍ରତା ବଜାୟ ରଖିବା ସମ୍ଭବ ହେବ। ଗଠନମୂଳକ ତଥା ଅନୁଷ୍ଠାନିକ କର୍ମରେ ଆଗୁଆ ରହିବେ। ସାମାଜିକ ସ୍ତରରେ ମାନବୃଦ୍ଧି ଘଟିବାର ସମ୍ଭାବନା ଅଛି। ବେପାର ବାଣିଜ୍ୟରେ ଚଉଆଖିଆ ଓ ଉପସ୍ଥିତ ବୁଦ୍ଧି ଖଟାଇ ଦୁଇ ପଇସା ହାତେଇ ପାରିବେ। ଆପଣାରମାନେ ଦ୍ୱେଷଭାବ ପ୍ରକଟ କରିପାରନ୍ତି। ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବାର ଅଭିଳାଷ ପୋଷଣ କରିବେ। ବିବାଦୀୟ କ୍ଷେତ୍ରରେ ସାହାସର ସହିତ ପରିସ୍ଥିତିକୁ ମୁକାବିଲା କରି ସୁରକ୍ଷିତ ରହିବେ। ଆର୍ଥୀକ ଦିଗ ନିଅଣ୍ଟିଆ ହେବ ନାହିଁ। ଚିନ୍ତାଧାରାରେ ନୂତନତ୍ୱ ପ୍ରକାଶ ପାଇବ। ପେଟରୋଗ ଓ କ୍ରୋଧ ଭାବ ବଢ଼ିପାରେ। ପାରିବାରିକ କ୍ଷେତ୍ରରେ ସନ୍ତୁଳନ ରକ୍ଷା ହେବ। ମହିଳାମାନେ ସଞ୍ଚୟର ଯୋଜନା କରିବେ। ଭୋଗ ବିଳାସ ପ୍ରତି ରୁଚି ବଢ଼ିବ। ପରିବାରରୁ ଆଦର ମିଳିବ। ନୂତନ ବନ୍ଧୁ ମେଳରେ ସମୟ ବିତାଇବେ। ବିଦ୍ୟାର୍ଥୀମାନେ ମଉଜ ମଜଲିସ୍‌ରେ ଆଗ୍ରହ ପ୍ରକାଶ କରିବେ।

ଅଶୁଭ ଦିବସ:- ୨୮, ୨୯, ୩୦ ଅଷ୍ଟମଚନ୍ଦ୍ର:- ୧୬, ୧୭ ଘାତଚନ୍ଦ୍ର:- ୫, ୬ ବାକିଦିନ ଶୁଭ।



**ମିଥୁନ:-** ଶୁଭାଶୁଭ ଫଳ ପ୍ରଦାନ ମାଧ୍ୟମରେ ମାସଟି ଅତିବାହିତ ହେଲେବି ପୂର୍ବ ତୁଳନାରେ ଶୁଭଫଳର ମାତ୍ରା ଅଧିକ ହେବ। ସାମୟିକ ମାନସିକ ଅବସାଦ ଦେଖାଦେଲେବି କର୍ମର ଗତି ବାଧିତ ହେବାର ନାହିଁ। ଉଦ୍‌ଯୋଗ ଓ ଚେଷ୍ଟା ଚରିତ୍ର ଯୋଗେ ଉନ୍ନତିର ସୋପାନରେ ପହଞ୍ଚିପାରନ୍ତି। ଆତ୍ମବଳ ଓ ମନୋବଳକୁ ଉପଯୋଗ କରି ସମସ୍ୟାର ଦାପଟକୁ ସାଧାରଣରେ ପରିଣତ କରିବାକୁ ସମର୍ଥ ହେବେ। ଆନୁଷ୍ଠାନିକ କର୍ମରେ ନେତୃତ୍ୱ ନେବାଭଳି ଯୋଗ ଅଛି। ଉଚ୍ଚବର୍ଗରୁ ପ୍ରେରଣା ମିଳିବା ଯୋଗେ ଉତ୍ସାହିତ ହେବେ। ସାମାଜିକ ସ୍ତରରେ ଲୋକାଦୃତି ବୃଦ୍ଧି ପାଇବ। ବକେୟା ଧନ ପରିଶୋଧ କରିବେ। ପତିତ ଅର୍ଥ ହାତକୁ ଆସିବ। ବେପାର ବାଣିଜ୍ୟର ଧାରା ସଙ୍କୁଚିତ ହେବନାହିଁ। କେତେକ ଆତ୍ମୀୟମାନେ ସୁଯୋଗ ଦେଖି ଦାଉ ସାଧିବାର ଅପଚେଷ୍ଟା କରିପାରନ୍ତି। ବିବାଦୀୟ କ୍ଷେତ୍ରରେ ବନ୍ଧୁ ସହାୟତାରୁ ସହଜ ଉଦ୍ଧାର ମିଳିବ। ଦିଅଁ ଦେବତାଙ୍କ ପ୍ରତି ଅନୁରକ୍ତ


ବୃଦ୍ଧି ପାଇବ। ମୂଲ୍ୟବାନ ପଦାର୍ଥ କ୍ରୟ କରିବେ। ଆଣ୍ଠୁଗଣ୍ଠି ପୀଡ଼ା ସହିତ ବାତବିକାର ରୋଗର ଶିକାର ହେବେ। ପାରିବାରିକ ସ୍ଥିତି ଚଳନୀୟ ହେବ। ମହିଳାମାନେ ବିଳାସପୂର୍ଣ୍ଣ ଦ୍ରବ୍ୟ କ୍ରୟ ସହିତ ଭୋଗ ବିଳାସ ପ୍ରତି ଆସକ୍ତ ହେବେ। ବିଦ୍ୟାର୍ଥୀମାନେ ଉଚିତ ପରାମର୍ଶ ଗ୍ରହଣ କରି ମାର୍ଗୀ ହେବେ।

ଅଶୁଭ ଦିବସ:- ୩୧, ୧, ୫, ୬ ଅଷ୍ଟମଚନ୍ଦ୍ର:- ୧୮, ୧୯, ୧୪ ଘାତଚନ୍ଦ୍ର:- ୨୦, ୨୧ ବାକିଦିନ ଶୁଭ।



**କର୍କଟ:-** ଆପଣଙ୍କ ପକ୍ଷେ ମାସଟି ମଧ୍ୟମ ଶୁଭଦାୟକ ହେବ। କ୍ଲାନ୍ତି ଓ ଅବସନ୍ନତା ଯୋଗେ ଉତ୍ସାହ ଉଦ୍ଦୀପନାର ପରିମାଣ କମ୍ ଦେଖାଦେଲେବି କର୍ମର ଧାରା ଅଟକିଯିବାର ନାହିଁ। ମନୋବଳକୁ ଆଧାର କରି ତଥା ଦୈବୀକୃପା ଯୋଗେ ସମସ୍ତ ନକାରାତ୍ମକ ପରିବେଶକୁ ପ୍ରତିହତ କରି ପ୍ରତିଶୃତି ପାଳନରେ ସତତ ଚେଷ୍ଟିତ ହେବେ। ସରକାରୀ ଅଥବା ବେସରକାରି କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଅକସ୍ମାତ ମୋଟା ଅଙ୍କର ଅର୍ଥ ହାତକୁ ଆସିବାର ସମ୍ଭାବନା ଅଛି। ନିର୍ମାଣ କାର୍ଯ୍ୟରେ ମନୋନିବେଶ କରିବେ। କ୍ରୋଧକୁ ନିୟନ୍ତ୍ରଣ କଲେ କାର୍ଯ୍ୟ ସାଧନ ଅସମ୍ଭବ ହେବନାହିଁ। ସାମାଜିକ ସ୍ତରରେ ସଚେତନ ରହିଲେ ବିପରୀତ ପରିବେଶକୁ ଆୟତ୍ତ କରିହେବ। ବେପାର ବାଣିଜ୍ୟର ଗତି ମଧ୍ୟମ ଧରଣର ହେବ। ବିବାଦୀୟ କ୍ଷେତ୍ରରେ ପରାଜୟର ଆଶଙ୍କା ନାହିଁ। ଅଯଥା ବୁଝାମଣାର ଶିକାର ହେଲେ ଆଶ୍ଚର୍ଯ୍ୟ ଚକିତ ହେବାର ନାହିଁ। ପଇସାପତ୍ର କାରବାରରେ ଚଉଆଖିଆ ହେବା ଆବଶ୍ୟକ। ଅନେକ ସମୟରେ ମନର କଥା ପ୍ରକାଶ କରିନପାରି ମୌନ ରହିବେ। ବଡ଼ ଧରଣର ପ୍ରକଳ୍ପ ପ୍ରତି ଆଶାୟୀ ହୋଇପାରନ୍ତି। ଭୂତାଣୁ ଜନିତ ରୋଗରେ ଆକ୍ରାନ୍ତ ହେବାର ଜଣାଯାଉଛି। ଅଣ୍ଡାଜ୍ୱର ଦେଖାଦେବ। ପରିବାରରେ ଅନ୍ୟମାନଙ୍କ ସହ ମନ ମିଳାଇ ଚଳିବା ଆବଶ୍ୟକ। ମହିଳାମାନେ ଭୋଗଦିଗ ପ୍ରତି ଆକୃଷ୍ଟ ହେଲେବି ସଂସ୍କାରିତ ଚିନ୍ତାଧାରାକୁ ଆପଣେଇବେ। ବିଦ୍ୟାର୍ଥୀମାନେ ଭୋଗ ବିଳାସର ବଶବର୍ତ୍ତୀ ହେବେ।

ଅଶୁଭ ଦିବସ:- ୨୨, ୨୩, ୭, ୮, ୯ ଅଷ୍ଟମଚନ୍ଦ୍ର:- ୨୦, ୨୧ ଘାତଚନ୍ଦ୍ର:- ୨, ୩, ୪ ବାକିଦିନ ଶୁଭ।




**ସିଂହ:-** ଶୁଭାଶୁଭ ମିଶ୍ରିତଫଳ ପ୍ରାପ୍ତ ହେଲେବି ପୂର୍ବ ତୁଳନାରେ ଶୁଭର ପରିମାଣ ଅଧିକ ହେବ। ବାକି ପଡ଼ିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରି ପୂର୍ଣ୍ଣତା ଦେବେ। ମନରେ ନୂତନ ଉତ୍ସାହ ସୃଷ୍ଟି ହେବା ଫଳରେ କର୍ମରେ ଆଗ୍ରହ ବୃଦ୍ଧି ପାଇବ। ବିଦ୍ରୋହୀମାନଙ୍କ ସଫଳ ମୁକାବିଲା କରି ଅଗ୍ରଗତି କରିବାର ସୁଯୋଗ ଉପସ୍ଥିତ ହେବ। ସରକାରୀ କଳରୁ ଚେଷ୍ଟା ଚରିତ୍ର ଯୋଗେ କାର୍ଯ୍ୟ ହାସଲ କରିବେ। ନିର୍ମାଣ କାର୍ଯ୍ୟ ଅଟକିବ ନାହିଁ। ସମାଜସେବୀ ଗୁଣ ଯୋଗେ ସମାଜରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟିହେବ। ବନ୍ଧୁ ବାନ୍ଧବ ମାନଙ୍କ ପ୍ରତି ଉଦାହରଣ ହେବେ। ସାହାଯ୍ୟ ପରାୟଣତା ଯୋଗେ ଆଦରର ପାତ୍ର ହେବେ। ବେପାର ବାଣିଜ୍ୟ ଯଥାରୀତି ଚାଲୁ ରହିବ। ବିବାଦୀୟ କ୍ଷେତ୍ରରେ ନୀରବତା ଅବଲମ୍ବନ କରି ବୁଦ୍ଧିମତାର ପରିଚୟ ଦେବେ। ଦେବ କାର୍ଯ୍ୟରେ ନିୟୋଜିତ ହୋଇପାରନ୍ତି। ଋଣମୁକ୍ତ ହେବାର ସମୟ। ନିଜକୁ ଆରାମରେ ରଖିବା ନିମିତ୍ତ ଯତ୍ନଶୀଳ ହେବେ। ସ୍ନାୟୁଗତ ଦୁର୍ବଳତା ସାଙ୍ଗକୁ ଉଚ୍ଚ ରକ୍ତଚାପ ରୋଗ ଦେଖାଦେବ। ଦୈବୀ କୃପାରୁ ଉଦ୍ଧରି ଯିବେ। ପାରିବାରିକ ଶାନ୍ତି ରକ୍ଷା ନିମିତ୍ତ ଚେଷ୍ଟାଯୁକ୍ତ ହେବେ। ମହିଳାମାନେ ନିଜକୁ ତଥା ପରିବାରକୁ ମର୍ଯ୍ୟାଦାବନ୍ତ ସ୍ଥିତିରେ ରଖିବାକୁ ପ୍ରୟାସ ଜାରି ରଖିବେ। ଉତ୍ତମ ବୁଝାମଣା ଯୋଗେ ସମସ୍ତ ପରିସ୍ଥିତିକୁ ସମ୍ଭାଳି ନେବେ। ବିଦ୍ୟାର୍ଥୀମାନେ କର୍ତ୍ତବ୍ୟକୁ ପ୍ରମୁଖତା ଦେବେ।

ଅଶୁଭ ଦିବସ:- ୧୫, ୨୪, ୨୫, ୧୦, ୧୧ ଅଷ୍ଟମଚନ୍ଦ୍ର:- ୨୨, ୨୩ ଘାତଚନ୍ଦ୍ର:- ୧୮, ୧୯, ୧୪ ବାକିଦିନ ଶୁଭ।



**କନ୍ୟା:-** ମାସଟି ଆପଣଙ୍କୁ ସୁଖଦ ଦୁଃଖଦ ଅନୁଭୂତି ଦେଇ ଗତିଶୀଳ ହେବ। ସୁରୁଖୁରୁରେ ଦିନଚର୍ଯ୍ୟା ଚାଲୁ ରହିବା ବେଳେ ମଝିରେ ମଝିରେ  ଅଦିନ ବଉଦ ଦିବାଲୋକକୁ ଢାଙ୍କିବା ଭଳି ପରିଦୃଷ୍ଟ ହେବ। ଶୁଭେଚ୍ଛୁମାନଙ୍କ ପ୍ରେରଣା ଓ ପରାମର୍ଶ ଗତିପଥକୁ ସୁଗମ କରିବ। ଉଚ୍ଚପଦସ୍ଥମାନେ ସହଯୋଗର ହାତ ବଢ଼ାଇପାରନ୍ତି। ଅନେକ ଗୁଡ଼ିଏ କାର୍ଯ୍ୟରେ ଏକସଙ୍ଗେ ମନୋନିବେଶ କରିବା ଫଳରେ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ବିବାଦୀୟ କ୍ଷେତ୍ରରେ ଶତୃମାନେ ନିଷ୍ପ୍ରଭ ହେବା ଯୋଗେ ଆଶ୍ୱସ୍ତ ହେବେ। ସାମାଜିକ ସ୍ତରରେ ମୁଣ୍ଡ ତଳକୁ ହେବାର ନାହିଁ। ବାଣିଜ୍ୟ ବେପାରରେ ଜଗିରଖି ଚଳିଲେ ମୁଣ୍ଡରେ ହାତଦେବେ ନାହିଁ। ଆର୍ଥୀକ ଦିଗ ଯଥେଷ୍ଟ ଉନ୍ନତି ନହେଲେବି ଦୁର୍ବଳ ହେବନାହିଁ। ଗୃହ ଉପକରଣ ଓ ଯାନବାହାନ ପ୍ରତି ଶ୍ରଦ୍ଧା ବଳିବ। ଆପଣାରମାନଙ୍କ ନିମିତ୍ତ ଚିନ୍ତା ବଢ଼ିବ। ଐଶୀ କୃପା ଯୋଗେ ସମୟକୁ ସଦୁପଯୋଗ କରିବେ। ମାଂସପେଶୀ ଓ ଅସ୍ଥିରେ ଯନ୍ତ୍ରଣା ଦେଖାଦେବ। ପାରିବାରିକ ଜୀବନରେ ସାଲିସ କରି ଚଳିବାର ଆବଶ୍ୟକତା ଅଛି। ମହିଳାମାନେ ଧୈର୍ଯ୍ୟ ଧାରଣ କରି ଅସମ୍ଭବକୁ ସମ୍ଭବରେ ପରିଣତ କରିବେ। ମାଙ୍ଗଳିକ କାର୍ଯ୍ୟରେ ତତ୍ପରତା ବୃଦ୍ଧିପାଇବ। ବିଦ୍ୟାର୍ଥୀମାନେ ଚଞ୍ଚଳତା ତ୍ୟାଗ କରି ଉଚିତ ମାର୍ଗରେ କର୍ତ୍ତବ୍ୟନିଷ୍ଠ ହେବେ।

ଅଶୁଭ ଦିବସ:- ୧୬, ୧୭, ୨୬, ୨୭, ୧୨, ୧୩ ଅଷ୍ଟମଚନ୍ଦ୍ର:- ୨୪, ୨୫ ଘାତଚନ୍ଦ୍ର:- ୨୮, ୨୯, ୩୦ ବାକିଦିନ ଶୁଭ।



**ତୁଳା:-** ଗତାନୁଗତିକ ଭାବେ ମାସଟି ଅତିବାହିତ ହେବାବେଳେ ପୂର୍ବ ସମସ୍ୟାରେ ସୁଧାର ଆସିବାର ସୂଚନା ମିଳୁଛି। କର୍ମକ୍ଷେତ୍ରର ଗତି ସାମାନ୍ୟ ଶିଥିଳତା ପ୍ରକାଶ ପାଇପାରେ ମାତ୍ର କର୍ମ ଅଟକିବାର ଆଶଙ୍କା ନାହିଁ। ଉପରିସ୍ଥମାନଙ୍କ ସହାୟତା ଯୋଗେ କର୍ମରେ ଉତ୍ସାହ ପରିଲକ୍ଷିତ ହେବ। ଉନ୍ନତିମୂଳକ ତଥା ଆନୁଷ୍ଠାନିକ କର୍ମରେ ନିଜକୁ ସାମିଲ କରି ବହୁଜନ ସୁଖାୟ ବହୁଜନ ହିତାୟକୁ ମୂଳମନ୍ତ୍ର କରି ସନ୍ତୋଷ ପ୍ରାପ୍ତ ହେବେ। ବିରୋଧି ଶକ୍ତିର କୁପ୍ରଭାବ ବହୁମାତ୍ରାରେ ହ୍ରାସ ପାଇବ। ଅଯଥା ଦୌଡ଼ଧୂପ ଓ ଅପରିକଳ୍ପିତ ଅର୍ଥବ୍ୟୟର ଅବସାନ ଘଟିବା ଯୋଗେ ଆଶ୍ୱସ୍ତ ହେବେ। ସାମାଜିକ

ସ୍ତରରେ ଲୋକଙ୍କ ମେଳରେ ରହି ସମ୍ମାନ ଓ ବିଶ୍ୱସ୍ତର ପାତ୍ର ହେବେ। ଅର୍ଥ ଯୋଗାଡ଼ରେ ବିଫଳତା ଆସିବାର ନାହିଁ। ବେପାର ବାଣିଜ୍ୟରେ ଉତ୍ତମ ମନୋ ନିବେଶ କରି ଆତ୍ମସନ୍ତୋଷ ପ୍ରାପ୍ତ ହେବେ। ଦେବାଦେବୀ ପ୍ରତି ବିଶ୍ୱାସ ଦୃଢ଼ ହେବ। ଅଯଥା ଭୟ ଓ ଚିନ୍ତା ମନରୁ ଅପସରିଯିବ। ଥଣ୍ଡା, ଶ୍ଲେଷ୍ମା ଜ୍ୱରରେ ତଥା ପେଟରୋଗରେ ଆକ୍ରାନ୍ତ ହେବେ। ପାରିବାରିକ ସମସ୍ୟା ଭାରାକ୍ରାନ୍ତ କରିବାର ନାହିଁ। ମହିଳାମାନେ ଶରୀର ଓ ମନର ଦୁର୍ବଳତାକୁ ଦୃଢ଼ ମନୋବଳ ଦ୍ୱାରା ଦୂରୀକରଣ କରି ପାରିବାରିକ ଓ ପାରିପାର୍ଶ୍ୱିକ ଅବସ୍ଥାକୁ ସୁଧାରି ନେବେ। ବିଦ୍ୟାର୍ଥୀମାନେ କଠୋର ପରିଶ୍ରମର ମୁକାବିଲା କରିବେ।

ଅଶୁଭ ଦିବସ:- ୧୮, ୧୯, ୨୦, ୨୧, ୨୮, ୨୯, ୩୦, ୫, ୬, ୧୪ ଅଷ୍ଟମଚନ୍ଦ୍ର:- ୨୬, ୨୭ ଘାତଚନ୍ଦ୍ର:- ୧୬, ୧୭, ୧୨, ୧୩ ବାକିଦିନ ଶୁଭ।



**ବିଛା:-** ମାସଟି ଆପଣଙ୍କୁ ଶୁଭଫଳ ଦେବାର ଇଙ୍ଗିତ ପ୍ରଦାନ କରୁଛି। ପୂର୍ବର ମାନସିକ ଅସ୍ଥିରତା ଓ ଶାରିରୀକ ଦୁର୍ବଳତା ଉପଶମ ହେବା କାରଣରୁ କର୍ମକ୍ଷେତ୍ରରେ ଆଗେଇବାର ପ୍ରଚେଷ୍ଟା ଜାରିରଖିବେ। ମଝିରେ ମଝିରେ ଛୋଟବଡ଼ ଦୁର୍ଭାବନା ଦେଖାଦେଲେବି ତାହାକୁ ଦୃଢ଼ ମନୋବଳ ଓ ଈଶ୍ୱର ଚିନ୍ତନ ଦ୍ୱାରା ଏଡ଼ାଇ ଦେଲେ ଆଶାଜନକ ପ୍ରଶାନ୍ତି ମିଳିବା କଷ୍ଟକର ହେବନାହିଁ। ସରକାରୀ ସ୍ତରରୁ ଅଥବା କର୍ମକ୍ଷେତ୍ରରୁ ପ୍ରଶଂସା ପାଇବା ଫଳରେ କର୍ମକାରୀ ଶକ୍ତି ଓ ଉତ୍ସାହ ବୃଦ୍ଧି ପାଇବ। ବିବାଦୀୟ କ୍ଷେତ୍ରରୁ ଆଶ୍ୱସ୍ତ ମିଳିବାର ଆଶା ଅଧିକ। ସାମାଜିକ ସ୍ତରରେ ସ୍ଥାନ ସୁରକ୍ଷିତ ରହିବ। ବେପାର ବାଣିଜ୍ୟରେ ନୂତନ କୌଶଳ ପ୍ରୟୋଗ କରିବେ। ଭ୍ରମଣ ଯୋଗର ସୂଚନା ଅଛି। ଗଠନମୂଳକ କାର୍ଯ୍ୟପନ୍ଥା ହାତକୁ ନେବେ। ଆରାମ ଓ ଭୋଗ ବିଳାସରେ ରୁଚି ବଢ଼ିବ। ଆର୍ଥୀକ ଦିଗ ସବଳ ହେବ। ଦାନ ଧର୍ମ ଓ ଲୋକ ହିତକର କାର୍ଯ୍ୟରେ ଅଂଶଗ୍ରହଣ କରିବେ। ପଦୋନ୍ନତିର ସମ୍ଭାବନା ଅଛି। ପ୍ରତିଯୋଗୀତାରେ ସଫଳତା ଅର୍ଜନ କରିବାର ସମୟ। ସ୍ନାୟୁ ଓ ଅସ୍ଥିରେ ଯନ୍ତ୍ରଣା ଦେଖାଦେଇପାରେ। ପାରିବାରିକ ଶାନ୍ତି ଅବ୍ୟାହତ ରହିବ। ମହିଳାମାନେ ଲୋଭ ଓ କ୍ରୋଧ ବର୍ଜନ କଲେ ଶାନ୍ତି ପାଇବେ। ବିଦ୍ୟାର୍ଥୀମାନେ ଚପଳାମି ଠାରୁ ଦୂରେଇ ରହିପାରିଲେ ଉତ୍ତମ ହେବ।

ଅଶୁଭ ଦିବସ:- ୨୨, ୨୩, ୩୧, ୧, ୭, ୮, ୯ ଅଷ୍ଟମଚନ୍ଦ୍ର:- ୨୮, ୨୯, ୩୦ ଘାତଚନ୍ଦ୍ର:- ୨୬, ୨୭ ବାକିଦିନ ଶୁଭ।



**ଧନୁ:-** ଶୁଭାଶୁଭ ମିଶ୍ରିତ ଫଳ ପ୍ରଦାନ କରି ମାସଟି ଗତି କରିବ। ଗଡ଼ି ଚାଲିଥିବା କେତେକ ସମସ୍ୟାର ସମାଧାନ ହେବା ଯୋଗେ ନୂତନ ଢାଞ୍ଚାରେ କର୍ମ କରିବାର ସୁଯୋଗ ଉପଗତ ହେବ। ସରକାରୀ କଳରୁ ଅନୁକୂଳ ପବନ ବହିବା ଫଳରେ କର୍ମର ଗତି ସହଜ ସରଳ ହେବ। ଉପସ୍ଥିତ ବୁଦ୍ଧି ଓ କୌଶଳ ଖଟାଇ କର୍ମରେ ଉଦ୍‌ବୁଦ୍ଧ ହେବେ। ନକାରାତ୍ମକ ଶକ୍ତି ଦୂରୀଭୂତ ହେବ। ସରକାରୀ ସ୍ତରରେ ଅନେକଙ୍କ ସ୍ନେହ ସହାନୁଭୂତି ଲାଭକରି ମାନସିକ ସ୍ତରରେ ଉତ୍‌ଫୁଲ୍ଲିତ ହେବେ। ଦେବ ଦର୍ଶନ ଓ ଦେବ କାର୍ଯ୍ୟରେ ଆଗ୍ରହ ପରିଲକ୍ଷିତ ହେବ। ପତିତ ଧନ ହାତକୁ ଆସିବ। ବିବାଦୀୟ କ୍ଷେତ୍ର ସରଳ ହେବ। କର୍ମକ୍ଷେତ୍ରରେ ପରିବର୍ତ୍ତନ ହେବାର ସୂଚନା ମିଳୁଛି। ବେପାର ବାଣିଜ୍ୟରେ ନୂତନ ଧାରା ପରିବର୍ତ୍ତନ କରି ଲାଭବାନ ହେବେ। କଳା, ସଂସ୍କୃତି ପ୍ରତି ରୁଚି ବଢ଼ିବ। ମନର ଅବଶୋଷ ହ୍ରାସ ପାଇବ। ଶତ୍ରୁମାନେ ହୀନବଳ ହେବେ। କାଳକ୍ଷେପଣ ନୀତିକୁ ତ୍ୟାଗ କରିବାର ଆବଶ୍ୟକତା ଅଛି। ଶାରିରୀକ ଦୁର୍ବଳତା ଓ ଥଣ୍ଡାଦୋଷର ଉପସର୍ଗ ଦେଖାଦେବ। ପାରିବାରିକ ଶାନ୍ତି ସାମାନ୍ୟ ବ୍ୟାହତ ହୋଇପାରେ। ମହିଳାମାନେ ନିଜକୁ ପ୍ରକୃତିସ୍ଥ କଲେ ଶାନ୍ତି ପାଇବେ। ସୌଖୀନ ଦ୍ରବ୍ୟ କ୍ରୟ କରିବେ। ବିଦ୍ୟାର୍ଥୀମାନେ ଆଶାଜନକ ଅଗ୍ରଗତି କରିବେ।

ଅଶୁଭ ଦିବସ:- ୧୫, ୨୪, ୨୫, ୨, ୩, ୪, ୧୦, ୧୧ ଅଷ୍ଟମଚନ୍ଦ୍ର:- ୩୧, ୧ ଘାତଚନ୍ଦ୍ର:- ୨୨, ୨୩ ବାକିଦିନ ଶୁଭ।



**ମକର:-** ମାସଟି ଆପଣଙ୍କ ପକ୍ଷେ ମିଶ୍ରିତଫଳ ଦାୟକ ହେଲେବି ସମସ୍ତ ପ୍ରକାରର ନକାରାତ୍ମକ ପରିବେଶକୁ ପ୍ରତିହତ କରି ଉତ୍ସାହଯୁକ୍ତ କରାଇ କର୍ମରେ ଆଗେଇ ନେବାରେ ସହାୟକ ହେବ। ଆଶଙ୍କା ଓ ଦୁଶ୍ଚିନ୍ତାର ଅନ୍ତ ଘଟିବା ଫଳରେ ସ୍ଥିର ଓ ନିରୁପଦ୍ରବ ଜୀବନଚର୍ଯ୍ୟାର ସୁଅବସର ଉପସ୍ଥିତ ହେବ। ସରକାରୀ ସ୍ତରରେ ସ୍ନେହ ଭାଜନ ହେବା ଯୋଗେ କର୍ମକୌଶଳ ତ୍ୱରାନ୍ୱିତ ହେବ। ଉପସ୍ଥିତ ବୁଦ୍ଧି ଖଟାଇ ଉନ୍ନତିର ସୋପାନରେ ପାଦଦେବେ। କର୍ମର ଗତି ଅବାରିତ ରହିବ। ସାମାଜିକ ତଥା ସାଙ୍ଗଠନିକ କାର୍ଯ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିପାରନ୍ତି। ଶତ୍ରୁମାନେ ହଇରାଣରେ ପକାଇବାକୁ ଚେଷ୍ଟା କରି ଅସଫଳ ହେବେ। ଆବଶ୍ୟକ ସ୍ଥଳେ ଅର୍ଥର ଅଭାବ ଦେଖାଦେବ ନାହିଁ। ନିର୍ମାଣ କାର୍ଯ୍ୟରେ ବ୍ରତୀ ହେବେ। ସ୍ୱାସ୍ଥ୍ୟ ଚିନ୍ତା ଘାରିପାରେ। ବେପାର ବାଣିଜ୍ୟରେ ପୂର୍ବ ତୁଳନାରେ ସ୍ଥିତି ସାମାନ୍ୟ ମାନ୍ଦା ରହିବ। ବିବାଦୀୟ କ୍ଷେତ୍ର ପ୍ରତି ଭୟଭୀତ ହେବାର ନାହିଁ। ବନ୍ଧୁ ସମାଗମରେ ସମୟ ବିତିବ। ମାଙ୍ଗଳିକ କର୍ମର ଯୋଗାଡ଼ କରିବେ। ଈଶ୍ୱର ବିଶ୍ୱାସ ଓ ଧାର୍ମିକ ଅନୁଚିନ୍ତା ବୃଦ୍ଧି ପାଇବ। ଦୃଷ୍ଟିଦୋଷ ସାଙ୍ଗକୁ ଅମ୍ଳଦୋଷ ଯନ୍ତ୍ରଣାପ୍ରଦ ହେବ। ପାରିବାରିକ ଜୀବନରେ ଅଶାନ୍ତ ଭୋଗିବାର ନାହିଁ। ମହିଳାମାନେ ଗୁରୁଦାୟିତ୍ୱ ବହନ କରିବେ। ଆତ୍ମ ସମ୍ବଳ ଓ ଆର୍ଥୀକ ଅଭିବୃଦ୍ଧି ହେବ। ବିଦ୍ୟାର୍ଥୀମାନେ ଧନପତି ଲାଳାୟିତ ହେବେ।

ଅଶୁଭ ଦିବସ:- ୧୬, ୧୭, ୨୦, ୨୧, ୨୬, ୨୭, ୧୨, ୧୩ ଅଷ୍ଟମଚନ୍ଦ୍ର:- ୨, ୩, ୪ ଘାତଚନ୍ଦ୍ର:- ୨, ୩, ୪ ବାକିଦିନ ଶୁଭ।



**କୁମ୍ଭ:-** ମାସଟି ଆପଣଙ୍କ ନିମିତ୍ତ ଶୁଭାଶୁଭ ମିଶ୍ରିତଫଳ ବହନ କଲେବି  ଅଶୁଭ ତୁଳନାରେ ଶୁଭଫଳର ମାତ୍ରା ଅଧିକ ହେବାର ସୂଚନା ମିଳୁଛି। ଉଦ୍ୟମରେ ସିଦ୍ଧିପ୍ରାପ୍ତ ହେବା ସହିତ କର୍ମକ୍ଷେତ୍ରରେ ନିରୁପଦ୍ରବ ଗତି ରକ୍ଷା କରିବାରେ ସମର୍ଥ ହେବେ। ଉତ୍ତମ ଚିନ୍ତା ଓ କର୍ମଧାରା ମାଧ୍ୟମରେ ପ୍ରତିକୂଳ ପରିବେଶକୁ

ସହଜ ସରଳ କରି ଆଗକୁ ମାଡ଼ିଚାଲିବେ। ସରକାରୀ କଳରୁ ବିଳମ୍ବତା ଦେଖାଦେଲେବି ପ୍ରଚେଷ୍ଟା ଜାରି ରଖି ତାହାର ଉତ୍ତମ ସାମାଧାନର ବାଟ ଖୋଜିବେ। କାର୍ଯ୍ୟ ସାଧନ ନିମିତ୍ତ ଅର୍ଥ ବ୍ୟୟର ଆବଶ୍ୟକତା ପଡ଼ିପାରେ। ବିରୋଧି ଶକ୍ତି ପଥରୋଧ କରିପାରନ୍ତି। ନିଜର ଦୁର୍ବଳତା ଅନ୍ୟ ଆଗରେ ପ୍ରକାଶ କଲେ ସହାନୁଭୂତି ପରିବର୍ତ୍ତେ ସମାଲୋଚିତ ହୋଇପାରନ୍ତି। ସାମାଜିକ ସ୍ତରରେ ପତିଆରା କ୍ଷୁର୍ଣ୍ଣ ହେବାର ନାହିଁ। ବେପାର ବାଣିଜ୍ୟରେ ସାମାନ୍ୟ ମାନ୍ଦାବସ୍ଥା ଦେଖାଦେବ। ଉପାର୍ଜନ ଅପେକ୍ଷା ବ୍ୟୟ ପରିମାଣ ଅଧିକ ହୋଇପାରେ। ଧୈର୍ଯ୍ୟଧାରଣ ଓ ମନୋବଳକୁ ଦୃଢ଼ କରି ପରିସ୍ଥିତିକୁ ମୁକାବିଲା କରିବେ। ଅମ୍ଳଦୋଷ ଓ ରକ୍ତଚାପ ବୃଦ୍ଧି ପାଇବ। ପାରିବାରିକ ସ୍ଥିତି ପୂର୍ବ ତୁଳନାରେ ସୁଧାର ହେବ। ମହିଳାମାନେ ମାଙ୍ଗଳିକ କାର୍ଯ୍ୟ ନିମିତ୍ତ ତତ୍ପର ହେବେ। ମାନ ସମ୍ମାନ ରକ୍ଷା ଦିଗରେ ଯଥେଷ୍ଟ ଯତ୍ନବାନ ହେବେ। ଦାୟିତ୍ୱର ବୋଝ ଅଧିକ ହେବ। ବିଦ୍ୟାର୍ଥୀମାନେ ସତ୍‌ମାର୍ଗୀ ହେବେ।

ଅଶୁଭ ଦିବସ:- ୧୮, ୧୯, ୨୨, ୨୩, ୨୮, ୨୯, ୩୦, ୧୪ ଅଷ୍ଟମଚନ୍ଦ୍ର:- ୫, ୬ ଘାତଚନ୍ଦ୍ର:- ୧୬, ୧୭, ୧୨, ୧୩ ବାକିଦିନ ଶୁଭ।

**ମୀନ:-** ମାସଫଳ ଆପଣଙ୍କ ନିମିତ୍ତ ଶୁଭ ସଞ୍ଚାରିହେବ। ମଝିରେ ମଝିରେ ସକାଳର କୁହୁଡ଼ି ଘେରିବା ଭଳି ପରିବେଶ ଉପୁଜିଲେବି ତାହା ଅଚିରେ ଦୂରୀଭୂତ ହେବା କାରଣରୁ କର୍ମର ଗତି ବିଳମ୍ବିତ ଅଥବା ବିଡ଼ମ୍ବିତ ହେବନାହିଁ। ଭୋଗ ବିଳାସର ସାଧନ ଥିଲେବି ସେଥିରେ ଭଟ୍ଟା ପଡ଼ିପାରେ। ଖଟଣୀ ବୃଦ୍ଧି ଘଟିଲେବି କ୍ଲାନ୍ତି ଓ ବିରକ୍ତି ଅନୁଭବ କରିବେ ନାହିଁ। କର୍ମ ନିର୍ବାହ ଅଥବା ଦୈନନ୍ଦିନ ଦିନଚର୍ଯ୍ୟାରେ ଆପଦ ବିପଦର ଆଶଙ୍କା ରହିବ ନାହିଁ। ନିମ୍ନବର୍ଗର ଲୋକମାନେ ସ୍ୱାର୍ଥ ହାସଲ ନିମିତ୍ତ ଦିକ୍‌ଦାର କରିବେ। ସରକାରୀ କଳର ସୁବିଧା ସୁଯୋଗ ଉପଭୋଗ କରିବାରେ ବାଧା ନାହିଁ। ନିର୍ମାଣ କାର୍ଯ୍ୟ ଚାଲୁ ରହିବ। ବିଳାସମୟ ଦ୍ରବ୍ୟ କ୍ରୟ କରିବେ। ସାମାଜିକ ସ୍ତରରେ ଉଚ୍ଚମନ୍ୟତା ବୃଦ୍ଧିପାଇବ। ବନ୍ଧୁ ଓ ସାଙ୍ଗ ମେଳରେ ସମୟ ବିତାଇବେ। ବିବାଦୀୟ କ୍ଷେତ୍ରରେ ମାନ ସମ୍ମାନରେ ଆଞ୍ଚ ଆସିବାର ନାହିଁ। ବେପାର ବାଣିଜ୍ୟରେ ପଛେଇଯିବାର ଆଶଙ୍କା ନାହିଁ। ଆର୍ଥୀକ ଦିଗ ପୂର୍ବ ତୁଳନାରେ ଉନ୍ନତ ହେବ। ତୀର୍ଥ ଭ୍ରମଣରେ ମନର ଅଭିଳାଷ ପୂରଣ ହେବ। ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀଙ୍କୁ ଉପସ୍ଥିତ ବୁଦ୍ଧି ଖଟାଇ କରାୟତ୍ତ କରିବେ। ପେଟ ଓ ଛାତିରେ ଯନ୍ତ୍ରଣା ଦେଖାଦେବ। ପାରିବାରିକ ଜୀବନରେ ବାଧା ନାହିଁ। ମହିଳାମାନେ ସମାଜରେ ଓ ପରିବାରରେ ପ୍ରମୁଖ ଭୂମିକା ନିର୍ବାହ କରି ସ୍ଥାନ, ମାନ ବୃଦ୍ଧି ଘଟାଇବେ। ବିଦ୍ୟାର୍ଥୀମାନେ ପଛରେ ପଡ଼ିଯିବାର ଦୁର୍ଭାବନା ନାହିଁ।

ଅଶୁଭ ଦିବସ:- ୨୪, ୨୫, ୩୧, ୧ ଅଷ୍ଟମଚନ୍ଦ୍ର:- ୭, ୮, ୯ ଘାତଚନ୍ଦ୍ର:- ୨୦, ୨୧ ବାକିଦିନ ଶୁଭ।

*ନୂଆଗାଁ, ଇଟିପୁର, ଖୋର୍ଦ୍ଧା,*
*ଦୂରଭାଷ: ୬୩୭୨୫୯୬୯୧୯*

**DM Associates**
**Chartered Accountants**
**307, Block - A, 3rd Floor, Nirmala Plaza**
**Forest Park, Bhubaneswar**
**Ph.: +91 674 259511-13**
**Telefax : +91 674 2595912**

***We undertake***
***Auditing, Taxation, Consultancy outsourcing***

Postal Regd. No. CK (C)/91/2024-2026
The Samaroha August - 2024, Vol. - 33, Issue - 11
RNI Regd. No. : 034056/1981

KALINGA COMMERCIAL CORPORATION LTD
A Leading Turnkey Service Provider for Mining Sector
(ISO 9001 : 2008 Certified)

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

*CORPORATE OFFICE*

A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012
MOB: 9937559264
WEB: www.kccl.co.in

₹ 20/-

Date of Publication : 14.08.2024
Facebook: The Samaroha
E-mail: thesamaroha@gmail.com, Website: www.samaroha.in